
ଉତ୍କଳ
ପ୍ରସଙ୍ଗ
ସାଧାରଣତନ୍ତ୍ର ଦିବସ
ବିଶେଷାଙ୍କ
୧୯୯୦



ଭଞ୍ଜବିହାରଠାରେ ଛାତ୍ରୀ ନିବାସ 'ସାବେରୀ'ର ଉଦ୍‌ଘାଟନ



ଛତ୍ରପୁରଠାରେ ବିରଳ ମୃତ୍ତିକା ଲିମିଟେଡ୍‌ରେ ରାଜ୍ୟପାଳ ହାସାନ୍‌ଙ୍କ ବାଲୁକା ଶିଳ୍ପ ପରିଦର୍ଶନ

# ଉତ୍କଳ ପ୍ରସଙ୍ଗ

ପୌଷ ୧୯୧୧ ଶକାବ୍ଦ ୪୬ ଭାଗ ୬ଷ୍ଠ ସଂଖ୍ୟା ଜାନୁଆରୀ ୧୯୯୦

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ଅଜିତ୍ କୁମାର ତ୍ରିପାଠୀ
ସମ୍ପାଦକ : ଶ୍ରୀ ବିଶ୍ୱଜିତ୍ ଦାସ
ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ
ସମ୍ପାଦନା ସହଯୋଗୀ : ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ

ପ୍ରଚ୍ଛଦପଟ
ଶ୍ରୀ ବଳଦେବ ମହାରଥୀ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

*Type setting by Phototype Setter process*

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀ


| | | |
|---|---|---|
| କଟକ ସହର ବରଷ ହଜାର | ଶ୍ରୀ ହେମାନନ୍ଦ ବିଶ୍ୱାଳ | ୧ |
| ଜାନୁଆରୀ ୨୬, ଏକ ଭାବନା | ଜଷ୍ଟିସ୍ ହରିହର ମହାପାତ୍ର | ୨ |
| ସ୍ୱାଧୀନତାର ଅବ୍ୟବହିତ ପୂର୍ବେ ଓ ପରେ | ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ | ୪ |
| ସଂହତିର ପ୍ରତୀକ | ଶ୍ରୀ ଚନ୍ଦ୍ରଶେଖର ନାୟକ | ୬ |
| ଭାରତବର୍ଷ | ଶ୍ରୀ ଭାନୁଜୀ ରାଓ | ୯ |
| ଗାନ୍ଧିଜୀଙ୍କ ଦୃଷ୍ଟିରେ ସାମାଜିକ ସପ୍ତାପରାଧ ଓ ସେଗୁଡିକର ନିରାକରଣ | ଶ୍ରୀ ଜୟକୃଷ୍ଣ ସାହୁ | ୧୦ |
| ବିପ୍ଳବର ସାରଥି ଶ୍ରୀ ଅରବିନ୍ଦ | ଡକ୍ଟର୍ କାର୍ତ୍ତିକେଶ୍ୱର ପାତ୍ର | ୧୫ |
| ସାହିତ୍ୟ ଓ ଜାତୀୟ ସଂହତି | ଡକ୍ଟର୍ ରାଘବାନନ୍ଦ ନାୟକ | ୧୯ |
| ବଡଖେମୁଣ୍ଡିରେ ସ୍ୱାଧୀନତା ସଂଗ୍ରାମର ପଦଧ୍ୱନୀ | ଡକ୍ଟର୍ ଦଣ୍ଡପାଣି ବେହେରା | ୨୧ |
| ଜନଶିକ୍ଷା କାର୍ଯ୍ୟକ୍ରମ ଓ ଜନ ସହଯୋଗ | ଶ୍ରୀ ଧ୍ରୁବ ଚରଣ ମିଶ୍ର | ୨୩ |
| ଓଡିଶାରେ ତାପଜ ବିଦ୍ୟୁତ୍ | ଡକ୍ଟର୍ ସୂର୍ଯ୍ୟମଣି ବେହେରା | ୨୫ |
| ସହଯୋଗିତା ଓ ରାଷ୍ଟ୍ର ନିର୍ମାଣ | ଅଧ୍ୟାପକ ନିଖିଳାନନ୍ଦ ପାଣିଗ୍ରାହୀ | ୨୮ |
| ବୀର ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ର | ଡକ୍ଟର୍ ଜଗନ୍ନାଥ ମହାନ୍ତି | ୩୧ |
| ଭାରତୀୟ ରାଜନୀତିରେ ଆଧ୍ୟାତ୍ମିକତାର ପ୍ରଭାବ | ଗିରିଜା ଶଙ୍କର ତରାସିଆ | ୩୩ |
| ସ୍ୱାଧୀନତାର ସଙ୍କଳ୍ପ | ପ୍ରଫୁଲ୍ଲ ପଟ୍ଟନାୟକ | ୩୭ |
| ଭାରତରେ ୧୮୫୭ ପୂର୍ବ ସ୍ୱାଧୀନତା ସଂଗ୍ରାମ ଓ ନାରୀ ନେତୃତ୍ୱ | | |
| ଶବ୍ଦ ସଂସାର : ଏକ ବିହଙ୍ଗାବଲୋକନ | ରାଜେଶ୍ୱରୀ ପୁରୋହିତ | ୩୯ |
| ସ୍ୱାଧୀନତା ଆନ୍ଦୋଳନ ଓ କୃଷ୍ଣକାମିନୀ ଦେବୀ | ଡକ୍ଟର୍ କେଶବ ଚନ୍ଦ୍ର ଦାଶ | ୪୧ |
| ଓଡିଶାରେ ରେଶମ ଚାଷ | ଭି. ରାଜେନ୍ଦ୍ର ରାଜୁ | ୪୩ |
| | ଶ୍ରୀ ରଜକିଶୋର ନାୟକ | |
| | ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି | |
| ପ୍ରାକୃତିକ ପରିବେଶରେ ପ୍ରାଣ ଓ ମନୁଷ୍ୟ | ଅଧ୍ୟାପକ ନକୁଳାନନ୍ଦ ମହାନ୍ତି | ୪୫ |
| ଭାରତୀୟ ସଂସ୍କୃତିର ରୂପରେଖ | ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି | ୪୭ |
| ସାର୍ଥକ ସ୍ୱପ୍ନ | ଡକ୍ଟର୍ ଶରତ ଚନ୍ଦ୍ର ରଥ | |
| ସମ୍ବାଦ ପରିକ୍ରମା | | ୪୯ |
| | | ୫୨ |
| | | ୫୪ |



# ଜନରାଜ୍ୟ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୫୧ତମ ଜନରାଜ୍ୟ ଦିବସ ଉପଲକ୍ଷେ ଓଡ଼ିଶାବାସୀଙ୍କ ପ୍ରତି ମୁଁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଜନରାଜ୍ୟ ଦିବସ ହେଉଛି ଗଣତାନ୍ତ୍ରିକ ପରମ୍ପରା ଓ ମାନବିକ ମୂଲ୍ୟବୋଧର ପ୍ରତୀକ । ୫୦ ବର୍ଷ ପୂର୍ବେ ଏହି ଦିବସରେ ଭାରତର ସମ୍ବିଧାନ ପ୍ରବର୍ତ୍ତନ କରାଯାଇଥିଲା । ଗଣତାନ୍ତ୍ରିକ ସମାଜବାଦ ଓ ଧର୍ମନିରପେକ୍ଷତାକୁ ପାଥେୟ କରି କୋଟି କୋଟି ନରନାରୀଙ୍କର ଆଶା ଆକାଙ୍କ୍ଷା ପୂରଣ କରିବା ସଙ୍ଗେ ସଙ୍ଗେ ଦେଶକୁ ଏକ ବଳିଷ୍ଠ ତଥା ସ୍ୱୟଂସମ୍ପୂର୍ଣ୍ଣ ରାଷ୍ଟ୍ର ଭାବେ ଗଢ଼ି ତୋଳିବାର ଶପଥ ଆମେ ସେଦିନ ନେଇଥିଲୁ । ବିଗତ ବର୍ଷମାନଙ୍କରେ ଦେଶବାସୀଙ୍କ ନିରବଚ୍ଛିନ୍ନ ଉଦ୍ୟମ ଫଳରେ ଭାରତରେ ସଂସଦୀୟ ଗଣତନ୍ତ୍ର ସୁଦୃଢ଼ ହେବା ସଙ୍ଗେ ସଙ୍ଗେ ସାରା ବିଶ୍ୱରେ ଆମେ ଗର୍ବ, ଗୌରବ ଓ ସମ୍ମାନର ଅଧିକାରୀ ହୋଇପାରିଛୁ ।

ଦେଶର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଅପେକ୍ଷାକୃତ ଅନଗ୍ରସର ଅବସ୍ଥାରେ ରହିଛି । ଦାରିଦ୍ର୍ୟ ଓ ଅନଗ୍ରସରତାର ଅବସାନ ଘଟାଇ ଓଡ଼ିଶାକୁ ଏକ ଅଗ୍ରଗଣ୍ୟ ତଥା ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଆମେ ବହୁ ଉଦ୍ୟମ କରିଛୁ ସତ, ମାତ୍ର ଲକ୍ଷ୍ୟ ହାସଲ ପାଇଁ ଆମକୁ ବହୁ ଦୂର ଅତିକ୍ରାନ୍ତ କରିବାକୁ ପଡ଼ିବ । ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାର ନିଷ୍ଠା ଓ ସଂକଳ୍ପର ସହିତ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମମାନ ଅନୁସରଣ କରୁଛନ୍ତି । ରାଜ୍ୟ ସରକାର ଓଡ଼ିଶାର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସଂକଳ୍ପବଦ୍ଧ । ରାଜ୍ୟର କୃଷି, ଶିକ୍ଷା, ଜଳସେଚନ, କର୍ମସଂସ୍ଥାନ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍‌କରଣ ଏବଂ ସର୍ବୋପରି ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ସର୍ବାପେକ୍ଷା ଅଧିକ ଗୁରୁତ୍ୱ ଆରୋପ କରାଯାଇଛି । ଗ୍ରାମାଞ୍ଚଳର ଆଦିବାସୀ ଓ ହରିଜନଙ୍କ ସମେତ ଅନ୍ୟାନ୍ୟ ଦରିଦ୍ର ଶ୍ରେଣୀଙ୍କ ଅର୍ଥନୈତିକ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିବାକୁ ମୁଁ ଜନସାଧାରଣଙ୍କୁ ବିନମ୍ର ନିବେଦନ କରୁଛି ।

ଏହି ପବିତ୍ର ଜନରାଜ୍ୟ ଦିବସରେ ଓଡ଼ିଶାର ଭାଇ ଭଉଣୀମାନଙ୍କୁ ମୁଁ ପୁଣି ଥରେ ଅଭିନନ୍ଦନ ଜଣାଉଛି ଏବଂ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ଜୟହିନ୍ଦ୍ ।

## • ଜାତୀୟ ସଙ୍ଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା

ପଞ୍ଜାବ-ସିନ୍ଧୁ-ଗୁଜରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ

ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ

ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶୀଷ ମାଗେ
ଗାହେ ତବ ଜୟ ଗାଥା

ଜନଗଣ-ମଙ୍ଗଳଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା

ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।

# ଭାରତର ସଂଶୋଧିତ ପ୍ରସ୍ତାବନା

ଭାରତୀୟ ସମ୍ବିଧାନର ପ୍ରସ୍ତାବନା (PREAMBLE) ବା ଉପକ୍ରମଣିକା ୪୨ତମ ସମ୍ବିଧାନ ସଂଶୋଧନ ବିଲ୍ ଅନୁଯାୟୀ ୧୯୭୬ ଡିସେମ୍ବର ୧୮ ତାରିଖରୁ ସଂଶୋଧିତ ହୋଇ କାର୍ଯ୍ୟକାରୀ ହେଉଛି ।

ତାହା ହେଲା ••

"ଆମେ ଭାରତର ଜନସାଧାରଣ ଭାରତକୁ ଗୋଟିଏ ସାର୍ବଭୌମ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ର ରୂପେ ଗଠନ କରିବା ନିମିତ୍ତ ଏବଂ ଏ ଦେଶର ସମସ୍ତ ନାଗରିକଙ୍କ ପାଇଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା, ସାମାଜିକ ପ୍ରତିଷ୍ଠା ଓ ସୁଯୋଗ ଦିଗରେ ସମତା ହାସଲ କରିବା ତଥା ବ୍ୟକ୍ତିବିଶେଷର ମର୍ଯ୍ୟାଦା ଓ ଜାତିର ଏକତା ଏକ ଅଖଣ୍ଡତା ପାଇଁ ନିଶ୍ଚିତ ବ୍ୟବସ୍ଥା କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବର ବିକାଶ ସାଧନ ନିମନ୍ତେ ଦୃଢ଼ ସଂକଳ୍ପ ହୋଇ- ଆମ୍ଭମାନଙ୍କର ଏହି ସମ୍ବିଧାନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସର ଷଡ଼ବିଂଶ ଦିବସରେ ଏତଦ୍ୱାରା ଏହି ସମ୍ବିଧାନକୁ ଅଙ୍ଗୀକୃତ, ଆଇନସିଦ୍ଧ ଓ ଆତ୍ମାର୍ପିତ କରିଛୁ ।"

## ଆମ ଜାତୀୟ ପତାକା

ଭାରତୀୟ ଜାତୀୟ ପତାକାର ଆଦ୍ୟଭାଗ କେଶରୀ, ମଧ୍ୟଭାଗ ଶ୍ୱେତ ଏବଂ ନିମ୍ନଭାଗ ସବୁଜ ରଙ୍ଗ । କେଶରୀ ରଙ୍ଗ ହେଲା ସାହସ ଓ ତ୍ୟାଗର ପ୍ରତୀକ । ସତ୍ୟ, ଶାନ୍ତି ଓ ପବିତ୍ରତା ପାଇଁ ଶ୍ୱେତ ରଙ୍ଗ ଉଦ୍ଦିଷ୍ଟ । ସବୁଜ ରଙ୍ଗ ବୀରତ୍ୱ, ବିଶ୍ୱାସ, ଶ୍ରଦ୍ଧା ଓ ଭକ୍ତିର ନିଦର୍ଶନ । ଶାନ୍ତି ଓ ପ୍ରଗତିର ପ୍ରତୀକ ରୂପେ ପତାକାର ମଧ୍ୟଭାଗରେ ଅଶୋକଚକ୍ର ବିଦ୍ୟମାନ ।

**ଆକାର**—ଜାତୀୟ ପତାକା ପାଞ୍ଚଗୋଟି ଆକାରରେ ମିଳିଥାଏ—

(୧) ୨୧ × ୧୪ (୨) ୧୨ × ୮ (୩) ୬ × ୪
(୪) ୩ × ୨ ଓ (୫) ୯ × ୬

**ପତାକା ପ୍ରଦର୍ଶନର ନିୟମାବଳୀ:—**

* ସରକାରୀ କୋଠାମାନଙ୍କରେ ଜାତୀୟ ପତାକା ଉଡାଇବାକୁ ହେଲେ ଏହା ରବିବାର ଓ ଛୁଟିଦିନ ସମେତ ସବୁଦିନ ଉଡ଼ାଯିବ ଓ ପାଗର ଅବସ୍ଥା ଯେପରି ହୋଇଥାଉ ପଛକେ ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉଡୁଥିବ । ଅତି ବିଶିଷ୍ଟ ଅବସରରେ ଏହା ରାତିରେ ମଧ୍ୟ ଉଡା ଯାଇ ପାରେ ।
* ଯଦି କୌଣସି ସଭାମଣ୍ଡପରେ ପତାକା ଉଡ଼ା ଯାଉଥାଏ, ତେବେ ତାହା ବକ୍ତାଙ୍କ ଡାହାଣ ପଟକୁ ରହିବ । ଯଦି ଏହା ଅନ୍ୟ ଭାବେ ପ୍ରଦର୍ଶିତ ହୋଇଥାଏ ତେବେ ପତାକାଟି ବକ୍ତାଙ୍କ ପଛପଟେ ଓ ଉର୍ଦ୍ଧ୍ୱରେ ରହିବ ।
* କୌଣସି ଶୋଭାଯାତ୍ରା ବା ପରେଡରେ ନିଆଗଲାବେଳେ ପତାକାଟି ଶୋଭାଯାତ୍ରାର ଅଗ୍ରଭାଗରେ ଡାହାଣ ପଟକୁ ରହିବ ଅର୍ଥାତ୍ ପତାକାଟି ନିଜର ଡାହାଣ ପଟକୁ ରହିବ । ଯଦି ଅନ୍ୟ କେତେକ ପତାକା ଗୋଟିଏ ଧାଡ଼ିରେ ନିଆଯାଉଥାଏ, ତେବେ ଧାଡ଼ି ସାମ୍ନାର କେନ୍ଦ୍ର ସ୍ଥାନରେ ଜାତୀୟ ପତାକାଟି ରହିବ ।
* ନଷ୍ଟ ହୋଇଯାଇଥିବା କିମ୍ବା ଅବ୍ୟବସ୍ଥିତ ବା ମୋଡ଼ି ମକଚି ହୋଇଯାଇଥିବା ପତାକା ପ୍ରଦର୍ଶନ କରାଯିବ ନାହିଁ ।
* କୌଣସି ବ୍ୟକ୍ତି ବା ବସ୍ତୁକୁ ପ୍ରଣାମ ଜଣାଇବା ଉଦ୍ଦେଶ୍ୟରେ ପତାକା ନତ କରାଯିବ ନାହିଁ ।
* କୌଣସି ପତାକା ଜାତୀୟ ପତାକା ସହିତ ଉଡାଯାଇ ପାରିବ ନାହିଁ ।
* ସଭା ସମିତିରେ ବକ୍ତାଙ୍କ ଟେବୁଲର ଆଚ୍ଛାଦନ ରୂପେ କିମ୍ବା ସଭାମଞ୍ଚ ଉପରେ ଝାଲର ଆକାରରେ ଜାତୀୟ ପତାକା ବ୍ୟବହାର କରାଯିବ ନାହିଁ ।
* ଜାତୀୟ ପତାକାକୁ ଭୂମି କିମ୍ବା ଘର ତଳ ସ୍ପର୍ଶ କରିବାକୁ କିମ୍ବା ପାଣିରେ ଘୁସୁରିବାକୁ ଦିଆଯିବ ନାହିଁ ।
* ଜାତୀୟ ପତାକା ଉତ୍ତୋଳନ ବା ଅବତରଣ ଉତ୍ସବ ସମୟରେ ସେଠାରେ ଉପସ୍ଥିତ ସମସ୍ତ ଲୋକ ପତାକା ଆଡକୁ ମୁହଁ କରି ସାବଧାନ ହୋଇ ଠିଆ ହେବେ । ଯେଉଁମାନେ ୟୁନିଫର୍ମ୍ ପିନ୍ଧି ଉପସ୍ଥିତ ଥିବେ ସେମାନେ ପତାକାକୁ ଯଥାରୀତି ଅଭିବାଦନ ଜଣାଇବେ ।

# ଜାତୀୟତାର ପ୍ରତୀକ

କାଶ୍ମୀରରୁ କନ୍ୟାକୁମାରୀ ଯାଏଁ ଓ କାମରୂପଠାରୁ ଦ୍ୱାରକା ଯାଏଁ ଆମର ୬୮ କୋଟି ଲୋକଙ୍କୁ ଆଜି ଏକାଠି ବାନ୍ଧି ରଖିଛି ତିନୋଟି ମମତାର ଡୋରି :




## • ଜାତୀୟ ପତାକା

## • ଜାତୀୟ ସଙ୍ଗୀତ

ଜନଗଣ ମନ ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା !
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାଏ ତବ ଜୟ ଗାଥା ।
ଜନଗଣ ମଙ୍ଗଳ-ଦାୟକ ଜୟହେ !
ଭାରତ-ଭାଗ୍ୟ-ବିଧାତା !
ଜୟହେ, ଜୟହେ, ଜୟହେ, ଜୟ ଜୟ ଜୟ ଜୟ ହେ !

## • ଜାତୀୟ ସଙ୍କେତ



ଏ ତିନୋଟିର ପଛରେ ଅଛି—ଯୁଗ-ଯୁଗର ଇତିହାସ, ଅମର ପ୍ରାଚ୍ୟ ପରମ୍ପରା ଓ ଆତ୍ମତ୍ୟାଗର ମହନୀୟତା । ବଂଶାନୁକ୍ରମେ ସମଗ୍ର ଜାତି ତଥା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏ ତିନୋଟି ଗୋଟିଏ ଗୋଟିଏ ପବିତ୍ର ନ୍ୟାସ ବା ଦାୟ; ସେଗୁଡ଼ିକର ସୁରକ୍ଷା ପାଇଁ ଏ ଜାତି ଯୁଗେ ଯୁଗେ ପ୍ରାଣ ପଣ କରି ଆସିଛି, କରୁଛି ଓ କରୁଥିବ । ନିଜର ବିଶ୍ୱାସରେ ଅଟଳ ରହି ଯେଉଁ ଜାତି ଯୂପକାଠରେ ହସି ହସି 'ଶିର' ଦେଇପାରେ, ସାରା ବିଶ୍ୱକୁ ନୂତନ ଦୃଷ୍ଟିରେ ଦେଖି ଯେ ବିଶ୍ୱ ମଞ୍ଚରେ ନିରପେକ୍ଷତାର ମଶାଲ ଜାଳି ଧରେ, ଯାର ଆତ୍ମଶକ୍ତି ଆଗରେ ସଙ୍ଗୀନ୍ ମୁନ ମଥା ନତ କରେ—ତା'ର ଆତ୍ମା ଅଜେୟ, ଅମର ।

ଆ
ମ
ର

ପ
ତା
କା



—ତିନୋଟିର ପରିଚୟ ସମସ୍ତେ ଜାଣନ୍ତି ।

# କଟକ ସହର ବରଷ ହଜାର

ଶ୍ରୀ ହେମାନନ୍ଦ ବିଶ୍ୱାଳ

କଟକ ନଗରର ସହସ୍ର ବାର୍ଷିକୀ ଉତ୍ସବ ପାଳନ ଏକ ଐତିହାସିକ ଦିନ । ଏ ସ୍ମରଣୀୟ ଦିବସ ସବୁଦିନ ସ୍ମରଣୀୟ ହୋଇ ରହିବ । ବାରବାଟୀ ଦୁର୍ଗ ଏବେ ମଧ୍ୟ କଟକ ସହରର ମୂକସାକ୍ଷୀ ରୂପେ ଦଣ୍ଡାୟମାନ । ତେଣୁ କବିଙ୍କ ଭାଷାରେ "ଐତିହାସିକ ଏ ଦୁର୍ଗ ବାରବାଟୀ/ବୀର ରକ୍ତ ପିଣ୍ଡେ ଗଢ଼ା ଯା'ର ମାଟି ।" ଏହି କଟକ ନଗରର ବାରବାଟୀ ଦୁର୍ଗ, ଯାହାର କେତେକାଂଶରେ ଆଜି ଷ୍ଟାଡିୟମ୍ ତିଆରି ହୋଇଛି, ବିଗତ ହଜାର ବର୍ଷ ଭିତରେ ବହୁ ଉତ୍ଥାନ ପତନ ଦେଖିଛି । ବହୁ ସଂଗ୍ରାମ ଦେଖିଛି । ମୋଗଲ ସାମ୍ରାଜ୍ୟ ବିରୁଦ୍ଧରେ ସଂଗ୍ରାମ ଦେଖିଛି । ଇଂରେଜ ବିରୁଦ୍ଧରେ ସଂଗ୍ରାମ ଦେଖିଛି ।

ଏକ ହଜାର ବର୍ଷ ମଧ୍ୟରେ ଏଇ କଟକ ନଗରରେ ସୁଭାଷ ବୋଷଙ୍କଠାରୁ ଆରମ୍ଭ କରି ବହୁ ମହାମନୀଷୀ ଜନ୍ମଗ୍ରହଣ କରିଛନ୍ତି । ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ମଧ୍ୟ ଏହି ଐତିହାସିକ ନଗରୀରୁ କର୍ମମୟ ଜୀବନ ଆରମ୍ଭ ହୋଇଥିଲା । ଏଇ ମନୀଷୀମାନେ ସ୍ୱତନ୍ତ୍ର ଉତ୍କଳ ଗଠନ ପାଇଁ ଉତ୍କଳ ସମ୍ମିଳନୀ ତଥା ବିଭିନ୍ନ ଆନ୍ଦୋଳନ ଜରିଆରେ ଓଡ଼ିଆ ଭାଷାର, ଓଡ଼ିଶା ରାଜ୍ୟର ଗୌରବ ରକ୍ଷା କରିବା ପାଇଁ ବହୁ ଭାବରେ ସଂଗ୍ରାମ କରି ଆସିଛନ୍ତି । ଏହି କଟକ ନଗରରେ ମହାତ୍ମା ଗାନ୍ଧୀ ମଧ୍ୟ ପଦାର୍ପଣ କରିଥିଲେ । ବହୁ ରାଷ୍ଟ୍ର ନାୟକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଗ୍ରହଣ କରିଥିଲେ । ଆମ ସମୟର ଶ୍ରେଷ୍ଠ ରାଜନୀତିଜ୍ଞ, କୂଟନୀତିଜ୍ଞ ମଧ୍ୟ କଟକ ନଗରରେ ଜନ୍ମଗ୍ରହଣ କରିଛନ୍ତି । ତେଣୁ କଟକ ନଗରର ଐତିହ୍ୟ, କଟକ ନଗରର ପରମ୍ପରା, କଟକର ବୀର ରକ୍ତ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ନିଜର ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରତିଷ୍ଠା କରିଛି । ଆଜି କଟକ ସହରର ହଜାର ବର୍ଷ ପୂର୍ତ୍ତି ଉପଲକ୍ଷେ ଯେଉଁ ଉତ୍ସବ ଅନୁଷ୍ଠିତ ହେଉଛି, କର୍ମକର୍ତ୍ତାମାନେ ଗତ ଡିସେମ୍ବରଠାରୁ ଏଇ ଉତ୍ସବର ଆୟୋଜନ ଆରମ୍ଭ କରିଥିଲେ । ଆଜି ପର୍ଯ୍ୟନ୍ତ ସେମାନେ ବିଭିନ୍ନ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଉଦ୍ୟମ କରିଛନ୍ତି । ଫଳରେ କଟକ ନଗରରେ ଏକ ଜରା ନିବାସ, ଅକ୍ଷମମାନଙ୍କ ପାଇଁ ଏକ ସଂସ୍ଥା, ଏକ ଚକ୍ଷୁ ଚିକିତ୍ସାଳୟ ପ୍ରତିଷ୍ଠା ହୋଇଛି ।

# ଜାନୁଆରୀ ୨୬ ଏକ ଭାବନା

*ଜଷ୍ଟିସ୍ ହରିହର ମହାପାତ୍ର*

କେତେ ବର୍ଷ ହେଲା ଜାନୁଆରୀ ୨୬ ଓ ଅଗଷ୍ଟ ୧୫ ତାରିଖକୁ ଲୋକଙ୍କର ଉତ୍ସାହ କମି ଯାଉଥିବା ଦେଖାଯାଉଛି । ତାକୁ ଘୋଡ଼ାଇ ଦେବାପାଇଁ ସରକାରୀ ତତ୍ପରତା ସେହି ଦୁଇଦିନ ପାଳନ କରିବାରେ ବଢ଼ି ଚାଲିଛି । ଦିଲ୍ଲୀରେ ଜାନୁଆରୀ ୨୬ ଦିନ ଯେଉଁ ପାରେଡ୍ ହୁଏ, ତାହା ପୃଥିବୀର ଏକ ଦର୍ଶନୀୟ ବ୍ୟବସ୍ଥା । ବହୁ ଲୋକ ସମାଗମ ହୁଏ ତାକୁ ଦେଖିବାକୁ । ତାହା କେବଳ ସରକାରୀ ଆୟୋଜନ । ରାଜ୍ୟମାନଙ୍କରେ ସେଇ ଏକା କଥା । ୧୯୨୦ରୁ ୧୯୪୭ ପର୍ଯ୍ୟନ୍ତ ଚାଲିଥିବା ସ୍ୱାଧୀନତା ଆନ୍ଦୋଳନରେ ଭୋଗିଥିବା ସବୁ ପରାଭବ ଲୋକେ ଭୁଲିଗଲେ ଅଗଷ୍ଟ ୧୫ରେ ଦେଶ ବିଦେଶୀ ଶାସନରୁ ମୁକ୍ତ ହେବା ପରେ । କିନ୍ତୁ ତା' ସଙ୍ଗେ ସଙ୍ଗେ ଦେଶ ଦ୍ୱିଖଣ୍ଡିତ ହୋଇ ଗୋଟିଏ ବୃହତ୍ ଅଂଶ ପାକିସ୍ଥାନ ନାମରେ ଏକ ମୁସଲମାନ୍ ସ୍ୱତନ୍ତ୍ର ରାଷ୍ଟ୍ର ହେବା ଫଳରେ ଦୁଇ ରାଷ୍ଟ୍ରର ଲୋକ ବିନିମୟ ସଂକ୍ରାନ୍ତ ଯେଉଁ ନାରକୀୟ ବିଭୀଷିକା ଘଟିଲା ସେଥିରେ ସ୍ୱାଧୀନତା ଲାଭର ଉଲ୍ଲାସ ମଉଳି ଯାଇଥିଲା । ଏ ପ୍ରକାର ଦୁର୍ଦ୍ଦଶାର ଛାୟା ଭାରତକୁ ବେଶୀ ଆଚ୍ଛନ୍ନ କଲା । ଫଳରେ, ମହାତ୍ମା ଗାନ୍ଧୀ ୧୯୪୮ ଜାନୁଆରୀରେ ସେଥିପାଇଁ ଅନଶନ କରି ଲୋକଙ୍କ ମନ ପରିବର୍ତ୍ତନ କରିବାର ଚେଷ୍ଟା କରିଥିଲେ । ଦୁର୍ବିପାକ ଅଧିକ ହେଲା ଆମ ଦେଶ ପକ୍ଷରେ ସେହି ଜାନୁଆରୀ ଶେଷରେ ମହାତ୍ମାଙ୍କ ଦେହାନ୍ତରେ – ଦେହାନ୍ତ ହେଲା ହିନ୍ଦୁ ଆତତାୟୀର ଗୁଳିରେ । ମନସ୍ତାତ୍ତ୍ୱିକ ଦିଗରୁ ଦେଖିଲେ, ବିଦେଶୀ କରାୟତ୍ତରୁ ମୁକ୍ତ ହେଲେ ଯେଉଁ ସ୍ୱାଭାବିକ ଆନନ୍ଦ ଉତ୍ସାହ ଜାତ ହେବାର କଥା ସେଥିରୁ ଆମେ ଓ ଆମ ଦେଶ ବଞ୍ଚିତ ହେବାକୁ ବାଧ୍ୟ ହେଲା । ତେଣୁ ଅଗଷ୍ଟ ୧୫ର ତାତ୍ପର୍ଯ୍ୟ ସେହି ସମୟରେ ଦେଶବାସୀଙ୍କର ଯଥାଯଥ ଉପଲବ୍ଧି ହୋଇପାରିଲା ନାହିଁ । ସେହି ଅନୁକ୍ରମରେ ଜାନୁଆରୀ ୨୬ ମଧ୍ୟ ।

ଶାସନ କ୍ଷମତାକୁ ଯେଉଁମାନେ ଆସିଲେ ସେମାନେ ଚଳିଲେ ଯେପରି ବିଦେଶୀ ଶାସକ ଥିଲେ ଏବଂ ଶାସନ ପଦ୍ଧତିରେ ଲୋକେ ଅନୁଭବ କଲା ଭଳି କିଛି ପରିବର୍ତ୍ତନ ନହେବାରୁ ସ୍ୱାଧୀନତାର କୌଣସି ଉତ୍ସାହଜନକ ଦିଗ ଲୋକଙ୍କୁ ଉଦବୁଦ୍ଧ କଲାନାହିଁ । କତିପୟ ଲୋକ କ୍ଷମତାଧାରୀ ହୋଇ, ଆଉ କେତେକ ଆର୍ଥିକ ଦିଗରୁ ଉପକୃତ ହୋଇଥିଲେ । ସେମାନଙ୍କ ସଂଖ୍ୟା ନଗଣ୍ୟ ଥିବାରୁ ସେମାନେ ସାଧାରଣ ଲୋକଙ୍କଠାରୁ ପ୍ରାୟ ବିଚ୍ଛିନ୍ନ ରହିଲେ, ଶାସନ ପ୍ରକ୍ରିୟା ଭଳି । ୧୯୪୯ ନଭେମ୍ବର ଶାସନରେ ସମ୍ବିଧାନ ପ୍ରଣୀତ ହେଲା, ମୋଟାମୋଟି ପାଶ୍ଚାତ୍ୟ ଢାଞ୍ଚାରେ । ଆମ ସନାତନ ପରମ୍ପରାର କୌଣସି ଛାପ ରହିଲା ନାହିଁ, ଯେପରି ଇଂରେଜୀ ଶାସନରେ ନଥିଲା । ପୂର୍ବଠାରୁ ଭିନ୍ନ ଅଙ୍ଗେ ନିଜେଇବା ଭଳିଆ କିଛି ସୁବିଧାଦେ ପ୍ରକାଶ ନପାଇବାରୁ ସମ୍ବିଧାନ ଅନ୍ୟାନ୍ୟ ଆଇନ ପରି ଆଉ ଗୋଟିଏ ମନେ ହେଲା । ମୌଳିକ ଅଧିକାର, ସଂସଦୀୟ ଗଣତନ୍ତ୍ର ପ୍ରଭୃତି ଗାଁ ଗହଳ ଲୋକଙ୍କ ପାଇଁ କାର୍ଯ୍ୟତଃ ଅର୍ଥହୀନ ହୋଇ ରହିଲା । ତାହାର ଗୁରୁତ୍ୱ ଓ କାର୍ଯ୍ୟକାରିତା କେବଳ କୋର୍ଟ କଚେରୀ ମାଧ୍ୟମରେ ଆବଦ୍ଧ ରହିଲା ।

ଗଲା ଖ୍ରିଶ ବୟାଳିଶ ବର୍ଷ ମଧ୍ୟରେ ଦେଶରେ ଓ ଲୋକଙ୍କର ଅନେକ ବିଷୟରେ ଯେ ଉନ୍ନତି ନଘଟିଛି, ତାହା ନୁହେଁ । କିନ୍ତୁ ତାହା ମୁଖ୍ୟତଃ ସ୍ୱାଧୀନତା ଲାଭ ଯୋଗୁ ହୋଇଛି ବୋଲି ଲୋକଙ୍କର ହୃଦ୍‌ବୋଧ ହେଉ ନାହିଁ, ହେବାର ଦୃଶ୍ୟ କାରଣ ଲୋକଙ୍କ ପାଖରେ ନାହିଁ ବା ପହଞ୍ଚି ନାହିଁ । ସ୍ୱାଧୀନତା ଏକ ମାନସିକ ବୋଧ, ଅନୁଭୂତି ପ୍ରସୂତ । ରକ୍ତାକ୍ତ ସଂଘର୍ଷ, ବହୁ ଧନ ଜନ କ୍ଷୟକ୍ଷତି ବିନିମୟରେ ସ୍ୱାଧୀନତା ମିଳିଲେ, ତାର ଦୁର୍ଲଭତା ଲୋକେ ଅନୁଭବ କରିବାକୁ ବାଧ୍ୟ ହୁଅନ୍ତି । ନିରପେକ୍ଷ ଭାବେ ବିଚାର କଲେ, କହିବାକୁ ହେବ, ୧୮୮୫ରେ ଜାତୀୟ କଂଗ୍ରେସ ଆରମ୍ଭଠାରୁ ୧୯୨୦ ପର୍ଯ୍ୟନ୍ତ ଦରଖାସ୍ତ ଓ ଭାଷଣରେ ପର୍ଯ୍ୟାୟକ୍ରମେ ସ୍ୱାଧୀନତା ଭିକ୍ଷା କରାଯାଉଥିଲା । ବ୍ୟତିକ୍ରମ ଥିଲା ୧୯୦୫ରେ ବଙ୍ଗ ବିଚ୍ଛେଦ ବେଳେ ବିପ୍ଳବୀ ଆକ୍ରମଣାତ୍ମକ ଆନ୍ଦୋଳନ । ୧୯୨୦ରୁ ଆରମ୍ଭ ହୋଇଥିବା ମହାତ୍ମା ଗାନ୍ଧୀଙ୍କ ଅହିଂସ ସଂଗ୍ରାମର ତାତ୍ତ୍ୱିକ ନୈତିକତା ସାଧାରଣ ଲୋକଙ୍କୁ କେତେଦୂର ସ୍ପର୍ଶ ବା ସଞ୍ଚାଳିତ କରିଥିଲା ତାହାର ଯଥାର୍ଥ ସମୀକ୍ଷା ହୋଇନାହିଁ । ସ୍ୱାଧୀନତାର ଆହ୍ୱାନ ତରୁଣଙ୍କ ପକ୍ଷରେ ଉଦ୍‌ବେଳନ ସୃଷ୍ଟି କରିଥିଲା । କାରାବାସ, ଦୈହିକ ନିର୍ଯ୍ୟାତନା, ଜନକ୍ଷୟ ଘଟିଥିଲା । ଦେଶର ଆୟତନ ଓ ଦେଶବାସୀଙ୍କ ସଂଖ୍ୟା ତୁଳନାରେ ତାହା ଅତି ଅଳ୍ପ ଥିଲା କହିବା ବୋଧହୁଏ ମାର୍ଜନୀୟ ହେବ । ଦ୍ୱିତୀୟ ମହାସମର ବେଳେ ନେତାଜୀ ସୁଭାଷ ବୋଷଙ୍କ ସାମରିକ ପ୍ରଚେଷ୍ଟା ଅତି ଅଳ୍ପ ସ୍ଥାୟୀ ହେବାରୁ ତାହାର ପ୍ରତିକ୍ରିୟା ଯେପରି ଜନସାଧାରଣଙ୍କ ଭିତରକୁ ନଆସିଲା, ଯୁଦ୍ଧ ପରେ ନୌସେନା ମଧ୍ୟରେ ଇଂରେଜ ଆନୁଗତ୍ୟ ପ୍ରକାଶ୍ୟ ହ୍ରାସ ପାଇବା ସେପରି ଅଜଣା ରହିଗଲା । ଏ ଦୁଇ ଘଟଣା ଜନ ମାନସକୁ ଉତ୍ତେଜିତ କରି ପାରିଥିଲେ, ସ୍ୱାଧୀନତା ଲାଭର ତାହା ଅନ୍ୟ କାରଣ ସ୍ୱରୂପ ଲୋକେ ଭାବିଥାନ୍ତେ । ଅସହଯୋଗ ଆନ୍ଦୋଳନର ଶେଷ ପର୍ଯ୍ୟାୟରେ ଲର୍ଡ଼ ଲିନ୍‌ଲିଥ୍‌ଗୋ, ଲର୍ଡ଼ ଓ୍ୟାଭେଲ୍, ଲର୍ଡ଼ ମାଉଣ୍ଟବେଟେନ୍ (ଭାଇସ୍‌ରାୟମାନେ) ଓ କ୍ରିପ୍‌ସ ମିସନ୍ ପ୍ରଭୃତିଙ୍କ ସଙ୍ଗେ ମୁସଲ୍‌ମାନ୍‌ଙ୍କ ତରଫରୁ ମହମ୍ମଦ ଆଲ୍ଲୀ ଜିନ୍ନାଙ୍କୁ ଧରି କଂଗ୍ରେସ ନେତାମାନେ ବାରମ୍ବାର ଆଲୋଚନା ପରେ ଇଂରେଜ ସରକାର ଭାରତକୁ ଦ୍ୱିଖଣ୍ଡ କରି ଛାଡ଼ିଯିବା ଲଣ୍ଡନରୁ ଜାହିର ହେବା ଫଳରେ ସ୍ୱାଧୀନତା ପ୍ରାପ୍ତିର ଗୌରବ ଭାବନା ଅନେକାଂଶରେ କ୍ଷୁଣ୍ଣ ହୋଇଥିଲା । କୌଣସି ବିଶିଷ୍ଟ କାର୍ଯ୍ୟ ବା ଘଟଣାରେ ଲୋକେ ଅଂଶୀଦାର ହେଲେ ତାହା ନିଜସ୍ୱ ମନେ କରାଯାଏ । ଶ୍ରୀଗୁଣ୍ଡିଚାରେ ବଡ଼ ଦାଣ୍ଡରେ ରଥ ଦଉଡ଼ି ଟାଣିବା ଓ ଗାଁରେ ବସି ରେଡ଼ିଓ ଶୁଣିବା ମଧ୍ୟରେ ଭାବଗତ ପାର୍ଥକ୍ୟ ସମସ୍ତେ ବୁଝିପାରିବେ ।

ସ୍ୱାଧୀନତା ମିଳିବା ସମୟରେ ଓ ତା'ପରେ ସ୍ୱାଧୀନତା ସଂଗ୍ରାମୀ ଅନେକ ଦେଶରେ ଥିବାରୁ ସେମାନେ ନିଜେ ଏବଂ ସେମାନଙ୍କ ପରିବାର ଲୋକେ ଯେଉଁ ଉଚ୍ଚମାନ୍ୟତା କାର୍ଯ୍ୟ–କରଣ ବିଚାରରେ ପାଉଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ତିରୋଧାନ ପରେ ଲୋକ ଚକ୍ଷୁରେ ତାହା କମିଯିବା ସ୍ୱାଭାବିକ । ଯେଉଁମାନେ ଅଛନ୍ତି ସେମାନେ ଗାନ୍ଧିଜୀଙ୍କ ଆଶା ଓ ଆଦର୍ଶଠାରୁ ଶାସନ ପ୍ରକ୍ରିୟାର ବିପରୀତ ଆଭିମୁଖ୍ୟ ବଢୁଥିବା ଦେଖି ମର୍ମାହତ ହେଉଛନ୍ତି ଏବଂ ସେଥିପାଇଁ ପ୍ରତ୍ୟକ୍ଷ ସ୍ୱାଧୀନତା ଅନୁଭୂତିର ଇତିବୃତ୍ତି ତାଙ୍କଠାରୁ ପରବର୍ତ୍ତୀ ବଂଶଧରମାନଙ୍କ ପାଇଁ ଉତ୍ସାହଜନକ ଭାବେ ପ୍ରଚାରିତ ହେଉନାହିଁ । ଏହିପରି ନାନା କାରଣରୁ ଏବଂ ମୁଖ୍ୟତଃ ପୂର୍ବାବସ୍ଥା ତୁଳନାରେ ସ୍ୱାଧୀନତା ଅନୁକ୍ରମରେ କୌଣସି ବିଶେଷ ଆତ୍ମ ମର୍ଯ୍ୟାଦା ଅନୁଭବ କରିବାର ସୁଯୋଗ ନମିଳିଥିବାରୁ, ଲୋକେ ସ୍ୱାଧୀନତା ଲାଭର ସ୍ମରଣ ପ୍ରତିଧ୍ୱନିତ କରିବା ପାଇଁ ନିଜଆଡୁ ଉତ୍ସାହ ପାଉନାହାନ୍ତି ।

୧୯୪୭ରୁ ୧୯୯୦ ଭିତରେ ଦୁଇ ପୁରୁଷ ବିତିଗଲାଣି । ଗାନ୍ଧିଜୀଙ୍କ ଉପରେ ଫିଲ୍ମ ହେବାରୁ ଏଇ ଦୁଇ ପିଢ଼ୀର ଲୋକେ ଅନେକ ଗଭୀର ମୂଲ୍ୟବୋଧ ସମ୍ବଳିତ କଥା ଜାଣିପାରିଲେ । ସ୍ୱାଧୀନତା ଆନ୍ଦୋଳନ ଏବଂ ଆମ ସମ୍ବିଧାନରେ ନିର୍ଦ୍ଦିଷ୍ଟ ମାନବିକ ଅଧିକାର ଯାହା ସ୍ୱାଧୀନତାର ଏକ ପ୍ରଧାନ ରୂପକାର, ବିଷୟରେ ସେମାନଙ୍କୁ ଅବହିତ କରିବାର କିଛି କାଳ କ୍ରମାଗତ ବ୍ୟବସ୍ଥା ହେଲେ ହୁଏତ ସ୍ୱାଧୀନତା ସ୍ମାରକୀ ପାଳନ ପାଇଁ ପ୍ରେରଣା ମିଳନ୍ତା ।

---

■ *ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଦିଗରେ ଭାରତର ଯେଉଁ ମହାନ୍ ଦାୟିତ୍ୱ ରହିଛି, ତାହା ଏ ଯାଏ ସମ୍ପୂର୍ଣ୍ଣ ହୋଇ ନାହିଁ, ବରଂ ଏହା ନୂତନ ଭାବେ ଆତ୍ମପ୍ରକାଶ କରିଛି । ସମଗ୍ର ବିଶ୍ୱପ୍ରତି ଏହାର ଏକ ମହାନ୍ ସନ୍ଦେଶ ରହିଛି ।*

**—ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ**

# ସ୍ୱାଧୀନତାର ଅବ୍ୟବହିତ ପୂର୍ବେ ଓ ପରେ

ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ

୧୯୪୩ ସାଲ। ଦ୍ୱିତୀୟ ବିଶ୍ୱ ମହାଯୁଦ୍ଧ ଘନେଇ ଆସୁଥାଏ। ସାରା ବଙ୍ଗଳାରେ ପଡ଼ିଥାଏ କରାଳ ଦୁର୍ଭିକ୍ଷ। ରାସ୍ତା କଡ଼ରେ ଲୋକ ମରୁଥାନ୍ତି ଅସୁମାରି। ଫୁଟପାଥରେ, ପାର୍କରେ, ମଇଦାନରେ ଯେଉଁଠି ଦେଖିବ ଛୁଇଁ ଛୁଇଁ ମଣିଷର ଶବ। ଅବିଭକ୍ତ ବଙ୍ଗଦେଶ। ସାତକୋଟି ସନ୍ତାନର ମୁଗ୍ଧା ଜନନୀ। ମାତ୍ର ଯେଉଁଠିକି ଗଲେ, କଙ୍କାଳର ଶୋଭାଯାତ୍ରା, ବୁଭୁକ୍ଷୁର ଆର୍ତ୍ତନାଦ। ଶିଶୁ ହାତରୁ ଖାଦ୍ୟ ଛଡ଼ାଇ ନେଇ ଖାଉଥାଏ ମାଆ। ପୁଣି କେଉଁଠି ନିଜେ ନଖାଇ ଶିଶୁ ପାଇଁରେ ଖୁଣ୍ଟି ଦେଉଥାଏ କଙ୍କାଳସାର ମୁଠିଏ ଅନ୍ନ ବହୁ ଦିନରୁ ଭୋକିଲା ମାଆ। ଶୁଖିଲି ମାଆ ବୁକୁରେ ଲୋକ ବିକଳରେ ଖୁଣି ଖାଉଥିଲା ଶିଶୁର ଶବକୁ। ଲୋକେ ଜମାହୋଇ ଉପଭୋଗ କରୁଥିଲେ ସେ ଦୃଶ୍ୟକୁ। ପ୍ରାୟ ପଞ୍ଚାଶ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ସେହି ମନୁଷ୍ୟକୃତ ଅକାଳ ଦୁର୍ଭିକ୍ଷରେ। ମାତ୍ର ବ୍ରିଟିଶ୍ ସରକାର ନିର୍ବିକାର ଭାବରେ ବସି ରହିଥାଏ ଅଗଣିତ ମଣିଷର ଶବ ଗଦା ଉପରେ।

ଆଉ ରାତିରେ ଜାପାନୀ ଉଡ଼ାଜାହାଜମାନେ କଲିକତା ଉପରେ ବୋମାମାଡ଼ କରୁଥାନ୍ତି, ବିଶେଷ କରି ଖିଦିରପୁର ଡକ୍ ଉପରେ। ଖିଦିରପୁରରୁ ମାଟିଆବୁରୁଜ ତ ଡାକେ ବାଟ। ସାଇରନ୍ ବାଜିଲେ ଆମେ ସବୁ ନିଜରୁ ଉଠି ସେଲଟର୍ ଭିତରେ ପଶିଯାଉଁ। ପୁଣି ଖଲାସ ସାଇରନ୍ ବାଜିଲେ ନିଜ ନିଜ ଘରକୁ ଫେରିଯାଉଁ। କେବେ କେବେ ପୁଣି ବୋମାରୁ ଉଡ଼ାଜାହାଜମାନେ ଆଉ ଥରେ ଆସି ବୋମା ପକାନ୍ତି। ଲୋକେ କହୁଥିଲେ, "ନେତାଜୀ ଏ ସବୁ ବୋମାରୁ ଏରୋପ୍ଲେନ୍‌କୁ ପଠାଉଛନ୍ତି।"

ନେତାଜୀଙ୍କ ଆଜାଦ୍ ହିନ୍ଦ୍ ଫୌଜ କହିମା ଆଡ଼କୁ ଆଗେଇ ଆସୁଥାନ୍ତି। ଭାରତ ସ୍ୱାଧୀନ ହେବ ନା ଯୁଦ୍ଧରେ ଜଳିପୋଡ଼ି ପାଉଁଶ ହୋଇଯିବ ଏହା ହିଁ ଥିଲା ସମସ୍ତଙ୍କ ମୁହଁରେ ପ୍ରଶ୍ନ।

ଶେଷରେ ସ୍ୱାଧୀନତା ଆସିଲା, ମଣିଷ ରକ୍ତରେ ଜୁଡ଼ୁବୁଡ଼ୁ ହୋଇ। ସ୍ୱାଧୀନତାର ଠିକ୍ ପ୍ରାକ୍‌କାଳରେ ଦେଶର କୁଆଡ଼େ ଦେଖାଗଲା ଭୟଙ୍କର ସାମ୍ପ୍ରଦାୟିକ ଦଙ୍ଗା। ହଜାର ହଜାର ନିରୀହ ନରନାରୀ ପଡ଼ି ରହିଲେ ରାସ୍ତାଘାଟରେ। ଏକ ସମ୍ପ୍ରଦାୟର ଆହତ ସ୍ତ୍ରୀଲୋକମାନଙ୍କୁ ଟେକି ଟେକି ପାଣି ଦେଇ ତାଙ୍କୁ ଆଉ ଟିକିଏ ସମୟ ବଞ୍ଚାଇ ରଖାଯାଇ, ପୁଣି ଗୁଳି ମରାଯାଉଥିଲା। ଦୁଇ ସ୍ତନ କାଟି ଦିଆଯାଉଥିଲା। ମାଟିଆବୁରୁଜରେ ଚାରି ଦିନ ଭୀଷଣ ହଣାକଟା ପରେ ପ୍ରଥମ ଶାନ୍ତି ଶୋଭାଯାତ୍ରା ବାହାର କରିଥିଲୁ ଆମେ କେତେଜଣ ହିନ୍ଦୁ ମୁସଲମାନ୍ ନାଗରିକ ମିଶି। ମୁଁ ଏବଂ ଗାର୍ଡେନ୍‌ରିଚ୍ ମ୍ୟୁନିସିପାଲିଟିର ତତ୍କାଳୀନ ଚେୟାରମ୍ୟାନ୍ ଡକ୍ଟର୍ କବିରଙ୍କ ବଡ଼ପୁଅ ମିଃ ଅବଦୁଲ୍ଲା (ପରେ ଏମ୍: ଏଲ୍: ଏ:) ଗୋଟାଏ ଖୋଲା ଜିପ୍‌ରେ ଛିଡ଼ାହୋଇ କଂଗ୍ରେସ ଓ ମୁସଲିମ୍ ଲିଗ୍ ପତାକା ଏକସଙ୍ଗେ ଉଡ଼ାଇ ବୁଲିଥିଲୁ। ମାଟିଆବୁରୁଜର ଗଳିକନ୍ଦିରେ ଜିପ୍‌ରେ ଗଲାବେଳେ ବହୁ ଆହତ, ମୁମୂର୍ଷୁ ହିନ୍ଦୁ ମୁସଲମାନ୍ ନରନାରୀ ଖୋଲା ରାସ୍ତାରେ ପଡ଼ି ଛଟପଟ ହେଉଥିବା କରୁଣ ଦୃଶ୍ୟର ସ୍ମୃତି ଏବେ ମଧ୍ୟ ମୋତେ ବିବଶ କରିଦିଏ।

କିଛି ଦିନ ପରେ ଗାନ୍ଧିଜୀ ଆସିଲେ କଲିକତା ଦଙ୍ଗା ବନ୍ଦ କରିବା ପାଇଁ। ଅନଶନ କଲେ। ଅବସ୍ଥା ଟିକିଏ ଥଣ୍ଡା ପଡ଼ିଲା। ଗାନ୍ଧିଜୀ ବେଲିଆଘାଟରେ ରହୁଥାନ୍ତି। ସେତେବେଳେ ସୁରାବର୍ଦ୍ଦି ଥାଆନ୍ତି ଅବିଭକ୍ତ ବଙ୍ଗଳା ବା Bengalର "ପ୍ରଧାନମନ୍ତ୍ରୀ"। ଗାନ୍ଧିଜୀଙ୍କୁ ରୋଜ୍ ଅପରାହ୍ନରେ ପ୍ରାର୍ଥନା ସଭାମାନଙ୍କୁ ମିଲ୍‌ର ଏକ ବଡ଼ ଗାଡ଼ିରେ ନେବା ଆଣିବା କରିବାର ଭାର ସେ ମୋତେ ଦେଇଥିଲେ। ମୁଁ ରୋଜ୍ ବେଲିଆଘାଟରୁ ବାପୁଙ୍କୁ ସଭା ସ୍ଥାନମାନଙ୍କୁ ନେଇ ଯାଉଥିଲି ଏବଂ ସେଠାରେ ଛାଡ଼ିଦେଇ ଯାଉଥିଲି। ଏହିପରି ଆଠ ଦଶ ଦିନ କଟିଥିଲା। କଲିକତାରୁ ଗାନ୍ଧିଜୀ ନୂଆଖାଲି ଗଲେ। ସେଠାରୁ ଫେରି ଦିଲ୍ଲୀ ଗଲେ। ଦିଲ୍ଲୀଠାରେ ସେ ଆତତାୟୀ ଗଡ୍‌ସେ ଗୁଳିରେ ପ୍ରାଣବଳି ଦେଲେ।

ସ୍ୱାଧୀନତାର ଠିକ୍ ପ୍ରାକ୍‌କାଳରେ ଆରମ୍ଭ ହେଲା ଦେଶ ବିଭାଜନର ପ୍ରକ୍ରିୟା। ହଜାର ହଜାର ହିନ୍ଦୁ ନରନାରୀ ପୂର୍ବ ବଙ୍ଗରୁ ପଳାଇ ଆସି ନୂଆ ସୃଷ୍ଟି ହୋଇଥିବା ପଶ୍ଚିମ ବଙ୍ଗଳାର ସୀମାନ୍ତବର୍ତ୍ତୀ ସ୍ଥାନମାନଙ୍କରେ ଛାଉଣୀ ପକାଇଲେ। ବହୁ ସଂଖ୍ୟାରେ ଶରଣାର୍ଥୀ କଲିକତା ପଳାଇ ସେଠାରେ ଯାଇ ସବୁ ଖୋଲା ଜାଗାମାନଙ୍କରେ ଭିଡ଼ ଜମାଇଲେ। ସୀମାନ୍ତବର୍ତ୍ତୀ-ବନଗାଁଠାରେ କେଶୋରାମ କଟନ୍ ମିଲ୍‌ସ ପକ୍ଷରୁ ଏକ ଶରଣାର୍ଥୀ ଶିବିର ଖୋଲା ଯାଇଥିଲା। ସେଥିରେ ପ୍ରାୟ ଦଶ ହଜାର ନରନାରୀଙ୍କୁ ରଖାଯାଇଥିଲା ଏବଂ ପ୍ରତିଦିନ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିଲା। ଆଉ ମାନବିକତାର ସେ କରୁଣ ଚେହେରା ଏବେ

ସୁଦ୍ଧା ମୋର ବେଶ୍ ମନେ ଅଛି । ମୁଁ ବନଗାଁ ଶରଣାର୍ଥୀ ଶିବିରରେ ପ୍ରାୟ ଦେଢ଼ମାସ କାଳ Incharge ଥିଲି । ସେହି ଅବସରରେ ଅସଂଖ୍ୟ ଶରଣାଗତ ପୀଡ଼ିତ ମାନବାତ୍ମାର ଅନ୍ତରଙ୍ଗ ସାନ୍ନିଧ ଓ ପରିଚୟ ଲାଭ କରିବାର ଯେଉଁ ସୁଯୋଗ ମିଳିଥିଲା, ତାହା ବାସ୍ତବିକ୍ ବଡ଼ ମୂଲ୍ୟବାନ ।

ସେ ଯାହାହେଉ, ଯେଉଁ ସ୍ୱାଧୀନତାର ସ୍ୱପ୍ନ ପିଲାଟି ଦିନରୁ ଦେଖି ଆସୁଥିଲି ଏବଂ ଯେଉଁଥି ପାଇଁ ବହୁ ଦୁଃଖ ଓ ନିର୍ଯାତନାର ଶିକାର ହେବାକୁ ପଡ଼ିଥିଲା, ତାହା ଯେତେବେଳେ ବାସ୍ତବରେ ଆସିଲା, ସେତେବେଳେ ତାର ଚିତ୍ରପଟ ସେପରି ପ୍ରାଣବ୍ୟଞ୍ଜକ ହେଲା ନାହିଁ, ବରଂ ହେଲା ବହୁ ତିକ୍ତ ଓ ମିଶ୍ରିତ ପରିମାଣର ଏକ ଅଶ୍ରୁସଜଳ ଓ ପ୍ରଶ୍ନ ବହୁଳ ଫଳଶ୍ରୁତି ।

---

ମିସନ୍ ରୋଡ଼, କଟକ-୧ ।



# ସଂସ୍କୃତିର ପ୍ରତୀକ

ଶ୍ରୀ ଚନ୍ଦ୍ର ଶେଖର ନାୟକ

ସରକାରୀ ଚାକିରିରେ ଥିଲା ବେଳେ ଓ ଏବେ ଅବସର ନେବା ପରେ ବିଭିନ୍ନ ହାଇସ୍କୁଲକୁ ଯାଇ ଜାତୀୟ ସଂହତି ଓ ଜାତୀୟ ପତାକାର ଗର୍ବ ଚର୍ଚ୍ଚା କରିବାକୁ ମୁଁ ନିୟମିତ କର୍ତ୍ତବ୍ୟ କରିନେଇଛି । ଅତ୍ୟନ୍ତ ଆନନ୍ଦ ଓ ଉତ୍ସାହର କଥା ଯେ ସର୍ବତ୍ର ଶିକ୍ଷକ ବନ୍ଧୁମାନେ ଏ ପ୍ରକାର ଆଲୋଚନାକୁ ସ୍ୱାଗତ ଜଣାଉଛନ୍ତି – ଅଭିଭୂତ ମଧ୍ୟ ହେଉଛନ୍ତି ।

ଛାତ୍ରଛାତ୍ରୀଙ୍କ ସମାବେଶରେ ମୁଁ ଗୋଟିଏ ଅତିସାଧାରଣ ପ୍ରଶ୍ନ ପଚାରେ– "କହିଲ ପିଲାଏ, ଆମ ଜାତୀୟ ପତାକାରେ ଗୋଟିଏ କପଡାରେ ରଙ୍ଗଗୁଡ଼ିକ ତଳକୁ ତଳ ବୋଳାଯାଇଛି କି ତିନୋଟି ପୃଥକ ରଙ୍ଗର କପଡା ପରସ୍ପର ସିଲାଇ ହୋଇଛି ?" ମୁଷ୍ଟିମେୟ କେତେଜଣଙ୍କୁ ଛାଡିଦେଲେ ସମସ୍ତେ ଉତ୍ତର ଦିଅନ୍ତି ଯେ ଆମ ତ୍ରିରଙ୍ଗା ପତାକା ଗୋଟିଏ କପଡାରେ ତିଆରି । ସେଥିରେ ଗୋଟିକ ପରେ ଗୋଟିଏ ରଙ୍ଗ ବୋଳାଯାଇଛି । ଆଉ କେତୋଟି ମହତ୍ତ୍ୱ ପୂର୍ଣ୍ଣ ପ୍ରଶ୍ନ – "ଆମ ପତାକା କାହିଁକି ତ୍ରିରଙ୍ଗା ହୋଇଛି ? ଅଧିକ ବା କମ୍ ରଙ୍ଗ ହୋଇ ନାହିଁ କାହିଁକି ? ପ୍ରତ୍ୟେକ ରଙ୍ଗ କାହାର ପ୍ରତୀକ ? ରଙ୍ଗଗୁଡିକର ପ୍ରାକୃତ ନାମଟି କ'ଣ ? – ପ୍ରଶ୍ନଗୁଡିକରେ ପିଲାଏ ମୋଟାମୋଟି ନିରୁତ୍ତର ରହନ୍ତି ।

## ପ୍ରଥମ ତ୍ରିରଙ୍ଗା ଧ୍ୱଜା

୧୮୮୫ ମସିହାରେ ଜାତୀୟ କଂଗ୍ରେସର ପ୍ରତିଷ୍ଠାଠାରୁ ୧୯୦୫ ମସିହା ବଙ୍ଗଭଙ୍ଗ ଆନ୍ଦୋଳନ ଦୀର୍ଘ ୨୦ ବର୍ଷ ଭିତରେ ଭାରତ ପାଇଁ ସ୍ୱତନ୍ତ୍ର ପତାକାଟିଏ କରିବାର କଳ୍ପନା ଭାରତୀୟମାନଙ୍କର ମନକୁ ଆସି ନ ଥିଲା । ସ୍ୱାଧୀନ ଜାପାନ ଦେଶରେ ଜଣେ ବାଳକ ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରବାସୀ ଭାରତୀୟମାନେ ମାଡାମ୍ କାମା ଓ ଶ୍ୟାମଜୀ କୃଷ୍ଣବର୍ମାଙ୍କ ନେତୃତ୍ୱରେ ପ୍ୟାରିସ୍ ନଗରୀରେ ସମବେତ ହୋଇ ଭାରତ ପାଇଁ ତ୍ରିରଙ୍ଗା ପତାକାଟିଏ ପ୍ରସ୍ତୁତ କରି ବର୍ଲିନ ନଗରୀରେ ଅନୁଷ୍ଠିତ ଏକ ସମାଜବାଦୀ ସମ୍ମେଳନରେ ଭାରତର ଜାତୀୟ ପତାକା ରୂପେ ସର୍ବପ୍ରଥମେ ଉଡାଇଥିଲେ ।

## ଜାତୀୟ ଅଧୋଗତି

ସ୍ୱାଧୀନତା ଲାଭର ଦୀର୍ଘ ଚାରୋଟି ଦଶନ୍ଧି ପୂରିବାକୁ ବସିଥିଲା ବେଳେ ଆମ ପଢୁଆ ପିଲାଏ ପତାକାରେ ନିହିତ ନିଗୂଢ ତତ୍ତ୍ୱ ବୁଝିବା ଦୂରେ ଥାଉ ପତାକାଟିକୁ ଠିକ୍ ଠିକ୍ ଚିହ୍ନି ପାରୁ ନ ଥିବା ସେତିକି ବିସ୍ମୟକର ସେତିକି ଉଦ୍‌ବେଗପ୍ରଦ । ତେବେ ପିଲାମାନେ କ'ଣ ଏହି ଜାତୀୟ ଅଧୋଗତି ପାଇଁ ଦାୟୀ ? ସେମାନେ ତ ବର୍ଷକେ ମାତ୍ର ଦୁଇଥର ପତାକାଟିକୁ ଦେଖନ୍ତି । ସେ ଦୁଇଟି ପୁଣି ଛୁଟି ଦିବସ । ନେତୃସ୍ଥାନୀୟ ବୋଲାଉଥିବା ଶିକ୍ଷକମାନେ ସେ ଦିନମାନଙ୍କରେ ସ୍କୁଲକୁ ପ୍ରାୟ ଆସନ୍ତି ନାହିଁ । ଜୁନିଅର ବା ଅଧସ୍ତନ ଶିକ୍ଷକମାନେ ନିଷ୍ପ୍ରାଣ ହୃଦୟରେ ଗୋଡକୁ ଆଗକୁ ପଛକୁ କରି କୌଣସିମତେ ସ୍କୁଲରେ ପହଞ୍ଚନ୍ତି । ଅଲୋଡା ଅଖୋଜା ପଡିଥିବା କନା (ପତାକା) ଖଣ୍ଡକୁ ବଙ୍କାଟଙ୍କା କୁହୁଣ୍ୟ ବାଉଁଶ ବା ଡାଙ୍ଗ ଖଣ୍ଡକରେ ଗେଞ୍ଜି ଦେଇ ବା ଅପରିଷ୍କୃତ ରଜ୍ଜୁଟିରେ ବାନ୍ଧିଦେଇ ସହଳ ସହଳ ଘର ମୁହାଁ ହୋଇ ପୋଷ୍ଟା ବାଟରେ ସେ ପଳାନ୍ତି । ମହାବିଦ୍ୟାଳୟମାନଙ୍କରେ ସୁରୁଚିସମ୍ପନ୍ନ ଜାତୀୟ ପତାକାର ସମବେତ ଅଭିବାଦନ ପାଇଁ ଆଦୌ ଧ୍ୟାନ ଦିଆଯାଏ ନାହିଁ । ଏ କାମଟି ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଉପରେ ନ୍ୟସ୍ତ କରାଇ ଗୋଲିଭାତରେ ସମସ୍ତେ ମାତିଥା'ନ୍ତି । ଏହି ପରିପ୍ରେକ୍ଷୀରେ ପତାକା ସାମାନ୍ୟ କନା ନୁହେଁ, ଏଥିରେ ଭାରତମାତାର ଜୀବନ ନ୍ୟାସ କରାଯାଇଛି । ପତାକା ଜନ୍ମଭୂମିର ଚଳନ୍ତି ପ୍ରତିମା । ତେଣୁ ଏହାକୁ ପବିତ୍ରୀକୃତ ଢଙ୍ଗରେ ଉତ୍ତୋଳନ କରିବା, ସନ୍ଧ୍ୟା ପୂର୍ବରୁ ନମିତକରଣ କରିନେବା, ନମିତକରଣ ଯାଏ ପତାକାକୁ ପଲି କରି ଜଗା ରଖା କରିବା କଥା ମନକୁ ଆସୁଛି କେଉଁଠି ? ଜାତୀୟ ପତାକାର ଗୁରୁ ଗୌରବ – ବିଶେଷତଃ ସ୍ୱାଧୀନତା ସଂଗ୍ରାମରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ସ୍କୁଲ କଲେଜରେ ପାଠ୍ୟ ତାଲିକାରେ ନାହିଁ । ଏ ଦିଗରେ ପାଠପଢାକୁ ନିୟନ୍ତ୍ରଣ କରୁଥିବା ବ୍ୟକ୍ତିମାନେ ଅଚେତନ

ସୁତରାଂ ଦେଶର ଭାବୀ ନାଗରିକଙ୍କପାଇଁରେ ଜାତୀୟ ପତାକା ସ୍ଥାନର ନିଶ୍ଚିତ ଭାବରେ ଅଭାବ ରହିବ । ଏଥିରେ ବିସ୍ମିତ ହେବାର କିଛି ନାହିଁ ।

## ଗାନ୍ଧିଜୀ ମୋହ ଭାଙ୍ଗିଲେ

୧୮୮୫–୧୯୨୦ ଦୀର୍ଘ ୩୫ ବର୍ଷ ଧରି ଜାତୀୟ କଂଗ୍ରେସ ବିଲାତର ପତାକା Union Jackକୁ ନିଜର କରି ନେଇଥିଲା । ମହାତ୍ମା ଗାନ୍ଧୀ ଏ ମୋହ ଭାଙ୍ଗିଲେ । ସ୍ୱାଧୀନତା ସଂଗ୍ରାମ ପାଇଁ ଜାତୀୟ ପତାକାର ଅପରିହାର୍ଯ୍ୟତା ନିଜେ ଅନୁଭବ କରି ଓ ସହଯୋଗୀମାନଙ୍କୁ ଅନୁପ୍ରାଣିତ କରାଇ କଂଗ୍ରେସ ପାଇଁ ଜାତୀୟ ପତାକାଟିଏ ବ୍ୟବସ୍ଥା କରାଇଲେ । ଶ୍ୱେତ, ସବୁଜ ଓ ନାଲି ରଙ୍ଗର ସମାନ ଆୟତନ ବିଶିଷ୍ଟ ତିନୋଟି କପଡା ଦଳକୁ ଦଳ ସିଲାଇ ହୋଇ ତ୍ରିରଙ୍ଗ ଜାତୀୟ ପତାକା ପ୍ରସ୍ତୁତ ହେଲା । ଜନସାଧାରଣଙ୍କ ଆଶା ଆକାଂକ୍ଷାର ପ୍ରତୀକ ରୂପେ ସ୍ୱାଧୀନତା ସଂଗ୍ରାମର ଅହିଂସକ ଆୟୁଧ ଚରଖାର ପୂର୍ଣ୍ଣାବୟବ ଛବି ପତାକାର ମଧ୍ୟ ଭାଗରେ ସ୍ଥାନ ଲାଭ କଲା । ସ୍ୱାଧୀନତା ଲିପ୍ସୁ କୋଟି କୋଟି ଭାରତୀୟଙ୍କ ପ୍ରାଣରେ ଏହି ପତାକା ଗଭୀର ଉନ୍ମାଦନା ସୃଷ୍ଟି କରୁଥିବାରୁ କଂଗ୍ରେସରୁ Union Jack ଆପେ ଆପେ ଅପସାରିତ ହୋଇଗଲା । ଏହି ପତାକା ପ୍ରସ୍ତୁତକରଣରେ ଅନ୍ତର୍ନିହିତ ତତ୍ତ୍ୱକୁ ବୁଝାଇବାକୁ ଯାଇ କୁହାଗଲା ଯେ–

"ଭାରତ ଏକ ବିଶାଳ ରାଷ୍ଟ୍ର । ଏଥିରେ ବହୁ ଧର୍ମ–ବର୍ଣ୍ଣ–ଗୋଷ୍ଠୀ ଓ ଭାଷାଭାଷୀ ଲୋକ ଅଛନ୍ତି । ଏକାତ୍ମତା ଭାବନାର ଉଦ୍ରେକ ପାଇଁ ସେମାନଙ୍କୁ ଜାତୀୟ ପତାକାରେ ନ୍ୟାୟ ସଙ୍ଗତ ସ୍ଥାନ ଦିଆଯାଇ ତିନୋଟି ଭାଗରେ ବାଣ୍ଟି ଦିଆଯାଇଛି– ହିନ୍ଦୁ, ମୁସଲମାନ ଓ ଅନ୍ୟାନ୍ୟ । ପ୍ରତ୍ୟେକ ଭାଗ ପାଇଁ ସ୍ୱତନ୍ତ୍ର କପଡାଟିଏ ରହିଛି । ସଂଖ୍ୟାଗରିଷ୍ଠ ହିନ୍ଦୁମାନଙ୍କୁ ପତାକାର ପ୍ରାନ୍ତ ଭାଗରେ, ମଧ୍ୟମ ସଂଖ୍ୟକ ମୁସଲମାନମାନଙ୍କୁ ମଧ୍ୟ ଭାଗରେ ଓ ଅନ୍ୟସବୁ ସଂଖ୍ୟାଲଘିଷ୍ଠମାନଙ୍କୁ ଆଦ୍ୟଭାଗରେ ସ୍ଥାନ ଦିଆଯାଇଛି । ସଂଖ୍ୟା ଦୃଷ୍ଟିରୁ ପ୍ରତ୍ୟେକ ଧର୍ମ ବା ଗୋଷ୍ଠୀ ଊଣା ଅଧିକ ଥିଲେ ହେଁ ସ୍ୱାଧୀନ ଭାରତରେ ସମସ୍ତଙ୍କର ସମାନ ନାଗରିକ ଅଧିକାର ରହିବ । ଏହି ବିଚାରରେ ପତାକାର ପ୍ରତ୍ୟେକ ଭାଗକୁ ଊଣା ଅଧିକ କରା ନ ଯାଇ ସମାନ ଆୟତନ କରାଯାଇଛି । ଆମେ ଭାରତବାସୀ । ଆମ ସମସ୍ତଙ୍କର ଗୋଟିଏ ମାଆ–ଭାରତ । ଆମେ ସମସ୍ତେ ଭାଇଭଉଣୀ । ଆମ ଭିତରେ ପର ଆପଣା ଭେଦ ନାହିଁ । ବିଦେଶୀ ଶାସନର ଭେଦନୀତି ପାଖରେ ଆମେ ମୁଣ୍ଡ ନୁଆଁଇବୁ ନାହିଁ । ଏହି ଜାତୀୟ ସଂହତି ଓ ଏକାତ୍ମତା ଭାବନାର ପ୍ରମାଣ ସ୍ୱରୂପ ପତାକାର ପ୍ରତ୍ୟେକ କପଡାକୁ ପରସ୍ପର ସିଲାଇ କରାଯାଇଛି । ସଂଖ୍ୟାଗରିଷ୍ଠ ଗୋଷ୍ଠୀ ସଂଖ୍ୟାଲଘିଷ୍ଠମାନଙ୍କର ସୁରକ୍ଷା ଦାୟିତ୍ୱ ନ୍ୟାୟତଃ ନେବେ । ବଡ ସଂଖ୍ୟାର ସ୍ଥାନ ପଛେ ଓ ସାନ ସଂଖ୍ୟାର ସ୍ଥାନ ଆଗେ–ଏହା ଗାଣିତିକ ସିଦ୍ଧାନ୍ତ । ଶିଶୁକୁ ସଂଖ୍ୟାଲିଖନ ଶିକ୍ଷା ଦେଲାବେଳେ ୧,୨,୩,୪........ ସାନରୁ ବଡ କ୍ରମରେ ଶିକ୍ଷା ଦିଆଯାଇଥାଏ । ତେଣୁ ଗରିଷ୍ଠତମ ଗୋଷ୍ଠୀକୁ ପତାକାର ନିମ୍ନଭାଗରେ, ମଧ୍ୟମ ଗୋଷ୍ଠୀକୁ ମଧ୍ୟଭାଗରେ ଓ ଲଘିଷ୍ଠ ଗୋଷ୍ଠୀମାନଙ୍କୁ ଆଦ୍ୟ ଭାଗରେ ସ୍ଥାନ ଦିଆଯାଇଛି ।

## ସରକାରୀ ଷଡଯନ୍ତ୍ର

ଅବିବାଦୀୟ ସିଦ୍ଧାନ୍ତ ଉପରେ ପ୍ରତିଷ୍ଠିତ ଏହି ତ୍ରିରଙ୍ଗ ଜାତୀୟ ପତାକା ସ୍ୱାଧୀନତାଲିପ୍ସୁ କୋଟିକୋଟି ଭାରତବାସୀଙ୍କ ପ୍ରାଣରେ ବିପୁଳ ଜାତୀୟ ଜାଗରଣ ସୃଷ୍ଟି କରିବା ଦେଖି ଇଂରେଜ ସରକାର ପ୍ରମାଦ ଗଣିଲେ । ସେମାନଙ୍କର ହୀନ ଚକ୍ରାନ୍ତରେ ଭାଳିଯାଇ ପଞ୍ଜାବର ଶିଖ ସମାଜ ଦାବୀ କଲେ ଯେ ଜାତୀୟ ପତାକାରେ ସେମାନଙ୍କ ପାଇଁ ଅଧିକା ସ୍ଥାନ ଟିକେ ଦିଆଯାଉ । ସ୍ଥାନେ ସ୍ଥାନେ ତ୍ରିରଙ୍ଗ ପତାକାରେ କଳା ରଙ୍ଗର କପଡାଟିଏ ଅଧିକ ଯୋଡି ସେମାନେ ଚାରିରଙ୍ଗିଆ ପତାକା ଉଡାଇଲେ ।

## ଶିଖ–ହିନ୍ଦୁ ଏକ, ଅଭିନ୍ନ

ଏ ପ୍ରକାର ଅସଙ୍ଗତ ଦାବୀ ଜାତୀୟ ସଂହତିର ପରିପନ୍ଥୀ ବିଚାରି ମହାତ୍ମା ଗାନ୍ଧୀ ଶିଖ ସମାଜକୁ ଦୃଢ ଚେତାବନୀ ଦେଇ କହିଲେ ଯେ–

ଶିଖମାନେ ବିରାଟ ହିନ୍ଦୁ ସମାଜରୁ ଭିନ୍ନ ନୁହନ୍ତି । ତେଣୁ ସେମାନେ କୁଚକ୍ରୀମାନଙ୍କର ପାଲରେ ପଡି ଜାତୀୟ ସଂହତିର ବିରୁଦ୍ଧରେ ଗଲେ ସେମାନଙ୍କର ସ୍ଥିତି ନିଶ୍ଚିତ ଭାବରେ ଦୋହଲି ଯିବ । ବାପୁଜୀଙ୍କର ଦୃଢ ଚେତାବନୀ ଫଳରେ ଶିଖମାନଙ୍କର ବିଚ୍ଛିନ୍ନତାବାଦ କ୍ଷଣକାଳ ପାଇଁ ଦବିଗଲା । ପୁଣି ୧୯୩୧ କରାଚୀ କଂଗ୍ରେସରେ ଶିଖମାନଙ୍କ ଆଡୁ ସେହି ଦାବୀ ଉତ୍‌ଥାପିତ ହେବାରୁ ଜାତୀୟ ପତାକାକୁ ଜାତୀୟ ଅସଂହତି ରୂପ ବିଭ୍ରାଟରୁ ସବୁବେଳ ପାଇଁ ମୁକ୍ତ ରଖିବାକୁ ପତାକାରୁ ଜାତି ଓ ଧର୍ମଗତ ଅର୍ଥ ଅର୍ଥାନ୍ତର ସମ୍ପୂର୍ଣ୍ଣ ଉଠାଇ ନିଆଗଲା ।

## ଗୁଣାତ୍ମକ ଭାବନା

ପତାକାର ବର୍ଣ୍ଣ ଯୋଜନାରେ ସମ୍ୟକ ପରିବର୍ତ୍ତନ କରାଯାଉ । ଆଦ୍ୟଭାଗରେ କେଶରୀ, ମଧ୍ୟଭାଗରେ ଶ୍ୱେତ ଓ ନିମ୍ନଭାଗରେ ସବୁଜ ରଖାଗଲା । କେଶରୀ–ସାହସ ଓ ତ୍ୟାଗ, ଶ୍ୱେତ–ସତ୍ୟ, ଶାନ୍ତି ଓ ପବିତ୍ରତା, ସବୁଜ–ବୀରତ୍ୱ, ବିଶ୍ୱାସ, ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ହୋଇ ରହିଲା । ଚରଖାର ସ୍ଥିତି ଅପରିବର୍ତ୍ତିତ ରଖାଗଲା । ୧୯୩୧ ଅଗଷ୍ଟ ୩୦ ତାରିଖରୁ ଏହି ଗୁଣାତ୍ମକ ପତାକାର ପ୍ରଚଳନ ସ୍ୱାଧୀନତା ସଂଗ୍ରାମକୁ ଅଭିମନ୍ତ୍ରିତ କରାଇବାକୁ ଲାଗିଲା । ଆମେ ଏହି ପତାକାକୁ ହାତରେ ଧରି ତାହାରି ଟେକ ରଖିବା ପାଇଁ ନାନା ନିର୍ଯ୍ୟାତନା ସହି ଦୀର୍ଘ ଦୁଇଶତ ବର୍ଷର ପରାଧୀନତା ପାଶରୁ ଆମ ମାତୃଭୂମିକୁ ମୁକ୍ତ କଲୁଁ ।

## ରାଷ୍ଟ୍ରୀୟ ନିଶାଣ

ସ୍ୱାଧୀନ ଭାରତର ଶାସନବିଧାନ ପ୍ରଣୟନ ପାଇଁ ଗଠିତ ଆମ ସମ୍ବିଧାନ ପରିଷଦ ୧୯୪୭ ଜୁଲାଇ ୨୨ ତାରିଖରେ ସେହି କେଶରୀ, ଶ୍ୱେତ ଓ ସବୁଜ ପତାକାରେ ଚରଖାର ପ୍ରତୀକ ରୂପେ କେବଳ ଚକ୍ରଟିକୁ ରଖି ଓ ସେହି ଚକ୍ରକୁ ଅଶୋକଚକ୍ର ରୂପେ ପ୍ରଦାନ କରି ତାହାକୁ ସ୍ୱାଧୀନ ଭାରତର ରାଷ୍ଟ୍ରୀୟ ନିଶାଣ ରୂପେ ଗ୍ରହଣ କରିନେଲେ ।

## କଠୋର ଶପଥ

ଏହିପରି ଭାବରେ ଆମ ତ୍ରିରଙ୍ଗ ଜାତୀୟ ପତାକା ଜାତୀୟ ସଂହତି, ଏକାତ୍ମତାବୋଧ, ସମାନ ନାଗରିକ ଅଧିକାର ଓ ମାନବୀୟ ସଦ୍‌ଗୁଣରାଜିର ନୀରବ ପ୍ରତୀକ ହୋଇ ଆସିଛି ।

ଜାତୀୟ ପତାକାକୁ ଅଭିବାଦନ ଜଣାଇବା ଅବସରରେ ଆମ ପିଲାଙ୍କ ମୁଖରେ ଝଙ୍କୃତ ହୋଇଉଠେ ସ୍ୱାଧୀନତା ସଂଗ୍ରାମ ବେଳର ସେହି ଝଣ୍ଡା ଉଦ୍‌ବୋଧନ–

"ଶାନ୍ ନ ଇସ୍‌କା ଜାନେ ପାୟେ
ଚାହେ ଜାନ୍ ଭଲେ ହୀ ଜାୟେ
ବିଶ୍ୱ ମୁକ୍ତ କରକେ ଦିଖଲାୟେ
ତବ୍ ହୋବେ ପ୍ରଣ୍ ପୂର୍ଣ୍ଣ ହମାରା
ଝଣ୍ଡା ଉଁଚା ରହେ ହମାରା ।"

ଏହି କଥାରେ ଶପଥର ଅର୍ଥ ଅର୍ନ୍ତରର ପିଲା ବା ଶିକ୍ଷକ ବୁଝନ୍ତୁ ବା ନ ବୁଝନ୍ତୁ ଏହାହିଁ ଜାତୀୟ ପତାକା ପ୍ରତି ଆମର ଯଥାର୍ଥ ଆନୁଗତ୍ୟ । ଜାତୀୟ ପତାକାର ଟେକ ରଖିବା ପାଇଁ ପତାକା-ବେଦୀରେ ଗୃହୀତ ଶପଥ । ଜାତୀୟ ପତାକା ଯେଉଁ ସବୁ ସଦ୍‌ଗୁଣର ପ୍ରତୀକ ଆମେ ଭାରତବାସୀ ନିଜ ଜୀବନରେ ସେସବୁକୁ ଅନୁସରଣ କରି ଏପରିକି ଆବଶ୍ୟକ ହେଲେ ତାହାରି ପାଇଁ ପ୍ରାଣ-ବିସର୍ଜନ କଲେ ବିଶ୍ୱ-ଦରବାରରେ ଆମର ଟେକ ବଜାୟ ରହିବ । ତାହା ହିଁ ହେବ ଜାତୀୟ ପତାକା ପ୍ରତି ଆମର ଯଥାର୍ଥ ସମ୍ମାନ ।

ମୃତ୍ୟୁଞ୍ଜୟୀ ଜାତୀୟ ପତାକାର ଟେକ ରଖିବା ପାଇଁ ଆତ୍ମବଳୀ ଦେଲେ । ଇନ୍ଦିରା ଗାନ୍ଧୀଙ୍କ ଜୀବନ ଓ ଜୀବନାବସାନ ଠିକ୍ ସେହି ଆଦର୍ଶର ପ୍ରତିପାଳନକୁ ହିଁ ଘୋଷଣା କରୁଛି ।

## ଯୁଗେ ଯୁଗେ ଜାତୀୟ ସଂହତି

ଯୁଗେ ଯୁଗେ ଯୁଗ ପୁରୁଷମାନେ ଜାତୀୟ ସଂହତି ଓ ଏକାତ୍ମତାର ଭାବନା ପ୍ରଚାର କରି ଆସିଛନ୍ତି । ଗୁରୁ ନାନକ କହନ୍ତି– "ପରମେଶ୍ୱରଙ୍କ ରାଜ୍ୟରେ ଗୋଟିଏ ଜାତି କାଳକାଳ ଧରି ରହି ଆସିଛି । ତାହା ହେଉଛି ମାନବ ଜାତି । ଈଶ୍ୱର କାହାରିକୁ ନିଜର ବଂଶ ବା ଗୋତ୍ର ପଚାରନ୍ତି ନାହିଁ । ପଚାରନ୍ତି କି ସତ୍‌କର୍ମ କରି ଏ ସଂସାରକୁ ଆସିଛୁ ।"

ବାହାଉଲ୍ଲା କହନ୍ତି– "ଅସାର ବିଷୟଗୁଡ଼ିକରେ ହିଁ ପାର୍ଥକ୍ୟ ଥାଏ । ଜରଥୁଷ୍ଟ୍ର କହନ୍ତି– "ସମସ୍ତେ ଏକ ଈଶ୍ୱରଙ୍କ ସନ୍ତାନ । ସମସ୍ତେ ଆମର ଆତ୍ମ ସ୍ୱରୂପ ।"

ଶ୍ରୀ ଅରବିନ୍ଦ କହନ୍ତି– "ଯାହା ସମସ୍ତ ମାନବ ଜାତିକୁ ଏକାତ୍ମ କରେ ତାହା ହିଁ ସନାତନ ଧର୍ମ । ସେଥିରେ ସବୁ ଧର୍ମ ଓ ବିଜ୍ଞାନର ସମନ୍ୱୟ ଅଛି ।"

ସ୍ୱାମୀ ବିବେକାନନ୍ଦ କହନ୍ତି– "ସାହସ ଅବଲମ୍ବନ କରି ଭାରତବର୍ଷରେ କହ– ମୂର୍ଖ ଭାରତବାସୀ, ଦରିଦ୍ର ଭାରତବାସୀ, ବ୍ରାହ୍ମଣ ଭାରତବାସୀ, ଚଣ୍ଡାଳ ଭାରତବାସୀ, ସମସ୍ତେ ମୋର ଭାଇ, ଭାରତର ମୃତ୍ତିକା ମୋର ସ୍ୱର୍ଗ, ଭାରତର କଲ୍ୟାଣରେ ହିଁ ମୋର କଲ୍ୟାଣ ।"

ଭଗିନୀ ନିବେଦିତା କହନ୍ତି– "ପ୍ରତ୍ୟେକ ଭାରତବାସୀ ଦିନକୁ ମାତ୍ର ଦଶ ମିନିଟ ଭାବନ୍ତି ଯେ ଆମେ ଏକ ଓ ଅଭିନ୍ନ । ଯେ କୌଣସି ପରିସ୍ଥିତି ଆସୁ ନା କାହିଁକି ଏହି ଏକାତ୍ମତା ଆମେ ଛାଡ଼ିବୁ ନାହିଁ ।"

ପଣ୍ଡିତ ଗୋପବନ୍ଧୁ କହନ୍ତି–

"ହିନ୍ଦୁ ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିୟାନ,
ଶିଖ, ଜୈନ ଯେତେ ଭାରତ ସନ୍ତାନ ।
ଏକ ଆଶା ଏକ ଲକ୍ଷ୍ୟ ଏକ ଧ୍ୟାନ,
ଏକତ୍ର ଅନ୍ନୁତି, ଏକତ୍ର ଶ୍ମଶାନ ।
ଏକ କର୍ମ ଖେଳ ଏକ ମାତୃପଦେ,
କର ଏକ ପ୍ରାଣ ସମ୍ପଦେ ବିପଦେ ।"

ମହାତ୍ମା ଗାନ୍ଧୀ କହନ୍ତି– "ମୁଁ ଜଣେ ହିନ୍ଦୁ, ତୁମେ ଜଣେ ମୁସଲମାନ, ମୁ ଜଣେ ଗୁଜୁରାଟି, ତୁମେ ଜଣେ ମାନ୍ଦ୍ରାଜୀ, ଏକଥା ମନରୁ ଏକାବେଳକେ ପୋଛି ଦିଅ । ଆତ୍ମ ପର ଭେଦ ଭୁଲି ଚାଲ ଭାରତର ଜାତୀୟତା ଭିତରେ ନିଜକୁ ବୁଡାଇ ଦେବା ।"

ଭଗବାନ ଶ୍ରୀ ସତ୍ୟସାଇ ବାବା କହନ୍ତି– "ପାରସ୍ପରିକ ବିଦ୍ୱେଷ ପରିହାରପୂର୍ବକ ସଂହତି ଓ ସଦ୍‌ଭାବ ପ୍ରତିଷ୍ଠା ହିଁ ଧର୍ମର ଲକ୍ଷ୍ୟ ।"

ପରିଶେଷରେ ଇନ୍ଦିରା ଗାନ୍ଧୀ ୩୦.୧୦.୮୪ ତାରିଖରେ ଭୁବନେଶ୍ୱରଠାରେ ତାଙ୍କର ସର୍ବଶେଷ ଉଦ୍‌ବୋଧନରେ କହିଛନ୍ତି–

"ମୁଁ ଦୀର୍ଘ ଜୀବନ ଚାହେଁ ନାହିଁ । ମୋର ଗୌରବ ଯେ ଦେଶ ସେବାରେ ହିଁ ମୁଁ ଜୀବନ ବିତାଇଛି । ଦେଶ ଓ ଜାତିର ସେବା ଲାଗି ମୋତେ ଯଦି ମରିବାକୁ ହୁଏ ତେବେ ମୋର ପ୍ରତ୍ୟେକ ରକ୍ତବିନ୍ଦୁ ଜାତିକୁ ସମୃଦ୍ଧ, ଶକ୍ତ ଓ ପ୍ରଗତିଶୀଳ କରି ଗଢି ତୋଳିବ ।"

ଚୀନ ଭାରତ ଆକ୍ରମଣ କଲାବେଳୁଁ ଜାତୀୟ ସଂହତି ରକ୍ଷା ପାଇଁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ବାସରକୁ ଆମେ ଜାତୀୟ ସଂହତି ଦିବସ ରୂପେ ପ୍ରତିପାଳନ କରି ଶପଥପତ୍ରରେ ସ୍ୱାକ୍ଷର ଦେଇ ଆସୁଥିଲୁଁ । ସ୍ୱର୍ଗତ ସନ୍ଥ ବିନୋବା ଏହାକୁ ଦେଶମାତୃକା ପ୍ରତି ଦାୟିତ୍ୱବୋଧ ରୂପେ ଅଭିହିତ କରାଉଥିଲେ । ଘଟଣାକ୍ରମେ ଏହା ବନ୍ଦ ହୋଇଗଲା । ଏବେ ଇନ୍ଦିରାଜୀଙ୍କ ଆତ୍ମବଳୀଦାନ ଏକାତ୍ମତାର ଭାବନା ପୁଣି ଜାଗ୍ରତ କରାଉଛି । ତେବେ ଜାତୀୟ ସଂହତି କେବଳ ପ୍ରଚାର ସପ୍ତାହ ବା ଶପଥପତ୍ର ସ୍ୱାକ୍ଷରରେ ସୀମିତ ହୋଇ ନପାରୁ । ଦୈନନ୍ଦିନ ଜୀବନର ପ୍ରତ୍ୟେକ ଛତ୍ରରେ ଏକାତ୍ମତା ପ୍ରକାଶ କରି ଭାରତବାସୀ ଜାତୀୟ ପତାକାର ଟେକ ରଖନ୍ତୁ । ଯୁଗପୁରୁଷମାନଙ୍କର ଏହାହିଁ ଆହ୍ୱାନ ।

ମାର୍କଣ୍ଡସାହୀ,
ଯମୁନା ରୋଡ, ପୁରୀ ।

# ଭାରତବର୍ଷ

ଶ୍ରୀ ଭାନୁଜୀ ରାଓ

[୧୯୮୯ ମସିହା ଲାଗି କେନ୍ଦ୍ର ସାହିତ୍ୟ ଆକାଦେମୀ ପୁରସ୍କାର ଦିଆଗଲା କବି ଭାନୁଜୀ ରାଓଙ୍କୁ । ସେ ୧୯୨୬ ମସିହା ନଭେମ୍ବର ୩ ତାରିଖରେ କଟକ ସହରରେ ଜନ୍ମଗ୍ରହଣ କରିଥିଲେ । ଭକ୍ତ କବି ମଧୁସୂଦନଙ୍କ ପୁତ୍ର ସ୍ୱର୍ଗୀୟ ପ୍ରଶାନ୍ତ ରାଓଙ୍କର ସେ କନିଷ୍ଠ ସନ୍ତାନ । ବୃତ୍ତିଗତ ଜୀବନର ଆରମ୍ଭ ତାଙ୍କର ସାମ୍ବାଦିକତାରେ । ସେ ମସୌରୀସ୍ଥିତ ଲାଲ୍‌ବାହାଦୁର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଆକାଦେମୀରେ ଦୀର୍ଘ ଦିନ ଧରି ଓଡ଼ିଆ ଏବଂ ବଙ୍ଗଳା ଭାଷାର ଶିକ୍ଷକ ରୂପେ କାର୍ଯ୍ୟ କରିଛନ୍ତି ।]

ତୁମେ ଅଛ ଦେହ ମନ, ଶୋଣିତର ଉତ୍ତପ୍ତ ଧାରାରେ,
ନିଶ୍ୱାସ–ପ୍ରଶ୍ୱାସ, ଚିନ୍ତା, ମନନର ଅବ୍ୟକ୍ତ ଦ୍ୱିଧା,
ସବୁକୁ ଆଛନ୍ନ କରି ଅପ୍ରମେୟ ଆସକ୍ତିର ପରି
ତୁମେ ମୋର ଜାଗରଣ, ସ୍ୱପ୍ନ ପୁଣି ଜୀବନର ସୁଧା ।

ତୁମରି ପବନ–ପାଣି ଗଢ଼ିଅଛି ଏ ପରାଣ ମୋର,
ତୁମରି ମାଟିର ସ୍ତନ୍ୟ ପାନ କରି ହୋଇଅଛି ବଡ଼,
କେମିତି ଶୁଝିବି ତୁମ ନଦୀ, ଗିରି, ଆକାଶର ଋଣ ?
ତୁମେ ନାହିଁ ମୋ ନିକଟେ ଭାବୁ ଭାବୁ ପାଲଟିବି ଜଡ଼ ।

ତୁମରି ମାଟିର କୋଳେ ଆମେ ଖେଳୁ ଯେତେ ଯେଉଁଠାରେ,
କାଶଫୁଲ, ମେଘ ଦେଖୁ ଆକାଶରେ ବଳାକାର ଗତି,
ନିଛାଟିଆ ନଈ ପଠା, ଫେନ ଶୁଭ୍ର ସାଗର ମେଖଳା,
ଝଡ଼ର ଦୁନ୍ଦୁଭି ଶୁଣି ଅସ୍ଥିର ମଦୀର ନୂଏ ମତି ।

ତୁମେ ମୋର ପାପ–ପୁଣ୍ୟ, ଜନ୍ମ, ପୁଣି ମୃତ୍ୟୁର ପରିଖା,
କେଉଁଠି ବିଦେଶେ ଗଲେ ଓଟାରି ଧରିଛ ମୋର ନାଡ଼ି,
ଆଶ୍ଚର୍ଯ୍ୟ ଗଛଲତା, ଏ ମାଟିର ଅଦ୍ଭୁତ ଘ୍ରାଣ,
ନପାରେ ରହି ମୁଁ ସେଠି ଦଣ୍ଡେ ହେଲେ ଏ ସବୁକୁ ଛାଡ଼ି ।

ଗ୍ରୀଷ୍ମର ନିଦାଘ ଆଉ ବର୍ଷାର ନିବିଡ଼ କାରୁଣ୍ୟ,
ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା ସବୁ ଅଛ ଶରୀରରେ ଧରି,
ତୁମେ ମୋର ପିତା–ମାତା, ସ୍ୱର୍ଗ–ମର୍ତ୍ତ୍ୟ ପ୍ରିୟାର ପ୍ରତୀତି,
ମୋ ଆଖି ଉହାଡ଼ ହେବ କେତେ ଉଚ୍ଚା ମୃତ୍ୟୁର ପାଚିରୀ ?

# ଗାନ୍ଧିଜୀଙ୍କ ଦୃଷ୍ଟିରେ ସାମାଜିକ ସପ୍ତାପରାଧ ଓ ସେଗୁଡ଼ିକର ନିରାକରଣ

ଶ୍ରୀ ଜୟକୃଷ୍ଣ ସାହୁ

## ସମାଜ ଓ ସାମାଜିକ ଅପରାଧ :

ସମାଜ ଏକ ଜୀବନ୍ତ ସଂସ୍ଥା । କେଉଁ ଅବିସ୍ମରଣୀୟ ଅତୀତରେ ଏହାର ସୃଷ୍ଟି । ନାନା ଉତ୍‌ଥାନ ଓ ପତନ ତଥା ବିକାଶ ଓ ବିପର୍ଯ୍ୟୟ ମଧ୍ୟରେ ଏହା ଅଦ୍ୟାବଧି ଗତିଶୀଳ । ଏହାର ଅଧିବାସୀ ନରନାରୀମାନେ 'ସାମାଜିକ ଜୀବ' ନାମରେ ବିଦିତ । ସେମାନଙ୍କର ସଦ୍‌ଗୁଣ ଓ ସଦାଚାରରେ ସମାଜର ବିକାଶ । ପକ୍ଷାନ୍ତରେ ଦୁର୍ଗୁଣ ଓ ଅନାଚାରରେ ଏହାର ବିପର୍ଯ୍ୟୟ । ସମାଜର ଅଧିବାସୀ ଅପରାଧ-ପ୍ରବଣ ହେଲେ ସମାଜର ସମୂଳ ବିପର୍ଯ୍ୟୟ ସଂଘଟିତ ହୋଇଥାଏ ।

ଆଧ୍ୟାତ୍ମିକ ଭୂମି ଭାରତ ସ୍ୱଭାବତଃ ଶୁଦ୍ଧ ଓ ସଦାଚାର ଯୁକ୍ତ । ଦୁର୍ଭାଗ୍ୟବଶତଃ ସୁଦୀର୍ଘ ବ୍ରିଟିଶ ପରାଧୀନତା ଏହାକୁ ଅପରାଧ-ପ୍ରବଣ କରିଦେଲା । ସୌଭାଗ୍ୟକୁ ଯୁଗପୁରୁଷ ମହାତ୍ମା ଗାନ୍ଧୀ ସତ୍ୟ ଓ ଅହିଂସା-ଭିତ୍ତିକ ଆନ୍ଦୋଳନ ବଳରେ ଭାରତୀୟ ସମାଜକୁ ଉଦ୍ଧାର କଲେ ।

ଅପରାଧ ବହୁବିଧ । ପ୍ରାଚୀନ 'ପଦ୍ମପୁରାଣ'ର 'ପାତାଳ-ଖଣ୍ଡ'ରେ ତ୍ରିଂଶ ଅପରାଧର ଉଲ୍ଲେଖ ରହିଛି । ଅବଶ୍ୟ ତତ୍କାଳୀନ ସାମାଜିକ ପରିବେଶ ଦୃଷ୍ଟିରୁ ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଆଧ୍ୟାତ୍ମିକ ଅପରାଧ । ତଥାପି ସାମାଜିକ ଅପରାଧର ସଂଖ୍ୟା ନଗଣ୍ୟ ନୁହେଁ । ସେହି ଅପରାଧ-ପର୍ଯ୍ୟାୟରେ ମିଥ୍ୟା ଭାଷଣ, କଳୁଷ (ପାପ) ଆଚରଣ, ପରନିନ୍ଦା, ପରସ୍ତୁତି, ଗୁରୁଜନଙ୍କ ପ୍ରତି ମୌନ-ଅବଲମ୍ବନ, ନିରସ ସ୍ତୁତିପାଠ ଓ ଦେବନିନ୍ଦା ଆଦି ସାମାଜିକ ଅପରାଧ ଅନ୍ତର୍ଭୁକ୍ତ ।

ମାତ୍ର ମହାତ୍ମା ଗାନ୍ଧୀ ଆଧୁନିକ ପରିପ୍ରେକ୍ଷୀରେ ଅତ୍ୟନ୍ତ ସୁଚିନ୍ତିତ ଭାବରେ ସାତଟି ଅପରାଧରେ ସମସ୍ତ ଅପରାଧକୁ ଅନ୍ତର୍ଭୁକ୍ତ କରିଛନ୍ତି । ସେଗୁଡ଼ିକର ନିରାକରଣ ନିମନ୍ତେ ସେ ଉପଚାରମୂଳକ ପଦକ୍ଷେପ ମଧ୍ୟ ନେଇଛନ୍ତି । ସାଧାରଣତଃ ଉପଚାରମୂଳକ ବା ଉପଶମମୂଳକ କାର୍ଯ୍ୟକ୍ରମ ବା ଉପଦେଶ ନାସ୍ତିବାଚକ ତଥା ନିବାରଣାତ୍ମକ ନ ହେବା ଉଚିତ । ସତ୍ୟ କହ ଓ ମିଥ୍ୟା କହ ନାହିଁ — ଉପଦେଶଦ୍ୱୟ ଏକାର୍ଥବୋଧକ । ମାତ୍ର 'ସତ୍ୟକହ' ଉପଦେଶ ନିବାରଣାତ୍ମକ ନ ହୋଇଥିବାରୁ ଯଥାର୍ଥ । ପକ୍ଷାନ୍ତରେ 'ମିଥ୍ୟା କହ ନାହିଁ' ଉପଦେଶ ମିଥ୍ୟା ନିବାରଣା ପାଇଁ ଉଦ୍ଦିଷ୍ଟ ହେଲେ ମଧ୍ୟ, କୌତୂହଳବଶତଃ ଉପଦେଶ ଗ୍ରହୀତା ମିଥ୍ୟା ପ୍ରତି ଆକୃଷ୍ଟ ହେବାର ଆଶଙ୍କା ଥାଏ । ସମ୍ପ୍ରତି ସମାଜ ଅପରାଧରେ ଭାରାକ୍ରାନ୍ତ ଏବଂ ଅପରାଧ-ପ୍ରବଣ । ଏହି ପରିପ୍ରେକ୍ଷୀରେ ଅପରାଧ-ନିରାକରଣ ପାଇଁ ନିବାରଣାତ୍ମକ ପନ୍ଥା ଅନୁସୃତ ହୋଇଅଛି । ସେହି ପରିପ୍ରେକ୍ଷୀରେ ଅପରାଧଗୁଡ଼ିକର ନାମକରଣ ମଧ୍ୟ କରାଯାଇଛି । ସେଗୁଡ଼ିକ ହେଲା— ତତ୍ତ୍ୱବିହୀନ ରାଜନୀତି, ଶ୍ରମବିହୀନ ସମ୍ପତ୍ତି, ନୈତିକତାବିହୀନ ବାଣିଜ୍ୟ, ଶୀଳବିହୀନ ଶିକ୍ଷା, ବିବେକବିହୀନ ଆମୋଦ, ମାନବିକତାବିହୀନ ବିଜ୍ଞାନ ଓ ତ୍ୟାଗବିହୀନ ପୂଜା ।

## ତତ୍ତ୍ୱବିହୀନ ରାଜନୀତି (Politics without principle) :

ରାଜପଥ,ଶ୍ରେଷ୍ଠପଥ ଏବଂ ରାଜହଂସ, ଶ୍ରେଷ୍ଠହଂସ ରୂପେ ବିବେଚିତ ହେଲା ପରି ରାଜନୀତି, ଶ୍ରେଷ୍ଠନୀତି ଭାବରେ ବିବେଚିତ ହେବା ସ୍ୱାଭାବିକ । ଭାରତୀୟ ରାଜନୀତି ଏହି ପରିପ୍ରେକ୍ଷୀରେ ମହନୀୟ ବିବେଚିତ ହେଉଥିଲା । ରାମରାଜ୍ୟକାଳୀନ ରାଜନୀତି ଏହାର ସର୍ବୋତ୍କୃଷ୍ଟ ଦୃଷ୍ଟାନ୍ତ । ଉକ୍ତ ରାଜନୀତି ସର୍ବତୋଭାବେ ପ୍ରଜାମଙ୍ଗଳ ପାଇଁ ଉଦ୍ଦିଷ୍ଟ ଥିଲା ।

ସାମ୍ପ୍ରତିକ ବିଶ୍ୱ-ରାଜନୀତିର ନିର୍ଯ୍ୟାସ ରୂପେ ପ୍ରାୟ ସର୍ବତ୍ର ଗଣତନ୍ତ୍ର ପ୍ରକାଶମାନ । ଏହା ସାଧାରଣତଃ ବୈଧାନିକ ଗଣତନ୍ତ୍ର । ଶାସନର ଶ୍ରେଷ୍ଠ ମାଧ୍ୟମ ରୂପେ ଏହା ସ୍ୱୀକୃତ, ତଥାପି ଏହା ସମାଜର ସର୍ବାଙ୍ଗୀନ ବିକାଶ-ସାଧନରେ ସଫଳ ହୋଇ ପାରିନାହିଁ । ଏହା ତତ୍ତ୍ୱବିହୀନ ରାଜନୀତି ଉପରେ ଆଧାରିତ ହୋଇଥିବାରୁ ଏପରି ବିପର୍ଯ୍ୟୟ ଦେଖାଯାଉଛି । ସଂକୀର୍ଣ୍ଣତା ଓ

ସ୍ୱାର୍ଥ ରାଜନୀତିକୁ ଭ୍ରଷ୍ଟ ଏବଂ ଗଣତନ୍ତ୍ର ଶାସନକୁ ସ୍ୱାର୍ଥ ଦୁଷ୍ଟ କରିଛି । ଦକ୍ଷିଣ-ଆଫ୍ରିକାରେ କୃଷ୍ଣକାୟ ନାଗରିକମାନଙ୍କୁ ମତଦାନ ଅଧିକାରରୁ ବଞ୍ଚିତ ରଖାଯାଇ ଶାସନ ବ୍ୟବସ୍ଥାରେ ସାମିଲ୍ କରାଯାଇ ନାହିଁ । ସେଠାରେ ଶ୍ୱେତାଙ୍ଗମାନଙ୍କର ଏକଛତ୍ର ଶାସନ ଚାଲିଛି । ଅନଗ୍ରସର ଦେଶମାନଙ୍କରେ ଗଣତନ୍ତ୍ର ଶାସନର ଯଥାର୍ଥ ମୂଲ୍ୟବୋଧ ସୃଷ୍ଟି ହୋଇନାହିଁ । ବହୁଦଳୀୟ ନିର୍ବାଚନ ଫଳରେ ସେଗୁଡ଼ିକର ଶାସନରେ ଅସ୍ଥିରତା ସୃଷ୍ଟି ହେଉଛି । ବୈଧାନିକ ଗଣତନ୍ତ୍ର ତତ୍ତ୍ୱସମନ୍ୱିତ ହୋଇପାରୁ ନଥିବାରୁ ଏପରି ବିପର୍ଯ୍ୟୟ ସଂଘଟିତ ହେଉଛି । ତତ୍ତ୍ୱ ଆଧାରିତ ରାଜନୀତି କେବଳ ଏଥିରେ ସମାଧାନ ଆଣିବାକୁ ସମର୍ଥ ହୋଇପାରିବ । ଗାନ୍ଧିଜୀଙ୍କ ପରିକଳ୍ପିତ ରାଜନୀତି ଯଥାର୍ଥରେ ତତ୍ତ୍ୱ ଆଧାରିତ । ତତ୍ତ୍ୱ ବା ଧର୍ମ ରହିତ ରାଜନୀତିକୁ 'ମୃତ୍ୟୁପାଶ' ବୋଲି ଗାନ୍ଧିଜୀ ଅଭିହିତ କରିଛନ୍ତି । ଏହା ଆତ୍ମାକୁ ହତ୍ୟା କରିଥାଏ । (Politics bereft of religion are a 'death-trap', because they kill the soul. 'Mahatma Gandhi' - Edited by S. Radhakrishnan) ପୁନଶ୍ଚ ତଥାକଥିତ ରାଜନୀତି-ସଚେତନ ଧର୍ମପ୍ରେମୀଙ୍କୁ ସେ ଆକ୍ଷେପ କରିବାକୁ ଛାଡିନାହାନ୍ତି । ସେ କହିଛନ୍ତି, "ମୁଁ ଦେଖିଥିବା ଅଧିକାଂଶ ତଥାକଥିତ ଧାର୍ମିକ, ଛଦ୍ମବେଶୀ ରାଜନୀତିଜ୍ଞ ସାଜିଥାନ୍ତି ।

ଗାନ୍ଧିଜୀଙ୍କ ବିଚାରରେ ରାଜନୀତି ଛଳନା ରହିତ ଏବଂ ତତ୍ତ୍ୱ ବା ଧର୍ମ ଆଧାରିତ । ତାଙ୍କ ମତରେ ଗଣତନ୍ତ୍ର ହେଉଛି, ଆଧ୍ୟାତ୍ମିକ ଗଣତନ୍ତ୍ର । ଏହି ଗଣତନ୍ତ୍ରରେ ନାଗରିକମାନେ ସାଧୁ ଓ ଦାୟିତ୍ୱ-ସଚେତନ ହୋଇଥାନ୍ତି । ତେଣୁ ଉକ୍ତ ଶାସନ ସ୍ୱତଃ ସ୍ଫୁର୍ତ୍ତ ଓ ସ୍ୱୟଂଚାଳିତ ହୋଇଥାଏ । ଗାନ୍ଧିଜୀଙ୍କ ଭାଷାରେ ଏହା "ବୁଦ୍ଧିଦୀପ୍ତ ଅରାଜକତା" । ଗାନ୍ଧିଜୀଙ୍କ ପଟ୍ଟଶିଷ୍ୟ ବିନୋବାଙ୍କ ଉକ୍ତିରେ ଏହା "ଶାସନମୁକ୍ତ ସମାଜ" । ଗାନ୍ଧିଜୀ ତାଙ୍କ "ସ୍ୱପ୍ନର ଭାରତ" ଶାସନରେ ଏହି ଗଣତନ୍ତ୍ରକୁ ପ୍ରତ୍ୟକ୍ଷ କରିଛନ୍ତି । ତାହାର ସ୍ଥୂଳ ରୂପରେଖ ବିଷୟରେ କହିଛନ୍ତି, "ସ୍ୱପ୍ନର ଭାରତରେ ସମସ୍ତ ନାଗରିକ ଦେଶକୁ ନିଜର ବୋଲି ଉପଲବ୍ଧି କରିବେ । ସମସ୍ତଙ୍କର ଫଳପ୍ରଦ ମତ ରହିବ । ଦେଶରେ ଧନୀ ଓ ଦରିଦ୍ର ଶ୍ରେଣୀ ରହିବେ ନାହିଁ । ସମସ୍ତ ସମ୍ପ୍ରଦାୟ ସ୍ୱଚ୍ଛନ୍ଦରେ ବାସକରିବେ । ଅସ୍ପୃଶ୍ୟତାର ଅଭିଶାପ ଓ ନିଶାର ଅପପ୍ରୟୋଗ ରହିବ ନାହିଁ । ନାରୀମାନେ ପୁରୁଷମାନଙ୍କ ପରି ସମାନ ଅଧିକାର ପ୍ରାପ୍ତ ହେବେ । ଇତ୍ୟାଦି ।" ଗାନ୍ଧିଜୀଙ୍କ "ସ୍ୱପ୍ନର ଭାରତ" ଶାସନରେ ତତ୍ତ୍ୱ ଆଧାରିତ ରାଜନୀତି ଅତ୍ୟନ୍ତ ସ୍ପଷ୍ଟ । ତାଙ୍କ ରାଜନୀତି ଅନୁସୃତ ହେଲେ, କେବଳ ଆମ ଭାରତବର୍ଷ ନୁହେଁ, ସମଗ୍ର ବିଶ୍ୱ ଉପକୃତ ହେବ ।

## ଶ୍ରମବିହୀନ ସମ୍ପତ୍ତି (Wealth without work) :

ଗାନ୍ଧୀ-ବିଚାରରେ ସଞ୍ଚୟ, ଚୌର୍ଯ୍ୟବୃତ୍ତି ରୂପେ ବିବେଚିତ ହୋଇଥାଏ । ସମ୍ପତ୍ତିର ବିକେନ୍ଦ୍ରୀକରଣ ଉପରେ ଗାନ୍ଧୀ-ଅର୍ଥନୀତି ମୁଖ୍ୟତଃ ଆଧାରିତ । ସମ୍ପତ୍ତି ବିକେନ୍ଦ୍ରିତ ହୋଇଗଲେ ସମାଜରେ ସମ୍ପତ୍ତି-ପରିମାଣରେ ବିପୁଳ ତାରତମ୍ୟ ରହିବ ନାହିଁ । ଯେଉଁ ତାରତମ୍ୟ ଏକାନ୍ତ ଅବଶ୍ୟମ୍ଭାବୀ ହୋଇ ରହିବ, ନ୍ୟାସୀ ବା ମାରଫତଦାରି ପ୍ରଥା ତହିଁରେ ସମାଧାନ ଆଣିବ । ଯାହା ନିକଟରେ ସମ୍ପତ୍ତି ରହିବ, ସେ ତାହାର ଅଧିକାରୀ ନ ହୋଇ ମାରଫତଦାର ହେବ । ଉକ୍ତ ଅର୍ଥ ତାଙ୍କ ସ୍ୱାର୍ଥରେ ବ୍ୟୟିତ ନ ହୋଇ ସମାଜ ହିତରେ ଲାଗିବ ।

ପ୍ରାଚୀନ କାଳରେ ଆମ ଦେଶରେ ସଞ୍ଚୟ କ୍ଷେତ୍ରରେ ନ୍ୟାସୀପ୍ରଥା ପ୍ରଚଳିତ ଥିଲା । ରାଜା ମହାରାଜାମାନେ ସେମାନଙ୍କ ଭଣ୍ଡାରରେ ଗଚ୍ଛିତ ଅର୍ଥର କେବଳ ନ୍ୟାସୀ ଥିଲେ, ଅଧିକାରୀ ନ ଥିଲେ । ଏଥିରେ ବ୍ୟତିକ୍ରମ ଦେଖାଦେଲେ ସମାଜର ସର୍ବୋଚ୍ଚକର୍ତ୍ତା କୌପୀନବନ୍ତ ସାଧୁ ପ୍ରତିକାର ବ୍ୟବସ୍ଥା କରୁଥିଲେ । ସେ ଦାନସୂତ୍ରରେ ସେମାନଙ୍କଠାରୁ ସମସ୍ତ ସମ୍ପତ୍ତି ଗ୍ରହଣ ପୂର୍ବକ, ସେମାନଙ୍କୁ କ୍ଷମତାଚ୍ୟୁତ କରି ପାରୁଥିଲେ । ଭଗବାନ ବାମନ ଓ ଋଷି ବିଶ୍ୱାମିତ୍ରଙ୍କର ଯଥାକ୍ରମେ ମହାରାଜା ବଳି ଓ ହରିଶ୍ଚନ୍ଦ୍ରଙ୍କଠାରୁ ଦାନଗ୍ରହଣ, ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

ଆଜିର ଶୋଷଣ-ସର୍ବସ୍ୱ ଅର୍ଥନୀତି ଫଳରେ ବିପୁଳ ସମ୍ପତ୍ତି ସଞ୍ଚୟ ଏବଂ ଧନୀ ଓ ଦରିଦ୍ର ମଧ୍ୟରେ ଉଚ୍ଚଟ ତାରତମ୍ୟ ସୃଷ୍ଟି ହେଉଅଛି । ଏହି ଅର୍ଥନୀତି ଆଦୌ ସେବାଭିତ୍ତିକ ନୁହେଁ । କିନ୍ତୁ ଗାନ୍ଧୀ-ଅର୍ଥନୀତି ସେବାମୂଳକ ପୁରୁଷାର୍ଥ ଅର୍ଥନୀତି । ଅର୍ଥନୀତିକୁ ତିନୋଟି ପର୍ଯ୍ୟାୟଭୁକ୍ତ କରି ଗାନ୍ଧିଜୀ ପୁରୁଷାର୍ଥ ଅର୍ଥନୀତିର ଚମତ୍କାର ବ୍ୟାଖ୍ୟାନ ଦେଇଛନ୍ତି । ଏହି ତ୍ରିବିଧ ଅର୍ଥନୀତି ହେଲା– ବ୍ୟାଘ୍ର ଅର୍ଥନୀତି, ମର୍କଟ ଅର୍ଥନୀତି ଓ ମଧୁମକ୍ଷି ଅର୍ଥନୀତି । ବ୍ୟାଘ୍ର ବଳପ୍ରୟୋଗ ଓ ହିଂସା ଆଚରଣରେ ଅନ୍ୟ ପଶୁମାନଙ୍କୁ ମାରିଖାଏ । ମର୍କଟ ବଳପ୍ରୟୋଗରେ ଅସମର୍ଥ ହେତୁ ଚୌର୍ଯ୍ୟ-ବୃତ୍ତି ଆଚରଣ ପୂର୍ବକ ଖାଦ୍ୟ ଅପହରଣ କରେ । ଏହି ଉଭୟ ଅର୍ଥନୀତି ନିଷ୍ଠୁର, ସ୍ୱାର୍ଥ–ଦୁଷ୍ଟ; ଏଣୁ ଅପରିହାର୍ଯ୍ୟ । କିନ୍ତୁ ମଧୁମକ୍ଷି ଅର୍ଥନୀତିରେ ସଞ୍ଚୟ ସମ୍ପୂର୍ଣ୍ଣ ସେବା ଓ ତ୍ୟାଗଭିତ୍ତିକ । ତା'ର ସଞ୍ଚିତ ମଧୁ ପରୋପକାରରେ ଲାଗିଥାଏ । ତେଣୁ ଏହା ସେବାମୂଳକ ଅର୍ଥନୀତି ଅଟେ । ଏହାକୁ ପୁରୁଷାର୍ଥ ଅର୍ଥନୀତି ମଧ୍ୟ କୁହାଯାଏ । ଏହା ଗାନ୍ଧିଜୀଙ୍କ ସ୍ୱୀକୃତ ଅର୍ଥନୀତି । ଏହି ଅର୍ଥନୀତି କାର୍ଯ୍ୟକାରୀ ହେଲେ ଦେଶରେ ଓ ସାରା ପୃଥିବୀରେ ଧନୀ ଓ ଦରିଦ୍ର ପାର୍ଥକ୍ୟ ରହିବ ନାହିଁ । ସମସ୍ତେ ସୁଖୀ ଓ ସମୃଦ୍ଧ ହେବେ ।

## ନୈତିକତାବିହୀନ ବାଣିଜ୍ୟ (Commerce without morality) :

"ବାଣିଜ୍ୟେ ଲକ୍ଷ୍ମୀଙ୍କ ବାସ" ବୋଲି ପ୍ରବଚନ ଅଛି । ଏଣୁ ବାଣିଜ୍ୟ କଦାପି ନୈତିକତାବିହୀନ ବା ଲକ୍ଷ୍ମୀଛଡା ହୋଇ ନ ପାରେ । ଉତ୍କଳୀୟ ବଣିକମାନଙ୍କ ପଦବୀ ସାଧବ, ସାଧୁ ବା ସାହୁକୁ, ବାଣିଜ୍ୟ ସାଧୁତା ଉପରେ ଆଧାରିତ ବୋଲି ପ୍ରତିପନ୍ନ ହୁଏ । ଚରମ ଅହିଂସାବାଦୀ ଜୈନ ସମ୍ପ୍ରଦାୟ ସାଧୁ ଓ ସୁଦ୍ଧ ବୃତ୍ତି ରୂପେ ବାଣିଜ୍ୟକୁ ବାଛି ନେଇଛନ୍ତି । ସୁତରାଂ ବାଣିଜ୍ୟ ସ୍ୱଭାବତଃ ନୈତିକତା-ସମନ୍ୱିତ ।

କିନ୍ତୁ ବାଣିଜ୍ୟ ଆଉ ଶୁଦ୍ଧ ବା ନୈତିକତା ସମ୍ପନ୍ନ ହୋଇନାହିଁ । ଏହା ଅସାଧୁତା ଓ ଦୁର୍ନୀତି ବିଜଡିତ । ବହୁକାଳରୁ ପାଶ୍ଚାତ୍ୟ ବଣିକମାନେ ବାଣିଜ୍ୟକୁ ଶୋଷଣ ସର୍ବସ୍ୱ କରି ସାରିଛନ୍ତି । ନୈତିକତା-ବିହୀନ ବାଣିଜ୍ୟ ସ୍ୱାର୍ଥସର୍ବସ୍ୱ ଅର୍ଥନୀତିକୁ କବଳିତ ତଥା ରାଜନୀତିକୁ ମୁଷ୍ଟିଗତ କରି ସାରା ପୃଥିବୀରେ ବଣିକ-ପ୍ରାଧାନ୍ୟକୁ ପ୍ରତିଷ୍ଠିତ କରିଛି । ଭାରତରେ ବ୍ରିଟିଶ ସାମ୍ରାଜ୍ୟବାଦ ଏହି ପରିପ୍ରେକ୍ଷୀରେ ଅତୀତରେ ଦୀର୍ଘକାଳ ପ୍ରତିଷ୍ଠିତ ହୋଇଥିଲା ।

ଗାନ୍ଧୀ-ବିଚାରରେ 'ନୈତିକତାବିହୀନ ବାଣିଜ୍ୟ'ର ନିରାକରଣ କେବଳ ସ୍ୱାବଲମ୍ବୀ ସମାଜ ପକ୍ଷରେ ସମ୍ଭବ । ସମାଜ ବା ଦେଶ

ବୃତ୍ତିଭିତ୍ତିକ, ଶ୍ରମଯୋଗ ତଥା ସମୟ, କୃଷି ଇତ୍ୟାଦିର ମାଧ୍ୟମରେ ଖାଦ୍ୟ, ବସ୍ତ୍ର ତଥା ବ୍ୟବହାର୍ଯ୍ୟ ସାମଗ୍ରୀ ଉତ୍ପାଦନ ପୂର୍ବକ ବ୍ୟବସ୍ଥା ହେଲେ, ନୈତିକତା-ବିହୀନ ବାଣିଜ୍ୟର ଅବସାନ ହେବ ।

## ଶୀଳବିହୀନ ଶିକ୍ଷା (Education without character) :

ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ଚରିତ୍ରଗଠନ ବା ହୃଦୟର ବିକାଶ । ସାଧାରଣ ଭାବରେ ପଢିବା, ଲେଖିବା, ହିସାବ ଜାଣିବା (3 Rs—Reading, Writing, Arithmetics) ବୋଲି ବୁଝାଯାଇଥାଏ । ମାତ୍ର ବାସ୍ତବରେ ହସ୍ତ, ମସ୍ତକ, ହୃଦୟ (3Hs—Hand, Head, Heart)ର ବିକାଶ ଶିକ୍ଷାର ଲକ୍ଷ୍ୟ ଅଟେ । ହସ୍ତ, ମସ୍ତକ ଓ ହୃଦୟର ବିକାଶ ଯଥାକ୍ରମେ ଶାରୀରିକ, ବୌଦ୍ଧିକ ଓ ଚାରିତ୍ରିକ ବିକାଶର ପ୍ରତୀକ । ପ୍ରାଚୀନ ଆଶ୍ରମ-ଶିକ୍ଷା ସ୍ୱାବଲମ୍ବନ ଓ ଚରିତ୍ରଗଠନ ଭିତ୍ତିକ ଥିଲା । ଗୁରୁକୁଳାଶ୍ରମରେ ଛାତ୍ରମାନଙ୍କର ପାଠପଢା ଶ୍ରମରୁ ଆରମ୍ଭ ହେଉଥିଲା । ଏଥିରେ ଛାତ୍ରର ସୁଷମ ବିକାଶ ସର୍ବତୋଭାବେ ସମ୍ଭବ ହେଉଥିଲା ।

ମହାତ୍ମା ଗାନ୍ଧୀ ଏହି ପରିପ୍ରେକ୍ଷୀରେ ଶ୍ରମ ଭିତ୍ତିକ ମୌଳିକ ଶିକ୍ଷା ପ୍ରବର୍ତ୍ତନ କରିଥିଲେ । ସାମାଜିକ ଜାଗରଣ ଓ ପରିବର୍ତ୍ତନକୁ ଅନୁସରଣ କରି ମୌଳିକ ଶିକ୍ଷାର ପ୍ରୟୋଜନୀୟ ସଂସ୍କାର ବ୍ୟବସ୍ଥା କରାଗଲେ, ତାହା ସର୍ବତୋଭାବେ ଉପଯୋଗୀ ହେବ ।

ଇଂରେଜ ଶାସନ କାଳରେ ସେମାନଙ୍କ ଶାସନ କାର୍ଯ୍ୟ ଚଳାଇବା ପାଇଁ ସେମାନେ ଆମ ଦେଶରେ କିରାନି ତିଆରି ଶିକ୍ଷା ପ୍ରଚଳନ କରିଥିଲେ । ପରିତାପର ବିଷୟ ଯେ, ଆମେ ସେହି ଶିକ୍ଷାକୁ ଏ ପର୍ଯ୍ୟନ୍ତ ଜାବୁଡ଼ି ଧରିଛୁ । ଚରିତ୍ରଗଠନ, ସ୍ୱାବଲମ୍ବନ ଭିତ୍ତିକ ସତ୍‌ଶିକ୍ଷା ହିଁ ସମାଜର କଲ୍ୟାଣ ସାଧନ କରିପାରିବ । ଗାନ୍ଧିଜୀଙ୍କ ମୌଳିକ ଶିକ୍ଷାର ଆଦର୍ଶରେ ଶୀଳଯୁକ୍ତ ଶିକ୍ଷା ପ୍ରବର୍ତ୍ତିତ ହେବା ବାଞ୍ଛନୀୟ ।

## ବିବେକବିହୀନ ଆମୋଦ (Pleasure without conscience) :

ଆନନ୍ଦରେ ହିଁ ଜୀବଜଗତ ତିଷ୍ଠି ରହିଛି । ଉପନିଷଦ କହେ, 'ଆନନ୍ଦାଦ୍ ହି ଖଲୁ ଇମାନି ଭୂତାନି ଜାୟନ୍ତେ' । ଶୁଦ୍ଧ ଓ ନିର୍ଦ୍ଦୋଷ ଆନନ୍ଦରେ କାର୍ଯ୍ୟ କରି ଆମୋଦିତ ହେବା ଆବଶ୍ୟକ । ମହାତ୍ମା ଗାନ୍ଧୀ ଅତ୍ୟନ୍ତ ମହାନ୍ ଓ ଉଦାର, ତଥାପି ଜୀବନର ସକଳ ଦିଗରେ ସେ ଆମୋଦ କରନ୍ତି । ଏଥିପାଇଁ ସେ ପିଲାଙ୍କ ସଙ୍ଗେ ପିଲା, ଯୁବକଙ୍କ ସଙ୍ଗେ ଯୁବକ ଓ ବୃଦ୍ଧଙ୍କ ସଙ୍ଗେ ବୃଦ୍ଧ ଭଳି ଆଚରଣ କରିବାକୁ ପଛାନ୍ତି ନାହିଁ ।

ଶିଶୁର ସାମୁଦ୍ରିକ ମୁହଁ ଦେଖିବାଙ୍କୁ, ଦେଖିଲା ମାତ୍ରେ ଅଦ୍ଭୁତିକ ଭଙ୍ଗୀରେ ଗାନ୍ଧିଜୀ ପଚାରନ୍ତି– ସମ୍ଭବ କଣ ?

ଦ୍ୱିତୀୟ ଗୋଲଟେବୁଲ ବୈଠକରେ 'ସଂଖ୍ୟାଲଘୁ ବୁଝି' ଯୋଗଦାନ ହେଲେ ବିଲାତର ପ୍ରଧାନମନ୍ତ୍ରୀ 'ରାମସେ ମ୍ୟାକ୍‌ଡୋନାଲ୍ଡ' କହିଥିଲେ– "ଭାରତରେ ସଂଖ୍ୟାଲଘୁଙ୍କ ସଂଖ୍ୟା ଜନସଂଖ୍ୟାର ଶତକଡା ୪୬ । ତେଣୁ କଂଗ୍ରେସର ଦାବୀ ମାତ୍ର ଅର୍ଦ୍ଧେକ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେଉଛି ।" ଗାନ୍ଧିଜୀ ଆମୋଦବ୍ୟଞ୍ଜକ ଉତ୍ତର ଦେଇଥିଲେ, "ଆପଣ ନାରୀ ପ୍ରତିନିଧିଙ୍କ ପରି ସଂଖ୍ୟାଲଘୁଙ୍କ ସଂଖ୍ୟା ଅର୍ଦ୍ଧେକ କହିଥିଲେ ଭଲ ହୋଇଥାନ୍ତା ।"

ସୀମାନ୍ତ ପ୍ରଦେଶର ଶରଣାର୍ଥୀମାନେ ଗାନ୍ଧିଜୀଙ୍କ ଉପରେ ବିଗିଡି କହିଥିଲେ, "ଆପଣ ରାଜନୀତିରୁ ଅବସର ନେଇ ହିମାଳୟକୁ ଯାଆନ୍ତୁ ।

ଗାନ୍ଧିଜୀଙ୍କର ଆମୋଦବ୍ୟଞ୍ଜକ ଉତ୍ତର ଥିଲା, "ମନ୍ଦ ହେବ ନାହିଁ । ମୁଁ ସେଠାରେ ଡବଲ ମହାତ୍ମା ବନିଯିବି । ଦୁଇଗୁଣ ଜନତା ମୋ ପଛେପଛେ ଲାଗି ରହିବେ ।

ଗାନ୍ଧିଜୀଙ୍କ ବିବେକଯୁକ୍ତ ଆମୋଦ ଅତ୍ୟନ୍ତ ମହନୀୟ । ତାହା ମହାତ୍ମାଜୀଙ୍କ ମହାତ୍ମ୍ୟକୁ ଲଘୁ ନ କରି ଗୁରୁତ୍ୱପୂର୍ଣ୍ଣ କରିଛି । ତାଙ୍କ ଆଦର୍ଶରେ ସମସ୍ତେ ଆମୋଦ କରିବା ବିଧେୟ । କାହାରି ଆନନ୍ଦ, ଯେପରି ଅନ୍ୟର ନିରାନନ୍ଦର କାରଣ ନ ହୁଏ ।

## ମାନବିକତାଶୂନ୍ୟ ବିଜ୍ଞାନ (Science without humanity) :

ବିଶେଷ ଜ୍ଞାନ ବା ଦିବ୍ୟଜ୍ଞାନ ହିଁ ବିଜ୍ଞାନ । ଉପନିଷଦ କହେ– ବିଜ୍ଞାନ ହିଁ ପରଂବ୍ରହ୍ମ । ଏପରି ଅବସ୍ଥାରେ ବିଜ୍ଞାନ ମାନବିକତାଶୂନ୍ୟ ହେବା ସ୍ୱାଭାବିକ ନୁହେଁ । ବିଜ୍ଞାନର ମାନବିକତା ଭିତ୍ତିକ ବିକାଶ, ସୃଷ୍ଟିରେ ପରିପୂର୍ଣ୍ଣ ସୁଖ ଶାନ୍ତି ନିଃସନ୍ଦେହ ଭାବରେ ଭରିଦେବା କଥା । ମାତ୍ର ଏହାର ବିକଟ ବ୍ୟତିକ୍ରମ ସୃଷ୍ଟିକୁ ଧ୍ୱଂସ କରିବାକୁ ଯାଉଛି । ଜନକଲ୍ୟାଣରେ ବିଜ୍ଞାନ ବ୍ୟବହୃତ ନ ହୋଇ ଧ୍ୱଂସାତ୍ମକ ମାରଣାସ୍ତ୍ର ନିର୍ମାଣରେ ବ୍ୟବହୃତ ହେଉଛି । ଯେତେ ମାରଣାସ୍ତ୍ର ତିଆରି ହୋଇ ଗଚ୍ଛିତ ରହିଲାଣି, ସେଥିରୁ ଗୋଟିଏ ଦୁଇଟିରେ ପୃଥିବୀ ମୁହୂର୍ତ୍ତକେ ମୁଠାଏ ପାଉଁଶରେ ପରିଣତ ହୋଇଯିବ । ବିଜ୍ଞାନର ବିକାଶରେ କୃଷି, ଶିଳ୍ପ ଆଦିର ଚରମ ବିକାଶ ସମ୍ଭବ ହୋଇପାରିବ । ଦେଶରେ ତଥା ପୃଥିବୀରେ କୌଣସି ଅଭାବ ରହିବ ନାହିଁ । ହୁଏତ ସେହି ପରିପ୍ରେକ୍ଷୀରେ ବିଜ୍ଞାନର ବିକାଶ ହେଉନାହିଁ; ତାହାର ଧ୍ୱଂସାତ୍ମକ ବିକାଶ ଆଗେଇ ଚାଲିଛି । ସମ୍ପ୍ରତି ବିଜ୍ଞାନ ବିକାଶର ଚମତ୍କାରିତାରେ ଆମେ ଯେତେ ଆନନ୍ଦିତ ନୋହୁ, ବିକଳ୍ପରେ ବିଜ୍ଞାନର ଧ୍ୱଂସାତ୍ମକ ବିକାଶରେ ସେତେ ଆତଙ୍କିତ । ବିଜ୍ଞାନ କିପରି ମାନବିକତା–ଆଧାରଭୂତ ହୋଇ ଜନକଲ୍ୟାଣ ସାଧନ କରିବ, ତାହା ହିଁ ଅହରହ ଚିନ୍ତାର ବିଷୟ ହୋଇଛି ।

ମହାତ୍ମା ଗାନ୍ଧୀଙ୍କ ବିଚାରରେ ବିଜ୍ଞାନର ବିକାଶ ମନୁଷ୍ୟକୁ ପଙ୍ଗୁ ଓ ଅଥର୍ବ ନ କରୁ । ମନୁଷ୍ୟର କ୍ଲିଷ୍ଟ କାର୍ଯ୍ୟକୁ ସରଳ ଓ ସହଜ କରିବା ବିଜ୍ଞାନର ଅଭିମୁଖ୍ୟ ହେଉ । ଜୀବତତ୍ତ୍ୱବିତ୍‌ମାନେ କହନ୍ତି, "ମନୁଷ୍ୟର ପୁଚ୍ଛ ବ୍ୟବହାରରେ ନ ଲାଗିବାରୁ ତାହା ଲୋପ ପାଇଲା । ପୁଣି ସେମାନଙ୍କର ଆଶଙ୍କା ଯେ, ବିଜ୍ଞାନ ବଳରେ ସବୁ କାର୍ଯ୍ୟ ସାଧିତ ହେଲେ, ହସ୍ତର ଓ ଅଙ୍ଗୁଳିର ବ୍ୟବହାର ହେବ ନାହିଁ । କାଳକ୍ରମେ ଅଙ୍ଗୁଳି ସଂଖ୍ୟା କମିଯିବ କିମ୍ବା ସେଗୁଡିକ ଲୋପ ପାଇଯିବ । ଏହି ପରିପ୍ରେକ୍ଷୀରେ ବିଜ୍ଞାନର ବ୍ୟବହାର ସଂଯତ ହେଉ ଏବଂ ତାହା ସର୍ବତୋଭାବେ ମାନବିକତାଭିତ୍ତିକ ହେଉ ।

## ତ୍ୟାଗବିହୀନ ପୂଜା (Worship without sacrifice) :

ପୂଜା–ଆରାଧନା ଧର୍ମୋପରି ଆଧାରିତ ଏବଂ ଧର୍ମ ଈଶ୍ୱର ବିଶ୍ୱାସ ଭିତ୍ତିକ । ଧର୍ମ ସୃଷ୍ଟିକୁ ଧରି ରଖି ତା'ର ନାମକୁ ସାର୍ଥକ କରିଥାଏ: ମାତ୍ର ସମ୍ପ୍ରତି ଧର୍ମ ସୃଷ୍ଟିରେ ସଙ୍କଟ ସୃଷ୍ଟିର କାରଣ ହୋଇଛି ।

ସବୁଧର୍ମର ମୂଳ ନୀତି ସମାନ । ସେଗୁଡ଼ିକର ଲକ୍ଷ୍ୟ ଓ ଅଭିମୁଖ୍ୟରେ କୌଣସି ପାର୍ଥକ୍ୟ ନାହିଁ । ତଥାପି ଧର୍ମ–ସଙ୍କଟ ପୃଥିବୀରେ ସବୁଠାରୁ ବିକଟ । ତ୍ୟାଗବିହୀନ ପୂଜା ସବୁଧର୍ମ ଓ ସମ୍ପ୍ରଦାୟକୁ ବିକୃତ, ବିକଟ ଓ ଅସହିଷ୍ଣୁ କରିଛି । ମହାତ୍ମା ଗାନ୍ଧୀଙ୍କର ସତ୍ୟହିଁ ଈଶ୍ୱର । ସେ ସର୍ବଧର୍ମରେ ସମାନତ୍ୱ ଦେଖନ୍ତି । ତାଙ୍କ ନିକଟରେ ଈଶ୍ୱର–ଅଲ୍ଲା ଓ ରାମ–ରହିମ ଏକ । ମହାତ୍ମାଜୀଙ୍କ ଆଦର୍ଶରେ ଧର୍ମ ଧାରଣା ପୋଷଣ ପୂର୍ବକ, ତ୍ୟାଗ ଆଧାରିତ ପୂଜାରେ ନିଜକୁ ନିୟୋଜିତ କଲେ ସକଳ ଧର୍ମ ସଙ୍କଟ ଦୂର ହୋଇପିବ । ଈଶ୍ୱର ପ୍ରେମ ଓ ଭକ୍ତିରେ ସୃଷ୍ଟି ମଧୁମୟ ହେବ ।

## ଅପରାଧମୁକ୍ତ ସମାଜ ପ୍ରତିଷ୍ଠିତ ହେଉ :

ସମାଜ ଚିରନ୍ତନ ଏବଂ ଏହାର ଶୃଙ୍ଖଳିତ ତଥା ରାଜନୈତିକ ସ୍ୱରୂପ ହିଁ ଦେଶ । ସମାଜର ଅଧିବାସୀମାନେ ହେଉଛନ୍ତି ଜାତି । ସମାଜ–ଦେଶ–ଜାତି ପରସ୍ପରର ଅଙ୍ଗାଙ୍ଗୀ । ସମାଜ ହେଉଛି ଆଧାରଭୂତ ମୂଳ ସଙ୍ଗଠନ । ଏହାର ସର୍ବାଙ୍ଗୀନ ବିକାଶରେ ସମସ୍ତଙ୍କର ବିକାଶ ନିହିତ । ସମାଜକୁ ସମ୍ପ୍ରାପରାଧରୁ ମୁକ୍ତ କଲେ ତାହା ସୁଖ, ଶାନ୍ତି, ସମୃଦ୍ଧିରେ ପରିପୂର୍ଣ୍ଣ ହେବ । ସମାଜକୁ ସମ୍ପ୍ରାପରାଧ ମୁକ୍ତ କରିବା ପାଇଁ ସମସ୍ତେ ସଚେଷ୍ଟ ହୁଅନ୍ତୁ ।

ଚିରନ୍ତନ ସମାଜର ଜୟ ହେଉ ।

କ୍ୱାଟର ନଂ ୨୦୧୧, ଟାଇପ–୪ବି,
ଇଉନିଟ୍–୩, ଭୁବନେଶ୍ୱର–୭୫୧୦୦୧ ।



ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ ଭୁବନେଶ୍ୱର ବସ୍‌ଷ୍ଟାଣ୍ଡଠାରେ ଓ.ଟି.ଡି.ସି. ତରଫରୁ ପରିଚାଳିତ ଭୁବନେଶ୍ୱର–କଣ୍ଟିଲୋ ପର୍ଯ୍ୟଟନ ବସ୍ ଚଳାଚଳର ଶୁଭାରମ୍ଭ କରୁଛନ୍ତି ।

# ଭାରତ ବିଖ୍ୟାତ ପ୍ରାଣୀ ଉଦ୍ୟାନ

"ନନ୍ଦନକାନନ"ରେ

ଭାରତର ବୃହତ୍ତମ ସିଂହ ସଫାରୀ ସହିତ

ଦେଶ ବିଦେଶର ପଶୁ ପକ୍ଷୀ ଓ

ସରୀସୃପଙ୍କୁ ପ୍ରାକୃତିକ ପରିବେଶରେ ଦେଖନ୍ତୁ ।

ଟୟ ଟ୍ରେନ୍, ହସ୍ତୀ ସବାରୀରେ ବୁଲନ୍ତୁ ଓ

ନୌକା ବିହାର କରନ୍ତୁ ।

ଶିଶୁ ଉଦ୍ୟାନ, ପ୍ରକୃତି ବିହାର (Nature trail) ଓ

ସରୀସୃପ ଉଦ୍ୟାନ ପରି ଅନେକ

ଆକର୍ଷଣୀୟ ବ୍ୟବସ୍ଥାମାନର

ସୁଯୋଗ ନିଅନ୍ତୁ ।

(ସୋମବାର ଦିନ ନନ୍ଦନକାନନ ବନ୍ଦ ରହେ)

ଓଡ଼ିଶା ବନ ବିଭାଗ ।

# ବିପ୍ଳବର ସାରଥି
# ଶ୍ରୀ ଅରବିନ୍ଦ

ଡକ୍ଟର୍ କାର୍ତ୍ତିକେଶ୍ୱର ପାତ୍ର

କେବଳ ଭାରତବର୍ଷ ନୁହେଁ ପୃଥିବୀରେ ଜନଜୀବନକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ କେତେଜଣ ମହାମାନବ ବିପ୍ଳବର ନେତୃତ୍ୱ ନେଇଛନ୍ତି, ସେମାନଙ୍କ ମଧ୍ୟରେ ଶ୍ରୀ ଅରବିନ୍ଦ ଅଗ୍ରଗଣ୍ୟ । ଅଗ୍ରଗଣ୍ୟ ଏଇଥି ପାଇଁ ସେ ମାନବର ମୁକ୍ତି ପାଇଁ ଇଂରେଜ ଶାସନ ବିରୁଦ୍ଧରେ ଭାରତବର୍ଷର ମୁକ୍ତିସଂଗ୍ରାମରେ ଅବତୀର୍ଣ୍ଣ ହୋଇଥିଲେ । ସେ ଯେ କେବଳ ଭାରତୀୟ ମାନବଜୀବନରେ ଅବତୀର୍ଣ୍ଣ ହୋଇଥିଲେ ତାହା ନୁହେଁ– ମୁକ୍ତିସଂଗ୍ରାମର ପରବର୍ତ୍ତୀ କାଳରେ ତାହା ବିଶ୍ୱ ମାନବଜୀବନର ମୁକ୍ତିସଂଗ୍ରାମରେ ରୂପାନ୍ତରିତ ହୋଇଥିଲା । କେବଳ ସେତିକି ନୁହେଁ, ଏହି ପାପପଙ୍କିଳ ପୃଥିବୀରେ ଅତିମାନସର ଅବତରଣ ଓ ତାହାର ପ୍ରକ୍ରିୟାର ପ୍ରାରମ୍ଭ ସେ ସୂଚନା ଦେଇଥିଲେ ।

'A total spiritual direction given to the whole life and the whole nature can alone lift humanity beyond of itself.'

'ସମଗ୍ର ଜୀବନ ଓ ସମଗ୍ର ପ୍ରକୃତିକୁ ଏକମାତ୍ର ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ପଥରେ ପରିଚାଳନା ଦ୍ୱାରା ହିଁ ମାନବ ଜାତିକୁ ଊର୍ଦ୍ଧ୍ୱକୁ ଉଠାଇ ନିଆଯାଇପାରେ ।'

ଶ୍ରୀ ଅରବିନ୍ଦଙ୍କ ଜୀବନ ବ୍ୟାପୀ ଗଭୀର ସାଧନା, ଅଖଣ୍ଡ ତପସ୍ୟା ମାନବ ଜାତି ପାଇଁ ଯେଉଁ ସିଦ୍ଧି ଓ ଆଧ୍ୟାତ୍ମ୍ୟ ଶକ୍ତିକୁ ପୃଥିବୀ ପୃଷ୍ଠରେ ପ୍ରତିଷ୍ଠିତ କରିଛି ତାହା ହେଲା ପାର୍ଥିବ ଜୀବନର ଏକ ଅନୁକୂଳ ରୂପାନ୍ତର ଏବଂ ଏହି ରୂପାନ୍ତର ଫଳରେ ମନୁଷ୍ୟୋତ୍ତର ବା ଦିବ୍ୟଜୀବନର ପ୍ରତିଷ୍ଠା । ଏହି ପ୍ରକ୍ରିୟାକୁ ରୂପାନ୍ତର ବା (Transfermation) ପ୍ରକ୍ରିୟା ବୋଲି ଯୋଗୀ ଶ୍ରୀ ଅରବିନ୍ଦ ସୂଚନା ଦେଇଛନ୍ତି । ମାନବଜୀବନର ତଥା ସମାଜର କଲ୍ୟାଣ ସାଧନର ଯଥାର୍ଥ ଉପାୟ ହେଲା ଜୀବନ ଓ ପ୍ରକୃତି, ବ୍ୟଷ୍ଟି ଓ ଗୋଷ୍ଠୀର ଆଧ୍ୟାତ୍ମିକରଣ ବା ଆଧ୍ୟାତ୍ମିକ ରୂପାନ୍ତର ।

ଏହି ଆଧ୍ୟାତ୍ମିକ ରୂପାନ୍ତରର ବାର୍ତ୍ତାବହ ହେଉଛନ୍ତି ଯୋଗୀ ଶ୍ରୀ ଅରବିନ୍ଦ । ବିପ୍ଳବର ସାରଥି । ଭାରତବର୍ଷ ଏଭଳି ଜଣେ ଶ୍ରେଷ୍ଠ କର୍ମଯୋଗୀଙ୍କୁ ଜନ୍ମ ଦେଇ ଧନ୍ୟ ହୋଇଛି ।

ଏହି ମହାପୁରୁଷ ଶ୍ରୀ ଅରବିନ୍ଦଙ୍କ ଜନ୍ମ ୧୮୭୨ ମସିହା ଅଗଷ୍ଟ ୧୫ ତାରିଖ କଲିକତା ମହାନଗରୀରେ । ଯେଉଁ ଭବନରେ ସେ ଜନ୍ମଗ୍ରହଣ କରିଥିଲେ ଏବେ ମଧ୍ୟ ସେକ୍ସପିଅର ସରଣୀରେ ସେହି ଆଠ ନମ୍ବର ଭବନଟି ଶ୍ରୀ ଅରବିନ୍ଦ ଭବନ ନାମରେ ପରିଚିତ । ସେ ଥିଲେ ବିଖ୍ୟାତ ସିଭିଲ୍ ସର୍ଜନ କୃଷ୍ଣଧନ ଘୋଷଙ୍କ ତୃତୀୟ ପୁତ୍ର । ତାଙ୍କ ମାତା ସ୍ୱର୍ଣ୍ଣଲତା ବିଶିଷ୍ଟ ମନୀଷୀ ଋଷି ରାଜନାରାୟଣ ବସୁଙ୍କର ପ୍ରଥମା କନ୍ୟା ଥିଲେ । ପିତାମାତାଙ୍କ ଗୌରବ ଗରିମା ତାଙ୍କ ବାଲ୍ୟଶିକ୍ଷାକୁ ପ୍ରଭାବିତ କରିଥିଲା ।

ସେ ପାଞ୍ଚବର୍ଷ ବୟସରେ ୧୮୭୭ ମସିହାରେ ଦାର୍ଜିଲିଂର ଲରେଟୋ କନ୍‌ଭେଣ୍ଟ ସ୍କୁଲ (Loretto Convent School)ରେ ନାମ ଲେଖାଇଥିଲେ । ତା'ର ଠିକ୍ ଦୁଇବର୍ଷ ପରେ ପିତାମାତା ଓ ଦୁଇଭାଇଙ୍କ ସହିତ ସେ ୧୮୭୯ ମସିହାରେ ଇଂଲଣ୍ଡ ଯାତ୍ରା କରିଥିଲେ । ମାତ୍ର ଇଂଲଣ୍ଡରେ ସ୍ୱଳ୍ପକାଳ ରହଣି ପରେ ସେମାନେ ଭାରତବର୍ଷକୁ ଫେରି ଆସିଥିଲେ ।

ଶ୍ରୀ ଅରବିନ୍ଦ ଜନୈକ ଇଂରେଜ ପାଦ୍ରୀ ପରିବାର ଡ୍ରୁୟେଟ୍ (Drewett) ଦମ୍ପତିଙ୍କ ଗୃହରେ ଶିକ୍ଷାଲାଭ କରିଥିଲେ । ମିଃ ଡ୍ରୁୟେଟ୍ ଲାଟିନ୍ ଭାଷାରେ ସୁପଣ୍ଡିତ ଥିଲେ । ସେ ଶ୍ରୀ ଅରବିନ୍ଦଙ୍କୁ ଲାଟିନ୍ ଭାଷା ଶିକ୍ଷା ଦେଇଥିଲେ । ଏହି ସମୟରେ ସେ ବାଇବେଲ୍ ଓ ସେକ୍ସପିଅର୍, ସେଲି, କିଟ୍‌ସଙ୍କର ଗ୍ରନ୍ଥସମୂହ ପଢିବା ପାଇଁ ସୁଯୋଗ ପାଇଥିଲେ । ୧୮୮୪ ମସିହା ସେପ୍ଟେମ୍ବର ମାସରେ ଶ୍ରୀ ଅରବିନ୍ଦ ଲଣ୍ଡନର ସେଣ୍ଟ ପଲ୍ସ (St. Paul's) ସ୍କୁଲ୍‌ରେ ନାମ ଲେଖାଇଥିଲେ । ଏହି ବିଦ୍ୟାଳୟରେ ଗ୍ରୀକ୍ ଓ ଲାଟିନ୍ ଭାଷାରେ ସେ ବିଶେଷ ପାରଦର୍ଶିତା ଲାଭ କରିଥିଲେ ଏବଂ ସାହିତ୍ୟ ଓ ଇତିହାସରେ ବିଶେଷ ପୁରସ୍କାର ଅର୍ଜନ କରିଥିଲେ ।

ଅଠରବର୍ଷ ବୟସରେ ସେ ସୁନ୍ଦର ସୁନ୍ଦର ଇଂରାଜୀ କବିତା ଲେଖି ପାରୁଥିଲେ । ସେଣ୍ଟ ପଲ୍ସରେ ଅଧ୍ୟୟନ କରୁଥିବା ସମୟରେ ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ (I.C.S.) ପରୀକ୍ଷା ଦେଲେ । ୧୮୯୦ ମସିହାରେ ଅକ୍ଟୋବର ମାସରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର କିଙ୍ଗ୍ସ କଲେଜରେ ବୃତ୍ତିପ୍ରାପ୍ତ ଛାତ୍ର ହିସାବରେ ପ୍ରବେଶ କଲେ । ସେଠାରେ Tripos ଓ ଆଇ.ସି.ଏସ୍. ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ । ଏହି ସମୟରେ ଭାରତର ସ୍ୱାଧୀନତା ପାଇଁ (Indian Majlis) ନାମକ ଏକ ଛାତ୍ର ଅନୁଷ୍ଠାନ ପାଇଁ ସଂଗଠନରେ ଯୋଗ ଦେଇଥିଲେ ।

ପରିଶେଷ ୧୮୯୨ ମସିହାରେ ସେ ଆଇ.ସି.ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ—ସେହି ଚାକିରି ପାଇଁ ଆଗ୍ରହୀ ନ ଥିବାରୁ ସେ ଅଶ୍ୱାରୋହଣ ପ୍ରତିଯୋଗିତାରେ ଯୋଗ ଦେଇ ନଥିଲେ ଏବଂ ଏହି କାରଣରୁ ସିଭିଲ୍ ସର୍ଭିସ ପାଇଁ ଅଯୋଗ୍ୟ ବିବେଚିତ ହୋଇଥିଲେ ।

୧୮୯୩ ମସିହାରେ ବରୋଦା ରାଜ ସରକାରଙ୍କ ଅଧୀନରେ ଚାକିରି କରିବା ପାଇଁ ବମ୍ବେର ଅପୋଲୋ ବନ୍ଦରରେ ପଦାର୍ପଣ କରିବା ସମୟରେ ଅସୀମ ଆଧ୍ୟାତ୍ମ ସ୍ଫୂର୍ତ୍ତି ଓ ଶାନ୍ତିର ଅନୁଭୂତି ଲାଭ କରିଥିଲେ । ୧୯୦୪ ମସିହାରେ ସେ ବରୋଦା କଲେଜର ଅଧ୍ୟକ୍ଷ ରୂପେ ଯୋଗ ଦେଇଥିଲେ । ଏହି ଦାୟିତ୍ୱରେ ସେ ତେରବର୍ଷ ପାଞ୍ଚମାସ ରହିଥିବା ବେଳେ ତାଙ୍କରି ଅଧୀନରେ ଆଇ.ସି.ଏସ୍. କର୍ମଚାରୀ ଚାରୁଚନ୍ଦ୍ର ଦତ୍ତ ଶାନ୍ତିନିକେତନରୁ ଆସି ତାଙ୍କ ସହିତ ମିଳିତ ହୋଇଥିଲେ । ଭାରତର ଜାତୀୟ କଂଗ୍ରେସର ରାଜନୀତିକୁ ସମାଲୋଚନା କରିବା ଉଦ୍ଦେଶ୍ୟରେ ଶ୍ରୀ ଅରବିନ୍ଦ ବମ୍ବେରୁ ପ୍ରକାଶିତ 'ଇନ୍ଦୁ ପ୍ରକାଶ' ନାମକ ପତ୍ରିକାରେ 'ପୁରାତନ ପରିବର୍ତ୍ତେ ନୂତନ ପ୍ରଦୀପ' (New Lamps for the Old) ଶୀର୍ଷକ କେତୋଟି ପ୍ରବନ୍ଧ ପୁନରୁତ୍ଥାନଶୀଳ ଭାରତ ବିଷୟରେ ଲେଖିଥିଲେ । ସେହି ସମୟରେ ଏହି ପତ୍ରିକାରେ ଋଷି ବଙ୍କିମଚନ୍ଦ୍ର ଚଟାର୍ଜୀ ମଧ୍ୟ ଧାରାବାହିକ ଭାବରେ ପ୍ରବନ୍ଧ ଲେଖୁଥିଲେ ।

ବରୋଦାରେ ଶ୍ରୀ ଅରବିନ୍ଦ ବହୁ ଇଂରାଜୀ କବିତା ରଚନା କରିଥିଲେ । ତାଙ୍କର 'Songs to My rills and other poems' ଏଗୁଡ଼ିକ ମଧ୍ୟରେ ପ୍ରଧାନ ଥିଲା । ଏହାର ପରବର୍ତ୍ତୀ କାଳରେ ପଣ୍ଡିଚେରୀରୁ ପ୍ରକାଶିତ 'ସାବିତ୍ରୀ' ମହାକାବ୍ୟର ପ୍ରାଥମିକ ଅଂଶ ଏହି ସମୟରେ ଲିଖିତ ହୋଇଥିଲା । ଏହି 'ସାବିତ୍ରୀ' କାବ୍ୟ ଶ୍ରୀ ଅରବିନ୍ଦଙ୍କ ଇଂରାଜୀ ସାହିତ୍ୟରେ ଅଗାଧ ପାଣ୍ଡିତ୍ୟର ପରିଚୟ ଦିଏ ।

୧୯୦୧ରେ ଭୂପାଳ ଚନ୍ଦ୍ର ବୋଷଙ୍କର କନ୍ୟା ମୃଣାଳିନୀ ଦେବୀଙ୍କୁ ବିବାହ କରିଥିଲେ । ଭାରତବର୍ଷର ଅବସ୍ଥା ତାଙ୍କ ହୃଦୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଥିଲା । ସେ ଚାକିରି ଛାଡ଼ି ୧୯୦୪ରେ ବଙ୍ଗଳାର ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିବା ଜାତୀୟତାବାଦୀ କର୍ମୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ । ଦେଶର ସ୍ୱାର୍ଥ ଓ ନିଜର ସ୍ୱାର୍ଥ ଅଭିନ୍ନ ଏହି ମହତ୍ ଭାବରେ ସେ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିଥିଲେ । ଶ୍ରୀ ଅରବିନ୍ଦ ଲେଖିଥିଲେ : "ମୁଁ ସ୍ୱଦେଶକୁ ମା ବୋଲି ଜାଣେ, ଭକ୍ତି କରେ, ପୂଜା କରେ ।" ବଙ୍କିମଚନ୍ଦ୍ରଙ୍କ ଅପୂର୍ବ ମନ୍ତ୍ର 'ବନ୍ଦେମାତରମ୍' ଭାରତବାସୀଙ୍କୁ ସଞ୍ଜୀବିତ କଲା । ଶ୍ରୀ ଅରବିନ୍ଦ ବଙ୍ଗ ଦେଶକୁ ନେତାରୂପେ ଆସି ନ ଥିଲେ, ଆସିଥିଲେ ଜାତୀୟ ପକ୍ଷର ପୁରୋହିତ ରୂପେ' । ୧୯୦୫ ମସିହା ଅଗଷ୍ଟ ୩୦ ତାରିଖରେ ଶ୍ରୀ ଅରବିନ୍ଦ ମୃଣାଳିନୀ ଦେବୀଙ୍କୁ ଭାରତର ମୁକ୍ତି ଆନ୍ଦୋଳନ ଓ ତହିଁରେ ତାଙ୍କର ସକ୍ରିୟ ଅଂଶ ଗ୍ରହଣ ବିଷୟରେ ଏକ ଦୀର୍ଘ ପତ୍ର ଲେଖିଥିଲେ । ଏହି ପତ୍ରର ଅନ୍ତର୍ନିହିତ ଭାବ ବହୁ ଭାରତୀୟଙ୍କୁ ଜାତୀୟତାରେ ଉଦ୍‌ବେଳିତ କରିଥିଲା ।

୧୯୦୬ରେ ସେ 'ବଙ୍ଗଭଙ୍ଗ' ବିରୁଦ୍ଧରେ ବରିସାଲରେ ଅନୁଷ୍ଠିତ ରାଜନୈତିକ ସମ୍ମିଳନୀରେ ଯୋଗ ଦେଇଥିଲେ ଏବଂ ପରେ ପରେ ଅଗଷ୍ଟ ୧୫ ତାରିଖରେ ବଙ୍ଗ ଦେଶୀୟ ଜାତୀୟ ମହାବିଦ୍ୟାଳୟ 'Bengal National College' ର ଅଧ୍ୟକ୍ଷ ହିସାବରେ ଦାୟିତ୍ୱ ଗ୍ରହଣ କରିଥିଲେ ।

ସେ ବିପିନ ଚନ୍ଦ୍ର ପାଲଙ୍କ ପ୍ରକାଶିତ 'ବନ୍ଦେ ମାତରମ୍' ଇଂରାଜୀ ସାପ୍ତାହିକ ପତ୍ରିକାରେ ସମ୍ପାଦନା କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ । ଏହି ପତ୍ରିକାରେ ମହାତ୍ମା ଗାନ୍ଧୀଙ୍କର ଆନ୍ଦୋଳନର ପୁନରୁତ୍‌ଥାନ ଉଦ୍ଦେଶ୍ୟରେ ନିଷ୍କ୍ରିୟ ପ୍ରତିରୋଧ, ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଓ ବିଦେଶୀ ବର୍ଜନ, ଜାତୀୟ ଶିକ୍ଷା ପଦ୍ଧତି ପ୍ରଚଳନ, ସରକାରୀ ଅଦାଲତରେ ସାହାଯ୍ୟ ବିନା ମକଦ୍ଦମାର ସାଲିସ୍ କରିବା ଇତ୍ୟାଦି ବିଷୟରେ ଜ୍ଞାନ ଦାନ କରିବା ପାଇଁ ଉପାଦେୟ ସନ୍ଦର୍ଭ ରଚନା କରି ଦେଶବାସୀଙ୍କୁ ଜାତୀୟ ଆନ୍ଦୋଳନର ଉପଯୁକ୍ତ କରି ଗଢି ତୋଳିବାରେ ସାହାଯ୍ୟ କରୁଥିଲେ । କାଳକ୍ରମେ ବଙ୍ଗ ଦେଶରେ ଜାତୀୟତାବୋଧ ଆନ୍ଦୋଳନର ପ୍ରଧାନ ପରିଚାଳକ ରୂପେ ଶ୍ରୀ ଅରବିନ୍ଦ ସମ୍ମାନିତ ହେଲେ, ସମ୍ବର୍ଦ୍ଧିତ ହେଲେ । ଶ୍ରୀ ଅରବିନ୍ଦ ଓ ଠାକୁର ରବୀନ୍ଦ୍ରନାଥଙ୍କ ସହିତ ବହୁ ସମୟରେ ଜାତୀୟ ଆନ୍ଦୋଳନର କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା ହେଉଥିଲା । 'ବନ୍ଦେ ମାତରମ୍' ପତ୍ରିକା ବିରୁଦ୍ଧରେ ବଙ୍ଗ ସରକାରଙ୍କ ମକଦ୍ଦମା ଚାଲୁଥିବା ସମୟରେ ରବୀନ୍ଦ୍ରନାଥ, ଶ୍ରୀ ଅରବିନ୍ଦଙ୍କ ସମ୍ବର୍ଦ୍ଧନା ସମ୍ବଳିତ 'ଅରବିନ୍ଦ ରବୀନ୍ଦ୍ରେର୍ ଲହ ନମସ୍କାର' ଶୀର୍ଷକ ବିଖ୍ୟାତ କବିତା ରଚନା କରିଥିଲେ । ତାହା ହେଉଛି ରବୀନ୍ଦ୍ରନାଥଙ୍କର

"ତୋମାର ଦକ୍ଷିଣ କରେ
ତାଇକି ଦିଲେନ୍ ଆଜି କଠୋର ଆଦରେ
ଦୁଃଖେର ଦାରୁଣ ଦୀପ, ଆଲୋକ ଯାହାର
ଜ୍ୱଲିୟାଛେ ବିଦ୍ଧ କରି ଦେଶେର ଆନ୍ଧାର
ଧ୍ରୁବ ତାରକାର ମତୋ ? ଜୟ ତବ ଜୟ ।
କେ ଆଜି ଫେଲିବେ ଅଶ୍ରୁ, କେ କରିବେ ଭୟ,
ସତ୍ୟେରେ କରିବେ ଖର୍ବ କୋନୋ କାପୁରୁଷ
ନିଜେରେ କରିବେ ଲକ୍ଷ୍ୟା ? କୋନୋ ଅମାନୁଷ
ତୋମାର୍ ବେଦନା ହ'ତେ ନା ପାଇବେ ବଲ ?"

ବୈପ୍ଳବିକ ଆନ୍ଦୋଳନ ବ୍ୟାପକ ଓ ତୀବ୍ରତର ହେଲା । ପ୍ରବଳ ବିକ୍ଷୋଭ, ଅସ୍ଥିରତା, ବିଶେଷ ଅସନ୍ତୋଷ ଓ ହିଂସାକାଣ୍ଡ ପ୍ରବଳରୁ ପ୍ରବଳତର ହେଲା । ସମଗ୍ର ବଙ୍ଗଳାରେ ବିଭିନ୍ନ ସ୍ଥାନରେ ଇଂରେଜ କର୍ମଚାରୀମାନଙ୍କ ଦ୍ୱାରା ବ୍ୟାପକ ଧରପଗଡ ଓ ଗିରଫଦାରୀ ଆରମ୍ଭ ହେଲା । ୧୯୦୮ ମସିହା ମଇ ୨ ତାରିଖରେ ଶ୍ରୀ ଅରବିନ୍ଦଙ୍କର କଲିକତାସ୍ଥିତ ବାସଭବନକୁ ସମଦାପନ୍ତ ସହ ପୋଲିସ୍ ଖାନତଲାସ କଲେ । ରାଜନୈତିକ ବିପ୍ଳବୀ ଦଳର ବହୁ ବ୍ୟକ୍ତିଙ୍କୁ ତଥା ଶ୍ରୀ ଅରବିନ୍ଦ ଓ ତାଙ୍କର ସହଭାଇ ବାରୀନ୍ଦ୍ରଙ୍କୁ ମଧ୍ୟ ଗିରଫ କଲେ । ମଇ ମାସ ୫ ତାରିଖରେ ବିଚାରାଧୀନ ଅପରାଧୀ ରୂପେ ଶ୍ରୀ ଅରବିନ୍ଦଙ୍କୁ

ଅଲିପୁର ଜେଲରେ କାରରୁଦ୍ଧ କରାଗଲା । ହେଲେ ସେ ଗୋଟିଏ ବର୍ଷ ପରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ମୁକ୍ତି ଲାଭ କଲେ ।

ଶ୍ରୀ ଅରବିନ୍ଦଙ୍କ ପକ୍ଷରେ ଲଢୁଥିବା ଭାରତବର୍ଷର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ନେତା ତଥା ବିଶିଷ୍ଟ ଆଇନଜ୍ଞ ଚିତ୍ତରଞ୍ଜନ ଦାସ, ବିଚାରପତି ମିଃ ବିଚକ୍ରଫ୍ଟଙ୍କ ସମ୍ମୁଖରେ ଶ୍ରୀ ଅରବିନ୍ଦଙ୍କ ବିଷୟରେ ଯାହା ବୟାନ କରିଥିଲେ ତାହାର କିୟଦଂଶ ହେଲା :

"ମୋର ଆବେଦନ ଏହି ଯେ, ଆଜିର ଏହି ବାଦାନୁବାଦ ନିସ୍ତବ୍ଧ ହେବାର ବହୁ କାଳ ପରେ, ଉପସ୍ଥିତ ବିକ୍ଷୋଭ ଓ ଆନ୍ଦୋଳନ କ୍ଷାନ୍ତ ହେବାର ବହୁ କାଳ ପରେ, ଏହାଙ୍କର (ଶ୍ରୀ ଅରବିନ୍ଦଙ୍କର) ଦେହାବସାନର ଦୀର୍ଘ ଦିନ ଅନ୍ତେ, ଏହାଙ୍କୁ ଦେଶପ୍ରେମର କବି ରୂପେ, ସ୍ୱଦେଶାନୁରାଗର ପୟଗମ୍ବର ରୂପେ, ଏବଂ ମାନବ ଜାତିର ପରମ ପ୍ରେମିକ ରୂପେ ଜଗତ ଗଣ୍ୟ କରିବ । ମହାପ୍ରୟାଣର ବହୁ କାଳ ପରେ ତାଙ୍କର ବାଣୀ କେବଳ ଭାରତବର୍ଷରେ ନୁହେଁ, କିନ୍ତୁ ସୁଦୂରବର୍ତ୍ତୀ ଦେଶ ଦେଶାନ୍ତରରେ ଧ୍ୱନିତ ଓ ପ୍ରତିଧ୍ୱନିତ ହେଉଥିବ । ସୁତରାଂ ମୁଁ କହେ ଯେ ଏହି ବ୍ୟକ୍ତି ଏହି ବିଚାରାଳୟ ସମ୍ମୁଖରେ ଦଣ୍ଡାୟମାନ ହୋଇ ନାହାନ୍ତି; ମାତ୍ର ସେ ଇତିହାସର ଉଚ୍ଚତମ ବିଚାରାଳୟ ସମକ୍ଷରେ ଦଣ୍ଡାୟମାନ ।"

ହାଓ୍ୱଡା ଷ୍ଟେସନଠାରେ ୬/୭ କିଲୋମିଟର ଦୂରରେ ଥିବା ଉତ୍ତରପଡାରେ ଶ୍ରୀ ଅରବିନ୍ଦ ଜେଲ୍‌ରୁ ମୁକ୍ତ ହେବା ପରେ ପ୍ରାୟ ଦଶହଜାରରୁ ଅଧିକ ଲୋକ ସମାବେଶରେ ଦେଶ ମୁକ୍ତି ପାଇଁ ଏକ ସାରଗର୍ଭକ ଭାଷଣ ଦେଇଥିଲେ । ଏହି ଭାଷଣରେ ଏହା ସହିତ କାରାବାସର ଅନୁଭୂତି ଓ ଦିବ୍ୟ ଉପଲବ୍ଧି ସେ ପ୍ରକାଶ କରିଥିଲେ । ସମବେତ ଶ୍ରୋତୃମଣ୍ଡଳି ସମ୍ପୂର୍ଣ୍ଣ ନୀରବ ଭାବରେ ଏହା ଶ୍ରବଣ କରି ସ୍ତମ୍ଭିଭୂତ ହୋଇ ଯାଇଥିଲେ । ଏହିପରି ଭାବରେ ବହୁ ସଭାସମିତିରେ ସେ ଦେଶର ପୂର୍ଣ୍ଣ ସ୍ୱାଧୀନତା ସମ୍ପର୍କରେ ଅଭିଭାଷଣମାନ ଦେଇଥିଲେ । ସେ ଭାରତବର୍ଷର ପୂର୍ଣ୍ଣ ସ୍ୱାଧୀନତା ଉପରେ ଗୁରୁତ୍ୱ ଆରୋପ କରିଥିଲେ କାହିଁକି ? ତାହାର କାରଣ ହେଉଛି ସେ ମାନବ ପାର୍ଥିବ ଜୀବନର ପୁନର୍ଗଠନ ନିମିତ୍ତ ଭାରତବର୍ଷକୁ ଗୋଟିଏ ବୃହତ୍ ପଦମର୍ଯ୍ୟାଦା ଦେଇ ବିଶାଳ ଭବିଷ୍ୟତ ଗଠନ ପାଇଁ ଦାୟିତ୍ୱ ଦେବାକୁ ଚାହିଁଛନ୍ତି । ତାଙ୍କ ଦୃଷ୍ଟିରେ ଭାରତବର୍ଷହିଁ ବିରାଟ ଅଧ୍ୟାତ୍ମ ଚେତନାର ଭଣ୍ଡାର । ଭାରତହିଁ ପଥ ପ୍ରଦର୍ଶକ, ଭାରତ ହିଁ ପୂର୍ଣ୍ଣ ସତ୍ୟର ରକ୍ଷକ । ତେଣୁ ଜଗତର ଏକତ୍ୱ ବିଧାୟକ ନବ ଯୁଗରେ ସ୍ୱାଧୀନ ଭାରତରେ ଜାତୀୟ ଆତ୍ମା ଭବିଷ୍ୟତର ରୂପାୟନ ନିମନ୍ତେ କାର୍ଯ୍ୟ କରିବ । ମାନବ ସମାଜରେ ଆଧ୍ୟାତ୍ମିକ ଜୀବନକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ତାଙ୍କ ଦୃଷ୍ଟିରେ ଭାରତର ପୂର୍ଣ୍ଣ ସ୍ୱାଧୀନତା ଅପରିହାର୍ଯ୍ୟ ଥିଲା ।

ଶ୍ରୀ ଅରବିନ୍ଦଙ୍କ ମଉସା କୃଷ୍ଣ କୁମାର ମିତ୍ରଙ୍କ ଦ୍ୱାରା ପ୍ରକାଶିତ 'କର୍ମଯୋଗିନ୍' ପତ୍ରିକାରେ କାର୍ଯ୍ୟ କରୁଥିବା ବେଳେ ସେ ଖବର ପାଇଲେ ତାଙ୍କୁ ପୋଲିସ୍ ଗିରଫ କରିବା ପାଇଁ କାର୍ଯ୍ୟାଳୟ ତଦନ୍ତ କରିବେ । ହଠାତ୍ ସେ ପ୍ରତ୍ୟାଦେଶ ପାଇଲେ 'ଚନ୍ଦନ ନଗରକୁ ଯାଅ' । ସେଠାକୁ ଯାଇ ସେ ନିଜର ଘନିଷ୍ଠ ବନ୍ଧୁ ମୋତିଲାଲ ରାୟଙ୍କ ଗୃହରେ ନିଭୃତରେ ବାସ କରିବାକୁ ଲାଗିଲେ । ସେଠାରେ ସେ ଶ୍ରୀ ରାୟଙ୍କୁ ଯୋଗ ସାଧନା ବିଷୟରେ ବହୁ ତଥ୍ୟ ବୁଝାଉଥିଲେ । ସର୍ବାଙ୍ଗୀନ ସମର୍ପଣ ପୂର୍ଣ୍ଣ ଯୋଗ ସାଧନାର ସର୍ବସାର ବିଷୟ । ଏକମାସ ପରେ ସେ ପୁଣି 'ପ୍ରତ୍ୟାଦେଶ' ପାଇଲେ "ପଣ୍ଡିଚେରୀକୁ ପ୍ରସ୍ଥାନ କର" । ୧୯୧୦ ମସିହା ମାର୍ଚ୍ଚ ୩୧ ତାରିଖରେ ତାଙ୍କର ବନ୍ଧୁ ସୁରେଶ ଚକ୍ରବର୍ତ୍ତୀ ପଣ୍ଡିଚେରୀରେ ତାଙ୍କର ବାସସ୍ଥାନ ନିର୍ଦ୍ଧାରଣ କରିବା ପାଇଁ ପଣ୍ଡିଚେରୀରେ ପହଞ୍ଚିଲେ । ଶ୍ରୀ ଅରବିନ୍ଦ ୧୯୧୦ ମସିହା ଏପ୍ରିଲ ପହିଲା ଦିନ ଡୁପ୍ଲେକ୍ସ (Duplelx) ନାମକ ଜାହାଜରେ କଲିକତାରୁ ପଣ୍ଡିଚେରୀ ଅଭିମୁଖେ ଯାତ୍ରା କଲେ ଓ ଚାରିତାରିଖ ଦିନ ୪ ଘଟିକାରେ ପଣ୍ଡିଚେରୀରେ ପହଞ୍ଚିଲେ ଓ ସ୍ଥାୟୀ ଭାବରେ ରହିବା ପାଇଁ ବର୍ତ୍ତମାନର ପ୍ରଧାନ ଆଶ୍ରମସ୍ଥିତ ବାସଭବନରେ ଅବସ୍ଥାନ କଲେ । ଅଳ୍ପକାଳ ମଧ୍ୟରେ ଫ୍ରାନ୍ସରୁ ପଲ୍ ଲିସାର୍ (Paul Richard) ପଣ୍ଡିଚେରୀ ଆସିଥିଲେ । ସେ ପଣ୍ଡିଚେରୀରେ ଅରବିନ୍ଦଙ୍କୁ ସାକ୍ଷାତ୍ କରିଥିଲେ । ଶ୍ରୀ ଅରବିନ୍ଦଙ୍କ ଅଗାଧ ଜ୍ଞାନ ଓ ଆଧ୍ୟାତ୍ମିକ ଚେତନାରେ ଉଦ୍‌ବୁଦ୍ଧ ହୋଇ ସେ 'ଏସିଆର ଉଷାକାଳ' (The Dawn over Asia) ନାମକ ପୁସ୍ତକ ରଚନା କରିଥିଲେ । ସେଥିରେ ଉଲ୍ଲେଖ କରିଥିଲେ, "ଶ୍ରୀ ଅରବିନ୍ଦ ହିଁ ଏସିଆ ମହାଦେଶର ପଥ ପ୍ରଦର୍ଶକ" ।

ପଣ୍ଡିଚେରୀ ଆଶ୍ରମରେ ଚାରିଜଣ ବଙ୍ଗୀୟ ଯୁବକ ମନି, ବିଜୟ, ସୌରୀବ ଓ ନଳିନୀ ଶ୍ରୀ ଅରବିନ୍ଦଙ୍କ ସହିତ ବାସ କରୁଥିଲେ । ଏହି ଚାରିଜଣଙ୍କ ଉପରେ ପୋଲିସର କଡା ନଜର ଥିଲା । ଏହି ଚାରିଜଣଙ୍କୁ ଶ୍ରୀ ଅରବିନ୍ଦ ଲାଟିନ୍, ଗ୍ରୀକ୍ ଓ ଫରାସୀ ଭାଷାରେ ଶିକ୍ଷା ଦେଉଥିଲେ ।

୧୯୧୪ ମସିହା ମାର୍ଚ୍ଚ ୨୧ ତାରିଖରେ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ସାକ୍ଷାତ ଲାଭ କରିଥିଲେ । ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଭିତରେ ମହାନ୍ ଐଶୀ ସତ୍ତା ଅନୁଭବ କରିଥିଲେ । ଶ୍ରୀମା ତାଙ୍କ ଦିନପଞ୍ଜିରେ ୧୯୧୪ ମସିହା ମାର୍ଚ୍ଚ ୩୦ ତାରିଖରେ ପ୍ରକାଶ କରିଛନ୍ତି ଯେ, ପୃଥିବୀରେ ଶ୍ରୀ ଅରବିନ୍ଦଙ୍କର ଉପସ୍ଥିତି ହେତୁ ଏପରି ଗୋଟିଏ ଦିନ ଆସିବ ଯେତେବେଳେ ଅନ୍ଧକାର ଆଲୋକରେ ପରିବର୍ତ୍ତିତ ହେବ ଏବଂ ଜଗତରେ ଭଗବାନଙ୍କ ରାଜ୍ୟ ପ୍ରତିଷ୍ଠିତ ହେବ । ଶ୍ରୀମା "ଆର୍ଯ୍ୟ" ନାମକ ମାସିକ ପତ୍ରିକାରେ ପ୍ରକାଶ କରିଥିଲେ, ଶ୍ରୀ ଅରବିନ୍ଦଙ୍କ ବିନା ମୋର ଅସ୍ତିତ୍ୱ ନାହିଁ, ମୋ ବିନା ତାଙ୍କର ଅଭିବ୍ୟକ୍ତି ନାହିଁ । (Without him, I exist not; without me, he is unmenifest'. ପ୍ରଥମ ବିଶ୍ୱଯୁଦ୍ଧ ହେତୁ ଶ୍ରୀମା ୧୯୧୫ ଫେବୃୟାରୀରେ ଫ୍ରାନ୍ସ ଯାତ୍ରା କଲେ । ମୃଣାଳିନୀ ଦେବୀଙ୍କ ପଣ୍ଡିଚେରୀ ଆସିବା ବ୍ୟବସ୍ଥା ହେଲା । ମାତ୍ର ତାଙ୍କର କଲିକତାରେ ମହାପ୍ରୟାଣ ଘଟିଲା । ସେତେବେଳକୁ ତାଙ୍କର ବୟସ ମାତ୍ର ତିରିଶ ବର୍ଷ । ୧୯୨୦ ମସିହା ଏପ୍ରିଲ ୨୪ ତାରିଖରେ ଶ୍ରୀମା ପୁନରାୟ ପଣ୍ଡିଚେରୀରେ ପଦାର୍ପଣ କରିଥିଲେ । ଶ୍ରୀ ଅରବିନ୍ଦଙ୍କର ଅଧ୍ୟାତ୍ମିକ ଚେତନା ରାଜ୍ୟର ରୂପରେଖ ଦେବାପାଇଁ ପ୍ରାୟ ୫୩ (ତେପନ ବର୍ଷ) ଧରି ଶ୍ରୀମା ଉଦ୍ୟମ କରିଥିଲେ । ଏହି ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ମଧ୍ୟରେ ପଣ୍ଡିଚେରୀ ଆଶ୍ରମ ସ୍ୱୟଂ ସମ୍ପୂର୍ଣ୍ଣ ହୋଇପାରିଛି ଓ ସମଗ୍ର ବିଶ୍ୱକୁ ଆକୃଷ୍ଟ କରି ପାରିଛି ।


ଯୋଗୀ ଅରବିନ୍ଦଙ୍କର 'Sabitri', 'Life Divine', 'The Synthesis of Yoga', 'The Ideal of Humanity', 'Human Cycle', 'The Mother' ଆଦି ବହୁ ଉପାଦେୟ ଇଂରାଜୀ ପୁସ୍ତକ ପୃଥିବୀର ଅଧ୍ୟାତ୍ମିକ ଚେତନାର ଉଦ୍ରେକ ପାଇଁ ଆଲୋଡନ ସୃଷ୍ଟି କରିଛି ।

ଶ୍ରୀ ଅରବିନ୍ଦଙ୍କର ପୂର୍ଣ୍ଣାଙ୍ଗ ଶିକ୍ଷା 'Integral Education' ଶିକ୍ଷା କ୍ଷେତ୍ରରେ ଏକ ନୂତନ ଚିନ୍ତନ ସୃଷ୍ଟି କରିଛି । ପରୀକ୍ଷାମୂଳକ ଭାବରେ ଏହି ଶିକ୍ଷା ଭାରତବର୍ଷର ବିଭିନ୍ନ ପ୍ରାନ୍ତରେ ବିଶେଷ କରି ଓଡ଼ିଶାରେ ଫଳପ୍ରସୂ ହୋଇଛି । ଜାତୀୟ ଶିକ୍ଷା ନୀତିରେ ଏକ ଶିକ୍ଷାର ଉପାଦେୟତାକୁ ଧୀରେ ଧୀରେ ସମସ୍ତେ ଉପଲବ୍ଧି କରିବେ ।

ଅତିମାନସ ଚେତନା ଶ୍ରୀମା ଓ ଶ୍ରୀ ଅରବିନ୍ଦ ୧୯୫୦ରେ ପୃଥିବୀ ପୃଷ୍ଠକୁ ଆଣିଲେ । ଏଇ ଚେତନା ବିଶ୍ୱ ଚେତନା ସଙ୍ଗେ ଏକ ହେବାରୁ ତାହା ବିଶ୍ୱରେ ଅବତରଣ କଲା ବୋଲି କୁହା ହୋଇଛି । ଏହି ଅତିମାନସ ଶକ୍ତିର ଅବତରଣ ପରେ ଶ୍ରୀ ଅରବିନ୍ଦ ଭୌତିକ ଦେହ ତ୍ୟାଗ କଲେ । ସେହି ଅତିମାନସ ଶକ୍ତି ମା'ଙ୍କ ଦ୍ୱାରା କ୍ରିୟାଶୀଳ ହୋଇ ୧୯୫୬ ମସିହା ଫେବୃୟାରୀ ୨୯ ତାରିଖରେ ଭୌତିକ ସ୍ତରରେ ଆବିର୍ଭୂତ ହେଲା । ଏ ସମ୍ବନ୍ଧରେ ଶ୍ରୀମା'ଙ୍କର ବାଣୀ ହେଲା :

'The manifestation of the supremental on earth is no more a promise but a living fact, a reality.'

ଭାରତବର୍ଷର ପୂର୍ଣ୍ଣ ସ୍ୱାଧୀନତାର ଆବାହନୀ ସାଙ୍ଗକୁ ମାନବଜୀବନର ମୁକ୍ତିର ଆବାହନୀ ଓ ଶ୍ରୀ ଅରବିନ୍ଦ ଗାଇଥିଲେ । ଅଜ୍ଞାନ ତମିସ୍ରା ଛିନ୍ନ କରି ଜ୍ଞାନର ପ୍ରଦୀପ ଜାଳିଥିଲେ । ସେହି ଆବାହନୀ ଆଜି ବିଶ୍ୱର ରନ୍ଧ୍ରେରନ୍ଧ୍ରେ ଝଙ୍କୃତ । ସେହି ପ୍ରଦୀପର ଆଲୋକଶିଖା ଆଜି ଧୀରେଧୀରେ ବିସ୍ତାରିତ ହେଉଛି । ତେଣୁ ଭାରତବର୍ଷର ଭାଗ୍ୟାକାଶର ଧ୍ରୁବତାରା ଯୋଗୀ ଅରବିନ୍ଦ ଆଜି ଦେଦୀପ୍ୟମାନ । ନିତ୍ୟ ନୂତନ ।




ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ରାଷ୍ଟ୍ରପତି........

# ସାହିତ୍ୟ ଓ ଜାତୀୟ ସଂସ୍କୃତି

ଡକ୍ଟର୍ ରାଘବାନନ୍ଦ ନାୟକ

"ସର୍ବେଷାଂ ନୋ ଜନନୀ ଭାରତ
ଧରଣୀ କଳ୍ପଲତେୟମ୍
ଜନନୀ ବତ୍ସଳ ତନୟ ଗଣୈସ୍ତତ୍
ସମ୍ୟକ୍ ଶର୍ମ ବିଧେୟମ୍ ।"

"ଭାରତ ଗୀତିକା"ରେ କଳ୍ପଲତା ଭଳି ଏହି ଭାରତ ଭୂମିକୁ ପ୍ରଣାମ ଜଣାଇଥିଲେ କବି ରାଧାନାଥ । ଏ ଭାରତ ଆମର ଜନନୀ ଓ ଜନ୍ମଭୂମି । ପୁରୁଷୋତ୍ତମ ରାମ କହିଥିଲେ ଏହି ଜନନୀ ଜନ୍ମଭୂମି ସ୍ୱର୍ଗଠାରୁ ମଧ୍ୟ ଶ୍ରେଷ୍ଠ । ବହୁ କବି ମନିଷୀ ଏକ ଅଖଣ୍ଡ ଭାରତର ଯେଉଁ ସ୍ୱପ୍ନ ଦେଖିଥିଲେ ବୈଦିକ କାଳରୁ, ସେହି ସାଂସ୍କୃତିକ ଓ ଭୌଗୋଳିକ ଭାରତ କାଳର ପ୍ରଭାବରେ ବିଖଣ୍ଡିତ ଓ ବିଭ୍ରାନ୍ତ ହୋଇଯାଇଛି । ହିମଗିରିରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତବର୍ଷରେ ଯେଉଁ ସାଂସ୍କୃତିକ ପ୍ରାଣସ୍ରୋତ ଅଜ୍ଞାତ କାଳରୁ ଏ ପର୍ଯ୍ୟନ୍ତ ପ୍ରବାହିତ ହୋଇ ଆସୁଛି, ତାହା ସୌଭାଗ୍ୟବଶତଃ ନିଶ୍ଚିହ୍ନ ହୋଇଯାଇ ନାହିଁ । ବିଭିନ୍ନ ଜାତି, ଧର୍ମ, ଭାଷା ଓ ସାଂସ୍କୃତିକ ପରମ୍ପରାର ଭିନ୍ନତା ସତ୍ତ୍ୱେ ମନ ଓ ହୃଦୟର ଐକ୍ୟ ଓ ସମନ୍ୱୟ ମଧ୍ୟରେ ଏକ ମହାନ୍ ଭାରତୀୟ ସଂସ୍କୃତି ଗଢ଼ି ଉଠିଛି ।

ଭୂଖଣ୍ଡ ହେଉଛି କୌଣସି ଜାତିର ଶରୀର ଓ ସଂସ୍କୃତି ହେଉଛି ତାହାର ଆତ୍ମା ସ୍ୱରୂପ । ବିଷ୍ଣୁ ପୁରାଣ ମତରେ ମହୋଦଧିର ଉତ୍ତରରେ ଓ ହିମାଳୟର ଦକ୍ଷିଣରେ ଅବସ୍ଥିତ ଦେଶର ନାମ ଭାରତବର୍ଷ । ବାୟୁ ପୁରାଣ ଓ ଅନ୍ୟାନ୍ୟ ପୁରାଣ ମଧ୍ୟ ଉଚ୍ଚ କଣ୍ଠରେ ସେହି କଥା କହିଛନ୍ତି । ଏହି ଦେଶ ଏପରି ଏକ ସମନ୍ୱିତ ସଂସ୍କୃତିକୁ ଜନ୍ମ ଦେଇଥିଲା, ଯାହା ବିଶ୍ୱର ଅନ୍ୟାନ୍ୟ ଜାତିକୁ ମଧ୍ୟ ପଥ ପ୍ରଦର୍ଶନ କରି ଆସିଛି । ପ୍ରାଚୀନ ମହର୍ଷି ମନୁ କହି ଯାଇଛନ୍ତି, ଏହି ଭାରତବର୍ଷ ଦେବତାମାନଙ୍କର ଅଧ୍ୟୁଷିତ ଓ ଦେବତାମାନଙ୍କର ଲୀଳା ଭୂମି । "ତଂ ଦେବଂ ନିର୍ମିତଂ ଦେଶଂ ବ୍ରହ୍ମାବର୍ତ୍ତ ପ୍ରଚକ୍ଷତେ" । ଉର୍ଦ୍ଦୁ କବି ଇକ୍‌ବାଲ୍ ପ୍ରାଣର ଆବେଗରେ ସେଥିପାଇଁ ଗାଇଗଲେ"ସାରା ଜହାଁସେ ଅଚ୍ଛା ହିନ୍ଦୁସ୍ଥାନ ହମାରା" ବଙ୍କିମଚନ୍ଦ୍ରଙ୍କର "ବନ୍ଦେ ମାତରଂ" ବାଣୀ ଅ.ୀ ଅନ୍ତରକୁ ଏବେ ମଧ୍ୟ ଉଦ୍‌ବୋଧିତ କରୁଛି । ତେଣୁ ପ୍ରାଚୀନ କାଳରୁ ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ଜାତୀୟ ସଂହତି ପାଇଁ ସାହିତ୍ୟ ତାର ଗୁରୁ ଦାୟିତ୍ୱ କେବେ ଅବହେଳା କରିନାହିଁ ।

ଦେଶର ବକ୍ଷରେ ଗଢ଼ିଉଠେ ସଭ୍ୟତା, ତାର ନିର୍ମାତା ହୁଅନ୍ତି ଜନ ସମ୍ପ୍ରଦାୟ । ଜାତି ହେଉଛି ସେହି ଜନ ସମ୍ପ୍ରଦାୟ ଯେଉଁମାନେ ବହୁକାଳ ଧରି ବାସ କରି ସେହି ଦେଶକୁ ନିଜର ବୋଲି ଗ୍ରହଣ କରି ନେଇଥାନ୍ତି । ସଭ୍ୟତା ତେଣୁ କୌଣସି ଜାତିର ବହିରଙ୍ଗ ବା ଶରୀର ଓ ସଂସ୍କୃତି ହେଉଛି ତାହାର ଆତ୍ମା ସ୍ୱରୂପ । ସଭ୍ୟତା ତାର ଭୌତିକ ବିକାଶ ଓ ସଂସ୍କୃତି ତା'ର ଆଧ୍ୟାତ୍ମିକ ବିକାଶର ନିଦର୍ଶନ । ଅନ୍ତଃସ୍ରୋତା ଫଲ୍‌ଗୁ ଭଳି ସଭ୍ୟତାର ଅନ୍ତଃସ୍ଥଳରେ ପୂତ ସଲୀଳା ସଂସ୍କୃତି ଚିରକାଳ ପ୍ରବହମାନା ହୋଇଥାଏ । ତେଣୁ ସାହିତ୍ୟ ଓ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସାହିତ୍ୟ ସଂସ୍କୃତିର ମୂଳଭିତ୍ତି ଓ ସଂସ୍କୃତି ହେଉଛି ସମାଜ ବା ଜାତିର ଦର୍ଶନ ସ୍ୱରୂପ । ଏହି ସଂସ୍କୃତି ସଚେତନତା ହିଁ ଜାତିକୁ ଯୁଗ ଯୁଗ ଧରି ଏକତା ପାଶରେ ଆବଦ୍ଧ କରି ରଖିଥାଏ । ଗେଟେଙ୍କ ମତରେ ସାହିତ୍ୟ ମାନବ ଚରିତ୍ରର ଏକ ଇତିହାସ ମାତ୍ର । ମାନବର ମାନବ ସହିତ, ସମାଜ ସହିତ, ରାଷ୍ଟ୍ର ସହିତ ଓ ବିଶ୍ୱ ସହିତ ଯେଉଁ ସମ୍ପର୍କ — ତାହାର ଇତିହାସ ଅଙ୍କିତ ହୋଇଥାଏ ସାହିତ୍ୟରେ ।

ବର୍ତ୍ତମାନ ଭାରତର ସଂହତି ଏକ ସନ୍ଧିସନ୍ଧି ମୁହୂର୍ତ୍ତ ମଧ୍ୟରେ ଗତି କରୁଛି । ସ୍ୱାଧୀନତା ହାସଲ ପରେ ଆମର ଅନେକ ଅଭ୍ୟୁଦୟ ଓ ଅନେକ ପ୍ରାପ୍ତି ମଧ୍ୟରେ ଗୋଟିଏ ଜିନିଷକୁ ଆମେ ହରାଇ ବସିଛୁ — ତାହା ମୂଲ୍ୟବୋଧ, ବିଶେଷତଃ ଜାତୀୟ ମୂଲ୍ୟବୋଧ । ଭାରତର ଚେହେରାରେ କିଛି ପରିବର୍ତ୍ତନ ହେଲା । ବାହ୍ୟ ଉନ୍ନତି କିଛି ହେଲା ସିନା, ମାତ୍ର ଆମମାନଙ୍କ ମଧ୍ୟରେ ବିଭେଦ, ଆର୍ଥିକ, ସାମ୍ପ୍ରଦାୟିକ, କ୍ଷୁଦ୍ର ସ୍ୱାର୍ଥର ବିଚ୍ଛିନ୍ନତାବୋଧ ଓ ମାନସିକ ଦାରିଦ୍ର୍ୟ କ୍ରମେ କ୍ରମେ ବଢ଼ି ବଢ଼ି ଚାଲିଲା । ରାଉରକେଲା, ଭିଲାଇର ଧୂଆଁ ଭିତରେ ଯନ୍ତ୍ର ସଭ୍ୟତାର ଅଭିଘାତରେ ଭାରତର ମାଟିର ମଣିଷ ଭୁଲିଗଲା ଗାନ୍ଧିଜୀଙ୍କ ସ୍ୱପ୍ନ ରାମ ରାଜ୍ୟର ମନ୍ତ୍ର, କାଳନ୍ଦୀଚରଣଙ୍କ "ପଧାନପଡ଼ା" ଦହି ହହି ଗଲା, ବଣ ପାହାଡ଼ ପରେଇ ଗଲା, ସଂସ୍କୃତିର ଝରଣା ଶୁଖି ଶୁଖି ଆସିଲା, ବୁଢ଼ୀ ଅସୁରୁଣୀ ଭଳି ସହର ମାଡ଼ି ମାଡ଼ି ଆସିଲା । ବରଜୁ ପ୍ରଧାନ ହଜିଯାଇ ବଳୀଦତ୍ତ ଆସିଲା, ଗୋପୀନାଥ ମହାନ୍ତିଙ୍କ "ଦାନାପାଣି"ର ଲଢ଼େଇ ଭିତରେ ଯେ ଜଳାଞ୍ଜଳି ଦେଲା ସବୁକିଛି, ସର୍ବଶେଷରେ ମାନବିକ ମୂଲ୍ୟବୋଧ । ସୁରେନ୍ଦ୍ର ମହାନ୍ତିଙ୍କ "ଅନ୍ଧଦିଗନ୍ତ"ରୁ ଖସିପଡ଼ି ଆମେ

ହୋଇଥିଲୁ ସର୍ବହରା, ଏବେ ହେଲୁ ସ୍ୱପ୍ନହରା । କେଉଁଠି ଆମେ ହଜାଇଦେଲୁ ଏକ ମହାନ୍ ଭାରତ ଗଢ଼ିବାର ସ୍ୱପ୍ନଟିଏ ! ଏହାର କାରଣ କେଉଁଠି ଆମର ଜାତୀୟ ଚେତନା, ସାମଗ୍ରିକ ଐକ୍ୟର ଝଙ୍କାର କେଉଁଠି ହଜିଯାଇଛି ।

ଆଜିର ନୂତନ ପୃଥିବୀ ଆମ ପାଖକୁ ବହୁ ନୂଆ ଦୁଃଖ ଆଣିଛି । ଅବଶ୍ୟ ବିଶ୍ୱ ଆଜି ଛୋଟ ହୋଇଯାଇଛି – ଯିବା ଆସିବାର ଅବଶ୍ୟ ବହୁ ପରିମାଣରେ ଅତିକ୍ରାନ୍ତ ହୋଇଛି । ତଥାପି ଭୌଗୋଳିକ ବାଧା ଅନେକ ପରିମାଣରେ ଅତିକ୍ରାନ୍ତ ହୋଇଛି । ତଥାପି କ'ଣ ଯାଇଛି ଆମ ସଂକୀର୍ଣ୍ଣତା, ଆମର ଆଞ୍ଚଳିକତାର ବ୍ୟାମୋହ, ସାମ୍ପ୍ରଦାୟିକତାର ଅହଙ୍କାର ? ଅବଶ୍ୟ ଏକ ସଙ୍କଟମୟ କାଳରେ ଆମେ ବାସ କରୁଛୁ । ଏ ସଙ୍କଟ ସବୁ କାଳରେ ଥିଲେ ମଧ୍ୟ ଏହାର ଅଭିଘାତ ବର୍ତ୍ତମାନ କାଳରେ ଅତି ଘନୀଭୂତ । ରାଷ୍ଟ୍ର ଓ ସମାଜଠାରୁ ଆରମ୍ଭ କରି ରାଜନୀତି ଓ ପରିବାର ପର୍ଯ୍ୟନ୍ତ ସବୁଆଡ଼େ ଆଜି ଭଙ୍ଗାରୁଜାର ଯୁଗ । ପ୍ରାଚୀନ ପୃଥିବୀର କରୁଣ ଆର୍ତ୍ତନାଦ ଶୁଭୁଛି ସିନା, ନୂତନ ପୃଥିବୀର ଜନ୍ମଯନ୍ତ୍ରଣା ଶେଷ ହୋଇନାହିଁ । ସାହିତ୍ୟ ଓ ଜାତୀୟ ଜୀବନ ମଧ୍ୟରେ ଘଟିଛି ଏକ ମର୍ମନ୍ତୁଦ ବିଚ୍ଛେଦ । ରାଷ୍ଟ୍ର ଓ ସମାଜ ପରସ୍ପର ନିର୍ଭରଶୀଳ । ସାହିତ୍ୟ ମଧ୍ୟ ଏକ ସମାନ୍ତରାଳ ରାଷ୍ଟ୍ରଶକ୍ତି । ଲେଖକମାନେ ଦେଶ ଓ ଜାତିର ବିବେକ ସ୍ୱରୂପ ଏହା ଆମେ ସମ୍ପୂର୍ଣ୍ଣ ଭୁଲିଯାଉଛୁ ।

ପ୍ରକୃତରେ ଏକ ଭୟଙ୍କର ବିପଦଜନକ ସ୍ଥିତି ସହ ମୁକାବିଲା କରିବାର ସମୟ ଆଜି ଆସିଛି । ଆଜି ଜାତିର ସଂହତି ଏକ ସଙ୍କଟମୟ କାଳରେ ଗତି କରୁଛି । କାହାକୁ ଆଉ ଦୋଷ ଦେଇ ଲାଭ ନାହିଁ, ନା ଦେଶକୁ, ନା ନାଗରିକକୁ, ନା ରାଷ୍ଟ୍ରର କର୍ଣ୍ଣଧାରମାନଙ୍କୁ । ଏତିକି ଆମେ ବୁଝିପାରିଲେ ଯଥେଷ୍ଟ ଯେ ଆମେ ଏକ ବିଭ୍ରାନ୍ତିକର ସ୍ଥିତିରେ ଅଛୁ । ଆଜିର ସାହିତ୍ୟ ଜାତୀୟ ଚେତନା ଓ ସମାଜ ବିମୁଖ ହୋଇଯାଇଛି । ନିଜେ ଲେଖକ ମଧ୍ୟ ରାଷ୍ଟ୍ର ଓ ସମାଜ ଦ୍ୱାରା ନିଷ୍ପେଷିତ । ଯେଉଁ ସାହିତ୍ୟିକ ପୃଥିବୀରେ ଅନିର୍ବାଚିତ ବ୍ୟବସ୍ଥାପକ ବୋଲି ସାମାଜିକ ସ୍ୱୀକୃତି ପାଇଥାନ୍ତି, ସେ ନିଜେ ଏକ ଦୟନୀୟ ମାନସିକ ବିଷାଦଗ୍ରସ୍ତ ପ୍ରାଣୀ । ଏହା ସାହିତ୍ୟ ଓ ରାଷ୍ଟ୍ର ପକ୍ଷରେ ଶୁଭଙ୍କର ସୂଚନା ନୁହେଁ । ଆଜି ଜାତୀୟ ସଂହତି ଉପରେ ଆଧାରିତ ସାହିତ୍ୟର ଅଭାବ ବିଶେଷ ଭାବରେ ପରିଲକ୍ଷିତ ହେଉଛି ।

ସାମାଜିକ ଦାୟିତ୍ୱ ଦୃଷ୍ଟିରୁ ସାହିତ୍ୟର ତାତ୍ପର୍ଯ୍ୟ ଓ ଭୂମିକା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ । ଜାତିର ଗଭୀରତମ ଅନ୍ଧକାରକୁ ଲେଖକର ଚିନ୍ତା ହିଁ ଦୋହଲାଇ ଦେଇପାରେ । ଏହା ମଧ୍ୟ ସମଗ୍ର ସମାଜକୁ ବଦଳାଇ ଦେବାକୁ ସମର୍ଥ । ଅନ୍ଧ ସମାଜ ସବୁବେଳେ ମହାନ୍ ଲେଖକର ଦିଗ୍‌ଦର୍ଶନକୁ ଅପେକ୍ଷା କରିଥାଏ । ସାମାଜିକ ଜଡ଼ତା, ଅଜ୍ଞାନତା, କୁସଂସ୍କାର, ବିଭ୍ରାନ୍ତିକର ଆବେଗର ଯଦି ସାର୍ଥକ ମୁକାବିଲା କେହି କରିପାରେ, ତାହା ହେଉଛି ସାହିତ୍ୟ । ଅନ୍ୟ କେହି ଏହି ମହାନ୍ କାର୍ଯ୍ୟ କରି ପାରିବା ସମ୍ଭବ ନୁହେଁ – ରାଜନୀତି ନୁହେଁ କି, ଧର୍ମ ନୁହେଁ । କାରଣ ଉଭୟ ଦରକାର ବେଳେ, ପ୍ରାୟ ସବୁବେଳେ ସାହିତ୍ୟର ଦ୍ୱାରସ୍ଥ ହୋଇଥାନ୍ତି ନିଜର କାର୍ଯ୍ୟ ସିଦ୍ଧି ପାଇଁ । ଶତାବ୍ଦୀ ଶତାବ୍ଦୀ ଧରି ପରାଧୀନ ରହିବା ପରେ ଭାରତ ଯେଉଁ ସ୍ୱାଧୀନତା ଲାଭ କରିଛି, ତାହାକୁ ଯଥାର୍ଥ ମାର୍ଗ ଦର୍ଶନ ଦେଇପାରେ ସାହିତ୍ୟ । ଏକ ଚିନ୍ତାଶୀଳ ଦିଗ୍‌ଦର୍ଶନ ଦ୍ୱାରା ଜାତୀୟ ସଂହତିର ବିଶ୍ୱାସକୁ ଲେଖକଗଣ ଯଥାର୍ଥ ଭାବରେ ଉପସ୍ଥାପିତ କଲେ ଏ ଦେଶ ରକ୍ଷା ପାଇପାରେ ଓ ଭାରତର ଭବିଷ୍ୟତକୁ ମଧ୍ୟ ଏହା ନିୟନ୍ତ୍ରିତ କରିପାରେ ।

ଦେଶ ଯେତେବେଳେ ଜାତୀୟ ସଂହତି ଦିଗରେ ଏକ ଭୟଙ୍କର ସଙ୍କଟର ସମ୍ମୁଖୀନ ସାହିତ୍ୟିକ ଏଭଳି କ୍ଷେତ୍ରରେ ନୀରବ ଦର୍ଶକ ହୋଇ ରହିବା ସମ୍ଭବ ନୁହେଁ । ତେଣୁ ଆଜିର ଲେଖକଗଣ ପ୍ରତ୍ୟେକ ମଧ୍ୟରେ ସାମ୍ୟ ଓ ମୈତ୍ରୀ ସ୍ଥାପନ କରି ପ୍ରେରଣା ଦାନ କରିବାର ବେଳ ଆଜି ଆସିଛି । ପ୍ରତ୍ୟେକ ସାହିତ୍ୟିକ ନିକଟରେ ଏହି ଚେତନା ଆଜି ଧ୍ୟେୟ ହେବା ଆବଶ୍ୟକ । ଜାତୀୟ ସଂହତି ପାଇଁ ସାହିତ୍ୟ ତାର ଗୁରୁଦାୟିତ୍ୱ ଗ୍ରହଣ କରିବା ଉଚିତ । ସାହିତ୍ୟିକ ସମାଜଧର୍ମୀ ହୋଇ ଗଣତାନ୍ତ୍ରିକ ଭାରତବର୍ଷର ଯୁଗ ଯୁଗର ଅନ୍ଧ ବିଶ୍ୱାସ, କୁସଂସ୍କାର, ସାମ୍ପ୍ରଦାୟିକତା ଓ ଗ୍ଲାନି ମନୋଭାବର ମୁକାବିଲା କରିବା ଆବଶ୍ୟକ । ସାହିତ୍ୟର ପ୍ରାଣଧର୍ମ ହେଲା ସମାଜକୁ ସୁଦୃଢ଼ କରିବା । ସାହିତ୍ୟ ଦେଶର ସୁପ୍ତଶକ୍ତିକୁ ଉଦ୍‌ବୁଦ୍ଧ କରିପାରେ । ଆମକୁ ପୁଣି ହଜିଲା ସ୍ୱପ୍ନକୁ ଫେରାଇ ଆଣିବାକୁ ପଡ଼ିବ । ଯେଉଁ ଭାରତ ଅଛି ତାହାଠାରୁ ଭବିଷ୍ୟତର ଭାରତ ବହୁତ ବଡ଼ ହେବ । ସହସ୍ର ସହସ୍ର ବର୍ଷ ଧରି ଅତ୍ୟାଚରିତ ମଣିଷକୁ ଚେତନା ଦ୍ୱାରା ଯଦି କେହି ମୁକ୍ତି ଦେଇପାରେ, ତାହା ହେଉଛି ସାହିତ୍ୟ । ବହୁ ଦିନ ଧରି ମାତୃଭୂମିକୁ ଆମେ ଆରାଧ୍ୟ ଦେବୀ ଭାବରେ ଚିନ୍ତା କରିବାକୁ ଭୁଲିଯାଇଛୁ । ପୁନଶ୍ଚ ତାହାକୁ ଆମେ ସ୍ମରଣ ରଖିବାକୁ ପଡ଼ିବ ।

ଏହି ଭାରତର ମହାମାନବର ସାଗର ତୀରରେ ଯୁଗ ଯୁଗ ଧାବିତ ଯାତ୍ରୀକୁ ସାହିତ୍ୟ ହିଁ ପଥ ପ୍ରଦର୍ଶନ କରିପାରେ । ଯଦି କୌଣସି ଜାତି ତାର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ଭୁଲିଯାଏ, ତାହା ପରାଧୀନ ହୋଇଯାଏ । ଆମେ ଅତୀତରେ ଏହି ସଂହତି ଅଭାବରୁ ପରାଧୀନ ହୋଇଛୁ । ଭାରତର ଭାଗ୍ୟରେ ଅତୀତରେ ଏହା ବାରମ୍ବାର ଘଟି... । ଇତିହାସର ଚେତାବନୀକୁ ଯଦି ଆମେ ପୁଣି ଭୁଲିଯାଉ, ଅତୀତର ସେହି ଦୁଃସହ ମୁହୂର୍ତ୍ତ ବର୍ତ୍ତମାନକୁ ପୁଣି ଫେରି ଆସିବ, ଭାରତ ହରାଇ ଦେବ ସବୁ କିଛି – ହରାଇ ଦେବ ତାର ଗଣତାନ୍ତ୍ରିକ ସ୍ଥିତି । ତେଣୁ ଏହି ସଙ୍କଟ କାଳରେ ଜାତୀୟ ସଂହତି ସଂରକ୍ଷଣ ପାଇଁ ସଙ୍କଳ୍ପବଦ୍ଧ ହେବା ସାହିତ୍ୟିକର ପ୍ରଧାନ କର୍ତ୍ତବ୍ୟ । ଦେଶ ଓ କାଳର ଏହି ଆହ୍ୱାନକୁ ସାହିତ୍ୟ ଗ୍ରହଣ କରି ଜାତୀୟ ବିବେକର ଜାଗରଣ ପାଇଁ ପ୍ରୟାସ କରିବା ଆବଶ୍ୟକ । କଲମ ମୁନ, ଗୋଳା ବାରୁଦଠାରୁ ମଧ୍ୟ ଶକ୍ତିଶାଳୀ । ଏହି ମହାନ ରାଷ୍ଟ୍ର ଶକ୍ତିକୁ ଦେଶର ମଙ୍ଗଳ ଉଦ୍ଦେଶ୍ୟରେ ଉପଯୋଗ କରିବା ଆବଶ୍ୟକ ।

ସାରଳା ଦାସଙ୍କଠାରୁ ଫକୀରମୋହନ, ରାଧାନାଥ, ସତ୍ୟବାଦୀ ଗୋଷ୍ଠୀର ସାହିତ୍ୟିକଗଣ ଜାତୀୟ ଚେତନାର ଯେଉଁ ବାଣୀ ଉଦ୍‌ଘୋଷଣ କରିଥିଲେ ସାହିତ୍ୟ ରାଜ୍ୟରେ ତାହା ସ୍ତିମିତ ହୋଇଯାଇଛି । ତେଣୁ ଆମକୁ ଜାଗ୍ରତ ରହିବାକୁ ହେବ – ଯେତେଦିନ ପର୍ଯ୍ୟନ୍ତ ଆମର ଅଭୀପ୍‌ସିତ ଭାରତର ଐକ୍ୟ ଓ ସଂହତି ଲାଭ ନହୋଇଛି ରାଷ୍ଟ୍ରର ମହାନ୍ ଶକ୍ତି ଲେଖକଗଣ ସେ ଦିଗରେ ଲେଖନୀ ଚାଳନା କରିବାକୁ ସଙ୍କଳ୍ପବଦ୍ଧ ହୁଅନ୍ତୁ ।

ଓଡ଼ିଆ ଭାଷା ସାହିତ୍ୟ ବିଭାଗ,
ଗଙ୍ଗାଧର ମେହେର ମହାବିଦ୍ୟାଳୟ,
ସମ୍ବଲପୁର ।

■ ଦେଶର କୋଟି କୋଟି ଜନତା ଦାରିଦ୍ର୍ୟ ଓ ଅଜ୍ଞତାର କଶାଘାତରେ ନିଷ୍ପେଷିତ ହେଉଥିବା ପର୍ଯ୍ୟନ୍ତ, ସେହି ଜନତାର ଅର୍ଥରେ ଶିକ୍ଷାପ୍ରାପ୍ତ ଅଥଚ ସେହିମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦେଶଦ୍ରୋହୀ ବୋଲି ଆଖ୍ୟା ଦେବାକୁ ମୁଁ କୁଣ୍ଠାବୋଧ କରିବି ନାହିଁ ।

—ବିବେକାନନ୍ଦ

# ବଡ଼ଖେମୁଣ୍ଡିରେ ସ୍ୱାଧୀନତା ସଂଗ୍ରାମର ପ୍ରାଣଧ୍ୱନୀ

ଡକ୍ଟର ଦଣ୍ଡପାଣି ବେହେରା

ଦେଶର ଅନ୍ୟାନ୍ୟ ଅଞ୍ଚଳ ଭଳି ଗଞ୍ଜାମ ଜିଲ୍ଲାର ବଡ଼ଖେମୁଣ୍ଡି ରାଜ୍ୟ ଅବା ତାଲୁକାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ରଣହୁଙ୍କାର ବହୁ ସମୟରେ ନିନାଦିତ ହୋଇଥିଲା । ବହୁ ସ୍ୱାଧୀନତା ସଂଗ୍ରାମୀଙ୍କର ଏହା ଥିଲା ଚାରଣ କ୍ଷେତ୍ର । ସେମାନଙ୍କ ମଧ୍ୟରେ ଅନନ୍ୟ ସାଧାରଣ ଥିଲେ ଡୁମୁଲୁ କୃଷ୍ଣମୂର୍ତ୍ତି ଏବଂ ନନ୍ଦକିଶୋର ପ୍ରଧାନ । ଡୁମୁଲୁ କୃଷ୍ଣମୂର୍ତ୍ତି ପାତ୍ର ବଡ଼ଖେମୁଣ୍ଡି ତାଲୁକାସ୍ଥ ନୂଆପଡ଼ା ଗ୍ରାମରେ ଏକ ବୈଶ୍ୟ ପରିବାରରେ ୧୯୦୭ ସାଲରେ ଭୂମିଷ୍ଠ ହୋଇଥିଲେ । ନନ୍ଦକିଶୋର ପ୍ରଧାନ ଓ ଅନ୍ୟତମ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ପଟ୍ଟନାୟକ ଉକ୍ତ ତାଲୁକାଂତ କୁମରଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଡୁମୁଲୁ କୃଷ୍ଣମୂର୍ତ୍ତି ପାତ୍ର ଓ ଘନଶ୍ୟାମ ପଟ୍ଟନାୟକ ଉଭୟେ ୧୯୨୦ ସାଲରେ କଲିକତାଠାରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ଯୋଗଦାନ କରିଥିଲେ । ଉକ୍ତ ଅବସରରେ ସେ ଉଭୟେ ମହାତ୍ମା ଗାନ୍ଧୀ ଓ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କର ଘନିଷ୍ଠ ସମ୍ପର୍କରେ ଆସିଥିଲେ । କଲିକତା ଅଧିବେଶନରୁ ପ୍ରତ୍ୟାବର୍ତ୍ତନ କଲା ପରେ ସେମାନଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ସମଗ୍ର ବଡଖେମୁଣ୍ଡି ଜମିଦାରୀ ରାଜ୍ୟକୁ ନିଜ ନିଜ କର୍ମଭୂମି ଭାବେ ବରି ନେଇଥିଲେ ।

କୃଷ୍ଣମୂର୍ତ୍ତି ପାତ୍ର, ଘନଶ୍ୟାମ ପଟ୍ଟନାୟକ ଓ ନନ୍ଦକିଶୋର ପ୍ରଧାନଙ୍କର ସମ୍ମିଳିତ ଉଦ୍ୟମରେ କୁମରଡ଼ା ଗ୍ରାମରେ ୧୧,୦୦୦ ଗ୍ରନ୍ଥ ବିଶିଷ୍ଟ ଏକ ପଠନାଗାରର ସ୍ଥାପନା କରାଗଲା । ପଠନାଗାରଟିକୁ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ନାମରେ ନାମିତ କରାଗଲା । ଗ୍ରାମ ତଥା ଅଞ୍ଚଳବାସୀମାନଙ୍କ ମଧ୍ୟରେ ତୀବ୍ର ଜାତୀୟତା ବୋଧ ଓ ଦେଶାତ୍ମଭାବ ଉଦ୍ରେକ କରିବା କାର୍ଯ୍ୟରେ ପଠନାଗାରଟିକୁ ଶ୍ରେଷ୍ଠ ଆୟୁଧ ଭାବେ ବ୍ୟବହାର କରାଗଲା ଏବଂ ଏହାର ଆନୁକୂଲ୍ୟରେ ବହୁ ସଭା ଓ ସମ୍ମିଳନୀ ଆହ୍ୱାନ କରାଗଲା । ବାଞ୍ଛାନିଧି ପଟ୍ଟନାୟକ, ଜଗନ୍ନାଥ ମିଶ୍ର, ବିଶ୍ୱନାଥ ଦାଶ, ଦୀନବନ୍ଧୁ ବେହେରା, ନିରଞ୍ଜନ ପଟ୍ଟନାୟକ, ଦିବାକର ପଟ୍ଟନାୟକ, ଗୋବିନ୍ଦ ପ୍ରଧାନ, ବଳରାମ ପଣ୍ଡା ଓ ଚରଣ ପଟ୍ଟନାୟକଙ୍କ ସମେତ ବହୁ ଗଣ୍ୟମାନ୍ୟ ନେତା ଓ ସଂଗ୍ରାମୀମାନେ ଏକାଧିକବାର ଉକ୍ତ ସଭା ଓ ସମ୍ମିଳନୀମାନଙ୍କରେ ଦେଶାତ୍ମ ଉଦ୍‌ବୋଧନ ପ୍ରଦାନ କରିଥିଲେ । ସଂଖ୍ୟାଧିକ ସଂଗ୍ରାମୀଙ୍କର ଲଗାତାର କର୍ମତତ୍ପରତା ଫଳରେ ସମଗ୍ର ବଡ଼ଖେମୁଣ୍ଡିରେ ସ୍ୱାଧୀନତା ସଂଗ୍ରାମର ବହ୍ନି ପ୍ରଜ୍ୱଳିତ ହେଲା ।

ମହାତ୍ମା ଗାନ୍ଧୀଙ୍କର ଆହ୍ୱାନରେ କୃଷ୍ଣମୂର୍ତ୍ତିଙ୍କ ସମେତ ବଡ଼ଖେମୁଣ୍ଡିର ବହୁ ବିଶିଷ୍ଟ ବ୍ୟକ୍ତି ୧୯୩୦ ସାଲର ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେଲେ । ବିଶେଷ କରି କୃଷ୍ଣମୂର୍ତ୍ତିଙ୍କର ପ୍ରେରଣାରେ ତାରିଣୀ ପଟ୍ଟନାୟକ, ପଞ୍ଚାନନ ପାଢ଼ୀ, ରାମଚନ୍ଦ୍ର ପଟ୍ଟନାୟକ ଓ ଚରଣ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ଲବଣ ସତ୍ୟାଗ୍ରହରେ ନିଜ ନିଜକୁ ଝାସ ଦେଇଥିଲେ । ଶଶିଭୂଷଣ ରଥ ଓ ବିଶ୍ୱନାଥ ଦାଶଙ୍କର ଗହଣରେ ଆନ୍ଧ୍ର, ଗାଲିନୂଆପଡ଼ାଠାରେ ଲବଣ ଆଇନ ଲଙ୍ଘନ କରି କୃଷ୍ଣମୂର୍ତ୍ତି ଅନ୍ୟାନ୍ୟ ସତ୍ୟାଗ୍ରହୀମାନଙ୍କ ସହ ପ୍ରଥମେ ପୋଲିସ ଦ୍ୱାରା ଗିରଫ ହୋଇ ପରେ କାରାବରଣ କଲେ ।

୧୯୩୧ରେ କାରାମୁକ୍ତ ହେଲା ପରେ କୃଷ୍ଣମୂର୍ତ୍ତି ବଡ଼ଖେମୁଣ୍ଡିରେ ଖଦଡ଼ ଆନ୍ଦୋଳନର ନେତୃତ୍ୱ ନେଲେ । ଖଦଡ଼ ବସ୍ତ୍ର ବୟନ ଓ ବିକ୍ରୟ କାର୍ଯ୍ୟରେ ନିଜକୁ ମୁଖ୍ୟତଃ ସେ ନିୟୋଜିତ କଲେ । ୧୯୩୨ରେ ମଦ ଓ ଅଫିମ ବିକ୍ରୟ ଦୋକାନ ସମ୍ମୁଖରେ ସତ୍ୟାଗ୍ରହୀମାନଙ୍କର ବିକ୍ଷୋଭର ଆୟୋଜନ ଓ ପ୍ରଦର୍ଶନର ସେ ନେତୃତ୍ୱ ନେଲେ ।

ନଭେମ୍ବର ୧୧, ୧୯୩୬ରେ ଏକ ସମ୍ବର୍ଦ୍ଧନା ସଭାରେ ବ୍ରହ୍ମପୁରଠାରେ ପଣ୍ଡିତ ଜବାହରଲାଲ ନେହେରୁଙ୍କର ସମ୍ମାନାର୍ଥେ ତାଙ୍କୁ ଲୋକମାନଙ୍କଠାରୁ ସଂଗ୍ରହୀତ ଏକ ହଜାର ଏକଶହ ଷୋହଳ ଟଙ୍କାର ଅର୍ଥ ଥଳି କୃଷ୍ଣମୂର୍ତ୍ତି ଭେଟି ଦେଲେ । ପଣ୍ଡିତ ନେହେରୁଙ୍କର ବ୍ୟକ୍ତିଗତ ପ୍ରେରଣାରେ ପ୍ରଭାବିତ ହୋଇ କୃଷ୍ଣମୂର୍ତ୍ତି ସ୍ୱାଧୀନତା ସଂଗ୍ରାମକୁ ତ୍ୱରାନ୍ୱିତ କରିବା ଲାଗି ନୂଆପଡ଼ା, କୁମରଡ଼ା, ପଦ୍ମନାଭପୁର ଓ ଦିଗପହଣ୍ଡିଠାରେ ଜାତୀୟ କଂଗ୍ରେସର ଗୁଡ଼ିଏ ପ୍ରାଥମିକ କମିଟି ପ୍ରତିଷ୍ଠା କଲେ ।

୧୯୩୭ ଜୁନ୍ ୨୩ ତାରିଖରେ କୁମରଡ଼ା ଗ୍ରାମରେ ୨୨୦ ଜଣ ସଭ୍ୟ ବିଶିଷ୍ଟ ଏକ ପ୍ରାଥମିକ କଂଗ୍ରେସ କମିଟି କୃଷ୍ଣମୂର୍ତ୍ତି ଗଠନ କଲେ ଏବଂ ସେ ସେଥିରେ ନିଜକୁ ପ୍ରାଥମିକ ସଭ୍ୟ ତାଲିକାଭୁକ୍ତ କଲେ । ଜିଲ୍ଲା କଂଗ୍ରେସ କମିଟି ତରଫରୁ ଅନ୍ତର୍ଯ୍ୟାମୀ ପଣ୍ଡା ପର୍ଯ୍ୟବେକ୍ଷକ ଭାବେ ଗଠନ ସମୟରେ ଉପସ୍ଥିତ ଥିଲେ । ପ୍ରତ୍ୟେକ ସଭ୍ୟ ଦେଶର ସ୍ୱାଧୀନତା ପ୍ରାପ୍ତିଯାଏ ସଂଗ୍ରାମ କରିବାର ଶପଥ ପାଠ କଲେ । ପଞ୍ଚାନନ ପାଢ଼ୀ,

ନନ୍ଦକିଶୋର ପାଢ଼ୀ, ବିଶ୍ୱନାଥ ପଟ୍ଟନାୟକ ଓ ରାମଚନ୍ଦ୍ର ପଟ୍ଟନାୟକ ଯଥାକ୍ରମେ ସଭାପତି, କାର୍ଯ୍ୟକାରୀ ସଭାପତି, ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହେଲେ । ଜନ ଚେତନାର ଜାଗ୍ରତି ଓ ବର୍ଦ୍ଧନ ନିମନ୍ତେ ଭୁମରଡ଼ା ଗ୍ରାମ ନିମନ୍ତେ "ସମାଜ" ଏବଂ ନିକଟସ୍ଥ ମୁଣ୍ଡଯୋଗ, ବାଲିଯୋଡ଼ି, ଦେଓଳ, କରବାଡ଼, ସାଲୁମଲ, ବଡ଼ଦୁଅଳି ଓ ହରିପଦର ଗ୍ରାମମାନଙ୍କ ନିମନ୍ତେ "ଲୋକମାତା" ପତ୍ରିକାର ପଠନଯୋଗୀ ବ୍ୟବସ୍ଥା କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହେଲା ।

ବଡ଼ଖେମୁଣ୍ଡିରେ ସଦ୍ୟ ଗଠିତ ପ୍ରାଥମିକ କଂଗ୍ରେସ କମିଟିମାନଙ୍କୁ ଭାଙ୍ଗିଦେବା ସହ ସକ୍ରିୟ ସଭ୍ୟମାନଙ୍କୁ ହଇରାଣ ହରକତ କରିବା ନିମନ୍ତେ ସରକାର ନାନା ପ୍ରକାରର ଶାସ୍ତି ବିଧାନ ବ୍ୟବସ୍ଥାମାନ କଲେ । ସ୍ଥାନୀୟ ଜମିଦାର, ମୁସ୍ତାଦାର ଓ ସାହୁକାରମାନଙ୍କୁ ଏହି କାର୍ଯ୍ୟରେ ବ୍ୟବହାର କରାଗଲା । ଫଳରେ, କୃଷ୍ଣମୂର୍ତ୍ତି ପାଢ଼ୀ ଓ ପାଣ୍ଡବ ପ୍ରଧାନ, ନନ୍ଦକିଶୋର ପ୍ରଧାନଙ୍କର ପିତାଙ୍କ ବିରୁଦ୍ଧରେ ମିଥ୍ୟା ମକଦ୍ଦମାମାନ ରୁଜୁ କରାଗଲା । ରାଇଙ୍ଗୀ, ଗୋପିନାଥପୁର, ମାଧବପୁର ଓ ଗଡ଼ ରାମଚନ୍ଦ୍ରପୁର ଗ୍ରାମମାନଙ୍କରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ କ୍ରୁର ଭାବରେ ଅତ୍ୟାଚାର କରାଗଲା । ଜିଲ୍ଲା କମିଟି ସଭାରେ ବିଶ୍ୱନାଥ ଦାଶ, ଦିବାକର ପଟ୍ଟନାୟକ, ବଳରାମ ପଣ୍ଡା, ନିରଞ୍ଜନ ପଟ୍ଟନାୟକ ଓ ଚନ୍ଦ୍ର ପଟ୍ଟନାୟକ ବଡ଼ଖେମୁଣ୍ଡି ସଂଗ୍ରାମୀମାନଙ୍କ ପ୍ରତି ହେଉଥିବା ଦମନମୂଳକ ଅତ୍ୟାଚାରର ଘୋର ନିନ୍ଦାବାଦ କରି ସେମାନଙ୍କ ପ୍ରତି ଗଭୀର ଓ ସକ୍ରିୟ ସମର୍ଥନ ଓ ସମବେଦନା ଜ୍ଞାପନପୂର୍ବକ ଏକ ପ୍ରସ୍ତାବ ଗ୍ରହଣ କରିଥିଲେ । ତଥାପି ସକଳ ବାଧାବିଘ୍ନର ଶତଶତ ପ୍ରାଚୀରକୁ ଅତିକ୍ରମ କରି ବଡ଼ଖେମୁଣ୍ଡିର ସଂଗ୍ରାମୀଯୁବକମାନେ ସଂଗ୍ରାମର ଗତିକୁ ଅବ୍ୟାହତ ରଖି ଦେଶମାତୃକାର ଜୟ ଜୟକାର ବିଜୟ ଧ୍ୱନିର ମିଳିତ ସ୍ୱର ଝଙ୍କାରର ଉନ୍ମୋଚନ କରି ପାରିଥିଲେ ।

୧୯୩୭ରେ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀମାନଙ୍କୁ ଜୟଯୁକ୍ତ କରାଇବା ନିମନ୍ତେ ବଡ଼ଖେମୁଣ୍ଡିରୁ ଶତଶତ କଂଗ୍ରେସ ନେତା ଓ କର୍ମୀମାନେ ରଞ୍ଜପୁର, ରାମଚନ୍ଦ୍ରପୁର, ସୋମପେଟା ଆଦି ସ୍ଥାନମାନଙ୍କରୁ ଯାତ୍ରା କଲେ । ରାମଚନ୍ଦ୍ରପୁରରେ ତେଲୁଗୁ ଭାଷାରେ ସରକାରଙ୍କୁ ବିଦ୍ରୂପ କରି ଏବଂ ଗୀତ ଗାନ କରିଥିବା ହେତୁ ନନ୍ଦକିଶୋର ପ୍ରଧାନ ଓ ଅନ୍ୟାନ୍ୟ କଂଗ୍ରେସ କର୍ମୀମାନଙ୍କୁ ସେଠାରେ ସେହି ଗ୍ରାମର ଜମିଦାରଙ୍କର ଲୋକମାନେ ଓ ତାଙ୍କର ଗୁଣ୍ଡାମାନେ ନିର୍ଘୁମ ମାଡ଼ ମାରିଥିଲେ । ୧୯୩୮ରେ ନନ୍ଦକିଶୋର ପ୍ରଧାନ ଓ ପାତ୍ରପୁରର ଲୋଚନା ମୁଣ୍ଡି କଟକ ଜିଲ୍ଲାର ବାଙ୍କିଠାରେ ଅନୁଷ୍ଠିତ ହୋଇଥିବା କଂଗ୍ରେସ ସମ୍ମିଳନୀରେ ଯୋଗଦେଇ ବଡ଼ଖେମୁଣ୍ଡିର ସଂଗ୍ରାମୀମାନଙ୍କ ପ୍ରତି ସରକାରଙ୍କ ତରଫରୁ କରାଯାଉଥିବା ଅମାନୁଷିକ ଅତ୍ୟାଚାରର କରୁଣ ଓ ହୃଦୟବିଦାରକ କାହାଣୀମାନ ବର୍ଣ୍ଣନା କଲେ । ଫଳରେ, ବାଙ୍କିରୁ ଫେରିଲା ପରେ ନନ୍ଦକିଶୋର ପ୍ରଧାନଙ୍କର ସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ କରି ଦିଆଗଲା । କିନ୍ତୁ ପରେ ବିଶ୍ୱନାଥ ଦାଶଙ୍କର ଆଇନଗତ ଉଦ୍ୟମ ଯୋଗୁଁ କୋର୍ଟ ଆଦେଶ ମୁତାବକ ନନ୍ଦକିଶୋର ପ୍ରଧାନଙ୍କୁ ତାଙ୍କର ସମ୍ପତ୍ତି ଫେରାଇ ଦିଆଗଲା ।

୧୯୩୯ ଅଗଷ୍ଟ ୭ ତାରିଖରେ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କର ଅଭ୍ୟର୍ଥନା ନିମନ୍ତେ ବ୍ରହ୍ମପୁରଠାରେ ଆୟୋଜିତ ସଭାରେ ବଡ଼ଖେମୁଣ୍ଡିର ସହସ୍ରାଧିକ କର୍ମୀ ଓ ସଂଗ୍ରାମୀ ଯୋଗ ଦେଇଥିଲେ । ନେତାଜୀଙ୍କର ପ୍ରେରଣାରେ ପ୍ରୋତ୍ସାହିତ ହୋଇ ବଡ଼ଖେମୁଣ୍ଡିର ସଂଗ୍ରାମୀମାନେ ସ୍ୱାଧୀନତା ଆନ୍ଦୋଳନର ପ୍ରକ୍ରିୟାକୁ ଦ୍ରୁତ ତ୍ୱରାନ୍ୱିତ କଲେ ।

୧୯୪୦ ଜୁନ୍ ୨୧ ତାରିଖରେ କୃଷ୍ଣମୂର୍ତ୍ତି ପାଢ଼ୀ, ଉଦୟନାଥ ଦାଶ ଓ ସତ୍ୟନାରାୟଣ ପଟ୍ଟନାୟକଙ୍କର ନେତୃତ୍ୱରେ ବଡ଼ଖେମୁଣ୍ଡିରେ ଏକ ବିରାଟ ରଇତ ସଭାର ଆୟୋଜନ କରାଗଲା । ଲିଙ୍ଗରାଜ ଦାସ ଏଥିରେ ସଭାପତିତ୍ୱ କଲେ ଏବଂ ଦିବାକର ପଟ୍ଟନାୟକ, ବିଧାୟକ, ସଭାର ଉଦ୍ଦେଶ୍ୟ ବର୍ଣ୍ଣନାମୂଳକ ପ୍ରାରମ୍ଭିକ ଭାଷଣ ପ୍ରଦାନ କଲେ ।

୧୯୪୨ ଜାନୁୟାରୀ ୬ ତାରିଖରେ ନୂଆପଡ଼ା ଗ୍ରାମରେ ଆନନ୍ଦମୋହନ ପଟ୍ଟନାୟକଙ୍କର ପୌରହିତ୍ୟରେ ବ୍ୟକ୍ତିଗତ ସତ୍ୟାଗ୍ରହୀମାନଙ୍କର ଏକ ବିରାଟ ସମାବେଶ ଅନୁଷ୍ଠିତ ହୋଇଥିଲା । ମହାତ୍ମା ଗାନ୍ଧୀଙ୍କର ପ୍ରଦର୍ଶିତ ମାର୍ଗରେ ଅଗ୍ରସର ହୋଇ ଦେଶ ମାତୃକାକୁ ବୈଦେଶିକ ଶାସନ ଶୃଙ୍ଖଳରୁ ମୁକ୍ତ କରିବା ନିମନ୍ତେ ସମବେତ ଜନତା ଶପଥପାଠ କଲେ । ଏହାର ପରିଣାମରେ ଆନନ୍ଦମୋହନ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀଙ୍କୁ ଗିରଫ ଓ ପରେ ପରେ ଜେଲ ଦଣ୍ଡରେ ଦଣ୍ଡିତ କରାଗଲା ।

୧୯୪୨ "ଭାରତ ଛାଡ଼" ଆନ୍ଦୋଳନରେ ବଡ଼ଖେମୁଣ୍ଡିର ଶହ ଶହ ଜନସାଧାରଣ କୃଷ୍ଣମୂର୍ତ୍ତି ପାଢ଼ୀଙ୍କର ନେତୃତ୍ୱରେ ଅଂଶ ଗ୍ରହଣ କଲେ । ଗାନ୍ଧୀଜୀଙ୍କର ଆହ୍ୱାନ ଓ ବାର୍ତ୍ତାକୁ ଗାଁ ଗାଁରେ ପ୍ରଚାର କରି ବହୁ କଷ୍ଟ ଓ ଯନ୍ତ୍ରଣା ଭୋଗକରି ବଡ଼ଖେମୁଣ୍ଡି ଇଲାକାରେ ଏକ ପଞ୍ଚାୟତରାଜ ପ୍ରତିଷ୍ଠାର ସ୍ୱପ୍ନ ଓ କର୍ମୋଦ୍ୟମ କରିଥିବା ହେତୁ ତୁମୁଲ କୃଷ୍ଣମୂର୍ତ୍ତି ପାଢ଼ୀଙ୍କୁ ବଡ଼ଖେମୁଣ୍ଡିର ଗାନ୍ଧୀ କୃଷ୍ଣମୂର୍ତ୍ତି ବୋଲି ସ୍ଥାନୀୟ ଜନ କଣ୍ଠରେ ଏଯାଏଁ ଶୁଣିବାକୁ ମିଳେ ।

ଚରମ ତ୍ୟାଗ ଓ ପରମ ସେବାର ମାଧ୍ୟମରେ ଜାତୀୟ ସ୍ୱାଧୀନତା ଆନ୍ଦୋଳନକୁ ସାଫଲ୍ୟମଣ୍ଡିତ କରିବା ପାଇଁ ବଡ଼ଖେମୁଣ୍ଡି ଜନସାଧାରଣ—ଙ୍କର କର୍ମତତ୍ପରତାର ଅନନ୍ୟ ପଟାନ୍ତର ନାହିଁ କହିଲେ ବୋଧହୁଏ ଅତିରଞ୍ଜିତ ହେବ ନାହିଁ । ଅନ୍ୟାନ୍ୟ ଅଞ୍ଚଳମାନଙ୍କ ଭଳି ବଡ଼ଖେମୁଣ୍ଡି, ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରକୁ ଅବଦାନ ଭାରତର ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଚିର ଲିପିବଦ୍ଧ ହୋଇ ରହିବ, ଏଥିରେ ସନ୍ଦେହର ଆଦୌ ଅବକାଶ ନାହିଁ ।

ଅଧ୍ୟକ୍ଷ,
ଖେମୁଣ୍ଡି ମହାବିଦ୍ୟାଳୟ,
ଦିଗପହଣ୍ଡି, ଗଞ୍ଜାମ ।

■ **ସାଧାରଣ ସମୟରେ ଆମେ ପ୍ରତ୍ୟେକ ବ୍ୟକ୍ତିଗତ ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ଓ ନୀତି ପ୍ରତି ଅନୁରକ୍ତ ହୋଇ ରହିଥାଉ ଏବଂ ତଦ୍ଦ୍ୱାରା ଆମ ଭିତରେ ମତ ପାର୍ଥକ୍ୟ ଦେଖା ଦେଇଥାଏ । ଗଣତାନ୍ତ୍ରିକ ଜୀବନର ବିକାଶ ଓ ଗଣତନ୍ତ୍ରର ପ୍ରତିଷ୍ଠା ଲାଗି ଏହାର ଆବଶ୍ୟକତା ଯଥେଷ୍ଟ ରହିଛି କିନ୍ତୁ ଯେତେବେଳେ ଆମର ସ୍ୱାଧୀନତା ଓ ଦେଶର ସାର୍ବଭୌମତ୍ୱ ବିପଦଗ୍ରସ୍ତ ହୋଇ ପଡ଼ିବ ସେତେବେଳେ ସମସ୍ତ ପ୍ରକାର ଅନୁରକ୍ତିକୁ ଭୁଲିଯାଇ ଆମକୁ କେବଳ ଆମ ଦେଶର ଅନୁରକ୍ତ ହୋଇ ପଡ଼ିବାକୁ ହେବ ।**

**—ଶାସ୍ତ୍ରୀଜୀ**

# ଜନଶିକ୍ଷା କାର୍ଯ୍ୟକ୍ରମ ଓ ଜନ ସହଯୋଗ

*ଶ୍ରୀ ଧ୍ରୁବଚରଣ ମିଶ୍ର*

ଭାରତ ଭଳି ଏକ ବିରାଟ ଗଣତନ୍ତ୍ର ରାଷ୍ଟ୍ରରେ ପ୍ରାଥମିକ ଶିକ୍ଷାଦାନ ବ୍ୟବସ୍ଥାକୁ ସମ୍ବିଧାନରେ ଅନ୍ତର୍ଭୁକ୍ତ କରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଛଅରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ବାଳକ ବାଳିକାମାନଙ୍କୁ ବିଦ୍ୟାଳୟକୁ ପଠାଇବା ସମ୍ଭବ ହୋଇନାହିଁ । ଏଥିପାଇଁ ନୂତନ ଶିକ୍ଷାନୀତି ପ୍ରଣୟନ କରାଯାଇଛି ଓ ନୂଆ ନୂଆ ଯୋଜନା ଓ ପ୍ରକଳ୍ପ ପ୍ରସ୍ତୁତ କରାଯାଉଛି । ମାନବ ସମ୍ବଳର ବିକାଶ ପାଇଁ ପ୍ରାଥମିକ ଶିକ୍ଷା ପରବର୍ତ୍ତୀ ସ୍ତରରେ ସାଧାରଣ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ କରିବାର ପ୍ରୟାସ କରାଯାଉଥିଲେ ମଧ୍ୟ ଦେଶର ସାକ୍ଷରତା ହାର ଅନ୍ୟାନ୍ୟ ପ୍ରଗତିଶୀଳ ଦେଶ ତୁଳନାରେ ଅତ୍ୟନ୍ତ ନୈରାଶ୍ୟଜନକ । ଦେଶର ପ୍ରଗତିରେ ଅନ୍ତରାୟ ସୃଷ୍ଟି କରୁଥିବା କେତେକ ପ୍ରଧାନ ଦିଗ ମଧ୍ୟରୁ ନିରକ୍ଷରତା, ଦାରିଦ୍ର୍ୟ ଓ ଜନସଂଖ୍ୟା ବିସ୍ଫୋରଣ ବିଶେଷ ଭାବରେ ପ୍ରଣିଧାନଯୋଗ୍ୟ । ଉପରୋକ୍ତ ତିନୋଟି ମୌଳିକ ଦିଗ ପରସ୍ପର ନିର୍ଭରଶୀଳ ।

ସାକ୍ଷରତା ଦାରିଦ୍ର୍ୟକୁ କମାଇ ଦେଇପାରେ ଓ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିପାରେ । ଦେଖାଯାଇଛି, ଯେଉଁ ଅଞ୍ଚଳରେ ସାକ୍ଷରତା ହାର ଅଧିକ ସେଠାରେ ଜନସଂଖ୍ୟା ବୃଦ୍ଧିର ହାର କମ୍ ଓ ସେମାନଙ୍କର ମୁଣ୍ଡପିଛା ଆୟର ବୃଦ୍ଧି ଅଧିକ ।

ବିଭିନ୍ନ ବୟସର ନିରକ୍ଷରତା ହାର ବିଭିନ୍ନ ସମୟରେ ବଦଳିବାରେ ଲାଗିଛି । ଛଅରୁ ଚଉଦ ବର୍ଷ ବୟସର ଲୋକମାନେ ପ୍ରାଥମିକ ଶିକ୍ଷା ପାଇଁ ଆନୁଷ୍ଠାନିକ ତଥା ଅଣଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଅନ୍ତର୍ଭୁକ୍ତ ।

ପନ୍ଦରରୁ ପଇଁତିରିଶ ବର୍ଷ ବୟସ୍କ ଲୋକମାନଙ୍କ ମଧ୍ୟରୁ ଅନେକ ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ । ଏମାନଙ୍କ ମଧ୍ୟରେ ସାକ୍ଷରତାର ଚିନ୍ତାଧାରା ପ୍ରବେଶ କରାଇବା ସର୍ବାଦୌ ଆବଶ୍ୟକ । ଏମାନେ ସମକ୍ଷେ କାର୍ଯ୍ୟକ୍ଷମ ଓ ଦେଶର ଉତ୍ପାଦନ ବୃଦ୍ଧିରେ ଏମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ବୟଃକ୍ରମରେ ଓଡ଼ିଶାରେ ପ୍ରାୟ ପଞ୍ଚଶ ଲକ୍ଷ ନିରକ୍ଷର ଥିବାର ପରିକଳ୍ପନା କରାଯାଇଛି । ଏମାନଙ୍କ ପାଇଁ ହଠାତ୍ ଏକାଥରକେ କୌଣସି ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିବା ନିଶ୍ଚିତ ଭାବରେ କଷ୍ଟସାଧ୍ୟ । ଏଥିପାଇଁ ୧୯୮୦ ମସିହାରୁ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ କେତେକ ପରିବର୍ତ୍ତନ କରାଯାଇ ୧୯୮୮ ମସିହାରେ ଜାତୀୟ ସ୍ତରରେ ଏକ ଜାତୀୟ ସାକ୍ଷରତା ମିଶନ୍ ଗଠନ କରାଗଲା । ଏହାର ପ୍ରଥମ ଓ ପ୍ରଧାନ ଉଦ୍ଦେଶ୍ୟ ହେଉଛି ୧୯୯୭ ମସିହା ମଧ୍ୟରେ ପର୍ଯ୍ୟାୟକ୍ରମେ ୧୫–୩୫ ବର୍ଷର ସମସ୍ତ ନିରକ୍ଷରମାନଙ୍କୁ ସାକ୍ଷର କରିବାକୁ ଯତ୍ନ କରିବା । ଏଠା ପ୍ରଶ୍ନ ଉଠେ ସାକ୍ଷରତାର ଅର୍ଥ ଓ ସାକ୍ଷର କହିଲେ କ'ଣ ବୁଝାଯିବ ।

ଏହି ପ୍ରଶ୍ନର ଉତ୍ତରରେ ଏତିକି କହିଲେ ଯଥେଷ୍ଟ ହେବ ଯେ ପ୍ରତ୍ୟେକ ସାକ୍ଷର ବ୍ୟକ୍ତି :

୧ । ନିଜର ଜୀବନ ନିର୍ବାହ ପାଇଁ ଆବଶ୍ୟକ ପରିବେଶ ସହିତ ପରିଚିତ ହୋଇ, ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ସଚେତନ ହୋଇ ପାରିବ ।

୨ । ନିଜର କାର୍ଯ୍ୟଦକ୍ଷତା ବୃଦ୍ଧି କରି ଆର୍ଥିକ ବିକାଶ ପାଇଁ ନିମ୍ନତମ ଜ୍ଞାନ (ପଢ଼ିବା, ଲେଖିବା, ହିସାବ କରିବା) ଆହରଣ କରିବ ।

୩ । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ କୌଳିକ ବୃତ୍ତି ବା ପେଷାର ଉନ୍ନତି କରି ଜାତୀୟ ମୂଲ୍ୟବୋଧରେ ଦୀକ୍ଷିତ ହୋଇ ପାରିବ ।

ଜାତୀୟ ସାକ୍ଷରତା ମିଶନ୍ ଭଳି ରାଜ୍ୟ ସ୍ତରରେ ଓ ଜିଲ୍ଲା ସ୍ତରରେ ସାକ୍ଷରତା ମିଶନ୍ ସବୁ ଗଠନ କରାଯାଇଛି । ଏହି ମିଶନ୍ ଜରିଆରେ ଜନଶିକ୍ଷା କାର୍ଯ୍ୟକ୍ରମ ଗ୍ରାମ ସ୍ତରରୁ ଆରମ୍ଭ ହୋଇ ଜାତୀୟ ସ୍ତରରେ ବ୍ୟାପକ ଭାବେ ପ୍ରସାର ଲାଭ କରିବ । ଏଥିପାଇଁ ଉପଯୁକ୍ତ ତ୍ୟାଗୀ ଓ କର୍ମଠ ସ୍ୱେଚ୍ଛାସେବୀମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ।

ମିଶନ୍‌ର ଲକ୍ଷ୍ୟକୁ ଆଖି ଆଗରେ ରଖି ଗ୍ରାମାଞ୍ଚଳଗୁଡ଼ିକୁ ପଞ୍ଚାୟତ ସ୍ତରରେ ସାକ୍ଷର କରିବାକୁ ପ୍ରୟତ୍ନ କରାଯାଉଛି । ଏଥିପାଇଁ ଶୃଙ୍ଖଳିତ ଉପାୟରେ ନିରକ୍ଷରମାନଙ୍କୁ ଚିହ୍ନୋଟ କରିବା, ସେମାନଙ୍କ ପାଇଁ ଅଣଆନୁଷ୍ଠାନିକ ଚିନ୍ତାଧାରାରେ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଏକ ସମସ୍ୟା । ପ୍ରକୃତ ନିରକ୍ଷରଟିଏ ସାକ୍ଷରତା ଲାଭ କରି ନିଜର କାର୍ଯ୍ୟକୁଶଳତା ବୃଦ୍ଧି କରିବାରେ ସମର୍ଥ ହୋଇ ପାରିଛି କି ନା ତାକୁ ମୂଲ୍ୟାୟନ କରାଯିବା ଆବଶ୍ୟକ । ଗ୍ରାମାଞ୍ଚଳରେ ନିରକ୍ଷରମାନଙ୍କୁ ଚିହ୍ନୋଟ କରିବା ଯେତିକି କଷ୍ଟ, ସେମାନଙ୍କ ପାଇଁ ଯେଉଁମାନେ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିବେ ସେଭଳି ଲୋକମାନଙ୍କୁ ବାଛି ତାଙ୍କୁ ଦାୟିତ୍ୱ

ବହନ କରିବାକୁ ଅନୁରୋଧ କରିବା ଆଗୁରି ପ୍ରଥମ କଥା । ଅନେକ ସଂସ୍ଥାରେ ଏହାର ବାସ୍ତବତା ଦେଖାଦେଇଛି । ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଜର ପ୍ରାଣମୂର୍ତ୍ତି ଉଦ୍ୟମ କରି ନିରକ୍ଷରମାନଙ୍କୁ ସାକ୍ଷର କରିବାରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି । ସେମାନଙ୍କର କାର୍ଯ୍ୟକ୍ରମ ପ୍ରଣୟନର ପ୍ରଣାଳୀ ଅନ୍ୟମାନେ ଅନୁଧ୍ୟାନ କରିବା ଉଚିତ ।

ଏହି ସମୟରେ ସବୁ ଗ୍ରାମପଞ୍ଚାୟତରେ ଏହି କାର୍ଯ୍ୟ ଆରମ୍ଭ କରିବା ସହଜ ନୁହେଁ । ବାର୍ଷିକ ଭିତ୍ତିରେ ବିଭିନ୍ନ ପଞ୍ଚାୟତକୁ ପର୍ଯ୍ୟାୟକ୍ରମେ ଜନଶିକ୍ଷା କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରିହେବ । ଏଥିପାଇଁ ସରକାରୀ ସାହାଯ୍ୟ ଓ ଚେଷ୍ଟା ଯଥେଷ୍ଟ ନୁହେଁ । ଗ୍ରାମାଞ୍ଚଳରେ ବାସ କରୁଥିବା ଶିକ୍ଷିତ ଛାତ୍ର ଛାତ୍ରୀ, ସରକାରୀ, ଅର୍ଦ୍ଧ ସରକାରୀ ଓ ବେସରକାରୀ ଶିକ୍ଷିତ କର୍ମଚାରୀ, ବ୍ୟବସାୟୀ, ଗୃହୀ ସମସ୍ତେ ଏହି କାର୍ଯ୍ୟକ୍ରମକୁ ଏକ ଜନଆନ୍ଦୋଳନରେ ପରିଣତ କରି ପାରିଲେ ସମସ୍ତଙ୍କୁ ସାକ୍ଷର କରିବା ସହଜ ହେବ ।

ଜନଶିକ୍ଷା କାର୍ଯ୍ୟକ୍ରମକୁ ବ୍ୟାପକରୁ ବ୍ୟାପକତର କରିବାର ଅନେକ ପଡ଼ୋଶୀ ଦେଶର ଲୋକମାନଙ୍କ ଏ ଦିଗରେ ସଫଳତାର କାହାଣୀ ଆମକୁ ପ୍ରଭାବିତ କରିପାରେ । କିନ୍ତୁ ଅସଲ କଥାଟି ହେଉଛି ଗାଁର ଲୋକେ ଏହାକୁ ଠିକ୍ ଭାବେ ହୃଦୟଙ୍ଗମ ନକଲା ପର୍ଯ୍ୟନ୍ତ ସେମାନଙ୍କର ସହଯୋଗ ମିଳିବ ନାହିଁ । ଥରେ ସେମାନେ ଏହାର ପ୍ରକୃତ ଉଦ୍ଦେଶ୍ୟ ଜାଣିଗଲେ ନୂଆ ସମସ୍ତେ ଥଳା ଭିଡ଼ି ବାହାରିବେ । ଜନସହଯୋଗ ମିଳିଗଲେ ସାକ୍ଷରତା ମିଶନର ଲକ୍ଷ୍ୟ ହାସଲ ହୋଇପାରିବ ।

ସହକାରୀ ନିର୍ଦ୍ଦେଶକ,
ଜନଶିକ୍ଷା ନିର୍ଦ୍ଦେଶାଳୟ,
ଭୁବନେଶ୍ୱର ।



ନୂଆଦିଲ୍ଲୀ ବାଣିଜ୍ୟ ମେଳାର ଓଡ଼ିଶା ମଣ୍ଡପ-୧୯୮୯

# ଓଡ଼ିଶାରେ ତାପଜ ବିଦ୍ୟୁତ୍

ଡକ୍ଟର୍ ସୂର୍ଯ୍ୟମଣି ବେହେରା

ସମ୍ପ୍ରତି କୃଷିର ବିକାଶ ସହିତ ଶିଳ୍ପର ଦ୍ରୁତ ପ୍ରସାର ଘଟିଛି । କୁଟୀରଶିଳ୍ପ, କ୍ଷୁଦ୍ରଶିଳ୍ପ ଆଉ ଭାରିଶିଳ୍ପର ଶିଳ୍ପାଞ୍ଚଳ ଦେଶର କୋଣେ କୋଣେ ଗଢି ଉଠିଛି । ଏହା ଫଳରେ ଭାରତବାସୀଗଣ ଆଉ ପାଶ୍ଚାତ୍ୟରାଷ୍ଟ୍ର ଉପରେ ନିର୍ଭର କରିବା ଆବଶ୍ୟକ ମଣୁନାହାନ୍ତି । ସେମାନେ ସଦା ଚେଷ୍ଟିତ, କିପରି ଏ ଦେଶର ମାନ ବଢିବ ଆଉ ଆତ୍ମନିର୍ଭରଶୀଳ ହୋଇ ପାରିବ ।

ପୁନଶ୍ଚ ଶିଳ୍ପାଞ୍ଚଳର ସ୍ଥାପନା ତଥା ତାହାର ବିକାଶ ସାଧନ ପାଇଁ ଶକ୍ତି ବିଶେଷ ଭାବରେ ଆବଶ୍ୟକ । ଶକ୍ତି ସହିତ ଜଳର ଆବଶ୍ୟକତା ମଧ୍ୟ ସେହି ପରିମାଣରେ ଜରୁରୀ । ଏଇଠି ଗୋଟିଏ କଥା ସ୍ପଷ୍ଟ ଯେ କଳକାରଖାନା ସ୍ଥାପନରେ ଯେଉଁ ଶକ୍ତିର ଆବଶ୍ୟକତା ରହିଛି, ତାହା ମୁଖ୍ୟତଃ ବିଦ୍ୟୁତ୍‌ଶକ୍ତିକୁ ହିଁ ବୁଝାଇଥାଏ । ଆଉ ଆମ ଭାରତରେ ଏହି ଶକ୍ତିକୁ ଜଳ ଏବଂ କୋଇଲାରୁ ଉତ୍ପନ୍ନ କରାଯାଇଥାଏ । ସେଇଥି ପାଇଁ ଏ ଦେଶରେ ଗଢି ଉଠିଛି ବଡବଡ ଜଳ ବିଦ୍ୟୁତ୍ ପ୍ରକଳ୍ପ ଏବଂ ତାପଜ ବିଦ୍ୟୁତ୍ ପ୍ରକଳ୍ପ ।

## ଜଳବିଦ୍ୟୁତ୍

ପାହାଡରୁ ବାହାରିଥିବା ବଡବଡ ନଦୀ ଯେଉଁଗୁଡିକରୁ ବର୍ଷସାରା ଜଳ ପ୍ରବାହିତ ହୋଇଥାଏ, ସେଗୁଡିକରେ ବନ୍ଧବାନ୍ଧି ଜଳଭଣ୍ଡାର ସୃଷ୍ଟି କରି ସେହିଠାରେ ଜଳବିଦ୍ୟୁତ୍ ଉତ୍ପାଦନ କରାଯାଇଥାଏ । ସେଥିପାଇଁ ବଡବଡ ଟର୍‌ବାଇନ୍ ସବୁ ଦରକାର ହୋଇଥାଏ । ଜଳଭଣ୍ଡାରର ଜଳକୁ ପାୱାର୍ ଚାନେଲ୍ ଦ୍ୱାରା ଖୁବ୍ ଜୋର୍‌ରେ ଛାଡି ଟର୍‌ବାଇନ୍‌କୁ ଚଳା ହୋଇଥାଏ । ଜଳ ଟର୍‌ବାଇନ୍ ଉପରେ ପଡିଲେ ଟର୍‌ବାଇନ୍ ଘୁରେ ଓ ଏହା ସହିତ ଯୋଡା ହୋଇଥିବା ଉଚ୍ଚ ଶକ୍ତିସମ୍ପନ୍ନ ଜେନେରେଟର୍ ସବୁ ଚାଲେ । ଏହା ଫଳରେ ବିଦ୍ୟୁତ୍‌ଶକ୍ତି ଉତ୍ପନ୍ନ ହୋଇଥାଏ । ତାପରେ ସେହି ଶକ୍ତିକୁ ଟ୍ରାନ୍ସମିସନ୍ ଲାଇନ୍ ସାହାଯ୍ୟରେ ବିଭିନ୍ନ ସ୍ଥାନକୁ ନେଇ ବ୍ୟବହାର କରା ହୋଇଥାଏ ।

ସମ୍ପ୍ରତି ପରିବେଶର ଅସମାନତା ହେତୁ ପାଗର ପରିବର୍ତ୍ତନ ଘଟୁଛି । ଜଙ୍ଗଲ ଧ୍ୱଂସ ହେବା ଫଳରେ ଭଲ ବର୍ଷା ହେଉନାହିଁ । ସୁତରାଂ ଜଳବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଏବେ ଏକ ଜଟିଳ ସମସ୍ୟା ମୁଣ୍ଡ ଟେକିଛି । ତାହା ହେଉଛି ଭଲ ବର୍ଷା ନହେଲେ ନଦୀରେ ପାଣି ଆସିବ କେଉଁଠୁ ? ଜଳଭଣ୍ଡାରରେ ଜଳର ମାତ୍ରା କମିଗଲେ ଟର୍‌ବାଇନ୍ ଚାଲିପାରିବ ନାହିଁ । ଫଳରେ ଜଳବିଦ୍ୟୁତ୍ ଉତ୍ପାଦନ ବ୍ୟାହତ ହେବ । ଆମ ଓଡିଶାର ଗର୍ବ ଓ ଗୌରବ ହୀରାକୁଦ ଜଳବିଦ୍ୟୁତ୍ କେନ୍ଦ୍ରରେ ବି ସମୟ ସମୟରେ ଏଇ ଅବସ୍ଥା ଦେଖାଦେଲାଣି ।

ବଡ ସୁଖର ବିଷୟ, ଏହି ଧରଣର ସମ୍ଭାବନାକୁ ଆଖି ଆଗରେ ରଖି ଏବେ Termal Power ବା ତାପଜ ବିଦ୍ୟୁତ ଉତ୍ପାଦନ ପାଇଁ ଆମେ ଚେଷ୍ଟିତ । ଆମ ଓଡିଶାର ତାଳଚେରଠାରେ ଗୋଟିଏ କ୍ଷୁଦ୍ର ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ମାତ୍ର ସେଠାରୁ ଯେତିକି ପରିମାଣର ବିଦ୍ୟୁତ୍‌ଶକ୍ତି ଉତ୍ପନ୍ନ ହେଉଛି ତାହା ଆମ ରାଜ୍ୟର ଚାହିଦାକୁ ମେଣ୍ଟାଇ ପାରୁନାହିଁ । ସେଥିପାଇଁ ଓଡିଶାର ବିପୁଳ କୋଇଲା ଭଣ୍ଡାରକୁ ଆଖି ଆଗରେ ରଖି ଗତ ଜୁନ୍ ମାସ ୨ ତାରିଖ ଦିନ ତାଳଚେର ନିକଟରେ ଅବସ୍ଥିତ କଣିହାଠାରେ ଏକ ବୃହତ୍ ତାପଜ ବିଦ୍ୟୁତ୍ ପ୍ରକଳ୍ପର ଶୁବାରମ୍ଭ ହୋଇଛି ।

ଠିକ୍ ତା'ପର ଦିନ (ତିନି ତାରିଖରେ) ବେଲପାହାଡର ପନ୍ଦର କିଲୋମିଟର୍ ଦକ୍ଷିଣରେ ବଅଁରପାଲି ଗ୍ରାମଠାରେ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରର ଶୁଭାରମ୍ଭ ହୋଇଛି ।

## ତାପଜ ବିଦ୍ୟୁତ୍

ସାଧାରଣତଃ ପ୍ରଚୁର କୋଇଲା ଏବଂ ଜଳ ମିଳୁଥିବା ସ୍ଥାନମାନଙ୍କରେ ତାପଜ ବିଦ୍ୟୁତ କେନ୍ଦ୍ରମାନ ସ୍ଥାପିତ ହୋଇଥାଏ । ଏଠାରେ କୋଇଲାକୁ ପୋଡି ଉଚ୍ଚତାପ ସୃଷ୍ଟି କରି ଜଳକୁ ଜଳୀୟବାଷ୍ପରେ ପରିଣତ କରି ଟର୍‌ବାଇନ୍ ଚଳା ହୋଇଥାଏ ।

ଟର୍ବାଇନ୍ ସହିତ ଜେନେରେଟର ସବୁ ଲଗା ହୋଇଥିବାରୁ ଉଭୟ ଖୁବ୍ ଦ୍ରୁତଗତିରେ ଚାଳିତ ହୋଇଥାଆନ୍ତି । ଫଳରେ ତାପଜ ବିଦ୍ୟୁତ୍ ଉତ୍ପନ୍ନ ହୋଇଥାଏ ।

ଟର୍ବାଇନ୍, ଜେନେରେଟର୍ ପ୍ରଭୃତି ଯନ୍ତ୍ରଗୁଡିକ ଛଡା ବୟଲର୍, କଣ୍ଡେନ୍ସର ଶୀତଳୀକରଣ ଯନ୍ତ୍ର, ଧୂଆଁ ନିରୋଧକ ଯନ୍ତ୍ର ବା Electro-Static Precipitator (ESP) ମଧ୍ୟ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକରେ ବ୍ୟବହୃତ ହୋଇଥାଏ ।

ତାପଜ ବିଦ୍ୟୁତ୍ ଉତ୍ପାଦନର ପ୍ରଣାଳୀ ସମ୍ପର୍କରେ ଆଉ କିଛି ଅଧିକ ତଥ୍ୟ ଏଠାରେ ପ୍ରଦତ୍ତ ହେଲେ ବିଷୟଟି ଆହୁରି ଭଲ ଭାବରେ ବୁଝିହେବ ।

ଏହି ଶକ୍ତିର ଉତ୍ପାଦନ ପାଇଁ ପ୍ରଥମେ କୋଇଲାକୁ, କୋଇଲାଖଣି ପାଖରୁ କନ୍‌ଭେୟର୍ ବେଲ୍ଟ ମାଧ୍ୟମରେ ତାପଜ ବିଦ୍ୟୁତ୍ କେନ୍ଦ୍ରକୁ ଅଣାଯାଇଥାଏ । ସେଠାରେ ବଡବଡ ଗୁଣ୍ଡ କରିବା ଯନ୍ତ୍ର ବା Grinding Machine ଥାଏ । ମୁଣ୍ଡାମୁଣ୍ଡା କୋଇଲାସବୁ ସେହି ଧରଣର ଯନ୍ତ୍ର ଦ୍ୱାରା ଭଲ ଭାବରେ ଗୁଣ୍ଡ ହୋଇଯାଏ । ତାପରେ ସେହି କୋଇଲାଗୁଣ୍ଡକୁ ଛାଣିବା ଯନ୍ତ୍ର ସାହାଯ୍ୟରେ ଛାଣି, ଉଚ୍ଚ ଚାପଯୁକ୍ତ ବାୟୁ ସାହାଯ୍ୟରେ ବୟଲର୍ ଭିତରେ ଥିବା ଦହନ ଅଞ୍ଚଳ (Firing Zone) କୁ ଛଡା ଯାଇଥାଏ । ବୟଲରଗୁଡିକ ପାଇପ୍ ଦ୍ୱାରା ନିର୍ମାଣ କରା ହୋଇଥାଏ । ପୁନଶ୍ଚ ଏଗୁଡିକୁ ଏପରି ଭାବରେ ସଜା ହୋଇ ରଖାଯାଇଥାଏ, ଯଦ୍ୱାରା ଏହାର ଭିତର ପାଖରେ ବାୟୁ ନିରୋଧକ ସ୍ଥାନ ବା Vaccum ମଧ୍ୟ ସୃଷ୍ଟି ହୋଇଥାଏ । ଏହି ସ୍ଥାନରେ ଏକ ନିର୍ଦ୍ଦିଷ୍ଟ ଧରଣର ତେଲକୁ ଜଳାଇ ଦହନ ଅଞ୍ଚଳ ସୃଷ୍ଟି କରାଯାଇଥାଏ । ସେହିଠାରେ ହିଁ ଗୁଣ୍ଡ କୋଇଲା ଆସି ଜଳେ । ଜଳୁଥିବା ତେଲ ଉପରେ ଗୁଣ୍ଡ କୋଇଲା ପଡି ଦହନ ପ୍ରକ୍ରିୟା ଖୁବ୍ ଜୋର୍‌ରେ ହୋଇଉଠେ । ଫଳରେ ତାପର ମାତ୍ରା ଖୁବ୍ ଅଧିକ ହୋଇଯାଏ । ଆଉ ଏହି ତାପମାତ୍ରା ପାଇ ବୟଲର୍ ନଳୀ ଭିତରର ଜଳ ଜଳୀୟବାଷ୍ପରେ ପରିଣତ ହୋଇଯାଏ । ବର୍ତ୍ତମାନ ସେହି ଜଳୀୟବାଷ୍ପକୁ ଉଚ୍ଚଚାପ ଦେଇ ଟର୍ବାଇନ୍‌କୁ ଚାଳିତ କଲେ ଟର୍ବାଇନ୍‌ଗୁଡିକ ଖୁବ୍ ଜୋରରେ ବୁଲିବାକୁ ଆରମ୍ଭ କରେ । ଟର୍ବାଇନ୍ ସହିତ ଜେନେରେଟର୍‌ଗୁଡିକ ସଂଯୁକ୍ତ ହୋଇଥିବାରୁ ତାପଜବିଦ୍ୟୁତ୍ ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହୋଇଯାଏ । ଏହାକୁ ତାପରେ ଟ୍ରାନ୍ସମିସନ୍ ଲାଇନ୍ ସାହାଯ୍ୟରେ ବିଭିନ୍ନ ସ୍ଥାନକୁ ନେଇ ବ୍ୟବହାର କରାଯାଇଥାଏ ।

ଏଠାରେ ଏକ ଉଲ୍ଲେଖନୀୟ ବିଷୟ ହେଉଛି– କୋଇଲାକୁ ଦହନ ଅଞ୍ଚଳରେ ପୋଡିବା ସମୟରେ ବହୁତ ବିଷାକ୍ତ ଧୂଆଁ ଆଉ ପାଉଁଶଗୁଣ୍ଡ ନିର୍ଗତ ହୋଇଥାଏ । ସେଇଥିପାଇଁ ଏବେ ଯେଉଁଯେଉଁ ସ୍ଥାନମାନଙ୍କରେ ତାପଜ ବିଦ୍ୟୁତ୍ କେନ୍ଦ୍ରମାନ ପ୍ରତିଷ୍ଠା ହେଉଛି, ସେଗୁଡିକରେ ବିଭିନ୍ନ ଧରଣର ନିରୋଧକ ଯନ୍ତ୍ରମାନ ରଖାଯାଉଛି । ତାଳଚେର ନିକଟସ୍ଥ କଣିହାଠାରେ ଏବଂ ଇବ୍ ଉପତ୍ୟକାରେ ନିର୍ମାଣ ହେଉଥିବା ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକରେ ଆଧୁନିକ ଯନ୍ତ୍ରପାତି ଲଗାଯିବାର ବ୍ୟବସ୍ଥା ହେଉଛି । ଧୂଆଁ ନିରୋଧ ପାଇଁ Electro-Static Precipitator (ESP) ବସିବ । ଏହାଦ୍ୱାରା ଧୂଆଁ ଆଉ ବାହାରର ବାୟୁମଣ୍ଡଳକୁ ଦୂଷିତ କରିପାରିବ ନାହିଁ । ସେହି ଯନ୍ତ୍ର ଭିତରେ ଏହା ବିଶୋଧିତ ହୋଇଯିବ । ସେଇମିତି ପାଉଁଶଗୁଣ୍ଡକୁ ସିଧାସଳଖ ବାହାରକୁ ନ ଛାଡି ନଳ ଦ୍ୱାରା ପାଉଁଶଗୁଣ୍ଡ ବା Ash Pondକୁ ଛଡାଯିବ ।

କୋଇଲା ପୋଡିବା ସମୟରେ ଅତ୍ୟଧିକ ଉତ୍ତାପ ସୃଷ୍ଟି ହେତୁ ବୟଲର୍‌ର କୌଣସି ଅଂଶ ଯେପରି କ୍ଷତି ନ ହେବ, ତା'ର ମଧ୍ୟ ବ୍ୟବସ୍ଥା ଶୀତଳୀକରଣ ଯନ୍ତ୍ର ଦ୍ୱାରା କରାଯାଉଛି ।

## ତାଳଚେର ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ର

ଏହି କେନ୍ଦ୍ରରୁ ତିନିହଜାର ମେଗାୱାଟ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଛି । ତିନିଗୋଟି ପର୍ଯ୍ୟାୟରେ ଏହା ନିର୍ମାଣ କରାଯିବ । ପ୍ରଥମ ପର୍ଯ୍ୟାୟରେ ପାଞ୍ଚଶହ ମେଗାୱାଟ୍ ବିଶିଷ୍ଟ ଦୁଇଟି ୟୁନିଟ୍ ନିର୍ମାଣ କରାଯାଇ ୧୯୯୪–୯୫ ମସିହା ବେଳକୁ ଏଥିରୁ ଏକହଜାର ମେଗାୱାଟ୍ ବିଜୁଳିଶକ୍ତି ଯୋଗାଇ ଦିଆଯିବ । ଟ୍ରାନ୍ସମିସନ୍ ଲାଇନ୍ ନିର୍ମାଣ ଖର୍ଚ୍ଚ ସମେତ ଏହାର ପ୍ରଥମ ପର୍ଯ୍ୟାୟର ଖର୍ଚ୍ଚ ଅଟକଳ ହେଉଛି ୧,୪୮୦.୮୫ କୋଟି ଟଙ୍କା । ଓଡିଶା ସମେତ ପଶ୍ଚିମବଙ୍ଗ, ବିହାର ଓ ସିକିମ୍ ଭଳି ରାଜ୍ୟମାନଙ୍କୁ ଏଠାରୁ ବିଜୁଳିଶକ୍ତି ଯୋଗାଇ ଦିଆଯିବ । N.T.P.C. ଯାହା National Thermal Power Corporation (ଭାରତ ସରକାରଙ୍କ ଏକ ସଂସ୍ଥା) ନାମରେ ପରିଚିତ, ତା'ରି ଦ୍ୱାରା ନିର୍ମାଣ କରାଯାଉଥିବା ଏଇ ଧରଣର ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକ ଆମ ଭାରତରେ ଯେତେଗୋଟି ଅଛି, ତା'ଭିତରୁ ଓଡିଶାର ଏହି ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ରର ସ୍ଥାନ ହେବ ନବମ । କିନ୍ତୁ ପୂର୍ବାଞ୍ଚଳରେ ହେବ– ତୃତୀୟ । ପୂର୍ବାଞ୍ଚଳରେ ଆଗରୁ ପଶ୍ଚିମବଙ୍ଗର ଫାରାକ୍କାଠାରେ ଏକହଜାର ଛଅଶହ ମେଗାୱାଟ୍ ବିଶିଷ୍ଟ ଗୋଟିଏ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପିତ ହୋଇଛି । ସେଇମିତି ବିହାରର କୋହାଲଗାଓଁଠାରେ ଆଠଶହ ଚାଳିଶ ମେଗାୱାଟ୍ ବିଶିଷ୍ଟ ଆଉ ଗୋଟିଏ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପିତ ହୋଇଛି । ତାଳଚେର ନିକଟସ୍ଥ ଲିଙ୍ଗରାଜ କୋଇଲାଖଣିର କୋଇଲା ଏହି ବୃହତ୍ ତାପଜ କେନ୍ଦ୍ରରେ ବ୍ୟବହୃତ ହେବ । ସମଲ ବ୍ୟାରେଜରୁ ଜଳ ଆଣି ସେଠାରେ ବ୍ୟବହାର କରାହେବ ।

## ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ର

ସମ୍ବଲପୁର ଜିଲ୍ଲାର ବେଲପାହାଡର ପନ୍ଦର କିଲୋମିଟର ଦକ୍ଷିଣରେ ଅବସ୍ଥିତ ବନ୍ଧଁରପାଲି ଗ୍ରାମଠାରେ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପିତ ହେବାକୁ ଯାଉଛି । ଇବ୍ ନଦୀ ଉପତ୍ୟକାରେ ବହୁଳ ପରିମାଣରେ ଗଚ୍ଛିତ ଥିବା କୋଇଲା ସେହି ତାପଜ କେନ୍ଦ୍ରରେ ବ୍ୟବହୃତ ହେବ । ହୀରାକୁଦ ଜଳଭଣ୍ଡାରର ଜଳ ସେଠାରେ ମଧ୍ୟ ବ୍ୟବହାର କରାଯିବ । ଏହି କେନ୍ଦ୍ରରୁ ୮୪୦ ମେଗାୱାଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କରାଯିବାର ଲକ୍ଷ୍ୟ ରଖାଯାଇଛି । ଚାରିଗୋଟି ପର୍ଯ୍ୟାୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ । ପ୍ରଥମ ଦୁଇଟି ୟୁନିଟ୍ ପାଇଁ ବୟଲର, ଟର୍ବାଇନ୍, ଜେନେରେଟର୍ ସବୁ କିଣିବା ପାଇଁ ବନ୍ଦୋବସ୍ତ ସରିଲାଣି । ଆଉ ଏହି କେନ୍ଦ୍ର ନିର୍ମାଣ ଏବେ ଜୋରସୋରରେ ଆଗେଇ ଚାଲିଛି ।

ଭବିଷ୍ୟତରେ ସେହି ଇବ୍ ଉପତ୍ୟକାରେ ଗୋପାଳପୁରଠାରେ ଆଉ ଗୋଟିଏ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ହେବାର ସମ୍ଭାବନା ରହିଛି ।

ତା'ଛଡା ତାଳଚେର କୋଇଲା ବ୍ୟବହାର କରି ନରାଜଠାରେ ଓ ଯାଜପୁରରୋଡରେ ଆଉ ଦୁଇଗୋଟି ଲୋଡସେଣ୍ଟର୍ ତାପଜ ବିଦ୍ୟୁତ କେନ୍ଦ୍ର ସ୍ଥାପିତ ହେବାର ଆଶା ଅଛି ।

ଜଳବିଦ୍ୟୁତ୍ ହେଉ ଅଥବା ତାପଜ ବିଦ୍ୟୁତ ହେଉ, ବିଜୁଳିଶକ୍ତି ସମସ୍ତ ପ୍ରଗତି ଓ ଶିଳ୍ପର ବିକାଶର ଆଧାର । ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ବିଜୁଳିଶକ୍ତିର ଆବଶ୍ୟକତା ସର୍ବାଧିକ । ଶିଳ୍ପର ବିକାଶ ଓ କୃଷିର ବିକାଶ ପାଇଁ ଦରକାର ହେଉଥିବା ବିଜୁଳିଶକ୍ତିର ଚାହିଦା ପୂରଣ ପାଇଁ ଓଡିଶାରେ ଏଇମିତି ଅନେକ ବିଦ୍ୟୁତ ପ୍ରକଳ୍ପ ନିର୍ମାଣ ପାଇଁ ଚେଷ୍ଟା ଚାଲିଛି । ତେବେ, ଆମ୍ଭମାନଙ୍କର ଅକୁଣ୍ଠ ସହଯୋଗ ଓ ନିଷ୍ଠାପର ଉଦ୍ୟମ ଏତିକି ବେଳେ ଲୋଡା । ଆମେ ଏକ ହୋଇ ଚାଲିଲେ ଦେଶ ଆଗେଇବ ଆଉ ଆମେ ବି ଆଗେଇ ଚାଲିବା ।

ଅଧ୍ୟକ୍ଷ,
ତାଳଚେର ମହାବିଦ୍ୟାଳୟ,
ତାଳଚେର



ରାଜ୍ୟପାଳ ସୟଦ୍ ନୁରୁଲ୍ ହାସାନ୍‌ଙ୍କ ୬୯ତମ ଜନ୍ମ ଦିବସ ପାଳନ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ରାଜଭବନଠାରେ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ କରି ଅଭିନନ୍ଦନ ଜ୍ଞାପନ କରୁଛନ୍ତି ।

# ପ୍ରତିଯୋଗିତା ଓ ରାଷ୍ଟ୍ର ନିର୍ମାଣ

*ଅଧ୍ୟାପକ ନିଖିଳାନନ୍ଦ ପାଣିଗ୍ରାହୀ*

୧୯୮୮ ସାଲର ଅକ୍ଟୋବର ମାସରେ, ନାସିକ୍ ସହରରେ ଧନୁଷ୍କର ନାମକ ଛଅ ମାସ ବୟସର ଗୋଟିଏ ଶିଶୁ ଏକ ଅଦ୍ଭୁତ କାମ କରି ସମସ୍ତଙ୍କୁ ଚମତ୍କୃତ କରି ଦେଇଥିଲା । ସେଠାକାର କର୍ପୋରେସନ୍‌ର ସନ୍ତରଣ ଟ୍ୟାଙ୍କ୍‌ରେ ସେ ଦୀର୍ଘ ତିନି ମିନିଟ ଧରି ଯେତେବେଳେ ସନ୍ତରଣ କଲା, ସମବେତ ସମସ୍ତ ଦର୍ଶକ ଆଶ୍ଚର୍ଯ୍ୟରେ ଆତ୍ମବିସ୍ମୃତ ହୋଇ ଯାଇଥିଲେ । ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଗହଣରେ ଉପସ୍ଥିତ ଥିବା ମହାରାଷ୍ଟ୍ରର ଶକ୍ତି ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ପୁଷ୍ପ ତାଇ ହିରମ୍ ଏହି ଦୃଶ୍ୟ ଦେଖି ଅଭିଭୂତ ହୋଇ ଯାଇଥିଲେ । ସେତେବେଳେ ଶିଶୁଟିକୁ "ସନ୍ତରଣ-ସମ୍ରାଟ" ଆଖ୍ୟା ଦିଆଯାଇଥିଲା । ପୁଣି ଫୁଟକୀ ଫୁଲ ଫଳକୁ ବାଢ଼ିବା ପରି, ଦିନେ ନା ଦିନେ ସେ ଯେ ବିଶ୍ୱର ଜଣେ ଶ୍ରେଷ୍ଠ ସନ୍ତରଣକାରୀ ହୋଇ ପାରିବ – ଏଇ ଆଶା ସମସ୍ତେ ପୋଷଣ କରିଥିଲେ ।

ବାସ୍ତବିକ ଏଇ ଘଟଣାଟି ସାରା ଦେଶରେ ଏମିତି ଚହଳ ସୃଷ୍ଟି କରିଥିଲା ଯେ, ଯେତେବେଳେ କଲିକତାଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଚମ୍ପିଅନ୍‌ସିପ୍‌ରେ ଯୋଗ ଦେବା ପାଇଁ ଶିଶୁଟିକୁ ନିମନ୍ତ୍ରଣ କରାଯାଇଥିଲା – ବୋଧହୁଏ ସନ୍ତରଣ ପ୍ରତିଯୋଗିତା ପ୍ରତି ତା ମନରେ କୌତୂହଳଭାବଟାକୁ ଆଗ୍ରହ ବଢ଼ାଇବା ପାଇଁ ! ଏଇ ପ୍ରସ୍ତାବରେ ତାର ପିତାମାତା ଖୁସିହେଇ ରାଜି ହୋଇଯାଇଥିଲେ । କିନ୍ତୁ ଉକ୍ତ ଚମ୍ପିଅନ୍‌ସିପ୍‌ର ଆୟୋଜକମାନେ ଏଇ ଯେଉଁ ନିମନ୍ତ୍ରଣ ପଠାଇଲେ ଏବଂ ଧନୁଷ୍କରର ଅଭିଭାବକମାନେ ତାଙ୍କୁ ଯେପରି ସାଦରେ ଗ୍ରହଣ କଲେ, ତାହା କ'ଣ ପ୍ରକୃତରେ ଠିକ୍ ହୋଇଛି ? ଏହି ପ୍ରକାର ପଦକ୍ଷେପ ଶିଶୁଟିର ଭବିଷ୍ୟତ ପାଇଁ ବାସ୍ତବରେ କ'ଣ ସହାୟକ ହେବ ? ଗୋଟିଏ କୋମଳମତି ଶିଶୁକୁ ତାର ଅଜ୍ଞାନଅବସ୍ଥାରେ ପ୍ରତିଯୋଗିତାର ଚକ୍ରବ୍ୟୂହ ସଦୃଶ ଦୃଶ୍ୟ ଦେଖାଇଲେ, ତାର ପ୍ରତିଭା ଅକାଳରେ ନିର୍ବାପିତ ହୋଇଯିବ ନାହିଁ କି ? —ପୁଣି ଉକ୍ତ ପ୍ରତିଯୋଗିତା ପରି ସେ ତାର ଜୀବନରେ ଯଦି ବହୁବାର ପ୍ରତିଦ୍ୱନ୍ଦ୍ୱିତାରେ ଅଂଶ ଗ୍ରହଣ କରିବ, ତାହାହେଲେ ସେ ଭବିଷ୍ୟତରେ ଜଣେ ବିଶ୍ୱବିଖ୍ୟାତ ସନ୍ତରଣକାରୀ ହୋଇ ପାରିବ ବୋଲି ଆମେ ଆଶା କରିବା ଯଥାର୍ଥ କି ? ପ୍ରକାରାନ୍ତରେ କହିବାକୁ ଗଲେ, ସନ୍ତରଣ ସମେତ ଯେକୌଣସି ପ୍ରକାର ପ୍ରତିଯୋଗିତା କ'ଣ ଆମର ଦକ୍ଷତା, ପାରଦର୍ଶିତା ଓ ଯୋଗ୍ୟତା ବଢ଼ାଇଥାଏ କି ? ବ୍ୟକ୍ତିର ଉନ୍ନତି ପାଇଁ ପ୍ରତିଯୋଗିତାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି କି ?

ପ୍ରତିଯୋଗିତାଭିତ୍ତିକ ସମାଜ ବିଷୟରେ ଆଲୋଚନା କରିବା ବେଳେ ସର୍ବ ପ୍ରଥମେ ଯୁକ୍ତରାଷ୍ଟ୍ର ଆମେରିକା ପରି ପୁଞ୍ଜିବାଦୀ ରାଷ୍ଟ୍ର ଆମ ଦୃଷ୍ଟି ଆକର୍ଷଣ କରିଥାଏ, କାରଣ ଏହି ରାଷ୍ଟ୍ର ସମ୍ପ୍ରତି ବିଶ୍ୱର ନେତୃସ୍ଥାନ ଅଧିକାର କରି ପାରିଛି । ସେଠାକାର ଜଣେ ଭୂତପୂର୍ବ ଉପରାଷ୍ଟ୍ରପତି ସ୍ପିରୋ ଆଗ୍ନ୍ୟୁଙ୍କ ପ୍ରତିଯୋଗିତା ସମ୍ପର୍କରେ ମତ ହେଉଛି ଯେ, ଯେଉଁ ସମାଜରେ ପ୍ରତିଯୋଗିତାକୁ ଗୁରୁତ୍ୱ ଦିଆଯାଉ ନାହିଁ, ତାହା ଲହରି ନଥିବା ସମୁଦ୍ର ପରି ମାନ୍ଦା ଓ ନିଷ୍ପ୍ରଭ । ଏମିତି ଏକ ନିରୀହ ସମାଜକୁ ଅଳ୍ପକେ ସନ୍ତୁଷ୍ଟ ହୋଇ ଯାଉଥିବା ଲୋକମାନେ ପସନ୍ଦ କରିଥାନ୍ତି । କେବଳ ଆଗ୍ନ୍ୟୁ ନୁହନ୍ତି, ବହୁତ ଲୋକ ବିଶ୍ୱାସ କରନ୍ତି ଯେ, ବିନା ପ୍ରତିଯୋଗିତାରେ ବିକାଶ ଅସମ୍ଭବ ....ଏବଂ ଯୁକ୍ତରାଷ୍ଟ୍ରରେ ଯେଉଁ ପ୍ରଗତି ଘଟିଛି, ତାହା କେବଳ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସୁଫଳ ।

କିନ୍ତୁ ସର୍ବସାଧାରଣଙ୍କ ମଧ୍ୟରେ ପ୍ରଚଳିତ ଏହି ମତ କ'ଣ ଠିକ୍ ? ଏହି ପ୍ରସଙ୍ଗରେ କ୍ରୀଡ଼ା ଜଗତ ପ୍ରତି ପ୍ରଥମେ ଦୃଷ୍ଟି ଦିଆଯାଉ । ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟରେ ଆଜିକାଲି ଆନ୍ତର୍ଜାତିକ ସ୍ତରରେ ଟେନିସ୍ ଖେଳ ପ୍ରାଧାନ୍ୟ ଲାଭ କରିଛି । ଏଥିରେ ସଫଳତା ହାସଲ କରି ବିଶ୍ୱ ସ୍ତରରେ ମାନ୍ୟତାପ୍ରାପ୍ତ ଖେଳାଳୀ ଭାବେ ସ୍ୱୀକୃତି ଲାଭ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡୁଛି । ତଥାପି ବେଳେ ବେଳେ ଅତି କମ୍ ବୟସରେ ଜଣେ ଜଣେ ଖେଳାଳୀ ଶୀର୍ଷ ସ୍ଥାନରେ ପହଞ୍ଚିଥାନ୍ତି । ଏମିତି ଏକ କିଶୋର-ପ୍ରତିଭା ହେଉଛନ୍ତି ଆମେରିକାର ସତର ବର୍ଷ ବୟସ୍କ ମାଇକେଲ୍ ଚ୍ୟାଙ୍ଗ୍ । ରଏଟର୍ ସଂସ୍ଥା ଅନୁଯାୟୀ ସେ ପୁରୁଷ ବିଭାଗ ଟେନିସ୍ ଖେଳରେ ୭୬୬ ପଏଣ୍ଟ୍ ହାସଲ କରି ଟେନିସ୍ ଜଗତରେ ସମ୍ପ୍ରତି ସପ୍ତଦଶ ସ୍ଥାନ ଅଧିକାର କରିଛନ୍ତି । କିନ୍ତୁ ଏହି ଅସାଧାରଣ ସଫଳତାରେ ଉତ୍ଫୁଲ୍ଲିତ ହେବା ପରିବର୍ତ୍ତେ ସେ ଆତଙ୍କିତ ଓ ସତର୍କ ହେବା ଉଚିତ ବୋଲି ବହୁ କ୍ରୀଡ଼ା-ସମାଲୋଚକ ମତବ୍ୟକ୍ତ କରିଛନ୍ତି । ଏପରିକି ଆମେରିକାର ଜଣେ ଅଭିଜ୍ଞ ଟେନିସ୍ ଖେଳାଳୀ ଆର୍ଥର୍ ଆଶ୍ ତାଙ୍କୁ ସତର୍କବାଣୀ ଶୁଣାଇ କହିଛନ୍ତି ଯେ, ସେ ଅଧିକରୁ ଅଧିକ ସମୟ ବିଶ୍ରାମ ନନେଲେ, ଖେଳରେ କେବଳ ଦକ୍ଷତା ହରାଇବେ ନାହିଁ, ତାଙ୍କ କ୍ରୀଡ଼ା ଜୀବନ ସମ୍ପୂର୍ଣ୍ଣ ଭାବେ ଧୂଳିସାତ୍ ମଧ୍ୟ ହୋଇଯାଇ ପାରେ ।

ଦୀର୍ଘ ଅଭିଜ୍ଞତା ସମ୍ପନ୍ନ ଆର୍ଥର୍ ଆଶ୍‌ଙ୍କ ଏହି ଉପଦେଶର ଯଥେଷ୍ଟ ଗୁରୁତ୍ୱ ଓ ଯୁଗୋପଯୋଗିତା ରହିଛି, କାରଣ ବର୍ତ୍ତମାନ ଆମେ ଏମିତି

ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଯୁଗରେ କାଳାତିପାତ କରୁଛେଁ ଯେ, ଆରାମରେ କିଛି ସମୟ ବିଶ୍ରାମ ନେବା ପାଇଁ ଆମକୁ ସୁଯୋଗ ମିଳୁ ନାହିଁ। ଅତ୍ୟଧିକ ପରିଶ୍ରମ, ଅଧ୍ୟବସାୟ ଓ ବ୍ୟସ୍ତତା ଯୋଗୁଁ ଆମ ଭବିଷ୍ୟତ ଅପ୍ରତ୍ୟାଶିତ ଭାବେ ଅଳ୍ପ ସମୟ ମଧ୍ୟରେ ହଠାତ୍ ଅନ୍ଧକାରାଚ୍ଛନ୍ନ ହୋଇଯାଏ। ଏହା କେବଳ ସାଧାରଣ ବ୍ୟକ୍ତିଙ୍କ କ୍ଷେତ୍ରରେ ନୁହେଁ; ପ୍ରତିଭାଶାଳୀ ବ୍ୟକ୍ତିଙ୍କ ଜୀବନ ପ୍ରତି ମଧ୍ୟ ପ୍ରଯୁଜ୍ୟ। ବାସ୍ତବିକ୍ ଯେଉଁମାନେ ଶୈଶବ ବା କିଶୋରାବସ୍ଥାରେ ଅନନ୍ୟ ପ୍ରତିଭା ପ୍ରଦର୍ଶନ କରିଥାନ୍ତି, ସେମାନେ ଏଇ ଯୁଗର ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ଯାଇ କମ୍ ବୟସରେ ସର୍ବସ୍ୱ ହରାଇଥାନ୍ତି। ଯଦି ତୁଳସୀ ଗଛଟିଏ ଦୁଇ ପତ୍ରରୁ ବାସି ଚତୁର୍ଦ୍ଦିଗକୁ ମହକାଇବା ପରେ, ସ୍ଥିରି ପତ୍ର ହେବା ପୂର୍ବରୁ ଶୁଖି କଣ୍ଠା ହୋଇଗଲା, ତାହାହେଲେ ତା'ଠାରୁ ଆଉ ଅଧିକ ହତଭାଗା କିଏ ହେବ ? ସେ ଯାହାହେଉ, ଏଇ ଅକାଳ ବିଯୋଗ ଆମ ସମାଜରେ ଲୁକ୍କାୟିତ ଭାବେ ରହିଥିବା ପ୍ରତିଭା–ବିନାଶକାରୀ ପ୍ରବୃତ୍ତିର ମୁଖା ଖୋଲି ଦେଉଛି।

ଏହି ପ୍ରସଙ୍ଗରେ ଆମେରିକାର ଟ୍ରେସି ଅଷ୍ଟିନ୍‌ଙ୍କ ବିଷୟ ଉତ୍ଥାପନ କରାଯାଇ ପାରେ। ସେ ମାତ୍ର ତେର ବର୍ଷ ବୟସରେ ପେଶାଦାର ଟେନିସ୍ ଖେଳରେ ପ୍ରବେଶ କରିଥିଲେ। କିନ୍ତୁ ତାର ତିନି ବର୍ଷ ମଧ୍ୟରେ ୟୁ: ଏସ୍: ଓପେନ୍ ଟେନିସ୍ ଚମ୍ପିଆନ୍ ହୋଇ ଚହଳ ସୃଷ୍ଟି କରିଥିଲେ। ପୁଣି ଦୁଇ ବର୍ଷ ମଧ୍ୟରେ ଏହି ଟାଇଟଲ୍ ପୁନର୍ବାର ହାସଲ କରି ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ଏପରିକି ୧୯୮୦ ମସିହାରେ କ୍ରିସ୍ ଏଭେଟ୍, ମାର୍ଟିନା ନାଭ୍ରୋଟିଲୋଭା ଇତ୍ୟାଦି ବହୁ ମାନ୍ୟଗଣ୍ୟ ଖେଳାଳୀଙ୍କୁ ଟପିଯାଇ ଦୁଇ ମାସ ପାଇଁ ବିଶ୍ୱର ଏକ ନମ୍ବର ଖେଳାଳୀ ଭାବେ ପରିଗଣିତ ହୋଇଥିଲେ। କିନ୍ତୁ ପରେ ପରେ ସେ ଏତେ ଦୂର ନିଷ୍ପ୍ରଭ ହୋଇଗଲେ ଯେ, ୟୁ: ଏସ୍: ଓପେନ୍ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ତାଙ୍କ ଯୋଡ଼ି ପରାଜିତ ହେଲା।

ଟ୍ରେସି ଅଷ୍ଟିନ୍‌ଙ୍କ ଏହି ବିଫଳତା ପଛରେ ମୁଖ୍ୟ କାରଣ ହେଉଛି ଅତ୍ୟଧିକ ପ୍ରତିଯୋଗିତାରେ ଅଂଶ ଗ୍ରହଣ। ଏହାଦ୍ୱାରା ଅତି କମ୍ ବୟସରେ ତାଙ୍କର ସ୍ୱାସ୍ଥ୍ୟହାନି ଘଟିଲା। ମାତ୍ର ଏକୋଇଶି ବର୍ଷ ବୟସରେ ତାଙ୍କ ପିଠି ଓ ଗଳାର ହାଡ଼ ଠିକ୍ ଭାବେ କାମ ନକରିବା ଯୋଗୁଁ ସେ ଫିଟ୍‌ନେସ୍ ସମସ୍ୟାର ସମ୍ମୁଖୀନ ହୋଇଥିଲେ।

କେବଳ ଟ୍ରେସି ଅଷ୍ଟିନ୍ ନୁହନ୍ତି; ଆନ୍ଦ୍ରିଆ ଯାଏଗର୍, ଆରୋନ୍ କ୍ରିକ୍‌ଷ୍ଟୋନଙ୍କ ପରି କେତେକ କମ୍ ବୟସରୁ ସଫଳ ହୋଇଥିବା ଟେନିସ୍ ଖେଳାଳୀ ପରବର୍ତ୍ତୀ ଜୀବନରେ ଦୟନୀୟ ଭାବେ ବିଫଳ ହୋଇଛନ୍ତି। ଏହାର କାରଣ ହୋଇପାରେ ଯେ, ଆଜିକାଲି ଟେନିସ୍ ଖେଳ ପାଇଁ ପୁରସ୍କାର ବାବଦରେ ବିପୁଳ ପରିମାଣର ଅର୍ଥ ଦିଆଯାଉଥିବା ଯୋଗୁଁ ଖେଳଗୁଡ଼ିକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଏବଂ ଅନ୍ୟନ୍ତ ଗତିଶୀଳ ହେଉଛି। ତତ୍‌ସହିତ ପ୍ରି–ଟୁର୍ଣ୍ଣାମେଣ୍ଟମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି। ଅର୍ଥ ମର୍ଯ୍ୟାଦା ଓ ଖ୍ୟାତି ପାଇଁ ଖେଳାଳୀମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ କରି ନିଜର କେବଳ ଶକ୍ତି ନିଃଶେଷ କରି ଦେଉ ନଥାନ୍ତି; ପ୍ରତିଭାକୁ ମଧ୍ୟ ଧ୍ୱଂସ କରିଥାନ୍ତି।

ପ୍ରକୃତରେ ପ୍ରତିଯୋଗିତାର ଚାପ ଖେଳାଳୀମାନଙ୍କ ଉପରେ ଏତେ କୁପ୍ରଭାବ ପକାଏ ଯେ, ସେମାନେ ମାନସିକ ଭାରସାମ୍ୟ ହରାଇଥାନ୍ତି ଏବଂ ପରାଜିତ ହେବା ଆଶଙ୍କାରେ ଆତଙ୍କିତ ହୋଇ ନିଜ ଦକ୍ଷତା ଭୁଲି ଯାଇଥାନ୍ତି। ଏହି ମର୍ମରେ ଟେରି ଓର୍ଲିକ୍ ନାମକ ଅଟୱା ବିଶ୍ୱବିଦ୍ୟାଳୟର ଜଣେ କ୍ରୀଡ଼ା ମନସ୍ତତ୍ତ୍ୱବିତ୍ ଯେଉଁ ଗବେଷଣା କରିଛନ୍ତି, ସେଥିପ୍ରତି ଦୃଷ୍ଟି ଦିଆଯାଇପାରେ। ସେ ନଅ–ଦଶ ବର୍ଷ ବୟସର କେତେକ ବାଳକ ଓ ବାଳିକା ଉପରେ ପରୀକ୍ଷା ଚଳାଇ ଉପସଂହାରରେ ଉପନୀତ ହେଲେ ଯେ, ତନ୍ମଧ୍ୟରୁ ସମସ୍ତ ବାଳିକା ଏବଂ ଦୁଇ ତୃତୀୟାଂଶ ବାଳକ କ୍ରୀଡ଼ାକୁ ପ୍ରତିଯୋଗିତା ଭାବେ ଗ୍ରହଣ କରିବାକୁ ନାରାଜ। ଏହା ଦ୍ୱାରା କ୍ରୀଡ଼ାଭୂମି ରଣାଙ୍ଗନ ପରି ଅନୁଭୂତ ହୁଏ ବୋଲି ସେମାନେ ମତ ଦେଇଥିଲେ।

କ୍ରୀଡ଼ା ଜଗତ ବ୍ୟତୀତ ଅନ୍ୟ କ୍ଷେତ୍ରମାନଙ୍କରେ ପ୍ରତିଯୋଗିତାର ଏତାଦୃଶ କୁପ୍ରଭାବ ରହିଛି କି ? ଏହି ବିଷୟକୁ ଦୃଷ୍ଟିରେ ରଖି ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ମନୋବିଜ୍ଞାନୀ ରବର୍ଟ ହେମରିକ୍ ୧୯୮୫ ସାଲ ସୁଦ୍ଧା ବିଭିନ୍ନ ବିଭାଗକୁ ନେଇ ଅନୁଧ୍ୟାନ କରିଥିଲେ। ବ୍ୟବସାୟ, ବିଜ୍ଞାନ, ମନସ୍ତତ୍ତ୍ୱ ବିଭାଗ, ବିମାନ ଚାଳନା, ତତ୍‌ସମ୍ପର୍କୀୟ ଏଜେନ୍‌ସି ଇତ୍ୟାଦି ସାତୋଟି ଭିନ୍ନ କ୍ଷେତ୍ରରେ ପରୀକ୍ଷା ନିରୀକ୍ଷା କରି ସେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ଓ ସଫଳତା ମଧ୍ୟରେ ଏକ ରକମ ଅହି–ନକୁଳ ସମ୍ପର୍କ ରହିଛି। ଅର୍ଥାତ୍ ଯେଉଁ ବ୍ୟକ୍ତିର ପ୍ରତିଯୋଗିତା ମନୋଭାବ ଯେତେ ଅଧିକ, ତାର କାର୍ଯ୍ୟସିଦ୍ଧି ସେତେ କମ୍। ଏଠାରେ ସବୁଠାରୁ ଉଲ୍ଲେଖଯୋଗ୍ୟ ବିଷୟ ହେଉଛି ଯେ, ବ୍ୟବସାୟ ସମ୍ପର୍କରେ ଥିବା ଆମର ବଦ୍ଧମୂଳ ଧାରଣା କେତେଦୂର ଭୁଲ୍। ଆମେ ସାଧାରଣତଃ ବିଶ୍ୱାସ କରୁଁ ଯେ, ବ୍ୟବସାୟରେ ସଫଳତା ହାସଲ କରିବାକୁ ହେଲେ ଆମକୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ନେଇ ଅଗ୍ରସର ହେବାକୁ ପଡ଼ିବ। କିନ୍ତୁ ଯେଉଁ ବ୍ୟକ୍ତିମାନେ ଏଇ ପ୍ରକାର ମନୋବୃତ୍ତି ନେଇ ବ୍ୟବସାୟ ଆରମ୍ଭ କରନ୍ତି, ସେମାନେ ପରିଶେଷରେ ଚରମ ବିପର୍ଯ୍ୟୟର ସମ୍ମୁଖୀନ ହୁଅନ୍ତି।

ଆମେ ଯେତେବେଳେ ନିଜେ ନିଜର ଉନ୍ନତି କରିବାକୁ ଚେଷ୍ଟା କରୁ, ସେତେବେଳେ ସଫଳତା ହାସଲ କରୁ। କିନ୍ତୁ ଯଦି ଅନ୍ୟମାନଙ୍କୁ ପଛରେ ପକାଇ ଅଗ୍ରସର ହେବାକୁ ଇଚ୍ଛା କରୁ, ସେତେବେଳେ ନିଜେ ପଛରେ ପଡ଼ିଯାଉଁ ଏବଂ ଆମ ଅନ୍ତର୍ନିହିତ ଶକ୍ତି ହ୍ରାସ ପାଏ।

କେବଳ ବ୍ୟକ୍ତିଗତ କ୍ଷେତ୍ରରେ ନୁହେଁ, ସାମାଜିକ ସ୍ତରରେ ମଧ୍ୟ ପ୍ରତିଯୋଗିତାର ମାରାତ୍ମକ ପ୍ରଭାବ ପଡ଼ିବା ଦୃଷ୍ଟାନ୍ତ ରହିଛି। ଏଥିପାଇଁ ସାମ୍ବାଦିକତା ବିଭାଗ ପ୍ରତି ଦୃଷ୍ଟି ଦିଆଯାଉ। ୧୯୮୫ ସାଲରେ ଆତଙ୍କବାଦୀମାନଙ୍କ ଦ୍ୱାରା ବିମାନ ହରଣଗୁଳ ସମ୍ପର୍କରେ ଆମେରିକୀୟ ପ୍ରେସ୍‌ରେ ଯେଉଁ ଶୃଙ୍ଖଳ୍ୟକର ବିବୃତିମାନ ପ୍ରକାଶିତ ହୋଇଥିଲା, ସେଥିରେ ସତ୍ୟତା ଅପେକ୍ଷା ଅତିରଞ୍ଜନ ଅଧିକ ଥିଲା। ଏହା ଫଳରେ ସର୍ବସାଧାରଣରେ କୋକୁଆଭୟ ସୃଷ୍ଟି ହୋଇଥିଲା ଏବଂ ଲୋକେ ଅଯଥାରେ ଅଧିକ ଆତଙ୍କିତ ହୋଇଥିଲେ। ଏହି ପ୍ରକାର ଅତିରଞ୍ଜିତ ଖବର ବିଜ୍ଞାନ କ୍ଷେତ୍ରରେ ମଧ୍ୟ ପରିବେଷଣ କରାଯାଉଥିବା ବିଷୟ ଅତ୍ୟନ୍ତ ଦୁଃଖଦାୟକ। କାରଣ ବୈଜ୍ଞାନିକମାନେ ସତ୍ୟାନୁସନ୍ଧାନରେ ବ୍ରତୀ ଥିବା ବେଳେ ଏହି ପ୍ରକାର ମିଥ୍ୟା ପ୍ରଶ୍ନର ବା ଗୁଜବ ବା ଅତିରଞ୍ଜନ ଦ୍ୱାରା ସେମାନେ ଏକାଗ୍ରତା ହରାଇବା ସଙ୍ଗେ ସଙ୍ଗେ ବିପଥଗାମୀ ହେବାର ଆଶଙ୍କା ରହିଛି। ହାର୍ଭାର୍ଡ଼ ସ୍ୱାସ୍ଥ୍ୟ–ସଞ୍ଚାର କେନ୍ଦ୍ରର ନିର୍ଦ୍ଦେଶକ ଡ଼ଃ ଫ୍ରିନ୍‌ଷ୍ଟେନ୍ ସତାଇଶି ଜଣ ବିଜ୍ଞାନ ସମ୍ବାଦଦାତାଙ୍କଠାରୁ ସାକ୍ଷାତକାର ଗ୍ରହଣ କରିବା ପରେ ମତ ଦେଇଥିଲେ ଯେ, ନିଜ ପେଶାରେ ଅଗ୍ରଣୀ ହେବା ପାଇଁ ସେମାନେ ବିଭିନ୍ନ ଚିକିତ୍ସାଳୟ, ବିଶ୍ୱବିଦ୍ୟାଳୟ ଓ ବୈଜ୍ଞାନିକ ମହଲରେ ଶୃଙ୍ଖଳ୍ୟକର ଓ ଅତିରଞ୍ଜିତ ସମ୍ବାଦ ପ୍ରକାଶ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। (ଦ୍ରଷ୍ଟବ୍ୟ : ଆଲ୍‌ଫି କୋନ୍‌ଙ୍କ ଦ୍ୱାରା ଲିଖିତ ପୁସ୍ତକ "ନୋ କଣ୍ଟେଷ୍ଟ : ଦା କେସ୍ ଏଗେଇନ୍‌ଷ୍ଟ କମ୍ପିଟେସନ୍"। ......ବାସ୍ତବିକ ସାମ୍ବାଦିକମାନଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିଲେ, ତାହା ଆତଙ୍କବାଦକୁ ବନ୍ଦ କରିବା ପରିବର୍ତ୍ତେ ବଞ୍ଚାଇ ରଖିଥାଏ ଏବଂ ଆତଙ୍କବାଦୀମାନଙ୍କୁ ଅଧିକ ଉତ୍ପାତ କରିବା ପାଇଁ ଉସୁକାଇଥାଏ। ବିଜ୍ଞାନ ସମ୍ବାଦଦାତାମାନେ ମଧ୍ୟ ପ୍ରତିଯୋଗିତାର ବଶବର୍ତ୍ତୀ ହୋଇ ଗବେଷଣାର ପଥକୁ ସରଳ ଓ ସୁଗମ କରିବା ପରିବର୍ତ୍ତେ ଜଟିଳ କରିଦିଅନ୍ତି।

ଆମ ମନରେ ପ୍ରଶ୍ନ ଉଠୁଛି – ପ୍ରତି କ୍ଷେତ୍ରରେ ପ୍ରତିଯୋଗିତା ବିନାଶକାରୀ ଭୂମିକା କାହିଁକି ଗ୍ରହଣ କରିଥାଏ ?

ଏହାର ଉତ୍ତର ପାଇବା ପାଇଁ ମନୋବିଜ୍ଞାନର ପ୍ରବର୍ତ୍ତନା ତତ୍ତ୍ୱ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ବହୁ ଗବେଷକ ଦର୍ଶାଇଛନ୍ତି ଯେ, ଯେଉଁ ବିଷୟରେ କାର୍ଯ୍ୟ କରିବା ପାଇଁ ଆମ ମନରେ ସ୍ୱତଃ ଇଚ୍ଛା ଜାଗରିତ ହୁଏ, ଆମେ ସେଥିରେ ଉଲ୍ଲେଖନୀୟ ଦକ୍ଷତା ଦେଖାଇଥାଉ। ଏହାର କାରଣ

ଦେଖିଲେ ଆମର ସୃଜନୀୟ କ୍ରିୟା ଅନ୍ତର୍ଗତ ଆଭ୍ୟନ୍ତରୀଣ ପ୍ରବର୍ତ୍ତନା । ଏହାବ୍ୟତୀତ ଅନ୍ୟ ଏକ ପ୍ରକାର ପ୍ରବର୍ତ୍ତନା ରହିଛି, ଯାହାକୁ ବାହ୍ୟ-ପ୍ରବର୍ତ୍ତନା ବୋଲି କୁହାଯାଇପାରେ । ଓଭରଟାଇମ୍ ପାରିଶ୍ରମିକ ଦେବା, ପରୀକ୍ଷାରେ ଶ୍ରେଣୀ ବା ଗ୍ରେଡ୍ ଦେବା, ପ୍ରତିଯୋଗିତାମାନ କରାଇ ପୁରସ୍କାର ବାଣ୍ଟିବା ଇତ୍ୟାଦି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

ବାହ୍ୟ-ପ୍ରବର୍ତ୍ତନା ଦ୍ୱାରା କୌଣସି ବ୍ୟକ୍ତି ଅସାଧାରଣ କୃତିତ୍ୱ ହାସଲ କରିବା ଅସମ୍ଭବ ବୋଲି ଆଇଓ୍ୱା ବିଶ୍ୱବିଦ୍ୟାଳୟର ଶିକ୍ଷାଶାସ୍ତ୍ରୀ ମାର୍ଗରେଟ୍ କ୍ଲିଫୋର୍ଡ ଓ ରୋଚେଷ୍ଟର୍ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀ ଏଡ୍‌ୱାର୍ଡ ଡେସି ମତପୋଷଣ କରିଛନ୍ତି । କେବଳ ସେତିକି ନୁହେଁ, ପୁରସ୍କାର କିମ୍ବା ବିଜୟ ଅଭିଳାଷ ଆମକୁ ଦକ୍ଷ ଭାବେ କାର୍ଯ୍ୟ କରିବା ପାଇଁ ପ୍ରବର୍ତ୍ତିତ ପାରିବ ନାହିଁ । ବରଂ ସମାଜ ପ୍ରତି ଆମର ଉତ୍ତର-ଦାୟିତ୍ୱ ଆମକୁ କୁଶଳୀ କରିବାରେ ମଧ୍ୟ ସହାୟକ ହେବ । ତେଣୁ ପ୍ରତିଯୋଗିତା ଅପେକ୍ଷା ସହଯୋଗିତା ହିଁ ଉଭୟ ସାମାଜିକ ବିକାଶ ଓ ବ୍ୟକ୍ତିଗତ ଉନ୍ନତି ପାଇଁ ଅଧିକ ଉପାଦେୟ । ଏହା ବିଭିନ୍ନ ମନସ୍ତାତ୍ତ୍ୱିକ ଗବେଷଣା ଦ୍ୱାରା ସମର୍ଥିତ ହୋଇଥିବା ଆମ ପାଇଁ ବେଶ୍ ଉତ୍ସାହଜନକ ।

ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପଦ୍ଧତି କେତେଦୂର ଅହିତକର – ତାହା ସ୍ପଷ୍ଟ ପ୍ରତୀତ ହୁଏ । ଆମ ବିଦ୍ୟାଳୟମାନଙ୍କରେ ଯେପରି କଥା କଥାକେ ପ୍ରତିଯୋଗିତା କରାଇ ପିଲାଙ୍କୁ ବିଜୟୀ ବୋଲି ଘୋଷିତ ଏବଂ ବିଜ୍ଞାପିତ କରାଯାଉଛି, ଏହା ସମଗ୍ର ଛାତ୍ର ସମାଜ ଉପରେ କୁପ୍ରଭାବ ପକାଉଛି । ପ୍ରକୃତରେ ଯେଉଁମାନେ ଶିକ୍ଷାୟତନଠାରୁ ଦୂରରେ ଥାଆନ୍ତି, ସେମାନଙ୍କର ଅଧିକ ବୌଦ୍ଧିକ ବିକାଶ ଘଟିଥାଏ । ଏମିତି ଏକ ଉଦାହରଣ ହେଉଛି, ଇଂଲଣ୍ଡର ରଥ୍ ଲରେନ୍ସ ନାମକ ଜଣେ ବାଳିକା, ଯିଏକି ମାତ୍ର ତେର ବର୍ଷ ବୟସରେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରୁ ଅନର୍ସ ଡିଗ୍ରୀ ୧୯୮୫ ମସିହାରେ ହାସଲ କରିଥିଲା । ସେ ତିନି ବର୍ଷର ସ୍ନାତକ ପାଠ୍ୟକ୍ରମକୁ ବର୍ଷେକ ପୂର୍ବରୁ ଶେଷ କରି ଦୁଇଶହ ସ୍ନାତକ ପରୀକ୍ଷାର୍ଥୀଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖିବା ସଙ୍ଗେ ସଙ୍ଗେ ଗଣିତ ଶାସ୍ତ୍ରରେ ବିଶେଷ ସାଫଲ୍ୟ ପାଇଥିଲା ।

ପ୍ରକାଶ ଥାଉକି, ଅକ୍ସଫୋର୍ଡରେ ନାମ ଲେଖାଇବା ପୂର୍ବରୁ ରଥ୍ ଲରେନ୍ସ କୌଣସି ସ୍କୁଲ କିମ୍ବା କଲେଜକୁ ପାଠ ପଢ଼ିବା ପାଇଁ ଯାଇ ନଥିଲା । କମ୍ପ୍ୟୁଟର ବିଜ୍ଞାନରେ ବିଶେଷଜ୍ଞ ଥିବା ନିଜ ବାପାଙ୍କ ଦ୍ୱାରା ସେ ମୁଖ୍ୟତଃ ଘରେ ଶିକ୍ଷାଲାଭ କରିଥିବା ଯୋଗୁଁ ଅନ୍ୟାନ୍ୟଙ୍କ ପରି ନିଜ ଶିକ୍ଷା ଅବଧି ମଧ୍ୟରେ କୌଣସି ପ୍ରତିଯୋଗିତାର ସମ୍ମୁଖୀନ ହେବାର ସୁଯୋଗ ତା ଭାଗ୍ୟରେ ଜୁଟି ନଥିଲା । ତେଣୁ ଅନୁମାନ କରାଯାଏ ଯେ, ସେ ଏପରି ପ୍ରତିଦ୍ୱନ୍ଦ୍ୱିତାରୁ ମୁକ୍ତ ରହିବା ଯୋଗୁଁ ପରବର୍ତ୍ତୀ କାଳରେ ଅତି ଅଳ୍ପ ବୟସରେ ବିଶ୍ୱସ୍ତରୀୟ ସମ୍ମାନ ଲାଭ କରିଥିଲା ।

ବାସ୍ତବିକ ଆମର ଉନ୍ନତି ପାଇଁ ଆମକୁ ବାହ୍ୟ ପ୍ରବର୍ତ୍ତନା ପରିବର୍ତ୍ତେ ଆଭ୍ୟନ୍ତରୀଣ ପ୍ରବର୍ତ୍ତନା ଉପରେ ଅଧିକ ଜୋର ଦେବାକୁ ପଡ଼ିବ । ଆଭ୍ୟନ୍ତରୀଣ ପ୍ରବର୍ତ୍ତନାର ଏହି ପ୍ରକାର ବିଶେଷ ଗୁରୁତ୍ୱ ଥିବା ଦୃଷ୍ଟିରୁ ଏହାର ଅସ୍ତିତ୍ୱ କିପରି ଦୃଢ଼ୀଭୂତ ହୋଇ ପାରିବ ଏବଂ ବିଭିନ୍ନ କୌଶଳ ଓ ଅବଲମ୍ବନ ଦ୍ୱାରା ଏହା କିପରି ସମୃଦ୍ଧିଶାଳୀ ହୋଇ ପାରିବ – ତାହା ବିଶ୍ଳେଷଣ କରାଯିବା ଆବଶ୍ୟକ । ଏହି ପ୍ରସଙ୍ଗରେ ଆମେ ଟେନିସ୍ ଖେଳ ପ୍ରତି ଦୃଷ୍ଟି ଦେବା ପୂର୍ବରୁ ଆମେ ବିଶ୍ଳେଷଣ କରି ଜାଣିଛେ ଯେ, ପ୍ରତିଯୋଗିତା ଦ୍ୱାରା ଟେନିସ୍ ଖେଳରେ ଦକ୍ଷତା ହ୍ରାସ ପାଏ । ବରଂ ଆଭ୍ୟନ୍ତରୀଣ ପ୍ରବର୍ତ୍ତନା ଦ୍ୱାରା ଏହା ଉନ୍ନତ ହୁଏ । ଏହି ସମ୍ପର୍କରେ ଟିମ୍ ଗାଲୱେ ନାମକ ଜଣେ ଟେନିସ୍ ବିଶେଷଜ୍ଞ "ଦା ଇନର୍ ଗେମ୍ ଅଫ୍ ଟେନିସ୍" ଶୀର୍ଷକ ଏକ ପୁସ୍ତକ ଲେଖିଛନ୍ତି । ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରି ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ପ୍ରତ୍ୟେକ ମଣିଷର ମସ୍ତିଷ୍କକୁ ବାମ ଓ ଡାହାଣ – ଏପରି ଦୁଇଟି ଗୋଲାର୍ଦ୍ଧରେ ବିଭକ୍ତ କରାଯାଇପାରେ । ସାଧାରଣତଃ ଖେଳାଳୀମାନେ ମସ୍ତିଷ୍କର ବାମ ଗୋଲାର୍ଦ୍ଧର ନିର୍ଦ୍ଦେଶାନୁସାରେ ଖେଳିଥାନ୍ତି । କିନ୍ତୁ ଯଦି ସେମାନେ ଡାହାଣ ପଟକୁ ଉପଯୁକ୍ତ ପ୍ରାଧାନ୍ୟ ଦିଅନ୍ତି, ତାହାହେଲେ ସେମାନଙ୍କ ଖେଳିବା ପଦ୍ଧତିରେ ନୂତନତା ଓ ଅସାଧାରଣତା ପ୍ରକାଶ ପାଇବା ସମ୍ଭବପର । ଏହା ସେମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ନିଶ୍ଚିତ ଭାବେ ସାଫଲ୍ୟ ମଣ୍ଡିତ କରିବ ।

ଏଥିରୁ ପ୍ରତୀତ ହୁଏ ଯେ, ପ୍ରତିଯୋଗିତାକୁ ବାଦ ଦେଇ ମଧ୍ୟ ଖେଳର ମାନ ଉନ୍ନତି କରିବା ସମ୍ଭବପର । ଏହା ଫଳରେ ବାହ୍ୟ ପ୍ରବର୍ତ୍ତନାର ମୂଲ୍ୟ ହ୍ରାସ ଘଟେ ଏବଂ ତଦନୁପାତରେ ଆଭ୍ୟନ୍ତରୀଣ ପ୍ରବର୍ତ୍ତନାର ପ୍ରାଧାନ୍ୟ ବୃଦ୍ଧି ପାଏ । ପ୍ରକୃତରେ ଆମ ମସ୍ତିଷ୍କର ଗଠନ ଓ କାର୍ଯ୍ୟ ପ୍ରଣାଳୀ ଏପରି ଯେ, ସୃଜନଶୀଳ ହେବା ପାଇଁ ଆମରି ଭିତରେ ହିଁ ବହୁ ସମ୍ଭାବନା ପରିପୂର୍ଣ୍ଣ ହୋଇ ରହିଛି । ତେଣୁ ମସ୍ତିଷ୍କକୁ ଠିକ୍ ଭାବେ ପରିଚାଳିତ କଲେ ଏବଂ ସମ୍ପୂର୍ଣ୍ଣ ଭାବେ ଉପଯୋଗୀ କରି ପାରିଲେ, ଆମ କାର୍ଯ୍ୟାବଳୀରେ ନୂତନତା ପ୍ରକାଶ ପାଇବ ଏବଂ ଆମେ ଉଲ୍ଲେଖନୀୟ ସଫଳତା ହାସଲ କରି ପାରିବା । ଏହି ପ୍ରକାରରେ ନିଜର ଆଭ୍ୟନ୍ତରୀଣ ଶକ୍ତି ଓ ସମ୍ପଦ ଉପରେ ଅଧିକ ଗୁରୁତ୍ୱ ଦେଲେ, ବାହ୍ୟ ପ୍ରବର୍ତ୍ତନାର ବିକଳ୍ପ ପନ୍ଥା ସୃଷ୍ଟି କରାଯାଇ ପାରିବ । ଆମର ଏହି ପ୍ରବୃତ୍ତି ଯେତେ ବିକଶିତ ହେବ, ଆମେ ପ୍ରତିଯୋଗିତା, ପୁରସ୍କାର ପରି ବାହ୍ୟ ପ୍ରବର୍ତ୍ତନାଠାରୁ ନିଜକୁ ସେତେ ଦୂରରେ ରଖି ପାରିବା ।

ଏହାର ସୁଦୂର ପ୍ରସାରୀ ପରିଣାମ ଶିକ୍ଷା ପ୍ରଣାଳୀ ଉପରେ ପଡ଼ିବ । ଆଜିଯାଏ ଆମେରିକାର ବିଦ୍ୟାଳୟରେ ମୂଳତଃ ଦୁଇଟି ବିଷୟ ପ୍ରତି ଦୃଷ୍ଟି ଦିଆଯାଉଛି । ଯଥା : ବ୍ୟକ୍ତିଗତ ଜ୍ଞାନ – ଆହରଣ ଏବଂ ପ୍ରତିଯୋଗିତା । ଏଣିକି ପ୍ରତିଯୋଗିତା ପରିବର୍ତ୍ତେ ସହପାଠୀଙ୍କ ମଧ୍ୟରେ ସହଯୋଗିତାକୁ ଜ୍ଞାନ ଆହରଣର ଏକ ବିଜ୍ଞାନସମ୍ମତ ମାଧ୍ୟମ ଭାବେ ବ୍ୟବହାର କରାଯିବ । ଏହାଦ୍ୱାରା ଶ୍ରେଣୀର ସମସ୍ତ ଛାତ୍ର ସହଯୋଗ କରିଥାରେ ସମସ୍ୟା ସମାଧାନ କରିବାକୁ ଚେଷ୍ଟିତ ହେବେ ।

ଏପରି ଏକ ପ୍ରଣାଳୀକୁ କେତେକ ବ୍ୟକ୍ତି ନୂଏତ ବିରୋଧ କରି ପାରନ୍ତି । କାରଣ ସେମାନଙ୍କ ମନରେ ଆଶଙ୍କା ଜନ୍ମିପାରେ ଯେ ଏହାଦ୍ୱାରା କମ୍ ଓ ମଧ୍ୟମ ମେଧାସମ୍ପନ୍ନ ଛାତ୍ରମାନେ ଉପକୃତ ହେବା ସ୍ଥଳେ ଉଚ୍ଚ ମେଧାସମ୍ପନ୍ନ ଛାତ୍ରମାନେ କ୍ଷତିଗ୍ରସ୍ତ ହେବେ । କିନ୍ତୁ ମିନ୍ନେସୋଟା ବିଶ୍ୱବିଦ୍ୟାଳୟର ଡେଭିଡ୍ ଓ ରୋଜେର୍ ଜନ୍‌ସନ୍ ଏହି ପ୍ରକାର ଆଶଙ୍କା ଅମୂଳକ ବୋଲି ୧୯୮୫ ସାଲରେ ନିଜ ଗବେଷଣାର ଫଳାଫଳ ଦ୍ୱାରା ଦର୍ଶାଇଛନ୍ତି । ଏହି ଦୃଷ୍ଟିରୁ ଆମ ଶିକ୍ଷା ପ୍ରଣାଳୀରେ ଅତିଶୀଘ୍ର ବିପ୍ଳବାତ୍ମକ ପରିବର୍ତ୍ତନ ହେବା ଆବଶ୍ୟକ ବୋଲି ହୃଦବୋଧ ହେଉଛି । ଏହି ପରିପ୍ରେକ୍ଷୀରେ ନିର୍ବାଚନୀୟ ପ୍ରଶସ୍ତ ହେଲେ ଏକ ସମୃଦ୍ଧିଶାଳୀ ରାଷ୍ଟ୍ର ନିର୍ମାଣ ସମ୍ଭବ ହେବ ।

ସରକାରୀ ମହିଳା ମହାବିଦ୍ୟାଳୟ,
ବ୍ରହ୍ମପୁର–୭୬୦ ୦୦୧

■ ପ୍ରକୃତ ସ୍ୱାଧୀନତା କହିଲେ କେବଳ ସ୍ୱୟଂ ଶାସନକୁ ବୁଝାଏ ନାହିଁ । ଉନ୍ନତ ଜାତୀୟ ଜୀବନ ଗଠନ ରୂପକ ଏକ ମହାନ୍ ଦାୟିତ୍ୱ ଆମ ଦେଶ ସମ୍ମୁଖରେ ରହିଛି । ନିସଙ୍କୋଚରେ ନିଜର ସମସ୍ତ ଶକ୍ତି ସାମର୍ଥ୍ୟ ଦେଇ ଏହି ଦାୟିତ୍ୱ ପାଳନ କରିବା ହେଉଛି ପ୍ରତ୍ୟେକଙ୍କର କର୍ତ୍ତବ୍ୟ ।

–ଜାକୀର ହୋସେନ୍

# ବୀର ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ର

*ଡକ୍ଟର ଜଗନ୍ନାଥ ମହାନ୍ତି*

ଇଂରେଜମାନେ ଓଡ଼ିଶାକୁ ଅଧିକାର କଲେ କଳେବଳେ ଆଉ କଉଶଳେ । ୧୮୦୩ ମସିହାର କଥା । ସେତେବେଳେ ଖୋରଧା ମୂଲକର ରାଜା ଥିଲେ ମୁକୁନ୍ଦଦେବ । ଇଂରେଜମାନେ ତାଙ୍କୁ ଗାଦିରୁ ହଟାଇ ଦେଲେ । ତାଙ୍କୁ ବିଦ୍ରୋହୀ ବୋଲି ଘୋଷଣା କଲେ । ଜେଲ୍‌ରେ ରଖିଲେ ।

ଖୋରଧା ବୀର ମାଟି । ଏଠାର ପାଇକ ପୁଅ ଜୀବନଠାରୁ ଅଧିକ ମଣନ୍ତି ମାଟି ମାଆକୁ । ଦେବତା ପରି ମାନନ୍ତି ସେମାନେ ରାଜାଙ୍କୁ । ସେମାନେ ତାଙ୍କୁ ଜଗନ୍ନାଥଙ୍କର ଚଳନ୍ତି ପ୍ରତିମା କହନ୍ତି ।

ପାଇକମାନେ ଇଂରେଜମାନଙ୍କୁ ସହଜରେ ମାନିଲେ ନାହିଁ । ହେଲେ, ଇଂରେଜମାନେ ଖୋରଧାକୁ ସିଧାସଳଖ ଶାସନ କଲେ । ଖୋରଧା ହେଲା ସେମାନଙ୍କର "ଖାସମାହାଲ" । ପାଇକମାନେ ପୁରୁଷ ପୁରୁଷ ଧରି ଯେଉଁ ଜାଗିରି ଭୋଗ ଦଖଲ କରୁଥିଲେ, ଇଂରେଜମାନେ ତାକୁ ଛଡ଼ାଇ ନେଲେ । ସବୁ ଜମିବାଡ଼ି ଉପରେ ଖଜଣା ବସାଇଲେ ।

ବୀର ମାଟି ଖୋରଧା ମୂଲକରେ ଅଶାନ୍ତିର ନିଆଁ ଜଳିଲା । ଚଉଦିଗରେ ପାଇକମାନେ ଫିରିଙ୍ଗି ଶାସନ ବିରୁଦ୍ଧରେ ମାତିଗଲେ । ୧୮୧୭ ମସିହା । ପାଇକମାନେ ଏକଜୁଟ ହୋଇଗଲେ । ମାଟି ମାଆର ମାନସମ୍ମାନ ରକ୍ଷା ପାଇଁ ସେମାନେ ଅଣ୍ଟା ଭିଡ଼ି ବାହାରି ପଡ଼ିଲେ । "ମାର ବା ମର" ହେଲା ସେମାନଙ୍କର ଶପଥ, ଜୀବନର ପଣ ।

ସାହସୀ ବୀର ପାଇକମାନଙ୍କର ନେତା ହେଲେ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର । ଏଇ ଆନ୍ଦୋଳନରେ ଝାସ ଦେଲେ ହଜାର ହଜାର ପାଇକ ବୀର । ଏହାକୁ ପାଇକ ବିଦ୍ରୋହ ବୋଲି କହୁଥିଲେ ହେଁ ଏହା ସତରେ ଥିଲା ଭାରତର ପହିଲି ସ୍ୱାଧୀନତା ଲଢ଼େଇ । ଏହି ବିଦ୍ରୋହ ବଣ ନିଆଁ ପରି ହୁତହୁତ୍ ହୋଇ ଜଳି ଉଠିଲା ।

ବିଦ୍ରୋହୀ ପାଇକ ବୀରମାନଙ୍କ ମଧ୍ୟରେ ସବୁଠୁଁ ଆଗୁଆ ବୀର ଥିଲେ ପିଣ୍ଡିକି ବାହୁବଳେନ୍ଦ୍ର । ବାହୁବଳରେ ସେ ଥିଲେ ବଳୀୟାନ୍ । ଖୋରଧା ପାଖ ଗଡ଼ ଦାରୁଠେଙ୍ଗର ସେ ଥିଲେ ଦଳେଇ । ଇଂରେଜ ସୈନ୍ୟଙ୍କ ବିରୁଦ୍ଧରେ ୮ଟ ପ୍ରାଣମୂର୍ଚ୍ଛା ସଂଗ୍ରାମ କରିଥିଲେ । ଫିରିଙ୍ଗି ଫଉଜଙ୍କ ମଧ୍ୟରେ ସେ ବୋଲୁଆ ଭୟ ସୃଷ୍ଟି କରିଥିଲେ । ବହୁ ଇଂରେଜଙ୍କୁ ସେ ହତ୍ୟା କରିଥିଲେ । ଅନେକଙ୍କୁ ଖଣ୍ଡିଆଖାବରା କରି ଦେଇଥିଲେ ।

ଥରେ ଫିରିଙ୍ଗି ଫଉଜ ବାହୁବଳେନ୍ଦ୍ରଙ୍କୁ ଧରି କଳାପାଣି ଦଣ୍ଡ ଦେଇଥିଲେ । ଆଣ୍ଡାମାନ ନିକୋବର ଦ୍ୱୀପକୁ ପଠାଇ ଦେଇଥିଲେ । କିନ୍ତୁ ବୀର ବାହୁବଳେନ୍ଦ୍ର ସେଠାରୁ ଖସି ଚାଲି ଆସିଥିଲେ । ଓଡ଼ିଶା ଭୂଇଁରେ ପାଦ ଦେଲା ମାତ୍ରେ ସେ ପୁଣି ପାଇକମାନଙ୍କୁ ମେଳାଇ ବିଦ୍ରୋହ ଆରମ୍ଭ କରିଥିଲେ । ଇଂରେଜମାନେ ପୁଣି ପ୍ରମାଦ ଗଣିଲେ ।

ବାହୁବଳେନ୍ଦ୍ର ବଣ ଜଙ୍ଗଲରେ ସାହସୀ ପାଇକମାନଙ୍କୁ ଧରି ରହିଲେ । ଗଛଲତାର ଫଳମୂଳ ଖାଇ ତାଙ୍କୁ ଅନେକ ଦିନ କଟାଇବାକୁ ପଡ଼ିଲା । କେତେବେଳେ ବଣଜନ୍ତୁ ଶିକାର କରି ସେମାନଙ୍କ ମାଂସରେ ପେଟ ପୂରାଉଥିଲେ । ଇଂରେଜମାନଙ୍କ ଶରଣ ପଶିବା ତ ଦୂରର କଥା, ବରଂ ହିଂସ୍ର ସିଂହ ପରି ସେ ଫିରିଙ୍ଗି ଫଉଜଙ୍କ ଉପରେ ଅଚାନକ ଚଢ଼ାଉ କରି ବହୁ ସଂଖ୍ୟାରେ ହତାହତ କରିଥିଲେ ।

ଫଳରେ ଇଂରେଜ ସରକାର ପ୍ରାଣପଣେ ଲାଗିଲେ ତାଙ୍କୁ ଧରିବା ପାଇଁ । କିନ୍ତୁ ସିଂହ ଛୁଆକୁ ଧରିବା ଏତେ ସହଜ ନୁହେଁ । ଶେଷରେ ଗୋଟିଏ ପୁରସ୍କାର ଘୋଷଣା କରାଗଲା । ଯେ କେହି ବିଦ୍ରୋହୀ ବାହୁବଳେନ୍ଦ୍ରଙ୍କୁ ଧରାଇ ଦେବ, ତାଙ୍କୁ ଏକ ହଜାର ଟଙ୍କା ଦିଆଯିବ ।

ସେତେବେଳେ ଏକ ହଜାର ଟଙ୍କାର ମୂଲ୍ୟ ଆଜିକାଲି ପ୍ରାୟ ଏକ ଲକ୍ଷ ଟଙ୍କା । କିନ୍ତୁ ତାଙ୍କୁ ଧରାଇ ଦେବା ତ ଦୂରର କଥା, ସେ କେଉଁଠି କେତେବେଳେ ରହୁଛନ୍ତି, ତାର ଟେର ମଧ୍ୟ କେହି ପାଇ ପାରନ୍ତି ନାହିଁ । ସେ ନିଜର ସୈନ୍ୟ ବଳ ଧରି ଫିରିଙ୍ଗି ଫଉଜଙ୍କ ଉପରେ ଚଢ଼ାଉ କରିବାରେ ଲାଗିଥିଲେ ।

ହେଲେ, ଘର ଢିଙ୍କି କୁମ୍ଭୀର । ବାହୁବଳେନ୍ଦ୍ରଙ୍କର ବାଲ୍ୟବନ୍ଧୁ ଥିଲେ ମଳିପଡ଼ା ଜାଗିରଦାର । ସେ ଶୁଣିଲେ ଇଂରେଜ ସରକାରଙ୍କ ଘୋଷଣା — ଏକ ହଜାର ଟଙ୍କାର ପୁରସ୍କାର । ତାଙ୍କ ମନରେ ଖୁବ୍ ଲୋଭ ହେଲା । ଇଂରେଜମାନେ ମଧ୍ୟ ତାଙ୍କୁ ଶୁଣାଇଥିଲେ ଯେ ବାହୁବଳେନ୍ଦ୍ରଙ୍କୁ ଧରାଇ ଦେଲେ ତାଙ୍କୁ ଜାଗିରଦାରୀ ମିଳିବ ।ସେ "ରାଜା" ଉପାଧି ପାଇବେ ।

ତେଣୁ ମଲିପଡ଼ା ଜାଗିରଦାର ଏହି ଲୋଭରେ ପଡ଼ି ନିଜ ସାଙ୍ଗକୁ ବିଶ୍ବାସରେ ବିଷ ଦେବାକୁ ବସିଲେ। ସେ ଗୋଟିଏ ହୀନ ଚକ୍ରାନ୍ତ କଲେ। ତାଙ୍କ ଘରେ ଗୋଟିଏ ଭୋଜିର ଆୟୋଜନ କଲେ। ବାଲ୍ୟବନ୍ଧୁ ବାହୁବଳେନ୍ଦ୍ର ଓ ତାଙ୍କ ବିଶ୍ୱାସୀ ଅନୁଚରମାନଙ୍କୁ ଏଥିପାଇଁ ନିମନ୍ତ୍ରଣ କଲେ। ବାଲ୍ୟବନ୍ଧୁ ବାହୁବଳେନ୍ଦ୍ର ଏହି ନିମନ୍ତ୍ରଣକୁ ଏଡ଼ାଇ ପାରୁନଥିଲେ କେତେବେ। ବିଦେଶୀ ଇଂରେଜମାନଙ୍କ ପାଇଁ ସିନା ସେ ଏତେ ନିଷ୍ଠୁର, ବାଲ୍ୟବନ୍ଧୁ ଜାଗିରଦାରଙ୍କ କଥା ଭାବିବା ସମ୍ଭବ ହେଲା ନାହିଁ।

ସେଦିନର କାଳରାତି। ବାହୁବଳେନ୍ଦ୍ର ନିଜ ଅନୁଚରମାନଙ୍କ ସହିତ ମଲିପଡ଼ା ଜାଗିରଦାରଙ୍କ ଘରେ ପହଞ୍ଚିଲେ। ନିଜେ ଜାଗିରଦାର ପୂର୍ବରୁ ପ୍ରସ୍ତୁତ ହୋଇଥିବା ଭାଙ୍ଗ ତାଙ୍କ ବାଲ୍ୟବନ୍ଧୁଙ୍କୁ ପିଇବାକୁ ଦେଲେ। ଭାଙ୍ଗ ସାଥିରେ ଉତ୍କଟ ବିଷ ଧୁତୁରା ବଟା ଯାଇଥିଲା। ଏ କଥା ବାହୁବଳେନ୍ଦ୍ର କିପରି ବା ଜାଣିବେ? ତେଣୁ ସେ ଓ ତାଙ୍କର ସାଥୀ ଲୋକମାନେ ମନବୋଧ କରି ଭାଙ୍ଗ ପିଇଲେ। ସମସ୍ତଙ୍କ ସହିତ ଭୋଜି ମଧ୍ୟ ଖାଇଲେ।

ମାତ୍ର ସେମାନଙ୍କୁ ଖୁବ୍ ନିଶା ଘାରିଗଲା। ସେମାନେ ଆଉ ବଣକୁ ଯାଇନପାରି ସେଠାରେ ଢୁଳେଇ ପଡ଼ିଲେ। ନିଶା ଘୋରରେ ସେ ପୁରା ଅଚେତ ହୋଇ ପଡ଼ିଲେ। ଇଂରେଜ ସୈନ୍ୟମାନେ ସେତେବେଳେ ମଲିପଡ଼ା ଜାଗିରଦାର ଘର ଚାରିପଟେ ଜଗି ରହିଥିଲେ ଏହି ସୁଯୋଗ ଅପେକ୍ଷାରେ।

ଜାଗିରଦାରଙ୍କଠାରୁ ଖବର ପାଇ ସେମାନେ ବାହୁବଳେନ୍ଦ୍ର ଓ ତାଙ୍କ ଅନୁଚରମାନଙ୍କ ହାତରେ କଡ଼ା ପିନ୍ଧାଇଥିଲେ। ଏତେ ସହଜରେ ଏତେ ବଡ଼ ସିଂହ ଦଳକୁ ପିଞ୍ଜରାବଦ୍ଧ କରିବା ସେମାନେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ।

ରାତି ଅଧରେ ବାହୁବଳେନ୍ଦ୍ରଙ୍କର ଚେତା ଫେରିଲା। ସେତେବେଳକୁ ତାଙ୍କ ହାତରେ ହାତକଡ଼ି ପଡ଼ିଛି। ଚଉଦିଗରେ ଫିରିଙ୍ଗି ଫଉଜ। ମଲିପଡ଼ା ଜାଗିରଦାର ତାଙ୍କ ଆଗରେ ଠିଆ ହୋଇ ମୁରୁକି ହସୁଛନ୍ତି। ବାହୁବଳେନ୍ଦ୍ର ତାଙ୍କର ଗୁଳି ବୁଝିବାରେ ବିଳମ୍ବ ହେଲା ନାହିଁ। ସେ ବିଶ୍ବାସରେ ବିଷ ପିଇଛନ୍ତି।

ତାଙ୍କୁ କଟକ ଜେଲ୍‌ରେ ରଖାଗଲା। ମୁକ୍ତ ସିଂହକୁ ପିଞ୍ଜରାବଦ୍ଧ କରି ରଖିବା ସହଜ ନୁହେଁ। ଦିନେ ବାହୁବଳେନ୍ଦ୍ର ଜେଲ୍‌ରୁ ଖସି ପଳାଉଥିଲେ। ବାରଙ୍ଗ ବଣ ଭିତରକୁ ସେ ଖସିଯାଉଥିଲେ। ମାତ୍ର ଇଂରେଜ ସୈନ୍ୟ ପଛରୁ ତାଙ୍କୁ ଗୁଳି କରିଥିଲେ। ସେ ସେଇଠି ଭୂଇଁରେ ଲୋଟି ପଡ଼ିଲେ। ମାଟି ମାଆ କୋଳରେ ସେହି ବିଦ୍ରୋହୀ ବୀର ସବୁଦିନ ପାଇଁ ବିଶ୍ରାମ ନେଲେ।

ତାଙ୍କର ସାଙ୍ଗମାନଙ୍କ ମଧ୍ୟରୁ ଧ୍ରୁବ ଜେନା, ବିଷ୍ଣୁ ପାଇକରାୟ, ସାଧୁଚରଣ ମଙ୍ଗରାଜ ପ୍ରଭୃତି ଅନୁଚରମାନେ ମଧ୍ୟ ସେଦିନ ବାହୁବଳେନ୍ଦ୍ରଙ୍କ ସାଥିରେ ପଳାଉଥିଲେ। ଇଂରେଜମାନଙ୍କ ହାତରେ ସେମାନେ ଧରାପଡ଼ିଲେ। ପରେ ସେମାନଙ୍କୁ ଇଂରେଜ ସରକାର ଫାଶି ଦେଇଥିଲେ।

ପିଣ୍ଡିକି ବାହୁବଳେନ୍ଦ୍ର ଓ ତାଙ୍କର ବନ୍ଧୁମାନେ ମାଟି ମାଆର ମୁକ୍ତି ପାଇଁ ସେଦିନ ଶହୀଦ ହୋଇଥିଲେ। ସେମାନଙ୍କ ରକ୍ତରେ ମାତୃଭୂମି ଲାଲ ହୋଇଥିଲା। ସେମାନଙ୍କ ତ୍ୟାଗରେ ମାତୃଭୂମି ଧନ୍ୟ ହୋଇଥିଲା। ଆମେମାନେ ସେହି ଅମର ଶହୀଦଙ୍କୁ ଭୁଲି ପାରିବା ନାହିଁ। ସେମାନେ ଆମର ଉଜ୍ଜ୍ୱଳ ଆଦର୍ଶ। ଜାତି ପାଇଁ କିପରି ହସି ହସି ଆତ୍ମବଳି ଦେବାକୁ ହୁଏ, ଆମେ ସେମାନଙ୍କ ଜୀବନରୁ ଶିକ୍ଷା କରିବା।



# ଭାରତୀୟ ରାଜନୀତିରେ ଆଧ୍ୟାତ୍ମିକତାର ପ୍ରଭାବ

ଶ୍ରୀ ଗିରିଜାଶଙ୍କର ଚରାସିଆ

ଭାରତୀୟ ସଭ୍ୟତା, ଆଧ୍ୟାତ୍ମିକତାର ଅମୀୟ ସିଞ୍ଚନରେ ହୁଏ ପୁଷ୍ପିତ ଏବଂ ପୁଷ୍ଟିତ । ତ୍ୟାଗ ଏବଂ ତତିକ୍ଷାର ମହାନ ଭିତ୍ତିଭୂମି ଉପରେ ଭାରତୀୟ ସଂସ୍କୃତି ଦଣ୍ଡାୟମାନ । ବିଳାସର ପ୍ରାଚୁର୍ଯ୍ୟ ଏବଂ କ୍ଷମତାର ଶୀର୍ଷ ସ୍ଥାନରେ ଥାଇ ମଧ୍ୟ ଏ ଦେଶର ଶାସକ ନିଜକୁ ସର୍ବ ନିୟନ୍ତକ, ସର୍ବ ଶକ୍ତିମାନ ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରି ନିଜକୁ ତାଙ୍କର ଦାସ ଭାବେ ଜ୍ଞାନ କରିବା, ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା ସମୟରେ ଉତ୍କଳର ଗଜପତିଙ୍କର ଛେରାପହଁରା ଘଟଣାରୁ ଜଣାପଡ଼ିଥାଏ । ନୂତନ ପିଢ଼ିର ଯୁବକ ପୁରାତନର କୀର୍ତ୍ତି ବିଭବକୁ ନେଇ ନିଜକୁ ଗର୍ବ ଏବଂ ଗୌରବ ମଣିଥାଏ । ପୌରାଣିକ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଭାରତୀୟ ରାଜନୀତିରେ ଆଧ୍ୟାତ୍ମିକତାର ପ୍ରଭାବ ଅତି ବହୁତ ଅନୁଭୂତ ହେବାରେ ଲାଗିଛି । ନିଜକୁ ଜଣେ ଆଦର୍ଶ ପୁତ୍ର ତଥା ଉତ୍ତମ ଶାସକ ଭାବେ ପ୍ରତିପାଦିତ କରାଇ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ଯୁଗ ଯୁଗ ଧରି ଉତ୍ତମ ପୁରୁଷଙ୍କ ପାଇଁ ଆଦର୍ଶର ପ୍ରତୀକ ହୋଇ ରହି ଆସିଛନ୍ତି । ରାଜପୁତ୍ର ଗୌତମ, ଆକର୍ଷଣୀୟ ରାଜପ୍ରାସାଦର ମୋହ ତ୍ୟାଗକରି "କାମନା ହିଁ ଦୁଃଖର କାରଣ" ପରି ମହାନ ସତ୍ୟର ସନ୍ଧାନ ପାଇଁ ଅସହାୟ ଜନ ସମାଜକୁ ଶାନ୍ତି ଏବଂ ମୁକ୍ତିର ପଥ ଦେଖାଇବାରେ ସହାୟକ ହୋଇ ପାରିଥିଲେ । ବୁଦ୍ଧଦେବଙ୍କ ବାଣୀର କାର୍ଯ୍ୟରୀ ସ୍ପର୍ଶରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇ ଜୀବନ ସାରା ଭାରତ ତଥା ପଡ଼ୋଶୀ ରାଷ୍ଟ୍ରମାନଙ୍କରେ ବୌଦ୍ଧଧର୍ମ ପ୍ରଚାର ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ଗୁରୁ ରାମ ଦାସଙ୍କର ଗଠନମୂଳକ ଉପଦେଶମାନ ଗ୍ରହଣ କରି ଛତ୍ରପତି ଶିବାଜୀ ତାଙ୍କ ଶାସନରେ ଆଧ୍ୟାତ୍ମିକତାର ଫଲ୍ଗୁ ପ୍ରବାହିତ କରାଇ ପାରିଥିଲେ ।

ପ୍ରଥମ ବିଶ୍ୱଯୁଦ୍ଧ ପରେ ସମଗ୍ର ବିଶ୍ୱରେ ଅବିଶ୍ୱାସ ଏବଂ ହିଂସାର ଶାଖା, ପ୍ରଶାଖାମାନ ପ୍ରଚ୍ଛନ୍ନ ଭାବେ ବୃଦ୍ଧି ପାଇବାକୁ ଲାଗିଥିଲା ବେଳେ ବୁଦ୍ଧ, ଯୀଶୁ, ଶଙ୍କର, ଚୈତନ୍ୟଙ୍କ ପରି ମହାପୁରୁଷଙ୍କ ମନରେ ଆତ୍ମବିଶ୍ୱାସର ବୀଜ ବପନ କରାଇ ପତିତ ଜନଙ୍କୁ ଆଧ୍ୟାତ୍ମିକତାର ମନ୍ଦାକିନୀରେ ଅବଗାହନ କରାଇବା ପାଇଁ ଭାରତ ଭୂମିରେ ଜନ୍ମଗ୍ରହଣ କରିଥିବା ମହାମାନବ ମହାତ୍ମା ଗାନ୍ଧୀ ଭଗୀରଥଙ୍କ ପରି ଆଗେଇ ଆସିଲେ ।

ବିଶ୍ୱରେ ବିଭିନ୍ନ ସମୟରେ ବିଭିନ୍ନ ରାଜନୈତିକ ତଥା ଧାର୍ମିକ ନେତାମାନେ ଜନ୍ମଗ୍ରହଣ କରି ଆସିଛନ୍ତି । କିନ୍ତୁ ନିଜକୁ ସମସ୍ତ କାମନା ବାସନାରୁ ଦୂରେଇ ରଖି ଏକା ଧାରାରେ ଜଣେ ସଫଳ ରାଜନୈତିକ ନେତା ତଥା ଧାର୍ମିକ ନେତା ଭାବେ ପରିଗଣିତ ହୋଇ ଶତ୍ରୁ ମିତ୍ର ଭେଦରେ ସମଗ୍ର ଜଗତବାସୀଙ୍କ ଅକପଟ ସ୍ନେହ ଏବଂ ଅତୁଳନୀୟ ସମ୍ମାନର ଅଧିକାରୀ ହେବା ସୁଯୋଗ ଗାନ୍ଧିଜୀଙ୍କ ବ୍ୟତୀତ ଅନ୍ୟ କୌଣସି ଭାରତୀୟଙ୍କୁ ମିଳିନାହିଁ କହିଲେ ଚଳେ । ଗାନ୍ଧିଜୀ ଯେ କେବଳ ବିଂଶ ଶତାବ୍ଦୀର ଯୁଗ ପୁରୁଷ ଥିଲେ ତା'ନୁହେଁ, ସେ ଆଗାମୀ କେତେ ଯୁଗ ଧରି ବିଶ୍ୱର ଅଦ୍ୱିତୀୟ ଅମ୍ଳାନ ପ୍ରତିଭା ଭାବେ ସମ୍ମାନିତ ହୋଇ ରହିବେ । ଗାନ୍ଧିଜୀଙ୍କ ଦେହାବସାନରେ ଗଭୀର ମର୍ମାହତ ହୋଇ ସାର୍ ଷ୍ଟାଫୋର୍ଡ଼ କ୍ରିପ୍ସ ଏକ ଭାବ ଗମ୍ଭୀର ସ୍ୱରରେ କହି ଉଠିଥିଲେ, "ଆମ ସମୟରେ ସମଗ୍ର ବିଶ୍ୱରେ ଗାନ୍ଧିଜୀଙ୍କ ପରି ଅନ୍ୟ କେହି ବିଶିଷ୍ଟ ଆଧ୍ୟାତ୍ମିକବାଦୀ ନେତା ଜନ୍ମଗ୍ରହଣ କରିନାହାନ୍ତି । ତାଙ୍କର ଦେହାନ୍ତ ତାଙ୍କୁ ଶ୍ରଦ୍ଧା କରୁଥିବା ଏବଂ ଆଧ୍ୟାତ୍ମିକତା ଉପରେ ବିଶ୍ୱାସ କରୁଥିବା ବ୍ୟକ୍ତି ପ୍ରତି ବିରାଟ ଧକ୍କା କହିଲେ ଅତ୍ୟୁକ୍ତି ହେବ ନାହିଁ ।"

ମଣିଷ ପରି ଶ୍ରେଷ୍ଠ ପ୍ରାଣୀ ଭିତରେ ଥିବା ଚୈତନ୍ୟର ଉଦୟ କରି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଗାନ୍ଧିଜୀ ସତତ ପ୍ରୟାସୀ ଥିଲେ । ଆଧ୍ୟାତ୍ମିକତାବିହୀନ ରାଜନୀତିକୁ ସେ ସରବିହୀନ କ୍ଷୀର ସହିତ ତୁଳନା କରୁଥିଲେ । ଆଧ୍ୟାତ୍ମିକତାକୁ କୌଣସି ତଥାକଥିତ ଧାର୍ମିକ ଦୃଷ୍ଟିକୋଣରୁ ଗ୍ରହଣ ନକରି ଏହାକୁ ମାନବ ଚେତନାର ବିକାଶ ମାର୍ଗ ଭାବେ ଗ୍ରହଣ କରିବାକୁ ସେ ପରାମର୍ଶ ଦେଉଥିଲେ ।

୧୮୮୫ ମସିହାରେ ବମ୍ବେଠାରେ ଜାତୀୟ କଂଗ୍ରେସ ଗଠନ ହେବା ପରେ ଭାରତୀୟ ରାଜନୀତି କ୍ଷେତ୍ରରେ ଗାନ୍ଧିଜୀଙ୍କର ଆବିର୍ଭାବ ପର୍ଯ୍ୟନ୍ତ ଜାତୀୟ କଂଗ୍ରେସର ନୀତି ଏବଂ ଆଦର୍ଶ ଇଂରେଜୀ ପଢୁଆ ବ୍ୟକ୍ତିମାନଙ୍କ ନିକଟରେ ସୀମାବଦ୍ଧ ରହିଥିଲା । ୧୮୯୩ ମସିହାରେ ଦକ୍ଷିଣ ଆଫ୍ରିକାରେ ବାସ କରୁଥିବା ପ୍ରବାସୀ ଭାରତୀୟଙ୍କ ଉପରେ ଚାଲିଥିବା ଅତ୍ୟାଚାରର ପ୍ରତିବାଦ କରି ଗାନ୍ଧିଜୀ ତାଙ୍କର ସାଧାରଣ ଜୀବନ ଆରମ୍ଭ କରିବାକୁ ଲାଗିଲେ । ଦକ୍ଷିଣ ଆଫ୍ରିକା ଭିତରେ ତାଙ୍କର ସେବାକୁ ଆବଦ୍ଧ ନରଖି ସ୍ୱଦେଶରେ ଏହାର ପ୍ରସାରଣ ପାଇଁ ମନବଳାଇ ଗାନ୍ଧିଜୀ ଭାରତ ପ୍ରତ୍ୟାବର୍ତ୍ତନ କଲେ । ୧୮୯୬ ମସିହାରେ ଗାନ୍ଧିଜୀଙ୍କ ପୁନା ପରିଦର୍ଶନ କାଳରେ ସେ ଭାରତର ଦୁଇଜଣ କୃତି ସନ୍ତାନ ବାଳଗଙ୍ଗାଧର ତିଳକ ଏବଂ ଗୋପାଳକୃଷ୍ଣ ଗୋଖେଲଙ୍କୁ ଦର୍ଶନ କରିବାର ସୁଯୋଗ ପାଇଥିଲେ । ତିଳକଙ୍କୁ ଉତ୍ତୁଙ୍ଗ ହିମାଳୟ ସହ ତୁଳନା କରି ଏହାକୁ ଲଙ୍ଘନ କରିବା ଦୁରୂହ

ବ୍ୟାପାର ବୋଲି ଆଖ୍ୟାୟିତ କଲାବେଳେ ଗୋଖେଲଙ୍କୁ ପବିତ୍ର ମନ୍ଦାକିନୀ ଧାରା ସହ ତୁଳନା କରି ଏଥିରେ ନିରାପଦରେ ଅବଗାହନ କରାଯାଇପାରେ ବୋଲି ବର୍ଣ୍ଣନା କରି ସେ ଗୁରୁ ବରପୁତ୍ରଙ୍କର ମହାନ ପ୍ରତିଭାର ପରିଚୟ ପ୍ରଦାନ କରିଥିଲେ ।

ହିଂସାର ଦାବାନଳରେ ସମସ୍ତ ବିଶ୍ୱ କବଳିତ ହେବାକୁ ବସିଥିବା ବେଳେ ଏବଂ ଇଂରେଜମାନଙ୍କର ଉତ୍ପୀଡ଼ନରେ ଉତ୍ପୀଡ଼ିତ ହୋଇ ପଡ଼ିଥିବା ଭାରତୀୟଙ୍କ ମୁଖରେ କେମିତି ହସ ଫୁଟାଇବା ପାଇଁ ତଥା ଜନସାଧାରଣଙ୍କୁ ନୂତନ ଆଶାର ଝଲକ ଦେବା ପାଇଁ ଗାନ୍ଧିଜୀ ସତ୍ୟାଗ୍ରହ ପରି ଅସ୍ତ୍ରରେ ସଜ୍ଜିତ ହୋଇ ଅନ୍ୟାୟ ବିରୁଦ୍ଧରେ ନ୍ୟାୟର ଯୁଦ୍ଧ ଘୋଷଣା କରିବାକୁ ବାହାରିପଡ଼ିଲେ । ସେ କହୁଥିଲେ, ମଣିଷ ଧରାପୃଷ୍ଠରେ ଜନ୍ମଗ୍ରହଣ କରିବା ସମୟରେ ମାତୃଗର୍ଭରୁ ମାରଣାସ୍ତ୍ରରେ ସଜ୍ଜିତ ହୋଇ ଆସିନଥାଏ; ବରଂ ସଙ୍ଗରେ ବିବେକ ଏବଂ ହୃଦୟକୁ ଧରି ଆସିଥାଏ । ତେଣୁ ମାନବ ପକ୍ଷରେ ବିବେକର ଉଦୟ ନଘଟାଇ ସ୍ୱାର୍ଥ ପାଇଁ ଅସ୍ତ୍ର ଧାରଣ କରିବା ପ୍ରବୃତ୍ତି ମାନବ ଜନ୍ମର ମହାନ ଉଦ୍ଦେଶ୍ୟ ପ୍ରତି ଚରମ ବିଶ୍ୱାସଘାତକତା ବୋଲି କୁହାଯାଇପାରେ ।

ଗାନ୍ଧିଜୀ ସାଧାରଣ ଜୀବନ ଆରମ୍ଭ କରିବା ଦିନଠାରୁ ସତ୍ୟ ଏବଂ ଅହିଂସାକୁ ସାଧନାର ପ୍ରଧାନ ଅବଲମ୍ବନ ଭାବେ ଗ୍ରହଣ କରିଥିଲେ । ସେ କହୁଥିଲେ, "ସତ୍ୟ ହିଁ ଭଗବାନ । ସେଥିପାଇଁ ଭଗବାନ ସତ୍ୟନାରାୟଣ ନାମରେ ନାମିତ ହୋଇଥାନ୍ତି । ସତ୍ୟକୁ ବାଦ ଦେଇ କୌଣସି ପୂଜା ଉପାସନା ଆଦି କରିବା ଧର୍ମ ପ୍ରତି ପ୍ରବଞ୍ଚନା ମାତ୍ର ।" ୧୯୩୯ ମସିହା ମାର୍ଚ୍ଚମାସ ୧୧ ତାରିଖ ଦିନ ହରିଜନ ପତ୍ରିକାରେ ଅହିଂସା ଆଚରଣ ସମ୍ପର୍କରେ ନିଜର ପ୍ରତିକ୍ରିୟା ପ୍ରକାଶ କରି ଗାନ୍ଧିଜୀ କହିଥିଲେ, "ଅହିଂସା ଆଚରଣ ହିଁ ସର୍ବଶ୍ରେଷ୍ଠ କର୍ତ୍ତବ୍ୟ ।"

ଗାନ୍ଧିଜୀଙ୍କ ରାଜନୈତିକ ଜୀବନରେ ଆଧ୍ୟାତ୍ମିକତାର ପୁଟ ଦେବା ପାଇଁ ତାଙ୍କର ରାଜନୈତିକ ଗୁରୁ ଗୋପାଳକୃଷ୍ଣ ଗୋଖେଲଙ୍କ ଅବଦାନ ଅବିସ୍ମରଣୀୟ । ସତ୍ୟାଗ୍ରହର ସଂଜ୍ଞାକୁ ବ୍ୟାଖ୍ୟା କରିବାକୁ ଯାଇ ଗୋଖେଲ କହିଥିଲେ, "ଏହା ଆତ୍ମରକ୍ଷା ପାଇଁ ଅମୋଘ ଅସ୍ତ୍ର । ଆଧ୍ୟାତ୍ମିକ ଅସ୍ତ୍ର ପ୍ରୟୋଗ କରି ଶତ୍ରୁ ବିରୁଦ୍ଧରେ ଅହିଂସ ଯୁଦ୍ଧ କରାଯାଇଥାଏ ।"

ଗାନ୍ଧିଜୀ ତାଙ୍କର ସତ୍ୟାଗ୍ରହ କାଳରେ ସତ୍ୟ ଏବଂ ଅହିଂସା ଆଚରଣକୁ କାୟ ମନୋବାକ୍ୟରେ ପାଳନ କରୁଥିଲେ । ଏପରିକି ଶତ୍ରୁ ବିରୁଦ୍ଧରେ କୌଣସି କ୍ଷତିସାଧନର ମନ୍ଦ ଚିନ୍ତାକୁ ସେ ଅସତ୍ୟ ବୋଲି ଆଖ୍ୟା ଦେଉଥିଲେ । ବିହାରର ଚମ୍ପାରଣରେ ଆନ୍ଦୋଳନ ଚାଲିଥିବା ବେଳେ ଚମ୍ପାରଣ ଜିଲ୍ଲାପାଳ ଗାନ୍ଧିଜୀଙ୍କ ନିକଟକୁ କଡ଼ା ଭାଷା ପ୍ରୟୋଗ କରି ଏକ ପତ୍ର ଲେଖିଥିଲେ । କିନ୍ତୁ ପରେ ଘଟଣାକ୍ରମରେ ଏହି ପତ୍ରଟି ପ୍ରତ୍ୟାହାର କରି ନିଆଯିବା ଅବସ୍ଥା ସୃଷ୍ଟି ହୋଇଥିବା ବେଳେ ଉକ୍ତ ପତ୍ରର ଏକ ଅବିକଳ ନକଲ ରଖିବା ପାଇଁ କେତେକ ଯୁବ ସତ୍ୟାଗ୍ରହୀ ଚେଷ୍ଟା କରୁଥିବା ଜାଣି ଗାନ୍ଧିଜୀ ଏହି ଆଚରଣକୁ ନାପସନ୍ଦ କରି ଏହା ତାଙ୍କ ବିଶ୍ୱାସରେ ସତ୍ୟର ଲଙ୍ଘନ ବୋଲି କହିଥିଲେ । ଅନ୍ୟ ଏକ ଘଟଣାରେ ଗାନ୍ଧୀ-ଇରୱିନ ଚୁକ୍ତି ସମୟରେ ଗୃହ ସଚିବ ଇମରସନ୍ ଗାନ୍ଧୀଙ୍କ ନିକଟକୁ ପଠାଇଥିବା ଏକ ଅପମାନସୂଚକ ପତ୍ରକୁ ପ୍ରତ୍ୟାହାର କରାଯିବାକୁ ଯାଉଥିବା ବେଳେ ଏହି ପତ୍ରର ଏକ ନକଲ ରଖିବା ପାଇଁ ଉଦ୍ୟମ ହେଉଥିବା ଦେଖି ଗାନ୍ଧିଜୀ ଅତ୍ୟନ୍ତ କ୍ଷୁବ୍ଧ ହୋଇ ଏପରି ଅସାଧୁ କାର୍ଯ୍ୟ ନକରିବା ପାଇଁ ଯୁବ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ ।

ସତ୍ୟାଗ୍ରହ ସମୟରେ କୌଣସି ହିଂସା ଆଚରଣକୁ ସେ ପ୍ରଶ୍ରୟ ଦେଉନଥିଲେ । ଏପରିକି ଇଂରେଜମାନଙ୍କ ବିରୁଦ୍ଧରେ ହିଂସା ଆଚରଣ ଭାବେ ସେ ବିଶେଷ ଭାବେ ବ୍ୟଥିତ ହୋଇପଡ଼ୁଥିଲେ । ଅପମାନଜନକ ଆଚରଣକୁ ପ୍ରତିରୋଧ କରି ସମଗ୍ର ଦେଶରେ ଆଇନ ଅମାନ୍ୟ ଆନ୍ଦୋଳନର ବାର୍ତ୍ତା ବିଆଯାଇଥିବା ବେଳେ ହିଂସାର ପ୍ରତିଛବି ଦେଖି ଗାନ୍ଧିଜୀ ଏହି ଆନ୍ଦୋଳନକୁ ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ । ଆଇନ ଅମାନ୍ୟ ଆନ୍ଦୋଳନକୁ [illegible] ପାଇଁ ସତ୍ୟାଗ୍ରହୀମାନଙ୍କୁ ଆଦେଶ ଦେବାର ଅବ୍ୟବହିତ ପୂର୍ବରୁ ୧୯୩୪ ମସିହା ଏପ୍ରିଲ୍ ମାସ ୬ ତାରିଖ ଦିନ ପାଟନାଠାରେ ଗାନ୍ଧିଜୀ ତାଙ୍କ ବକ୍ତବ୍ୟରେ କହିଥିଲେ, "ମୁଁ ଅନୁଭବ କରୁଛି ଯେ ସତ୍ୟାଗ୍ରହର ବାର୍ତ୍ତା ସାଧାରଣ ଜନତା ନିକଟରେ ପ୍ରସାରଣରେ କେତେକ ଅନିୟମ ଯୋଗୁଁ ପହଞ୍ଚି ପାରିନାହିଁ । ମୋତେ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଆଧ୍ୟାତ୍ମିକ ଅସ୍ତ୍ରର ପ୍ରଭାବ ଅଣଆଧ୍ୟାତ୍ମିକ ମାର୍ଗରେ ପ୍ରୟୋଗ ଯୋଗୁଁ କ୍ଷୁଣ୍ଣ ହେବାରେ ଲାଗିଛି । ଆଧ୍ୟାତ୍ମିକ ବାର୍ତ୍ତା ସ୍ୱୟଂ ପ୍ରସ୍ଫୁରମାନ ।"

ସତ୍ୟ ଆଚରଣ ସମ୍ପର୍କରେ ନିଜର ମତାମତ ଦେବାକୁ ଯାଇ ଗାନ୍ଧିଜୀ କହୁଥିଲେ, ଦେଶ ରକ୍ଷା ପାଇଁ ଜଣେ ଦେଶପ୍ରେମୀ ସୈନିକ, ପତିହରା ପତିଭକ୍ତା ବିଧବା ପତ୍ନୀ ଏବଂ ସତ୍ୟସନ୍ଧିତ୍ସୁ ବ୍ୟକ୍ତିଙ୍କର ସଂଗ୍ରାମ ମଧ୍ୟରେ ସତ୍ୟସନ୍ଧିତ୍ସୁ ବ୍ୟକ୍ତିର ସଂଗ୍ରାମ ଅତି ବିପଦସଙ୍କୁଳ ତଥା ବନ୍ଧୁର । ସୈନିକକୁ କେତେକ ମୁହୂର୍ତ୍ତ ପାଇଁ ସଂଗ୍ରାମ କରିବାକୁ ପଡୁଥିବା ବେଳେ ବିଧବା ପତ୍ନୀକୁ ତାର ମୃତ୍ୟୁ ପର୍ଯ୍ୟନ୍ତ ସଂଗ୍ରାମ କରିବାକୁ ପଡ଼ିଥାଏ । କିନ୍ତୁ ସତ୍ୟ ସନ୍ଧାନୀକୁ ଜନ୍ମ ଜନ୍ମାନ୍ତର ପର୍ଯ୍ୟନ୍ତ ସତ୍ୟ ଆହରଣ କରିବା ପାଇଁ ସଂଗ୍ରାମ କରିବାକୁ ପଡ଼ିଥାଏ ।

ହିନ୍ଦୁ ଶାସ୍ତ୍ରର ମୌଳିକ ନୀତି ଅହିଂସାକୁ ସମସ୍ତ ପ୍ରକାର ଜାତୀୟ ତଥା ଆନ୍ତର୍ଜାତୀୟ ସମସ୍ୟା ସମୂହର ସମାଧାନ ଦିଗରେ ସେ ସବୁ ସହିତ ତାଙ୍କର ମାନସ ସନ୍ତାନ "ସତ୍ୟାଗ୍ରହ"ର ସମ୍ପର୍କ ବିଷୟରେ ସୂଚନା ଦେବାକୁ ଯାଇ ଗାନ୍ଧିଜୀ କହୁଥିଲେ, "ଜାତୀୟ ତଥା ଆନ୍ତର୍ଜାତୀୟ ସମସ୍ୟା ସମୂହର ସମାଧାନ ପାଇଁ ହିନ୍ଦୁ ଶାସ୍ତ୍ରର ମୌଳିକ ନୀତି ଅହିଂସାର ବ୍ୟାପକ ପ୍ରୟୋଗ ବ୍ୟତୀତ ସତ୍ୟାଗ୍ରହ ଅନ୍ୟ କିଛି ନୁହେଁ ।"

ଗାନ୍ଧିଜୀ ନିଜକୁ ଜଣେ ନିଷ୍ଠାପର ହିନ୍ଦୁ ଭାବେ ଘୋଷଣା କରିଥିଲେ ହେଁ ସେ ହୀନ ସାମ୍ପ୍ରଦାୟିକତାର ଗଣ୍ଡି ମଧ୍ୟରେ ନରହି ସମଗ୍ର ମାନବଜାତି ଭିତରେ ହିନ୍ଦୁତ୍ୱର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପ୍ରଭାବକୁ ଅନୁଭବ କରି ବିଶ୍ୱପ୍ରେମୀ ହୋଇ ପାରିଥିଲେ । ସେ କହୁଥିଲେ, "ମୋ ହିନ୍ଦୁତ୍ୱରେ କୌଣସି ସାମ୍ପ୍ରଦାୟିକତାର ଚିହ୍ନ ନଥାଏ, ବରଂ ଏଥିରେ ଇସ୍‌ଲାମ୍ ଧର୍ମ, ଖ୍ରୀଷ୍ଟିଆନ୍ ଧର୍ମ, ବୌଦ୍ଧ ଧର୍ମ ତଥା ଅନ୍ୟାନ୍ୟ ଧର୍ମ ସମୂହର ସର୍ବୋତ୍ତମ ଗୁଣ ପ୍ରତିଫଳିତ ହୋଇଥାଏ ।"

ନିଜର ଆଧ୍ୟାତ୍ମିକ ଜୀବନ ଯାପନ ସମ୍ପର୍କୀୟ ସୂଚନା ଦେବାକୁ ଯାଇ ୧୯୪୮ ମସିହା ଜାନୁଆରୀ ମାସ ୨୮ ତାରିଖ ଦିନ ଏକ ପ୍ରାର୍ଥନା ସଭାରେ ଗାନ୍ଧିଜୀ ପ୍ରଦାନ କରିଥିବା ଏକ ମନ୍ତବ୍ୟ ବିଶେଷ ଭାବେ ପ୍ରଣିଧାନଯୋଗ୍ୟ । ଏହି ପ୍ରାର୍ଥନା ସଭାରେ ସେ କହିଥିଲେ, "ସେ ବାଲ୍ୟକାଳରୁ ହିନ୍ଦୁ ଧର୍ମ ଆଚରଣ କରିବା ଅଭ୍ୟାସ ଆରମ୍ଭ କରିଥିଲେ । ସେ ଭୂତ ପ୍ରେତଙ୍କୁ ଭୟ କରୁଥିବା ବେଳେ ରାମନାମ ଉଚ୍ଚାରଣ କରିବା ପାଇଁ ତାଙ୍କର ଧାଈ ମା' ତାଙ୍କୁ ଶିକ୍ଷା ଦେଉଥିଲେ । ପରବର୍ତ୍ତୀ କାଳରେ ସେ ଖ୍ରୀଷ୍ଟିଆନ୍, ମୁସଲମାନ୍ ଏବଂ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସି ବିଭିନ୍ନ ଧର୍ମ ସମୂହର ଗଭୀର ଅନୁଶୀଳନ କରି ହିନ୍ଦୁ ଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ ।"

ବିଂଶ ଶତାବ୍ଦୀରେ ବିଶ୍ୱର ସର୍ବଶ୍ରେଷ୍ଠ ମାନବ ଗାନ୍ଧିଜୀଙ୍କ ସରଳ ଜୀବନ ଯାପନ ତାଙ୍କ ବ୍ୟକ୍ତିଗତ ଜୀବନରେ ଆଧ୍ୟାତ୍ମିକ ସାଧନା ଯୋଗୁଁ ସମ୍ଭବ ହୋଇ ପାରିଥିଲା । ଏପରିକି ଇଂଲଣ୍ଡର କୌଣସି ବିଳାସପୂର୍ଣ୍ଣ ପ୍ରାସାଦରେ ନରହି ପୂର୍ବ ଇଂଲଣ୍ଡର ସୀମାନ୍ତ ପ୍ରଦେଶ କିଙ୍ଗସ୍‌ଲେ ହଲ୍‌ରେ ଶ୍ରମିକମାନଙ୍କ ଗହଣରେ ରହିବା ଘଟଣା ଯେ କୌଣସି ବ୍ୟକ୍ତିକୁ ଚକିତ କରାଇଦିଏ ।

ନିଜର ସ୍ୱପ୍ନର ଭାରତ ଗଠନ ସମ୍ପର୍କରେ ତାଙ୍କ ମନୋଭାବ ପ୍ରକାଶ କରି ୧୯୩୧ ମସିହା ସେପ୍ଟେମ୍ବର ମାସ ୧୦ ତାରିଖ ଦିନ "ୟଙ୍ଗ ଇଣ୍ଡିଆ" ପତ୍ରିକାରେ ଗାନ୍ଧିଜୀ ଲେଖିଥିଲେ, "ମୁଁ ସେହି ଭାରତ ପାଇଁ କାମ କରିବି ଯେଉଁଠାରେ ସବୁଠାରୁ ଦରିଦ୍ରତମ ବ୍ୟକ୍ତି ଅନୁଭବ କରିବ ଯେ ଏହା ସେମାନଙ୍କ ଦେଶ ଯାହାର ନିର୍ମାଣରେ ସେମାନଙ୍କ ବଳିଷ୍ଠ ମତାମତ ରହିବ, ଯେଉଁ ଭାରତରେ କୌଣସି ଉଚ୍ଚ ନୀଚର ପ୍ରାଚୀର ନଥିବ ।

ଯେଉଁ ଭାରତରେ ପ୍ରତ୍ୟେକ ସମ୍ପ୍ରଦାୟର ବ୍ୟକ୍ତିଙ୍କ ମଧ୍ୟରେ ଉତ୍ତମ ସଦ୍ଭାବ ସ୍ଥାପିତ ହୋଇଥିବ; ଭାରତର କୌଣସି ପ୍ରାନ୍ତରେ ଅସ୍ପୃଶ୍ୟତାର ଅଭିଶାପ କିମ୍ବା ମଦ୍ୟପାନ ତଥା ମାଦକ ଦ୍ରବ୍ୟ ସେବନର କାଳିମା ନଥିବ। ମହିଳାମାନେ ପୁରୁଷମାନଙ୍କ ପରି ସମାନ ଅଧିକାର ପାଇବେ। ବିଶ୍ୱର ଅନ୍ୟାନ୍ୟ ଦେଶ ସହିତ ଶାନ୍ତିରେ ବସବାସ କରିପାରିବୁ। ଆମେ ଶୋଷିତ ହେବୁନାହିଁ କି ଶୋଷକ ହେବୁନାହିଁ। ଆମର ସୈନ୍ୟ ସଂଖ୍ୟା ଯଥା ସମ୍ଭବ ଖୁବ୍ କମ୍ ରହିବ। ସମସ୍ତ ସ୍ୱାର୍ଥକୁ ଅସ୍ପୃତ ଅସ୍ପୃତ ମୂକ ଜନତାର ସ୍ୱାର୍ଥ ସହିତ ମୁକାବିଲା ନକରି ସେ ସବୁକୁ ବିଶ୍ୱତାର ସହିତ ସମ୍ମାନ ଦିଆଯିବ। ବ୍ୟକ୍ତିଗତ ଭାବରେ ମୁଁ ଦେଶୀ କିମ୍ବା ବିଦେଶୀ ପାର୍ଥକ୍ୟକୁ ଘୃଣା କରେ। ଏହା ହିଁ ମୋର ସ୍ୱପ୍ନର ଭାରତ।"

ଭାରତୀୟ ରାଜନୀତିର ଅନ୍ୟ ଏକ ପ୍ରଚଣ୍ଡ ପ୍ରତିଭା ଯୋଗୀ ଅରବିନ୍ଦଙ୍କ ଆଧ୍ୟାତ୍ମିକ ଜୀବନ ଭାରତୀୟ ରାଜନୀତିକୁ ବିଶେଷ ଭାବେ ପ୍ରଭାବିତ କରି ଆସିଛି। ୧୯୧୦ ମସିହା ନଭେମ୍ବର ମାସରେ ପଣ୍ଡିଚେରୀଠାରେ କେତେକ ବିପ୍ଳବୀ ରାଜନୀତିକ କାର୍ଯ୍ୟରେ ଶ୍ରୀଅରବିନ୍ଦଙ୍କର ନିର୍ଦ୍ଦେଶ ଲୋଡ଼ିବାରୁ, ଶ୍ରୀଅରବିନ୍ଦ ବିପ୍ଳବୀମାନଙ୍କୁ କହିଥିଲେ, "ଭାରତକୁ ସ୍ୱାଧୀନ କରିବାର ଦାୟିତ୍ୱ ଶ୍ରୀକୃଷ୍ଣ ନିଜ ହାତକୁ ନେଇଛନ୍ତି; ତେଣୁ ଆମେ ସମସ୍ତେ ଯୋଗସ୍ଥ ହୋଇ କାମ କରିବା।" ଶ୍ରୀଅରବିନ୍ଦ ଦୃଢ଼ ସ୍ୱରରେ ଘୋଷଣା କରି କହୁଥିଲେ, "ମାନବ ଜାତିକୁ ଦିବ୍ୟ ଜୀବନର ଆଦର୍ଶ ଗ୍ରହଣ କରିବାକୁ ହେବ।" ସେ ଆର୍ଯ୍ୟ ପତ୍ରିକାରେ ଏକ ପ୍ରବନ୍ଧରେ କହିଥିଲେ, "ଯୁଗ ଯୁଗାନ୍ତରରେ ଭାରତ ମରିନାହିଁ, ତା' ସୃଷ୍ଟିରେ ଶେଷ କଥା କୁହାଯାଇ ନାହିଁ, ସେ ବଞ୍ଚି ରହିଛି ନିଜ ପାଇଁ, ସମଗ୍ର ମାନବ ଜାତି ପାଇଁ, ତାର ଅନେକ କାର୍ଯ୍ୟ ରହିଛି।"

ଅରବିନ୍ଦଙ୍କ ବଳିଷ୍ଠ ଲେଖନୀ ମୁନରୁ ଝରିପଡ଼ିଥିବା ବିଶ୍ୱ ତ୍ରାଣକାରୀ ଅମୃତ ଧାରା ଭାଗବତ ଜୀବନ (The Life Divine), ଯୋଗ ସମନ୍ୱୟ (The Synthesis of Yoga), ମାନବ ଐକ୍ୟର ଆଦର୍ଶ (The Ideal of Human Unity), ମାନବ ସାମାଜିକ ବିକାଶ ଧାରା (The Psychology of Social Development), ଗୀତା ନିବନ୍ଧ (Essays on the Gita) ଆଦି ସଂକଳିତ ପୁସ୍ତକମାନଙ୍କରେ ସଞ୍ଚିତ ହୋଇ ରହିଛି। ଶ୍ରୀଅରବିନ୍ଦ ପବିତ୍ର ଜନ୍ମ ଦିବସ ଏବଂ ଭାରତର ସ୍ୱାଧୀନତା ଦିବସ ମଧ୍ୟରେ ଅପୂର୍ବ ଭାବଗତ ସମନ୍ୱୟ ରାଜନୀତି କ୍ଷେତ୍ରରେ ଆଧ୍ୟାତ୍ମିକତାର ପ୍ରଭାବକୁ ସାର୍ଥକ କରିପାରିଛି।

ସମ୍ପ୍ରତି ବିଶ୍ୱରେ ହିଂସାର ଦାବାନଳ ହୁହୁଳି ଉଠିଥିବା ବେଳେ ଉତ୍କଳ ଜାତୀୟ ଜୀବନର ଶ୍ରେଷ୍ଠ ସାଧକ ଗୋପବନ୍ଧୁ ଦାସଙ୍କର ଆହ୍ୱାନ ମନେ ପଡ଼ିଯାଏ :

ଉଠେ ସେ ଦାବାଗ୍ନି ଯେବେ ମହାରୁଦ୍ର ବେଶେ,
ଭୀଷଣ ବିପ୍ଳବ ବାତ୍ୟା ବହେ ସାରା ଦେଶେ।
ମାନବ ଜଗତେ ଏହି ଗତି ପୁରାତନ,
ଦିଏ ଇତିହାସ ଯାର ଶତ ନିଦର୍ଶନ।
ନଉଠୁ ଭାରତେ ସେ ହିଂସାନଳ ଶିଖା,
ନଆସୁ ରକ୍ତାକ୍ତ ହତ୍ୟା ଭୀମ ବିଭୀଷିକା।
ଅହିଂସାର ଆଦିସ୍ଥାନ ଏ ଋଷି ଆଶ୍ରମ,
ଶିଖାଇ ଜଗତେ ପୁଣି ଅହିଂସା ନିୟମ।

ଭାରତୀୟ ରାଜନୀତିରେ ଆଧ୍ୟାତ୍ମିକତାର ପ୍ରଭାବକୁ ଉପଲବ୍ଧି କରି ରାଷ୍ଟ୍ର ନାୟକମାନେ ବ୍ୟକ୍ତିଗତ ଜୀବନ ତଥା ସାମାଜିକ ଜୀବନରେ ଆଧ୍ୟାତ୍ମିକ ଆଚରଣ ପ୍ରଦର୍ଶନ କରିବା ଅଭ୍ୟାସ କଲେ ଗାନ୍ଧିଜୀଙ୍କ ଆଦର୍ଶ ଭାରତ ଗଠନର ସ୍ୱପ୍ନ ସଫଳ ହେବ।

ସା:/ପୋ: ଅ.: ଖଣ୍ଡପଡ଼ାଗଡ଼,
ଜିଲ୍ଲା: ପୁରୀ–୭୫୨ ୦୭୭



ରାଜ୍ୟପାଳ ଶ୍ରୀ ହାସାନ୍‌ଙ୍କ ଗୋପାଳପୁର କ୍ଷୁଦ୍ର ବନ୍ଦର ପରିଦର୍ଶନ

# ORISSA STATE FINANCIAL CORPORATION

## O.M.P. SQUARE : CUTTACK-3

Telegram : FINCORISSA

Telex : 0676-225
P.A.B.X : 21123, 21125, 21172, 21173

We have been on the industrial scene of Orissa for the last 32 years. We are the pioneer financial institution for industrial financing in the State. So far, we have financed about 17,000 units. We have crossed Rs.383.75 crores in respect of effective sanction and disbursed Rs.297.68 crores.

If you are thinking of setting up an industry in Orissa, you would find it helpful to contact us, for we have many effective schemes to offer you and one may just suit to your needs.

**WE PROVIDE :**

1. Term loan upto Rs.60 lakhs to create fixed assets.
2. Loans to Technician Entrepreneurs with 15% margin.
3. Soft Loan upto Rs.4.00 lakhs to TECHNICIAN ENTREPRENEURS.
4. Seed Capital Loan assistance upto Rs.15.00 lakhs on soft terms to Technician as well as professionally experienced entrepreneurs.
5. Loans to MEDICAL GRADUATES for 'X' ray, ECG and Electro-Medical equipment and for setting up of nursing homes if backed up by full time services of a doctor possessing PG Degree.
6. Term loan up-to Rs.2.00 lakhs with 10% margin to EDUCATED UNEMPLOYED.
7. Seed Capital assistance to TINY SECTOR Industries.
8. Assistance for REHABILITATION AND MODERNISATION and also for QUALITY CONTROL Equipment.
9. Assistance for WOMEN ENTREPRENEURS and EX-SERVICE PERSONNEL.
10. Term and Working Capital Loan under SINGLE WINDOW SCHEME, provided project cost does not exceed Rs.7.50 lakhs and working capital component does not exceed Rs.2.50 lakhs.
11. Composite Loans to artisans.

We assure you of our best services. For details, please call on the Managing Director or our Regional manager/Branch Manager.

**MANAGING DIRECTOR**

# ସ୍ୱାଧୀନତାର ସଙ୍କଳ୍ପ

ଶ୍ରୀ ପ୍ରଫୁଲ୍ଲ ପଟ୍ଟନାୟକ

ଦେଶ ସ୍ୱାଧୀନତା ପାଇବାର ଅଣଚାଶ ବର୍ଷ ପୂରିଗଲା — ଆମକୁ ସ୍ୱାଧୀନତାର ଅର୍ଦ୍ଧଶତାବ୍ଦୀର ଦ୍ୱାର ଦେଶରେ ପହଞ୍ଚିବାକୁ ଅଳ୍ପ ସମୟ ବାକୀ ରହିଛି — ମାତ୍ର ଦେଶର ସ୍ୱାଧୀନତା ଓ ସଂହତି ଆଜି ବହୁ ଭାବରେ ବିପନ୍ନ । ଦେଶର ଯେଉଁ ଜନନାୟକମାନେ ନିଜକୁ ସ୍ୱାଧୀନତା ପାଇଁ ବଳି ଦେଇଥିଲେ — ସେମାନଙ୍କର ବଳିଦାନ ଦେଶର ସ୍ୱାଧୀନତା ଓ ସଂହତି ପାଇଁ ଅଭିପ୍ରେତ ଥିଲା । ସେମାନେ ଯେଉଁ ସ୍ୱାଧୀନତା ଆମମାନଙ୍କୁ ବହୁ କଷ୍ଟ ସ୍ୱୀକାର କରି ଦେଇ ଯାଇଥିଲେ — ଆମେ ତାର ସୁରକ୍ଷା ପାଇଁ କରିଛୁ କ'ଣ ? ଏ ପ୍ରଶ୍ନ ଏବେ ବି ଅମୀମାଂସିତ ଅବସ୍ଥାରେ ରହିଛି । ତେଣୁ ସ୍ୱାଧୀନତା ପାଇବାର ଦୀର୍ଘ ଅଣଚାଶ ବର୍ଷ ପରେ ଆଜି ଆମ ଆତ୍ମସମୀକ୍ଷାର ସମୟ ଆସି ପହଞ୍ଚିଛି । କାରଣ ଆମେ ଏ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକ । ଏ ଦେଶର ଯେଉଁ ଜନନାୟକଗଣ ସେମାନଙ୍କ ତ୍ୟାଗ ବଳରେ ସ୍ୱାଧୀନତା ଭଳି ଏକ ମହାର୍ଘ ସମ୍ପଦକୁ ଆମ ହାତରେ ଟେକି ଦେଇଯାଇଛନ୍ତି ଏବଂ ବିଶ୍ୱ ଦରବାରରେ ଏ ଦେଶକୁ ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦା ଦେଇଛନ୍ତି — ତାର ସୁରକ୍ଷା ପାଇଁ ପ୍ରତ୍ୟେକ ନାଗରିକର କିଛି ନା କିଛି କର୍ତ୍ତବ୍ୟ ରହିଛି । କିନ୍ତୁ ଆଜି ଦେଶର ସଂହତି ବିପନ୍ନ ହେବାକୁ ଯାଉଥିବା ସମୟରେ ଆମର ଆଶା, ଆକାଂକ୍ଷା ଧୂଳିସାତ ହେବାକୁ . ବସିଛି । ଏହି ପରିପ୍ରେକ୍ଷୀରେ ବିଶ୍ୱର କଳେ ଆମ ସ୍ୱାଧୀନତାର ସୁରକ୍ଷା ପାଇଁ ସଂହତିର ଆବଶ୍ୟକତା ଯେ ଅପରିହାର୍ଯ୍ୟ ଏହା ନିଃସନ୍ଦେହ ।

ଯୁଗେ ଯୁଗେ ଏ ଦେଶ ବିଶ୍ୱକୁ ଶାନ୍ତି, ସଂହତିର ମହାନ୍ ମନ୍ତ୍ର ପ୍ରଚାର କରି ଆସିଛି । ସମସ୍ତଙ୍କ ସହିତ ମିଳିମିଶି ଚଳିବାର ପ୍ରେରଣାରେ ଅନୁପ୍ରେରିତ ହୋଇଛି — ସବୁ କ୍ଷେତ୍ରରେ ପାଦ ପାଣି ସମତାଳରେ ପକାଇ ଆସିଛି । ଏକ ମନ, ଏକ ପ୍ରାଣ ହୋଇ ଚଳିବାର ପରମ୍ପରା ଏ ଦେଶର ଅନେକ ବିଭିନ୍ନତା ମଧ୍ୟରେ ଏକତାର ବନ୍ଧନକୁ ସୁଦୃଢ଼ କରିଛି — "ସର୍ବ ଜନ ହିତାୟ, ସର୍ବ ଜନ ସୁଖାୟ" ଆଦର୍ଶରେ ଉଦ୍‌ବୁଦ୍ଧ ଏ ଦେଶ ତାର ଧାର୍ମିକ ତଥା ଆଧ୍ୟାତ୍ମିକ ବିଶ୍ୱର ଧାରାରେ ଯେଉଁ ଐତିହ୍ୟ ସୃଷ୍ଟି କରିଛି, ସାମ୍ୟ, ମୈତ୍ରୀ, ଶାନ୍ତିର ବାଣୀ ପ୍ରଚାର କରିଛି — ବିଶ୍ୱ ଦରବାରରେ ତାହାର ତୁଳନା ନାହିଁ ।

କିନ୍ତୁ ଆଜି ସଂକୀର୍ଣ୍ଣ ସ୍ୱାର୍ଥପରତା ଦେଶର ସଂହତି ଓ ସ୍ୱାଧୀନତା ପ୍ରତି କୁଠାରଘାତ କରିଛି । ତେଣୁ ଗଣତନ୍ତ୍ର ରାଷ୍ଟ୍ରର ନାଗରିକ ଭାବେ ପ୍ରତ୍ୟେକ ଭାରତୀୟ ହୃଦୟଙ୍ଗମ କରିବା ଉଚିତ ଯେ ଅତୀତରେ ଦିନେ ଏ ଦେଶର ଅଗଣିତ ନରନାରୀ ସମସ୍ତ ପ୍ରକାରର ଭାଷାଗତ, ଧର୍ମଗତ, ଜାତିଗତ ସଂକୀର୍ଣ୍ଣ ଭେଦ ଭାବକୁ ପଛରେ ପକାଇ ସଙ୍ଘବଦ୍ଧ ଭାବରେ ସ୍ୱାଧୀନତା ପାଇଁ ଶାନ୍ତି ଓ ଅହିଂସ ଉପାୟରେ ଯେଉଁ ସଂଗ୍ରାମ କରିଥିଲେ — ତାହାହିଁ ଲକ୍ଷ୍ୟ କରିବାର କଥା । ତାହାକୁ ଦେଶବାସୀ ଭୁଲିଯିବା ଠିକ୍ ହେବ ନାହିଁ । ସେହି ଗୌରବମୟ ପରମ୍ପରା ଓ ଆଦର୍ଶ ଆମମାନଙ୍କର ଧ୍ୟେୟ ହେଉ — ଦେଶର କଷ୍ଟଲବ୍ଧ ସ୍ୱାଧୀନତାର ସୁରକ୍ଷା ପାଇଁ ସତତ ଯତ୍ନବାନ ହେବା । ପ୍ରତ୍ୟେକ ନାଗରିକର ସର୍ବାଦୌ କର୍ତ୍ତବ୍ୟ ହେବା ଉଚିତ । କାରଣ ପରାଧୀନତାର ଅନ୍ଧକାର ଆଜି ଆମ ଦେଶରୁ ଅପସରି ଯାଇଛି — ନୂତନ ସୂର୍ଯ୍ୟର ଅଭ୍ୟୁଦୟ ଘଟିଛି । ଜ୍ଞାନ, ବିଜ୍ଞାନର ଆଲୋକରେ ଆମର ହୃଦୟ ଓ ବିବେକ ରାଜ୍ୟ ଆଜି ଆଲୋକିତ, ଆମର ଆତ୍ମବୋଧ ଓ ଆତ୍ମଶକ୍ତି ଖୁବ୍ କ୍ଷିପ୍ରଗତିରେ ବଢ଼ି ଚାଲିଛି । ଆମେ ବିଶ୍ୱର ମଙ୍ଗଳ ପାଇଁ ସଦା ସର୍ବଦା ବିଶ୍ୱନିୟନ୍ତାଙ୍କ ଚରଣ ତଳେ ପ୍ରଣତି ଜଣାଇ ପ୍ରାର୍ଥନା କରି ଆସିଛୁ :

"ସର୍ବେ ଭବନ୍ତୁ ସୁଖୀନଃ
ସର୍ବେ ସନ୍ତୁ ନିରାମୟଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା' କଶ୍ଚିତ୍ ଦୁଃଖଭାକ୍ ଭବେତ୍ ।"

ଯୁଗେ ଯୁଗେ ଏ ଦେଶର କୋଟି କୋଟି ନରନାରୀଙ୍କ ହୃଦୟକୁ ଏହି ଭାବ ଅନୁପ୍ରେରିତ କରି ଆସିଛି । ତେବେ କାହିଁକି ଆଜି ଏ ସଂକୀର୍ଣ୍ଣ ସ୍ୱାର୍ଥପରତା ? ସଂକୀର୍ଣ୍ଣ ସାମ୍ପ୍ରଦାୟିକତା ଭାଷା, ଧର୍ମ, ଜାତିକୁ କେନ୍ଦ୍ର କରି ଏ ଦେଶରେ ମୁଣ୍ଡ ଟେକୁଛି । ଏହି ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରୁଛି । ସାମାନ୍ୟ କଥା ପାଇଁ ଆମେ ଦେଶର ବୃହତ୍ତର ସ୍ୱାର୍ଥକୁ ଭୁଲି ଯାଉଛୁ । ତେଣୁ ଆଜି ଚିନ୍ତା କରିବାର ବେଳ ଆସିଛି । ଦେଶର ଅଖଣ୍ଡତା ସ୍ୱାଧୀନତା ଓ ସଂହତିର ସୁରକ୍ଷା ପାଇଁ ଆମକୁ ଏ ବିଚ୍ଛିନ୍ନତାବାଦୀ ଶକ୍ତି ବିରୁଦ୍ଧରେ ସଂଗ୍ରାମ କରିବାକୁ ହେବ । ସେହିମାନଙ୍କ ପରି ବହୁ ମହାପୁରୁଷ, ବେଦ, ପୁରାଣ, ଉପନିଷଦ ସମସ୍ତଙ୍କ ମୁଖରେ ଗୋଟିଏ କଥା ଉଚ୍ଚାରିତ ହୋଇଥିଲା "ଆମେ ସମସ୍ତେ ଏକ" — ଆମମାନଙ୍କ ମଧ୍ୟରେ କୌଣସି ଭିନ୍ନତା ନାହିଁ, ଯେପରି :

[redacted]

"ନିଜ ସୁଖ ଲାଗି ଜାତ ନୁହେଁ ବିନ୍ଦୁ
ସିନ୍ଧୁ ଦିଏ ବିନ୍ଦୁ ପ୍ରତି ଜଣେ ବିନ୍ଦୁ।"

ପୁଣି ଏ ମାଟିର ଜଣେ ଭକ୍ତ କବି ପୁଣ୍ୟାତ୍ମା ଭୀମ ଭୋଇ ତାଙ୍କର ଉଦାର ବାଣୀରେ ସେହି ଭାବ ମଧ୍ୟ ଅନୁରଣିତ :

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ,
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ।"


ତେଣୁ ଏ ଦେଶର ଆଦର୍ଶ ଓ ପରମ୍ପରା ସେହିମାନଙ୍କ ତ୍ୟାଗ ଉପରେ ହିଁ ପ୍ରତିଷ୍ଠିତ — ସେହି ଆଦର୍ଶ ଓ ତ୍ୟାଗ ଏ ଦେଶର ସ୍ୱାଧୀନତା, ଅଖଣ୍ଡତା ଓ ସଂହତି ପାଇଁ ଅଭିପ୍ରେତ। ଆଜକୁ ପାଞ୍ଚ ବର୍ଷ ତଳେ ଆମର ପ୍ରିୟ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ପ୍ରିୟଦର୍ଶିନୀ ଇନ୍ଦିରା ଦେଶର ସଂହତି ରକ୍ଷା ପାଇଁ ସଙ୍କଳ୍ପର ଯେଉଁ ମହାନ ବାଣୀ ଆମମାନଙ୍କ ଭିତରେ ପ୍ରସ୍ତୁତ କରିଗଲେ ତାହା ଭୁଲିବାର ନୁହେଁ। ସେଥିରେ ଯେଉଁ ଆବେଗ ଥିଲା — ତାହା ଏ ଜାତିର ଓ ବ୍ୟକ୍ତିର ଜୀବନ ରକ୍ଷା ପାଇଁ ଏକ ଦୃଢ଼ ଶପଥର ଆବେଗ। ସେହି ଶପଥକୁ ଆମେ ଆଜି ଆମର କଥା ଓ କାର୍ଯ୍ୟରେ ରୂପାୟନ କରି ପାରିଲେ ଦେଶର ସଂହତି ଓ ସ୍ୱାଧୀନତା ଅକ୍ଷୁର୍ଣ୍ଣ ରହିପାରିବ। ଏଥିପାଇଁ ଆମ ଚିନ୍ତାଧାରାରେ, ଆମ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଲୋଡ଼ା — ଯେ ପର୍ଯ୍ୟନ୍ତ ଏହା ସମ୍ଭବ ନ ହୋଇ ପାରିଛି — ଯେ ପର୍ଯ୍ୟନ୍ତ ଆମ ଗଣତାନ୍ତ୍ରିକ ପରମ୍ପରାର ସୁସ୍ଥ ମୂଲ୍ୟବୋଧକୁ ରକ୍ଷା କରିବା ସମ୍ଭବ ନୁହେଁ। ଗୋଟାଏ ଦେଶ ଭାରତ, ଗୋଟିଏ ଜାତି ଭାରତୀୟ, ଆମେ ଧର୍ମ ଦୃଷ୍ଟିରୁ, ଭାଷା ଦୃଷ୍ଟିରୁ କିମ୍ବା ଆମର ସ୍ଥାନୀୟତା ଦୃଷ୍ଟିରୁ ତଥା ସାଂସ୍କୃତିକ ପରମ୍ପରାରେ ଭିନ୍ନ ହୋଇପାରୁ — ମାତ୍ର ଆମର ଲକ୍ଷ୍ୟ ଏକ ତାହା ହେଉଛି ବିଶାଳ ଭାରତର ଏହି ବିଭିନ୍ନତା ମଧ୍ୟରେ ଅଖଣ୍ଡତା ଓ ସଂହତିର ପ୍ରତିଷ୍ଠା କରିବା।

ଆଜି ଅବଶ୍ୟ ସ୍ୱାଧୀନତା ପରେ ଦେଶରେ ପ୍ରାଦେଶିକ, ଭାଷାଗତ, ଧର୍ମଗତ ଓ ବିଶେଷ କରି ସାମ୍ପ୍ରଦାୟିକ ଆନୁଗତ୍ୟ ଦେଶକୁ ବହୁଧା ବିଭକ୍ତ କରି ସାରିଛି। କିନ୍ତୁ ଏଥିପାଇଁ ଦେଶର ଜନସାଧାରଣଙ୍କ ଅଜ୍ଞତାର ସୁଯୋଗ ନେଇ ଯେଉଁମାନେ ଫାଇଦା ଉଠାଉଛନ୍ତି ସେମାନେ ଚିନ୍ତା କରିବା ଉଚିତ ଯେ ସ୍ୱାଧୀନତା ପରି ଦେଶର ବିଶାଳ ବୃକ୍ଷରେ ଆରୋହଣ କରି ସେମାନେ ତାର ମୂଳଚ୍ଛେଦନ କରିବା ପାଇଁ ଯାଉଛନ୍ତି ଏବଂ ଏହାଦ୍ୱାରା ଯେ ସେମାନଙ୍କର ଏବଂ ଦେଶର କି ପ୍ରକୃତ କ୍ଷତି ଘଟିବ ତାହା ଚିନ୍ତା କରିବାର କଥା କାରଣ ଆଜି ମନୁଷ୍ୟ ସମାଜ ଏକ ବୃହତ୍ ବିଶ୍ୱ ରାଷ୍ଟ୍ରର ପରିକଳ୍ପନା କରୁଥିବା ସମୟରେ ଆମେ ଯଦି ଏ କ୍ଷେତ୍ରରେ ସଂକୀର୍ଣ୍ଣ ନୀଚ ମନର ପରିଚୟ ଦେବୁ ତାହେଲେ ସମଗ୍ର ବିଶ୍ୱ ଦରବାରରେ ଆମର ମର୍ଯ୍ୟାଦା ରହିବ ନାହିଁ। ଆମେ ସବୁବେଳେ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ନିଜର ମହାନ ଐତିହ୍ୟ ପରମ୍ପରାକୁ ନେଇ ଗର୍ବ କରି ବସୁ। ଖାଲି ସେତିକି ନୁହେଁ ଆମେ ଶାନ୍ତି, ସତ୍ୟ, ଅହିଂସାର ପୂଜାରୀ ଓ ପଥ ପ୍ରଦର୍ଶକ ଭାବରେ ସାରା ବିଶ୍ୱରେ ସମ୍ମାନିତ। କିନ୍ତୁ ଆଜି ଯଦି ଆମେ ସାମାନ୍ୟ ସଂକୀର୍ଣ୍ଣତାକୁ ପ୍ରଶସ୍ତ ଦେଇ — କାର୍ଯ୍ୟ କରୁ ତାହେଲେ ଏ ବିଶାଳ ଜାତି ତାର ନିଜର ଅସ୍ତିତ୍ୱକୁ ବିଶ୍ୱ ଦରବାରରେ ହରାଇବା ସଙ୍ଗେ ସଙ୍ଗେ ସବୁଦିନ ପାଇଁ ଏ କଷ୍ଟଲବ୍ଧ ସ୍ୱାଧୀନତାକୁ ଯେ ହରାଇ ବସିବ ଏଥିରେ ସନ୍ଦେହର ଅବକାଶ ନାହିଁ। ତେଣୁ ଆଜି ଚିନ୍ତା କରିବାର ବେଳ ଆସିଛି।

ଆଜି ସମଗ୍ର ବିଶ୍ୱରେ ଆସ୍ଥାର ସମ୍ପର୍କ ପ୍ରକଟିତ ଏବଂ ଉଣା ଅଧିକେ ଲାଗିଅଛି ବିଚ୍ଛିନ୍ନତାବାଦୀ ଶକ୍ତି କ୍ରିୟାଶୀଳ — ଯୁଗର ଏହି ସଙ୍କଟମୟ ସନ୍ଧିକ୍ଷଣରେ ଆମକୁ ଭାରତୀୟ ରୂପେ ଅନୁଭବ କରି ବଞ୍ଚି ରହିବାକୁ ହେବ। ଏହାଦ୍ୱାରା ଦେଶର ସ୍ୱାଧୀନତା, ଗଣତାନ୍ତ୍ରିକ ମୂଲ୍ୟବୋଧ, ଶାନ୍ତି ଓ ସଂହତି ପ୍ରତିଷ୍ଠିତ ହୋଇପାରିବ। ଦେଶର ବୃହତ୍ତର ସ୍ୱାର୍ଥର ରକ୍ଷା ପାଇଁ ସମସ୍ତ ପ୍ରକାରର ବୈଷମ୍ୟର ବିଲୋପ ଘଟୁ — ଶାସକ ଓ ଶାସିତ ମଧ୍ୟରେ ସ୍ୱାର୍ଥର ସମ୍ପର୍କ ନରହୁ, କ୍ଷମତା ପାଇଁ ସଂଗ୍ରାମର ଶେଷ ହେଉ, ଶ୍ରେଣୀ ସଂଘର୍ଷର ବିଲୟ ଘଟୁ। ତାହେଲେ ଦେଶର ସ୍ୱାଧୀନତା, ଅଖଣ୍ଡତା ସଂହତି ସୁରକ୍ଷିତ ହେବା ସଙ୍ଗେ ସଙ୍ଗେ ଏକ ଉନ୍ନତ ଭବିଷ୍ୟତର ସମ୍ଭାବନା ଏ ଜାତିକୁ ଦିଗ୍‌ଦର୍ଶନ ଦେଇପାରିବ।

ଆଜି ସ୍ୱାଧୀନତା ପ୍ରାପ୍ତିର ଅଣଶୁଣ ବର୍ଷ ପରେ ଆମମାନଙ୍କ ନିକଟରେ ଦୃଢ଼ ସଂକଳ୍ପର ସମୟ ଆସି ପହଞ୍ଚିଛି — ଭାରତୀୟ ଜନ ଜୀବନର ଆଶା ଆକାଂକ୍ଷାର ସଫଳ ରୂପାୟନ ପାଇଁ ଦେଶର ଆର୍ଥିକ ପ୍ରଗତି, ଯୋଜନାଗୁଡ଼ିକର କାର୍ଯ୍ୟକାରୀତା ଦିଗରେ ଏ ଦେଶରେ ପ୍ରତ୍ୟେକ ନାଗରିକର କିଛି ନା କିଛି ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି, ଏହା ଚିନ୍ତା କରିବାର କଥା। ତେଣୁ ଭାରତବାସୀ ସମସ୍ତ ବିଭେଦକୁ ଭୁଲି ସଂହତିର ପବିତ୍ର ବନ୍ଧନରେ ଏକତ୍ରିତ ହୋଇ ପାରିଲେ ସ୍ୱାଧୀନତାର ମୂଳଦୁଆ ଟାଣ ହୋଇ ପାରିବ। ଏ ସଂକଳ୍ପ ଯାଦି ସମସ୍ତଙ୍କର ହେବା ଆବଶ୍ୟକ। ସଂହତିର ସଂକଳ୍ପ ହିଁ ଆମ ଦେଶର ପ୍ରଗତି ପଥକୁ ଉନ୍ନତ କରିପାରିବ।

ଭାରତୀ ମଠ ଲେନ୍,
ପୁରୀ।



# ଭାରତରେ ୧୮୫୭ ପୂର୍ବ ସ୍ୱାଧୀନତା ସଂଗ୍ରାମ ଓ ନାରୀ ନେତୃତ୍ୱ

ରାଜେଶ୍ୱରୀ ପୁରୋହିତ

ସାଧାରଣତଃ ୧୮୫୭ର ସିପାହୀ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି କୁହାଯାଇଥାଏ । କିନ୍ତୁ ବାସ୍ତବରେ ବିଚାର କଲେ ୧୭୫୭ର ପଲାସୀ ଯୁଦ୍ଧରୁ ହିଁ ଭାରତର ସ୍ୱାଧୀନତା ସଂଗ୍ରାମର ଆରମ୍ଭ । ଭାରତରେ ଇଂରେଜମାନଙ୍କର ଆଧିପତ୍ୟ ବିସ୍ତାର ସଙ୍ଗେସଙ୍ଗେ ଭାରତର ମୁକ୍ତି ଆନ୍ଦୋଳନ ମଧ୍ୟ ଆରମ୍ଭ ହୋଇଯାଇଛି । 'ଜଙ୍ଗଲ ମହାଲର ବିଦ୍ରୋହ', 'ସନ୍ନ୍ୟାସୀ ବିଦ୍ରୋହ', 'ଚୁଆଡ ବିଦ୍ରୋହ', 'ବହାବୀ ବିଦ୍ରୋହ', 'କିତ୍ତୁର ବିଦ୍ରୋହ' ଓ 'ସାନ୍ତାଳ ବିଦ୍ରୋହ' ଏହାର ପ୍ରମାଣ । ଏହି ବିଦ୍ରୋହମାନଙ୍କରେ ଭାରତୀୟ ନାରୀମାନେ କେବଳ ଭାଗ ନେଇ ନାହାନ୍ତି, ନେତୃତ୍ୱ ମଧ୍ୟ ଦେଇଛନ୍ତି । ଇତିହାସ ତା'ର ସାକ୍ଷୀ ।

ପଲାସୀ ଯୁଦ୍ଧରେ ବିଶ୍ୱାସଘାତକ ମିର୍‌ଜାଫର୍ ସିରାଜୁଦ୍ଦୌଲାଙ୍କୁ ହରାଇ ଭାରତର ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କଲା । ମିର୍‌ଜାଫରଙ୍କୁ କିନ୍ତୁ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ମାସିକ ଭରା ଦେବାକୁ ପଡିଲା । ଏତେ ମାତ୍ରାରେ ଭରା ଦେବାକୁ ହେଲା ଯେ ତା'ର ରାଜକୋଷ ପ୍ରାୟ ଶୂନ୍ୟ ହୋଇପଡିଲା । ମିର୍‌ଜାଫର୍ ପରେ ମିର୍‌କାସିମ୍ ଇଂରେଜମାନଙ୍କୁ ଭରା ଦେଇ ନପାରି ମେଦିନାପୁର, ଚଟ୍ଟଗ୍ରାମ ଏବଂ ବର୍ଦ୍ଧମାନ ଜମିଦାରୀ ସମର୍ପଣ କରିଦେଲେ । ଏହା ପରେପରେ ଇଂରେଜମାନେ ଭାରତୀୟଙ୍କୁ ଶୋଷଣ କରିବା ଆରମ୍ଭ କରିଦେଲେ । ଭାରତୀୟ ଗରିବ କୃଷକ ଓ ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରିବାକୁ ଲାଗିଲେ । ଏଣୁ ଜନବିଦ୍ରୋହ ଦେଖାଦେଲା । ଏହି ବିଦ୍ରୋହମାନଙ୍କ ମଧ୍ୟରେ 'ଜଙ୍ଗଲ ମହାଲର ବିଦ୍ରୋହ' ହେଉଛି ପ୍ରଥମ ବିଦ୍ରୋହ । ବୀରଭୂମ, ବାଙ୍କୁଡା ଇଲାକାରେ ଥିବା ଜମିଦାରୀସବୁକୁ ଇଂରେଜମାନେ ଅକ୍ତିଆର କରିଦେବା ଫଳରେ ଏଠାକାର ଜମିଦାରମାନଙ୍କ ଦ୍ୱାରା ଏହି ବିଦ୍ରୋହ ଆରମ୍ଭ ହୋଇଥିଲା । ଇଂରେଜମାନେ ଏହି ବିଦ୍ରୋହ ଦମନ କରିବାରେ ଅସଫଳ ହେବା ଫଳରେ ସେମାନେ ଜମିଦାରମାନଙ୍କ ସହ ସନ୍ଧି କରି ପୁଣି ପ୍ରଜାମାନଙ୍କୁ, ଗରିବ କୃଷକମାନଙ୍କୁ ଶୋଷଣ କରିବାକୁ ଲାଗିଲେ । ଏହି କାରଣରୁ 'ସନ୍ନ୍ୟାସୀ ବିଦ୍ରୋହ' ଓ 'ଚୁଆଡ ବିଦ୍ରୋହ' ଦେଖା ଦେଇଥିଲା ।

ପ୍ରଥମ ବିଦ୍ରୋହ 'ଜଙ୍ଗଲ ମହାଲର ବିଦ୍ରୋହ'ର ନେତୃତ୍ୱ ସାମନ୍ତ-ଅଭିଜାତ୍ୟ ଶ୍ରେଣୀ ହାତରେ ଥିବାରୁ କୌଣସି ନାରୀର ନାମ ଦେଖିବାକୁ ମିଳେ ନାହିଁ । କିନ୍ତୁ ଏହା ପରେପରେ ହୋଇଥିବା ବିଦ୍ରୋହମାନଙ୍କରେ ନାରୀମାନେ ନେତୃତ୍ୱ ନେଇଥିବା ପ୍ରମାଣ ମିଳେ ।

## ସନ୍ନ୍ୟାସୀ ବିଦ୍ରୋହ ଓ ଦେବୀ ଚୌଧୁରାଣୀ

'ଆନନ୍ଦମଠ'ର ଲେଖକ ବଙ୍କିମଚନ୍ଦ୍ରଙ୍କ 'ଦେବୀ ଚୌଧୁରାଣୀ' ନାମରେ ଉପନ୍ୟାସଟିଏ ଅଛି । ଯାହା ଜଣପଡେ ଏହି ଚରିତ୍ରଟି ବଙ୍କିମଚନ୍ଦ୍ରଙ୍କ କାଳ୍ପନିକ ଚରିତ୍ର ନୁହେଁ । ବରଂ ଭାରତର ପ୍ରାରମ୍ଭିକ ସ୍ୱାଧୀନତା ସଂଗ୍ରାମର ଇତିହାସର ଏକ ବାସ୍ତବ ଚରିତ୍ର । ଇଂରେଜ ଐତିହାସିକଗଣ ସନ୍ନ୍ୟାସୀମାନଙ୍କୁ 'ଦସ୍ୟୁ' ଓ ଦେବୀ ଚୌଧୁରାଣୀଙ୍କୁ 'ଦସ୍ୟୁରାଣୀ' ବୋଲି ଅଭିହିତ କରିଛନ୍ତି । କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ଏହି ବିଦ୍ରୋହୀ ସନ୍ନ୍ୟାସୀମାନେ ହେଉଛନ୍ତି ଦେଶଭକ୍ତ ଓ ସ୍ୱାଧୀନତା ସେନାନୀ ଏବଂ ଦେବୀ ଚୌଧୁରାଣୀ ହେଉଛନ୍ତି ସେମାନଙ୍କର ନେତ୍ରୀ । ଏହି ସାଧୁ ସନ୍ନ୍ୟାସୀମାନଙ୍କୁ ନିଜର ପୂଜା-ପାଠ ତ୍ୟାଗ କରି ଶସ୍ତ୍ରଧାରଣ କରିବାକୁ ବାଧ୍ୟ ହେବାକୁ ପଡିଥିଲା । ଏଥିରେ ସେମାନଙ୍କର ନିଜ ସ୍ୱାର୍ଥ କିଛି ନଥିଲା । ହାତରେ କମଣ୍ଡଳୁ ନେଇ ଏମାନେ ଗ୍ରାମଗ୍ରାମ ବୁଲି ଭିକ୍ଷା କରୁଥିଲେ । କିନ୍ତୁ ଯେତେବେଳେ ସେମାନେ ଦେଖିଲେ ଯେ ଇଂରେଜମାନେ ଗରିବ କୃଷକ, କାରିଗରମାନଙ୍କୁ ମାଡପିଟ କରି ଶୋଷଣ କରୁଛନ୍ତି ସେମାନେ ସହ୍ୟ କରି ପାରିଲେ ନାହିଁ । ଇଂରେଜମାନଙ୍କ ଅତ୍ୟାଚାର ଯୋଗୁଁ ସେମାନଙ୍କୁ ଭିକ ମିଳୁ ନାହିଁ । ଫଳରେ ସେମାନେ ଇଂରେଜ ଓ ଜମିଦାର ତଥା ସାହୁକାରଙ୍କ ଘର, ଗୋଦାମ ଲୁଟିବାକୁ ଲାଗିଲେ ଓ ସବୁ ଜିନିଷ ଗରିବମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ । ଏଥିପାଇଁ ସେମାନଙ୍କୁ ଶସ୍ତ୍ରଧାରଣ କରିବାକୁ ପଡିଥିଲା । ଇଂରେଜ ଓ ଜମିଦାରମାନଙ୍କୁ ଲୁଟପାଟ କରି ଜଙ୍ଗଲ ଭିତରେ ଲୁଚି ଯାଉଥିଲେ ।

ଦେବୀ ଚୌଧୁରାଣୀ ଏଭଳି ଏକ ସନ୍ନ୍ୟାସୀ ଦଳର ନେତ୍ରୀ ଥିଲେ । ତାଙ୍କ ପାଖରେ ସାହସୀ ସେନାଦଳଟିଏ ଥିଲେ । ଭବାନୀ ପାଠକ, ମଜନୁ ଶାହ ଫକୀର ଭଳି ସନ୍ନ୍ୟାସୀ ଯୋଦ୍ଧା ଇଂରେଜମାନଙ୍କ ହାତରେ ମୃତ୍ୟୁବରଣ କରିଥିଲେ । କିନ୍ତୁ ଦେବୀ ଚୌଧୁରାଣୀ କେବେହେଲେ ଇଂରେଜମାନଙ୍କ ହାତରେ ଧରା ପଡି ନଥିଲେ । ବରଂ ଇଂରେଜମାନଙ୍କୁ ବ୍ୟତିବ୍ୟସ୍ତ କରି ପକାଉଥିଲେ ।

ଇତିହାସରୁ ଜଣାଯାଏ ଯେ ତାଙ୍କୁ ଧରିବା ପାଇଁ ଇଂରେଜମାନେ ଏକ ପୁରସ୍କାର ଘୋଷଣା କରିଥିଲେ । କିନ୍ତୁ ସେ ଧରା ପଡିଥିବା ବା ଇଂରେଜମାନଙ୍କ ଦ୍ୱାରା ଗରିଲାଯୁଦ୍ଧରେ ନିହତ ହୋଇଥିବା କିଛି ପ୍ରମାଣ ମିଳେ ନାହିଁ । ତାଙ୍କର ଶେଷ ଜୀବନ କିପରି କଟିଥିଲା ସେ ସମ୍ପର୍କରେ ଇତିହାସ ନୀରବ । କେବଳ ଏତିକି ଜଣାଯାଏ ଯେ ଭବାନୀ ପାଠକଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସେ ଜୀବିତ ଥିଲେ ।

## ଚୂଆଡ ବିଦ୍ରୋହ ଓ ରାଣୀ ଶିରୋମଣି

ଚୂଆଡମାନେ ଜଙ୍ଗଲ ମହାଲର ଗରିବ ଆଦିବାସୀ କୃଷକ ଥିଲେ । ଜଙ୍ଗଲ ମହାଲର ପ୍ରଥମ ବିଦ୍ରୋହ କେବେ ଇଂରେଜମାନେ ସେଠାକାର ଜମିଦାରମାନଙ୍କ ସହ ସନ୍ଧି କରି ଓ ସେମାନଙ୍କ ସହ ମିଳି ସେତେବେଳେ ଗରିବମାନଙ୍କ ଉପରେ ଅତ୍ୟାଚାର କରିବାକୁ ଲାଗିଲେ ଏହି ଅଞ୍ଚଳରେ ଆଉ ଏକ ବିଦ୍ରୋହ ଦେଖାଦେଲା । ଏଥରକ କିନ୍ତୁ ଏ ଅଞ୍ଚଳର ଗରିବ କୃଷକ ଓ ପାଇକମାନେ ଥିଲେ ଏହି ବିଦ୍ରୋହର ସୂତ୍ରଧାର । ଇଂରେଜମାନେ ପାଇକମାନଙ୍କ ନିକଟରୁ ତାଙ୍କର ପିତୃ ଅର୍ଜିତ ଜମିସବୁ ଛଡେଇ ନେଇ ଜମିଦାରମାନଙ୍କୁ ଦେଇ ଦେଇଥିଲେ ଏବଂ ବିଦ୍ରୋହ ଦମନ ପାଇଁ ପାଇକମାନଙ୍କୁ ତଡିଦେଇ ବାହାରୁ ପୁଲିସ ଆଣାଇ ରଖାଇଥିଲେ । ଏଣୁ ବେକାର କୃଷକ ଓ ପାଇକମାନେ ଏହାର ପ୍ରତିଶୋଧ ନେବା ପାଇଁ ନିଜକୁ ସଙ୍ଗଠିତ କଲେ । ସେମାନେ ବିଦ୍ରୋହ କରି ୧୨୪ଟି ଗ୍ରାମ ଲୁଟି ନେଲେ, ଜମିଦାରମାନଙ୍କ ନିକଟରୁ ଜମି ଓ ତତ୍‌ସମ୍ପର୍କୀୟ ସମସ୍ତ ପ୍ରକାର କାଗଜପତ୍ର ଲୁଟି ନେଲେ । ଏହି ଆଦିବାସୀ ଅଞ୍ଚଳର ପ୍ରଧାନରାଣୀ ଶିରୋମଣି ଏକ ଘୋଷଣାନାମା ଜାରି କରି ଇଂରେଜମାନଙ୍କୁ ଖଜଣା ଦେବା ବନ୍ଦ କରିଦେଲେ ଏବଂ ଏକ ଦୁର୍ଗ ତିଆରି କରି ନିଜକୁ ଶକ୍ତିଶାଳୀ କରି ରହିଲେ । ଶିରୋମଣିଙ୍କ ସହ କେତେକ ଦେଶଭକ୍ତ ଜମିଦାର ମଧ୍ୟ ଯୋଗଦେଲେ । ଶେଷ ଜମିଦାର ମେଦିନାପୁର ପଳାଇଗଲେ । ରାଣୀ ଶିରୋମଣି ଆନନ୍ଦପୁର ଆକ୍ରମଣ କରିବାର ଯୋଜନା କଲେ । କିନ୍ତୁ ଇଂରେଜମାନେ କୌଶଳ କରି ପ୍ରଚାର କରାଇଦେଲେ ଯେ ମେଦିନାପୁରରେ ବାହାରୁ ଆସି ଏକ ଶକ୍ତିଶାଳୀ ସୈନିକଦଳ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ରହିଛନ୍ତି । ଏହି ମିଛ ଖବରକୁ ବିଶ୍ୱାସ କରି ଚୂଆଡମାନେ ସେଦିନ ମେଦିନାପୁର ଆକ୍ରମଣ କରିବାର ଯୋଜନା ବନ୍ଦ କରିଦେଲେ । ନହେଲେ ମେଦିନାପୁର ଆକ୍ରମଣ ହୋଇଥିଲେ ଇଂରେଜମାନଙ୍କର ଆଧିପତ୍ୟ ସେହିଦିନ ହିଁ ଶେଷ ହୋଇ ଯାଇଥାନ୍ତା ।

## କିତୁର ବିଦ୍ରୋହ ଓ ରାଣୀ ଚେନମ୍ମା

କର୍ଣ୍ଣାଟକର କିତୁରନଗର ସେ ସମୟରେ ଏକ ପ୍ରସିଦ୍ଧ ସ୍ୱାଧୀନ ରାଜ୍ୟ ଥିଲା । ରାଜା ମଲ୍ଲସର୍ଜଙ୍କର ସାନରାଣୀ ଯୁଦ୍ଧକଳାରେ ନିପୁଣ ଥିଲେ । ଏଣୁ ରାଜାଙ୍କର ମୃତ୍ୟୁ ପରେ ବଡରାଣୀ ପୁତ୍ରଙ୍କ ବଦଳରେ ସାନରାଣୀ ଚେନମ୍ମା ରାଜକାର୍ଯ୍ୟ ବୁଝାସୁଝା କରୁଥିଲେ । କିନ୍ତୁ ସେହି ସମୟର ପରମ୍ପରା ଅନୁଯାୟୀ ବଡରାଣୀଙ୍କ ପୁତ୍ର ଶିବଲିଙ୍ଗ ରୁଦ୍ରସର୍ଜଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରି ତାହାଙ୍କୁ ରାଜକାର୍ଯ୍ୟ ଶିକ୍ଷା ଦେଲେ ।

କିନ୍ତୁ ୧୮୨୪ରେ ଶିବଲିଙ୍ଗଙ୍କର ମଧ୍ୟ ମୃତ୍ୟୁ ହୋଇଗଲା । ସେତେବେଳକୁ ତାଙ୍କର ବିଧବା ପତ୍ନୀଙ୍କର ବୟସ କେବଳ ମାତ୍ର ଏଗାର ବର୍ଷ । ଏଣୁ ମୃତ୍ୟୁ ପୂର୍ବରୁ ଶିବଲିଙ୍ଗ ସର୍ଜ ତାଙ୍କର ସମ୍ପର୍କୀୟ ବାଳକ ଗୁରୁଲିଙ୍ଗ ମଲ୍ଲସର୍ଜଙ୍କୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କରି ନେଇଥିଲେ । କାରଣ ତାଙ୍କୁ ନିଃସନ୍ତାନ ମନେ କରି ଯେପରି ଇଂରେଜମାନେ ତାଙ୍କର ରାଜ୍ୟ ନେଇ ନ ଯାଆନ୍ତି । ତଥାପି କିତୁରର ରାଜନୈତିକ ଏଜେଣ୍ଟ ଥ୍ୟାକରେ କେତେକ ସର୍ଦ୍ଦାରଙ୍କୁ ପଇସା ଲୋଭ ଦେଖାଇ ପ୍ରମାଣ କରିବାକୁ ଚାହିଁଲେ ଯେ ଶିବଲିଙ୍ଗ ମୃତ୍ୟୁ ପୂର୍ବରୁ ଗୁରୁଲିଙ୍ଗଙ୍କୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କରି ନ ଥିଲେ । ଚେନମ୍ମା ଦେଖିଲେ ଯେ ଇଂରେଜମାନଙ୍କ ଆଡୁ ରାଜ୍ୟ ପ୍ରତି ବିପଦ ମାଡି ଆସୁଛି । ଏଣୁ ସେ ପ୍ରଜାମାନଙ୍କ ମନରେ ବିଶ୍ୱାସ ଜନ୍ମାଇ ନିଜ ନାତିର ରାଜ୍ୟାଭିଷେକ ସମାରୋହ କରାଇ ନେଲେ । କିତୁରର ଦେଶଭକ୍ତ ସୈନିକଗଣ ଶସ୍ତ୍ର ଛୁଇଁ ପ୍ରତିଜ୍ଞା କଲେ ଯେ ରାଜ୍ୟର ସ୍ୱାଧୀନତା ସେମାନେ ନିଶ୍ଚୟ ରକ୍ଷା କରିବେ ।

ଏହା ଦେଖି ଥ୍ୟାକରେ ପ୍ରଚାର କରାଇ ଦେଲେ ଯେ ରାଣୀଙ୍କ ଦ୍ୱାରା ରାଜ୍ୟର ଖଜଣା ଲୁଟ କରାଯାଉଛି ଏବଂ ଏହି ବାହାନାରେ ସେ ରାଜ୍ୟର କୋଷାଗାରରେ ଇଂରେଜ ସୈନିକମାନଙ୍କୁ ପହରା ରଖାଇଦେଲେ । ରାଣୀଙ୍କ ମହଲରେ ମଧ୍ୟ ଇଷ୍ଟ ଇଣ୍ଡିଆ କମ୍ପାନୀର ଲୋକଙ୍କୁ ନିଯୁକ୍ତ କରାଗଲା । ସ୍ୱାଭିମାନୀ ରାଣୀ ଚେନମ୍ମାଙ୍କୁ ଏ ଅପମାନ ଅସହ୍ୟ ହେଲା । ସେ ଯୁଦ୍ଧ ପ୍ରସ୍ତୁତିରେ ଲାଗି ପଡିଲେ । ସର୍ଦ୍ଦାରଗଣ ଗଡ ରକ୍ଷା ପାଇଁ ପ୍ରସ୍ତୁତ ହୋଇଗଲେ । ସେନାଧ୍ୟକ୍ଷ ଷ୍ଟିଫେନ୍‌ସନ୍ ଓ ଇଲିୟଟ୍ ବନ୍ଦୀ ହେଲେ । ଇଂରେଜମାନେ ପରାଜୟ ସ୍ୱୀକାର କଲେ ।

ସେମାନେ ରାଣୀ ଚେନମ୍ମାଙ୍କୁ କଥାଦେଲେ ଯେ ଭବିଷ୍ୟତରେ ଆଉ କେବେ ଇଂରେଜମାନେ କିତୁର ଆକ୍ରମଣ କରିବେ ନାହିଁ । ତା ବଦଳରେ ସେନାଧ୍ୟକ୍ଷଙ୍କୁ ମୁକ୍ତି ଦିଆଯାଉ । କିନ୍ତୁ ଚତୁରତାର ସହ ସେମାନଙ୍କର ମୁକ୍ତି ପରେ ଇଂରେଜମାନେ ପୁଣିଥରେ କିତୁର ଦୁର୍ଗ ଆକ୍ରମଣ କଲେ ।

ସେହିବର୍ଷ ୩ ଡିସେମ୍ବରରେ ଅତି ଅପ୍ରତ୍ୟାଶିତ ଭାବରେ ଇଂରେଜମାନେ କିତୁର ଆକ୍ରମଣ କଲେ । ରାଣୀ ଚେନମ୍ମା ଓ ତାଙ୍କର ଗୁରୁ ସିଦ୍ଧପ୍ପା ଶେଷ ପର୍ଯ୍ୟନ୍ତ କିତୁର ଦୁର୍ଗ ରକ୍ଷା କଲେ କିନ୍ତୁ ଶେଷରେ ପରାଜିତ ହେଲେ । ରାଣୀ ଓ ତାଙ୍କର ପୁତ୍ରବଧୂ ଜାନକୀଙ୍କୁ ବେଲଗାଓଁ ଦୁର୍ଗରେ ନଜରବନ୍ଦୀ ଭାବରେ ରଖାଗଲା ଏବଂ ଜୋରଜବରଦସ୍ତି ତାଙ୍କର ଦସ୍ତଖତ କରାଇ ଇଂରେଜମାନେ କିତୁର ଅଧିକାର କରିନେଲେ ।

ଗୁରୁ ସିଦ୍ଧପ୍ପାଙ୍କ ନେତୃତ୍ୱରେ ରାଣୀ ଚେନମ୍ମାଙ୍କର ବିଶ୍ୱାସୀ ସୈନିକମାନେ ଜାନୁୟାରୀ ୧୮୨୯ରେ ପୁଣି ବିଦ୍ରୋହ କରି ବେଲଗାଓଁ ଦୁର୍ଗ ଅବରୋଧ କଲେ କିନ୍ତୁ ସଫଳ ହୋଇ ପାରିଲେ ନାହିଁ । ଏହାପରେ ରାଣୀ ଚେନମ୍ମାଙ୍କୁ ଧାରବାଡକୁ ସ୍ଥାନାନ୍ତରିତ କରାଗଲା । ସେହିବର୍ଷ ଜେଲରେ ୨ ଫେବୃୟାରୀରେ ରାଣୀଙ୍କର ମୃତ୍ୟୁ ହେଲା । ତାଙ୍କର ସ୍ମୃତିରେ ଭାରତ ସରକାର ୧୯୭୭ରେ ଏକ ଡାକଟିକଟ ପ୍ରଚଳନ କରିଥିଲେ ।

ଭାରତର ସ୍ୱାଧୀନତା ସଂଗ୍ରାମରେ ନାରୀମାନଙ୍କର ଏହି ବଳିଦାନ ଇତିହାସରେ ସ୍ମରଣୀୟ ହୋଇ ରହିବ ।

ପାଟଣାଗଡ଼,
ବଲାଙ୍ଗୀର ।

# ଶବ୍ଦ ସଂସ୍କାରଃ ଏକ ବିହଙ୍ଗାବଲୋକନ

ଡକ୍ଟର କେଶବଚନ୍ଦ୍ର ଦାଶ

ମୂଳଭାବନାର ସଷ୍ଟୀକରଣ ପାଇଁ ବିମୂର୍ତ୍ତ ଶବ୍ଦାବଳୀର ପ୍ରୟୋଗ ଅବଶ୍ୟକ । ସ୍ପଷ୍ଟତର ଶବ୍ଦବିନ୍ୟାସ ହିଁ ସ୍ପଷ୍ଟଚିନ୍ତାର ଦ୍ୟୋତକ । ନୂତନ ଶବ୍ଦନିର୍ମିତି ମଧ୍ୟ ଭାଷାର ଅଭିମୁଖ୍ୟରେ ଗୁରୁତ୍ୱ ସୃଷ୍ଟି କରେ । କାରଣ ଭାବନା ଓ ଶବ୍ଦ ଅବିଭକ୍ତ । ଏହି ଦୃଷ୍ଟିରୁ ବିଚାର କଲେ ପ୍ରତ୍ୟେକ ଭାଷାର ଏକ ନିର୍ମାଣଶୀଳ ପ୍ରବୃତ୍ତି ରହିଛି ବୋଲି ସ୍ୱୀକାର କରିବାକୁ ହୁଏ । କିନ୍ତୁ ଏହି ନିର୍ମାଣଶୀଳତାର ଗତି ଓ ବେଗ ସର୍ବତ୍ର ସମାନ ନ ଥାଏ । କାରଣ ପ୍ରୟୋଗିକତା, ରଚନାତ୍ମକ ପଦ୍ଧତି ଓ ମୂଳସ୍ରୋତ ଭାଷାର ନିର୍ମାଣଶୀଳ ପ୍ରବୃତ୍ତିରେ ବହୁ ନିୟନ୍ତ୍ରଣ ରଖିଥାଏ । ପୁନଶ୍ଚ ଭାଷିକମାନଙ୍କର ମନୋବୃତ୍ତି ମଧ୍ୟ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ଭାଷାର ରଚନାତ୍ମକ ପଦ୍ଧତି ଦୃଷ୍ଟିରୁ ବିଚାର କଲେ ପୃଥିବୀର ଚାରୋଟି ଭାଷା ସେମାନଙ୍କ ନିର୍ମାଣଶୀଳ ପ୍ରବୃତ୍ତିକୁ ଦ୍ରୁତ ବେଗ କରାଇଥିବାର ଲକ୍ଷ୍ୟ କରାଯାଏ । ସେଗୁଡିକ ହେଲେ ଭାରତର ସଂସ୍କୃତ ଭାଷା, ଉତ୍ତର–ପୂର୍ବାଞ୍ଚଳର ଚୀନ ଭାଷା ଏବଂ ପଶ୍ଚିମର ଲାଟିନ୍ ଓ ଗ୍ରୀକ୍ ଭାଷା । କିନ୍ତୁ ଅତ୍ୟନ୍ତ ନିର୍ମାଣଶୀଳ ଭାଷା ହିସାବରେ ସଂସ୍କୃତ ସର୍ବାଗ୍ରଗଣ୍ୟ । ଡକ୍ଟର ରଘୁବୀରଙ୍କ ଭାଷାରେ– Sanskrit is an all-India language. Its literature is also pan-Indian. x x There are few persons in our country who are capable to survey its field (୧୯୬୫ : Int.) ତାଙ୍କ ମତରେ ପ୍ରତ୍ୟେକ ଭାରତୀୟ ଭାଷାର ଭାଷାକୋଷକୁ ଦେଖିଲେ, ଜଣାପଡେ ଯେ, ଯଦି ସେଠାରେ ଏକଲକ୍ଷ ଶବ୍ଦର ସମାବେଶ ଘଟିଥାଏ, ତାହେଲେ ୭୦ରୁ ୮୦ ହଜାର ଶବ୍ଦରେ ସଂସ୍କୃତର ସ୍ପର୍ଶ ଅନୁଭୂତ ହୁଏ ।

ସଂସ୍କୃତର ନିର୍ମାଣଶୀଳ ପ୍ରବୃତ୍ତିରେ ମୁଖ୍ୟତଃ ୩ଟି ସାମଗ୍ରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ହେଲା– (୧) ଧାତୁ, (୨) ପ୍ରତ୍ୟୟ ଓ (୩) ଉପସର୍ଗ । ଏହାକୁ ଭିତ୍ତି କରି ଲକ୍ଷଲକ୍ଷ ଶବ୍ଦ ତିଆରି କରା ଯାଇପାରେ । ବର୍ତ୍ତମାନ ଭାରତୀୟ ଭାଷାଗୁଡିକରେ ପାରିଭାଷିକ ଶବ୍ଦ ନିର୍ମିତି ପାଇଁ ଏହି ସାମଗ୍ରୀକୁ ମୁଖ୍ୟରୂପେ ଗ୍ରହଣ କରାଯାଉଛି । ଏଥିପାଇଁ ଅବଶ୍ୟ କେତେକ ମୌଳିକ ନୀତିର ଅନୁସରଣ ହେଉଛି । ସଂସ୍କୃତ ଭାଷାର ସଂସ୍କାରକମାନଙ୍କ ମଧ୍ୟରେ "ପାଣିନି" ଏକ ଅପ୍ରତିଦ୍ୱନ୍ଦ୍ୱୀ ବ୍ୟକ୍ତିତ୍ୱ । ଭାରତୀୟ ଭାଷାତତ୍ତ୍ୱ ତଥା ଶବ୍ଦ ନିର୍ମାଣ ପଦ୍ଧତିରେ ତାଙ୍କ ଦୃଷ୍ଟିକୋଣ ଏବେ ମଧ୍ୟ ଅନୁସରଣୀୟ କୌଶଳ । ପାଣିନି ଶବ୍ଦନିର୍ମାଣ ପାଇଁ ମୁଖ୍ୟତଃ ୨୨୧୬ଟି ଧାତୁର ପରିଗଣନା କରିଛନ୍ତି ଏବଂ ଏସବୁର ଅର୍ଥକୁ ୬୪୯ ଭିତରେ ସୀମିତ ରଖିଛନ୍ତି । କିନ୍ତୁ ହିନ୍ଦି ପ୍ରଭୃତି ଭାରତୀୟ ଆର୍ଯ୍ୟଭାଷାର ପ୍ରାୟୋଗିକତାକୁ ଦୃଷ୍ଟିରେ ରଖି ଆଧୁନିକ ଭାଷାକୋଷଗୁଡିକରେ ପ୍ରଧାନ ରୂପେ ୫୨୦ଟି ଧାତୁ ଏବଂ ତଦ୍‌ଜନିତ ଶବ୍ଦର ସମାବେଶ ଘଟିଥିବାର ଲକ୍ଷ୍ୟ କରାଯାଏ । (ଏତଦ୍ ବ୍ୟତୀତ କେତେକ ନାମଧାତୁକୁ ମଧ୍ୟ ନିଆଯାଇଛି । ସଂସ୍କୃତର ନାମଧାତୁ ନିର୍ମାଣ ପଦ୍ଧତି ଏକ ମୁକ୍ତ ପଦ୍ଧତି ହୋଇଥିବାରୁ କେତେକ ମୁଖ୍ୟସ୍ଥଳକୁ ଛାଡି ଦେଲେ ଅନ୍ୟଗୁଡିକର ଭାଷାକୋଷରେ ସମାବେଶ ଘଟି ନ ଥାଏ । କାରଣ ଜଣେ ଅଭିଜ୍ଞ ଭାଷିକ ନିଜ ଇଚ୍ଛା ଅନୁସାରେ ଲକ୍ଷାଧିକ ନାମଧାତୁ ନିର୍ମାଣ କରିପାରିବ ।) ଏ ପରିପ୍ରେକ୍ଷୀରେ, ବର୍ତ୍ତମାନର ସିଦ୍ଧାନ୍ତ ଅନୁସାରେ ସଂସ୍କୃତରେ ବ୍ୟାବହାରିକ ଜ୍ଞାନ ଓ କଥାବାର୍ତ୍ତା ପାଇଁ ମାତ୍ର ୭୮ଟି ଧାତୁର ପ୍ରୟୋଗ ଜ୍ଞାନ ଯଥେଷ୍ଟ ।

ଏହିପରି ପ୍ରତ୍ୟୟ ମଧ୍ୟ ଶବ୍ଦ ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । କାରଣ କେବଳ ଧାତୁକୁ ନେଇ ପ୍ରୟୋଗସିଦ୍ଧ ହୁଏ ନାହିଁ । ସଂସ୍କୃତରେ ଶତାଧିକ ପ୍ରତ୍ୟୟର ବ୍ୟବସ୍ଥା ଥିଲେ ମଧ୍ୟ ଶବ୍ଦସଂସ୍କାର ପାଇଁ ୮୦ଟି ପ୍ରତ୍ୟୟକୁ ମୁଖ୍ୟ ରୂପେ ଗ୍ରହଣ କରିବା ଯଥେଷ୍ଟ ବୋଲି ଭାଷାକୋଷବିଦ୍‌ମାନଙ୍କର ମତ । ଏହି ପ୍ରତ୍ୟୟଗୁଡିକ କୌଣସି ରୂପେ ନୂତନ ନୁହନ୍ତି । ଏଗୁଡିକ ଭାଷାରେ ପ୍ରଚଳିତ ଶବ୍ଦାବଳୀର ପରିଚିତ ଅଂଶବିଶେଷ । ତେଣୁ, କୌଣସି ବ୍ୟକ୍ତି କେବଳ କେତେକ ପ୍ରୟୋଗ କୌଶଳ ସହିତ ପରିଚିତ ହେବା ଦରକାର ।

ଏତଦ୍ ବ୍ୟତୀତ ୨୦ ଉପସର୍ଗ ପ୍ରୟୋଗ ଶବ୍ଦନିର୍ମାଣ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଉପସର୍ଗଗୁଡିକ ମୂଳଭାବେ ଏବଂ

ସଂଯୁକ୍ତଭାବେ ବିଭିନ୍ନ ଅର୍ଥ ପ୍ରକାଶ କରନ୍ତି । ତାʼଛଡା କେତେକ ଶବ୍ଦରେ ଦୁଇ ଏବଂ ତତୋଽଧିକ ଉପସର୍ଗ ସଂଯୁକ୍ତଭାବେ ବ୍ୟବହୃତ ହେବାର ଦେଖାଯାଉଛି । ଏହି ସଂଯୁକ୍ତ ଉପସର୍ଗର ପ୍ରୟୋଗ ଅଠହଜାର (୮,୦୦୦) ଶବ୍ଦ ନିର୍ମାଣର ପରିସର । ବିଶେଷ ଭାବିବାର କଥାର ପ୍ରଚଳିତ ଶବ୍ଦାବଳୀକୁ ପ୍ରମାଣ ମିଳେ ଯେ ୩୪୦ ସ୍ଥଳରେ ସଂଯୁକ୍ତ ଉପସର୍ଗର ଆବଶ୍ୟକତା ଦେଖାଦେଇଛି । ସାମ୍ପ୍ରତିକ ଶବ୍ଦନିର୍ମାଣ ପ୍ରବୃତ୍ତିକୁ ଦୃଷ୍ଟିରେ ଦେଲେ ୧୦୫ଟି ମୁକ୍ତ ଓ ସଂଯୁକ୍ତ ଉପସର୍ଗକୁ ଗ୍ରହଣ କରିବାକୁ ପଡିବ । କିନ୍ତୁ ବର୍ତ୍ତମାନ ସଂସ୍କୃତରେ ବ୍ୟାବହାରିକ ସ୍ଥାନ ପାଇଁ ୬୯ଟି ଧାତୁ, ୮୦ଟି ପ୍ରତ୍ୟୟ ଏବଂ ୨୦ଟି ଉପସର୍ଗର ସ୍ଥାନ ହିଁ ପର୍ଯ୍ୟାପ୍ତ । ଉପସର୍ଗର ବ୍ୟବହାର ଏପରି ମୁକ୍ତ ଯେ ଏହାର ପ୍ରୟୋଗ କୌଶଳ ଧରେ ଜାଣିଗଲେ ଯେ କୌଣସି ବ୍ୟକ୍ତି ନୂତନ ଶବ୍ଦନିର୍ମାଣ କରିପାରିବ । ଉପସର୍ଗଗୁଡିକର ପ୍ରୟୋଗ ସଂଖ୍ୟା ବିଷୟରେ ଏକ ସାହିତ୍ୟିକ ସର୍ବେକ୍ଷଣରୁ ନିମ୍ନ ସୂଚନା ମିଳେ– (୧) ଅତି–୨୦୦, (୨) ଅଧି–୪୦୦, (୩) ଅନୁ–୧,୦୦୦, (୪) ଅପ–୧,୦୦୦, (୫) ଅପି (ପି)–୧୦୦, (୬) ଅଭି–୨,୦୦୦, (୭) ଅବ–୧,୦୦୦, (୮) ଆ–୩,୫୦୦, (୯) ଉତ୍–୨,୦୦୦, (୧୦) ଉପ–୨,୦୦୦, (୧୧) ଦୁସ୍–୮୦୦, (୧୨) ନି–୧,୦୦୦, (୧୩) ନିସ୍–୧,୦୦୦, (୧୪) ପରା–୧୫୦, (୧୫) ପରି–୨,୦୦୦,* (୧୬) ପ୍ର–୩,୫୦୦, (୧୭) ପ୍ରତି–୧,୫୦୦, (୧୮) ବି–୫,୦୦୦, (୧୯) ସମ୍–୨,୦୦୦, (୨୦) ସୁ–୩,୦୦୦ ।

ସଂସ୍କୃତ ସାହିତ୍ୟରେ ଉପସର୍ଗକୁ ଭିତ୍ତିକରି ଏକ ବିରାଟ ଶବ୍ଦସମ୍ଭାର ଗଢି ଉଠିଥିବାର ଲକ୍ଷ୍ୟ କରାଯାଏ । ବସ୍ତୁତଃ ଯେ କୌଣସି ଭାରତୀୟ ଭାଷାକୁ ସମୃଦ୍ଧ କରିବାକୁ ହେଲେ ୨୦ଟି ଉପସର୍ଗ, ୫୨୦ଟି ଧାତୁ ଓ ୮୦ ପ୍ରତ୍ୟୟକୁ ନେଇ ବହୁମୁଖୀ କରାଇବାକୁ ପଡିବ । ଅନୁବାଦ କ୍ଷେତ୍ରରେ ଏ ପଦ୍ଧତି ଅତ୍ୟନ୍ତ ଉପାଦେୟ । ଉଦାହରଣ ସ୍ୱରୂପ ଇଂରାଜୀର ଉପସର୍ଗ ବାହୁଲ୍ୟକୁ ୨୦ଟି ଉପସର୍ଗ ଭିତରେ ଆବଦ୍ଧ କରାଯାଇ ମୁକ୍ତ ଓ ସଂଯୁକ୍ତ ଉପସର୍ଗ ମାଧ୍ୟମରେ ପ୍ରକାଶ କରାଯାଇ ପାରିବ– Peri-meter = ପରି – ମାପ । Ex-pepsia = ସୁ–ପଚନ । Dys-pnea = (ଦୁସ୍) ଦୁଃଶ୍ୱସନ ଇତ୍ୟାଦି । ସେହିପରି ଯେଉଁଠାରେ ଗୋଟିଏ ଶବ୍ଦର ବୈବିଧ୍ୟ ଦେଖାଯାଏ ସେଠାରେ ପ୍ରତ୍ୟୟର ସାହାଯ୍ୟ ନିଆଯାଇ ପାରେ–

acid = ଅମ୍ଳ
acidic = ଅମ୍ଳିକ
acidiant = ଅମ୍ଳକର
acidification = ଅମ୍ଳୀକରଣ ବା ଅମ୍ଳନ
acidifier = ଅମ୍ଳକ ।

ଏ ପରିପ୍ରେକ୍ଷୀରେ ଓଡିଆ ଶବ୍ଦଭଣ୍ଡାରର ସମୃଦ୍ଧି ନିମିତ୍ତ ସଂସ୍କୃତରେ ଥିବା ବିଶିଷ୍ଟ ପଦ୍ଧତିଗୁଡିକର ଆଶ୍ରୟ ନିଆଯାଇପାରେ । ତାʼଛଡା ସଂସ୍କୃତ ଅଧ୍ୟୟନକୁ ଆଧୁନିକ ରୀତି ଓ ବୈଜ୍ଞାନିକ ପଦ୍ଧତିରେ ଗ୍ରହଣ କରି ସଙ୍ଗଣକ (କମ୍ପ୍ୟୁଟର) ମାଧ୍ୟମରେ ସଂସ୍କୃତର ବହୁମୁଖୀ ଦିଗଗୁଡିକର ଉପଯୋଗ କରାଗଲେ ଓଡିଆ ଭାଷା ସମୃଦ୍ଧ ହେବ ।

ପ୍ରାଧ୍ୟାପକ, ଦର୍ଶନ ବିଭାଗ,
ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ,
ଶ୍ରୀବିହାର, ପୁରୀ–୭୫୨୦୦୨ ।



# ସ୍ୱାଧୀନତା ଆନ୍ଦୋଳନ ଓ କୃଷ୍ଣକାମିନୀ ଦେବୀ

ଡଃ ରାଜେନ୍ଦ୍ର ରାହୁ

ଓଡ଼ିଶାର ଜାତୀୟ ଜନଜୀବନ ସହିତ ଯେଉଁ ନାରୀମାନେ ସମ୍ପୃକ୍ତ ରହି ଜାତୀୟ ଆନ୍ଦୋଳନରେ ଯୋଗ ଦେଇଥିଲେ ସେମାନଙ୍କ ମଧ୍ୟରୁ ଶ୍ରୀମତୀ କୃଷ୍ଣକାମିନୀ ଦେବୀ ଅନ୍ୟତମ । ଯେଉଁ ସମୟରେ ପୁରୁଷ ଶାସିତ ଏ ସମାଜରେ ନାରୀର ଅଧିକାର ସୀମା ଅତ୍ୟନ୍ତ ସଙ୍କୁଚିତ ଥିଲା, ସେହି ସମୟରେ ସ୍ୱାମୀଙ୍କ ଆଶାତୀତ ପ୍ରେରଣା ପାଇ ସେ ତତ୍କାଳୀନ ସମାଜର ସମସ୍ତ ବ୍ୟଙ୍ଗ ବିଦ୍ରୂପକୁ ଉପେକ୍ଷା କରି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ ।

୧୯୦୧ ଜୁନ୍ ୨ର ତାରିଖରେ ଯାଜପୁର ଅନ୍ତର୍ଗତ ବଡ଼ିକୁଳ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଭାବଗ୍ରାହୀ ଦାସ । ପିତା ମାତାଙ୍କର ସମସ୍ତ ସ୍ନେହ ପାଇଥିବା ଝିଅଟିର ବିବାହ ବାଉଁଶବାଡ଼ିର ଡାକ୍ତର ସୁବୋଧ ଦାସଙ୍କ ସହ ହେବା ପରେ ଜାତୀୟ ଆନ୍ଦୋଳନରେ ଯୋଗ ଦେବା ପାଇଁ ତାଙ୍କୁ ସୁବର୍ଣ୍ଣ ସୁଯୋଗ ମିଳିଥିଲା । ପତିଙ୍କର ସମାଜ ସେବା ତଥା ଜାତୀୟ ଆନ୍ଦୋଳନରେ ଯୋଗଦାନ ତାଙ୍କୁ ପର୍ଦ୍ଦାର ଅନ୍ତରାଳରୁ ଆସିବା ପାଇଁ ପ୍ରେରଣା ଦେଲା କିନ୍ତୁ ରକ୍ଷଣଶୀଳତାର ବାଡ଼ ଡେଇଁ ଆସିବା ତାଙ୍କ ପକ୍ଷେ କଷ୍ଟକର ହୋଇଥିଲା । କାରଣ ତତ୍କାଳୀନ ସମୟରେ ନାରୀମାନେ କଂଗ୍ରେସରେ ଯୋଗ ଦେବା ଏତେ ସହଜ ନଥିଲା । ଅପାଠୋଈ ତଥା ସାମାଜିକ କୁସଂସ୍କାରର ନିଗୂଢ଼ ବନ୍ଧନରେ ଆବଦ୍ଧ ଥିବା ଶାଶୁମାନଙ୍କ କବଳରୁ ମୁକ୍ତ ହେବା ଯେତେ କଷ୍ଟ ତାହାଠୁ ଅଧିକ କଷ୍ଟ ଥିଲା ତତ୍କାଳୀନ ସମାଜର ବ୍ୟଙ୍ଗ ବିଦ୍ରୁପ । ବାପୁଜୀଙ୍କ ଆହ୍ୱାନ ତଥା ସାରା ଭାରତରେ ଭାରତୀୟ ନାରୀଙ୍କୁ ପ୍ରେରଣା ଦେଇଛି ସତ କିନ୍ତୁ ଇଂରେଜୀ ସରକାରର ଅକଥନୀୟ ଅତ୍ୟାଚାରକୁ ଓଡ଼ିଆ ନାରୀ କିପରି ଆଦରି ନେବ ସେଇଆ ଥିଲା ପ୍ରଧାନ ଚିନ୍ତାର ବିଷୟ । କିନ୍ତୁ ଏ ଦେଶ ପାଇଁ କିଛି କରିବାକୁ ହେଲେ ଆତ୍ମତ୍ୟାଗ ନିହାତି ଦରକାର, ଏଇ କଥାକୁ ହୃଦୟଙ୍ଗମ କରି କୃଷ୍ଣକାମିନୀ ଦେବୀ ହାତରେ ପତାକା ନେଇ ଆଗେଇ ଆସିଥିଲେ । ବାପୁଜୀଙ୍କ ଆହ୍ୱାନ ଓ ରମା ଦେବୀଙ୍କ ଯୋଗଦାନ ତାଙ୍କ ହୃଦୟରେ ଚିନ୍ତା ଓ ଚେତନା ଜାଗ୍ରତ କରିଥିଲା ।

ରମା ଦେବୀ, ଅନ୍ନପୂର୍ଣ୍ଣା ମହାରଣା, ମାଳତୀ ଚୌଧୁରୀ, ସରଳା ଦେବୀ, ଗୋଦାବରୀ ଦେବୀଙ୍କ ପରି ଚିର ସ୍ମରଣୀୟା ନାରୀ ନେତ୍ରୀମାନଙ୍କ ସହ ହାତକୁ ହାତ ମିଶାଇ ସେ ବି ମୁକ୍ତ କଣ୍ଠରେ ଗାଇ ଉଠିଲେ :

"ସଫଳ ଜନମ.....ସଫଳ ଜନମ
ମୁଁ ପରା ଭାରତ ରମଣୀ
ମୋ ତ୍ୟାଗ ପୁଣ୍ୟ ସହିଷ୍ଣୁତା ଗୁଣେ
ମୋହିବି ନିଖିଳ ଧରଣୀ" ।

କୁନ୍ତଳା କୁମାରୀଙ୍କ ଆହ୍ୱାନ ଓଡ଼ିଆ ନାରୀର ହୃଦୟରେ ନୂତନ ସ୍ପନ୍ଦନ ସୃଷ୍ଟିକଲା । ସେଇ ସ୍ପନ୍ଦନ ଇଂରେଜୀ ସରକାରକୁ ବ୍ୟତିବ୍ୟସ୍ତ କଲା । କୃଷ୍ଣକାମିନୀ ଦେବୀ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସଭା ସମିତି କଲେ । ପତାକା ଉତ୍ତୋଳନ କଲେ । ନିଶା ନିବାରଣ ପାଇଁ ଆପ୍ରାଣ ଚେଷ୍ଟା କରି ବିଭିନ୍ନ ସ୍ଥାନରେ ପିକେଟିଂ କଲେ । ସାଧାରଣ ପରିବାରର ଏଇ ଅସାଧାରଣ ମହିଳା ସ୍ୱୀୟ ଶକ୍ତି ବଳରେ ଏପରି ଆନ୍ଦୋଳନ କଲେ ଯେ ଇଂରେଜୀ ସରକାର ତାଙ୍କୁ ବନ୍ଦୀ କରିବାକୁ ବାଧ୍ୟ ହେଲେ । କଟକ ଜେଲ୍‌ରେ ୧୧ ମାସ ରହି ମଧ୍ୟ ସେ ଭାଙ୍ଗି ପଡ଼ିଲେ ନାହିଁ । ଭାରତ ଜନନୀକୁ ମୁକ୍ତ କରିବା ପାଇଁ ସମସ୍ତ କଷ୍ଟକୁ ସେ ହସି ହସି ସ୍ୱୀକାର କଲେ । ଜେଲ୍‌ର ରୁଦ୍ଧ କୋଠରୀ ଭିତରେ ରହି ଅଖାଦ୍ୟ ଖାଇ ସମସ୍ତ ଶ୍ରମ ସ୍ୱୀକାର କରିଥିବା ଏଇ ମହିଳା ଜଣକ ସେଠାରେ ବି ଚୁପ୍ ହୋଇ ବସି ନଥିଲେ । ଜେଲ୍ ଭିତରେ ଥିବା ଅନ୍ୟାନ୍ୟ ମହିଳାମାନଙ୍କ ହୃଦୟରେ ଜାତୀୟ ଭାବନା ଜାଗ୍ରତ କରିଥିଲେ ।

ଲବଣ ସତ୍ୟାଗ୍ରହ ପରେ କଂଗ୍ରେସ ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ମନ ଦେଲା । ଏଣୁ ଅସ୍ପୃଶ୍ୟତା ନିବାରଣ ତଥା ଅବହେଳିତ ଜାତିର ଉତ୍ଥାନ୍ ପାଇଁ ସେ ବି ମନ ଦେଲେ । ରମା ଦେବୀ ଗାଁ ଗାଁ ବୁଲି ଅସ୍ପୃଶ୍ୟମାନଙ୍କର ସେବା କଲାବେଳେ କାମିନୀ ଦେବୀ ବି ସାଙ୍ଗରେ ଗଲେ । ସେମାନଙ୍କ ଗହଣରେ ରହି ସେମାନଙ୍କ ସେବା କରି ସେ ଦିନ କାଟିଲା ବେଳେ ହଠାତ୍ ୧୯୩୫ ମସିହାରେ ତାଙ୍କୁ କଲିକତା ଯିବାକୁ ପଡ଼ିଲା । କାରଣ କଲିକତାରେ ଅସଂଖ୍ୟ ଓଡ଼ିଆ ଥିଲେ । କଲିକତାରେ ଥିବା ଅଗଣିତ ଓଡ଼ିଆ ଶ୍ରମିକର ସାମୂହିକ ଉନ୍ନତି ପାଇଁ ଗୋପବନ୍ଧୁ ଚିନ୍ତା କରି ଓଡ଼ିଶାରୁ ବଛା ବଛା ନେତାଙ୍କୁ ପଠାଇଲେ । ସେମାନଙ୍କ ମଧ୍ୟରୁ ସୁବୋଧ ବାବୁ ଅନ୍ୟତମ । କାରଣ ସେ ଡାକ୍ତର ଥିଲେ । ରୋଗୀଙ୍କୁ ସେବା କରିବା ସହ ସେମାନଙ୍କୁ ଏକଜୁଟ୍ କରି ଜାତୀୟ ଆନ୍ଦୋଳନରେ ସାମିଲ କରାଇବା ଭଳି ମହାନ୍ ଦାୟିତ୍ୱକୁ ହାତରେ ନେଇ ସୁବୋଧ ବାବୁ ଯେତେବେଳେ କଲିକତା ବାହାରିଲେ ସେତିକିବେଳେ କାମିନୀ ଦେବୀ ବି ଗଲେ ।

ସେହି ସମୟରେ କଲିକତାରେ ଜାତୀୟ ଆନ୍ଦୋଳନ ଜୋରସୋରରେ ଚାଲିଥାଏ । ଅନେକ ବଙ୍ଗୀୟ ରମଣୀ ଅସ୍ତ୍ର ଧରି ଇଂରେଜୀ ବିରୁଦ୍ଧରେ ଲଢ଼ିଥିଲେ । ସେମାନଙ୍କ ମଧ୍ୟରୁ ବନଲତା ସେନ, ପ୍ରତିଭା ରାୟ ଓ ଯମୁନା ଦେବୀଙ୍କ ସହ କୃଷ୍ଣକାମିନୀ ଦେବୀ ଖୁବ୍ ସତର୍କତା ସହ ଗୁପ୍ତ ସମ୍ପର୍କ ରଖୁଥିଲେ । ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ସହ ବି ସେ ସମ୍ପର୍କ ରଖୁଥିଲେ । ଗୁପ୍ତ ଭାବରେ ଜାତୀୟ ଆନ୍ଦୋଳନରେ ଯୋଗ ଦେଇ ଜଣେ ଓଡ଼ିଆ ବୋହୂ ବଙ୍ଗର ନାରୀ ନେତ୍ରୀମାନଙ୍କ ସହ ଯେଉଁ ବିବିଧ ସମ୍ପର୍କ ସେଠାରେ ରଖୁଥିଲେ ତାହା ସବୁଠୁ ବଡ଼ ବିସ୍ମୟର କଥା ।

ସେଠାରେ ଓଡ଼ିଆ ଜାତିର ସାମୂହିକ ଉନ୍ନତି ତଥା ଓଡ଼ିଆ ଭାଷାର ପରିପ୍ରତିଷ୍ଠା ପାଇଁ ସେ ଅପ୍ରାଣ ଚେଷ୍ଟା କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ କଲିକତା ବେତାର କେନ୍ଦ୍ରରୁ ଓଡ଼ିଆ କାର୍ଯ୍ୟକ୍ରମ ପ୍ରସାର କରିଥିଲେ ଯାହାକି ତତ୍କାଳୀନ ସମୟରେ ଏକ ଆଲୋଚ୍ୟ ବିଷୟ ହୋଇଥିଲା । "ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ଭାଷା ନୁହେଁ" କହୁଥିବା ବଙ୍ଗାଳୀମାନେ ମଧ୍ୟ ଓଡ଼ିଆ କାର୍ଯ୍ୟକ୍ରମ ଶୁଣିବାକୁ ବାଧ୍ୟ ହେଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଯେତେବେଳେ ଘନେଇ ଉଠିଲା ତଥା ଭାରତ ସ୍ୱାଧୀନ ହେବାର ଆଶା ଦେଖାଗଲା ସେତିକିବେଳେ କୃଷ୍ଣକାମିନୀ ଦେବୀ ନିଜ ଜନ୍ମ ଭୂମିକୁ ଫେରି ଆସିଲେ । ୧୯୩୭ ମସିହାରୁ ୧୯୬୪ ମସିହାଯାଏଁ ସେ କଲିକତାରେ ଯେଉଁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ସେ କଥା ଆଜିର ଇତିହାସ କହିବାକୁ ମୂକ ହେଲେ ବି ଆଗାମୀ ଦିନର ଇତିହାସ ତାଙ୍କୁ ଛାଡ଼ି ସମ୍ପୂର୍ଣ୍ଣ ହୋଇ ପାରେନା ।

ଏ ଜାତି ପାଇଁ ଅନେକ କାମ କରିଥିବା ଏଇ ମହିଳା ଜଣକ ଆଜି ବି ସବୁଠି ସମ୍ମାନିତା । ସବୁଠି ଆଜି ବି ସେ ନେତୃତ୍ୱ ଓ ମାତୃତ୍ୱର ମୂର୍ତ୍ତିମତୀ ମାଆଟିଏ ତଥା ସମସ୍ତଙ୍କର ଆଦରଣୀୟ ମାଆ ।

କଣ୍ଟେଇପଲ୍ଲୀ ବିଦ୍ୟୁତ୍ କଲୋନୀ,
ପୋ: ଅ: ବଡ଼ଘଡ଼ା, ଭାୟା: ଗୋବରା,
ଜିଲ୍ଲା: ଗଞ୍ଜାମ ।



# ଓଡ଼ିଶାରେ ରେଶମ ଚାଷ

ଶ୍ରୀ ବ୍ରଜକିଶୋର ନାୟକ    ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି    ଅଧ୍ୟାପକ ନକୁଳାନନ୍ଦ ମହାନ୍ତି

ବର୍ତ୍ତମାନର ସୌଖିନ ଯୁଗରେ ମନୁଷ୍ୟ ଖାଦ୍ୟ ଓ ବାସଗୃହକୁ ବାଦ ଦେଲେ ପୋଷାକ ପ୍ରତି ବିଶେଷ ଭାବରେ ଆକୃଷ୍ଟ ହେବାର ଦେଖାଯାଏ । ଆଶ୍ଚର୍ଯ୍ୟର କଥା ହେଲା ଯେ ଦୈନନ୍ଦିନ ଜୀବନରେ ମନୁଷ୍ୟ ସୂତା, ଟେରିଲିନ୍, ଟେରିକଟନ୍, ଟେରିଉଲ୍, ପଲିଷ୍ଟର୍ ତଥା ଶୀତ ଦିନରେ ଉଲ୍ ପରି ଗରମ ପୋଷାକ ବ୍ୟବହାର କରିବାର ଆମ ନଜରକୁ ଆସିଥାଏ । ସିନ୍ଥେଟିକ୍ (Synthetic) ପୋଷାକ ଅପେକ୍ଷା ପ୍ରାକୃତିକ ଉପାୟରେ ମିଳୁଥିବା ସୂତାରୁ ତିଆରି ପୋଷାକ ପାଇଁ ମନୁଷ୍ୟ ବଡ଼ ଆଗ୍ରହୀ ହୋଇଥାଏ; କାରଣ ସିନ୍ଥେଟିକ୍ ଦେହ ପ୍ରତି କେତେକ ପରିମାଣରେ କ୍ଷତିକାରକ ହୋଇଥାଏ । ଆଉ ଯେତେ ପ୍ରକାର ପ୍ରାକୃତିକ ପଦାର୍ଥରୁ ପୋଷାକ ତିଆରି କରାଯାଇଥାଏ, ତନ୍ମଧ୍ୟରେ ରେଶମ ବା ସିଲ୍କ (Silk)ର ସ୍ଥାନ ଅଦ୍ୱିତୀୟ । ମନରେ ଅନେକଙ୍କ ଧାରଣା ହେଉଥିବ କପାରୁ ତୁଳା ମିଳୁଥିବା ପରି ରେଶମ ମଧ୍ୟ ଗୋଟିଏ ଗଛରୁ ମିଳିଥାଏ । କିନ୍ତୁ ତାହା ଠିକ୍ ନୁହେଁ । ସିନ୍ଥେଟିକ୍‌କୁ ବାଦ ଦେଲେ ମନୁଷ୍ୟ ଦୁଇଟି ପ୍ରାଣୀର ସୂତା ବା ଲୋମକୁ ପୋଷାକ ପାଇଁ ବ୍ୟବହାର କରିଥାଏ — ଗୋଟିଏ ହେଲା ରେଶମ ଓ ଅନ୍ୟଟି ଉଲ୍ । ଉଲ୍ ସାଧାରଣ ପ୍ରାଣୀର ଲୋମରୁ ତିଆରି ହୋଇଥାଏ, କିନ୍ତୁ ରେଶମ ଗୋଟିଏ ପ୍ରକାର କୀଟ ଦ୍ୱାରା ସୃଷ୍ଟି ହୋଇଥାଏ । ରେଶମ ପୋକଟି ଛୋଟ ହେଲେ ମଧ୍ୟ ପୋଷାକ ରାଜ୍ୟରେ ରେଶମ ପୋଷାକର ସମକକ୍ଷ ଆଜି ପର୍ଯ୍ୟନ୍ତ କେହି ହୋଇପାରି ନାହାନ୍ତି । ତାର କାରଣ ହେଲା, ରେଶମ ପୋଷାକର ଦୀର୍ଘସ୍ଥାୟୀ ଗୁଣ ଓ ଆଭିଜାତ୍ୟସମ୍ପନ୍ନ ମସୃଣତା ।

## ରେଶମର ପ୍ରକାର ଭେଦ (Types of Silk)

ଏବେ ଦେଖାଯାଉ ରେଶମ ଜିନିଷଟି ବାସ୍ତବରେ କଅଣ ଓ କିପରି ମିଳିଥାଏ । ରେଶମ ସିଲ୍କ ସୂତା ହିଁ ରେଶମ ପୋକର ଲାଳ । ଏହି ଲାଳକୁ ସେ ଝରାଇ ତା ଚାରିପଟେ ଗୋଟିଏ ଆବରଣ କରିଥାଏ, ଯାହାକୁ କୁହାଯାଏ କୋଷା (Cocoon) । ଏହି କୋଷାରୁ ବିଭିନ୍ନ ଉପାୟରେ ଲମ୍ବା ସୂତା ସଂଗ୍ରହ କରାଯାଏ । ରେଶମ ସାଧାରଣତଃ ଚାରି ପ୍ରକାରର —, ମଲ୍‌ବେରୀ (Mulberry), ଟସର (Tasar), ଇରି (Eri) ଓ ମୁଗା (Muga) । ଓଡ଼ିଶାରେ ଏହାକୁ ଯଥାକ୍ରମେ ପାଟ, ମଠା, ଏଣ୍ଡି ଓ ମୁଗା ବୋଲି କୁହାଯାଏ । ପୃଥିବୀରେ ଭାରତ ହେଉଛି ଏକମାତ୍ର ରାଷ୍ଟ୍ର, ଯେଉଁଠାରେ ଏହି ଚାରି ପ୍ରକାର ରେଶମ ଉତ୍ପାଦିତ ହୋଇଥାଏ । ପାଟ ରେଶମ କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ କାଶ୍ମୀରରେ ବହୁତ ପରିମାଣରେ ଉତ୍ପାଦିତ ହୋଇଥାଏ । ସେହିପରି ବିହାର, ଓଡ଼ିଶା, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ଗୁଜୁରାଟରେ ମଠା ରେଶମ; ରାଜସ୍ଥାନ, ଆସାମ ଓ ଓଡ଼ିଶାରେ ଏଣ୍ଡି ରେଶମ ଓ କେବଳ ଆସାମରେ ହିଁ ମୁଗା ରେଶମ ଉତ୍ପାଦିତ ହୁଏ । ପ୍ରଚୁର କର୍ମସଂସ୍ଥାନ ଓ ରୋଜଗାର ଯୋଗାଇ ପାରୁଥିବାରୁ ରେଶମ ଶିଳ୍ପ ଆସ୍ତେ ଆସ୍ତେ ଅନ୍ୟ ରାଜ୍ୟମାନଙ୍କୁ ମଧ୍ୟ ପ୍ରସାରିତ ହେଉଛି ।

## କୃଷି ଭିତ୍ତିକ କୁଟୀର ଶିଳ୍ପ ହିସାବରେ ରେଶମ (Silk an agricultural Cottage Industry)

ଭାରତ ଏକ କୃଷି ପ୍ରଧାନ ଦେଶ । ଏହାର ଅଧିକାଂଶ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି । କେବଳ କୃଷି ଉପରେ ନିର୍ଭର କରୁଥିବାରୁ ଏମାନେ ଅତ୍ୟନ୍ତ ଦାରିଦ୍ର୍ୟ ଭିତରେ ଅଛନ୍ତି । ଆଦିବାସୀ, ହରିଜନ ଓ ଦିନ ମଜୁରିଆମାନଙ୍କ ଅବସ୍ଥା ବାସ୍ତବରେ ଆହୁରି ଶୋଚନୀୟ । ରେଶମ ଉତ୍ପାଦନ ଏକ ଲାଭଜନକ କୃଷି ଭିତ୍ତିକ ଶିଳ୍ପ (Agricultural Industry) ଏବଂ ବିଶେଷ କରି ଏକ କ୍ଷୁଦ୍ର କୁଟୀର ଶିଳ୍ପର ଅନ୍ତର୍ଭୁକ୍ତ । ଚାଷ କାର୍ଯ୍ୟ ସହିତ ରେଶମ ଚାଷ ଅତି ସଫଳତାର ସହିତ କରାଯାଇ ପାରୁଥିବାରୁ ଗ୍ରାମାଞ୍ଚଳ ଗରିବମାନଙ୍କ ଅର୍ଥନୈତିକ ମାନଦଣ୍ଡର ଉନ୍ନତି କଳ୍ପେ ରେଶମ ଚାଷକୁ ଲୋକପ୍ରିୟ କରିବା ପାଇଁ ସମସ୍ତ ଚେଷ୍ଟା କରାଯାଉଅଛି ।

ବର୍ତ୍ତମାନ ଭାରତ ବର୍ଷର ୫୭୬ ହଜାର ଗ୍ରାମ ମଧ୍ୟରୁ ପ୍ରାୟ ୪୦ ହଜାର ଗ୍ରାମରେ ୫୦ ଲକ୍ଷ ଲୋକ ରେଶମ ଚାଷ କରୁଛନ୍ତି । ଚାଷବନ୍ଦୀ ସମୟରେ ରେଶମ ଚାଷ କରାଯାଉଥିବା ସ୍ଥଳେ ବେକାର ସମୟରେ ରେଶମ ସୂତାକଟା, ରେଶମ ଲୁଗାବୁଣା ଓ ରେଶମ ବ୍ୟବସାୟ କରାଯାଉଅଛି । ରେଶମ ଚାଷ ପାଇଁ ବିଶେଷ କିଛି ବୈଷୟିକ ଜ୍ଞାନ କୌଶଳର ଆବଶ୍ୟକତା ନାହିଁ ବା ବେଶୀ ମୂଳଧନ ଅଥବା ବିଜୁଳି ଶକ୍ତିର ଆବଶ୍ୟକତା ନାହିଁ । ଏଣୁ ଯେ କୌଣସି ଦୁର୍ଗମ ଅଞ୍ଚଳରେ ଏହି ଚାଷ ସଫଳତାର ସହ କରାଯାଇ ପାରିବ । ଟସର୍ ଚାଷ ମୁଖ୍ୟତଃ ଏକ ଜଙ୍ଗଲ ଭିତ୍ତିକ ଚାଷ । ଏର ଚାଷ କେବଳ ଏକମାତ୍ର କୃଷି ଶିଳ୍ପ ଯେଉଁଥିରେ କି ଅରଣ୍ୟ ନିବାସୀ ଆଦିବାସୀ (Tribals)ଙ୍କୁ ତାର ପରିଶ୍ରମ ବ୍ୟତୀତ କାଣି କଉଡ଼ିଟିଏ ବି ଖର୍ଚ୍ଚ କରିବାକୁ ପଡ଼େନାହିଁ ।

ପ୍ରମ କଟକରେ ଯେ ପାଉଥାଏ ପ୍ରଚୁର ଲାଭ । ବର୍ତ୍ତମାନ ଆମ ଦେଶରେ ୩୦ ଲକ୍ଷ ଓ ଆମ ରାଜ୍ୟରେ ୩୫ ହଜାର ଆଦିବାସୀ ପରିବାର ଟସର ଚାଷ ଦ୍ୱାରା ଉପକୃତ ହେଉଛନ୍ତି । ଟସର ଚାଷ ଏକ ପାରିବାରିକ ଚାଷ ହୋଇଥିବାରୁ ପରିବାରର ଅବାଳ ବୃଦ୍ଧ ବନିତା କିଛି ରୋଜଗାର କରିବାକୁ ସକ୍ଷମ ହୋଇଥାଆନ୍ତି । ଓଡ଼ିଶାରେ ତୁତ ଚାଷର ପ୍ରଚାର ଫଳରେ ପ୍ରାୟ ୩୦ ହଜାର କୃଷକ ତୁତ ଚାଷ ପାଇଁ ଆଗେଇ ଆସିଛନ୍ତି ଓ ଏହା ଦିନକୁ ଦିନ ଲୋକପ୍ରିୟ ହେବାରେ ଲାଗିଛି । ଆମ ଓଡ଼ିଶାରେ ୫ ହଜାର ପରିବାର ଲୋକ ଏରି ଚାଷ କରି ଉପକୃତ ହୋଇଥାନ୍ତି ।

## ଟସର ପୋକର ଜୀବନୀ (Life cycle of Silk Worm)

ଟସର କିଭଳି ପ୍ରକୃତରେ କ'ଣ ଓ କିପରି ହୋଇଥାଏ ଆଲୋଚନା କରିବା ପୂର୍ବରୁ ଏ ପୋକ ବିଷୟରେ କିଛି ଜାଣିବା ଅତ୍ୟନ୍ତ ଦରକାର । ଓଡ଼ିଶାରେ ଦୁଇ ପ୍ରକାର ଟସର ପୋକ ଦେଖାଯାଏ – ଗୋଟିଏ ହେଲା ଆନ୍ଥେରିଆ ମାଇଲିଟା (Antheraea Mylitta) ଓ ଅନ୍ୟଟି ହେଲା ଆନ୍ଥେରିଆ ପାଫିଆ (Antheraea Paphia) । ପାଫିଆ ଟସର କୋଷାରୁ ମାଇଲିଟା ଟସର ଅପେକ୍ଷା ୩ ଗୁଣ ଅଧିକ ଟସର ସୂତା ବାହାରିଥାଏ । ମାଇଲିଟା ମାତ୍ର ଅଞ୍ଚଳ ନିମ୍ନ ଉଚ୍ଚତାରେ ଅସନ ଓ ଅର୍ଜ୍ଜୁନ ଗଛରେ ପାଳନ କରାଯିବା ସ୍ଥଳେ ପାଫିଆ ଘୋର ଜଙ୍ଗଲ ମଧ୍ୟରେ ଶାଳ ଗଛରେ ଆପେ ଆପେ ବଢ଼ିଥାଏ । ଡାବା ଓ ସୁକିନ୍ଦା ନାମରେ ମାଇଲିଟାର ଦୁଇଟି ଜାତି ଅଛି । ବର୍ଷା (ଜୁନ୍–ଜୁଲାଇ), ଶରତ (ଅଗଷ୍ଟ–ସେପ୍ଟେମ୍ବର), ଶୀତ (ଅକ୍ଟୋବର–ନଭେମ୍ବର) ଋତୁରେ ମାଇଲିଟା ଟସର ଚାଷ ବର୍ଷକୁ ୩ ଥର କରାଯାଇ ପାରେ । କିନ୍ତୁ ପାଫିଆ ଟସର କେବଳ ବର୍ଷା ଋତୁରେ ମାତ୍ର ଜଙ୍ଗଲ ମଧ୍ୟରେ ହୋଇଥାଏ । ସମତଳ ଜଙ୍ଗଲରେ ଶରତ ଋତୁରେ ମଧ୍ୟ ପାଫିଆ ଟସର ଚାଷ ଅସନ, ଅର୍ଜ୍ଜୁନ ଗଛରେ କରାଯାଇ ପାରେ । ଏହାକୁ "ବୋଗେଇ–ଟସର" (Bogai tasar) କୁହାଯାଏ । ବୋଗେଇ ଟସର କୋଷାରୁ ଡାବା ଓ ସୁକିନ୍ଦା ଟସର ଅପେକ୍ଷା ଦେଢ଼ଗୁଣ ଅଧିକ ଟସର ସୂତା ବାହାରିଥାଏ ଏଣୁ ଚାଷୀମାନେ ବୋଗେଇ ଚାଷ କରିବାକୁ ଅତି ଆଗ୍ରହ ପ୍ରକାଶ କରିଥାଆନ୍ତି । କିନ୍ତୁ ଜଙ୍ଗଲ ପାଫିଆ ଟସର ଦିନକୁ ଦିନ କମି ଯାଉଥିବାରୁ ବୋଗେଇ ଟସର ଚାଷ ପାଇଁ ଏହାର ବିହନ ଆବଶ୍ୟକ ପରିମାଣରେ ମିଳିପାରୁ ନାହିଁ ।

ବିହନ ଟସର କୋଷାରୁ ବର୍ଷା ଋତୁ ଆରମ୍ଭରେ ଟସର ମଥ୍ ବାହାରି ଅଣ୍ଡା ଦେଇଥାଏ । ସେହି ଅଣ୍ଡାରୁ ୮ ଦିନ ପରେ ଟସର ଲାର୍ଭା ବାହାରିଥାଏ । ଲାର୍ଭା ହାରାହାରି ୨୫ ଦିନ ମଧ୍ୟରେ ଅସନ, ଅର୍ଜ୍ଜୁନ, ଶାଳ ଗଛର ପତ୍ର ଖାଇ ୫ଟି ଅବସ୍ଥା ଦେଇ ଗତି କରେ ଓ ପଞ୍ଚମ ଅବସ୍ଥା ଶେଷରେ ଲାର୍ଭା ଟସର କୋଷା ତୁଣିଥାଏ । କୋଷା ମଧ୍ୟରେ ଲାର୍ଭା (Larva), ପ୍ୟୁପା (Pupa), ଓ ମଥ ଅବସ୍ଥାକୁ ରୂପାନ୍ତରିତ ହୋଇଥାଏ । ଏହିପରି ଟସର ପୋକର ଜୀବନ ଚକ୍ର (Life cycle) ବର୍ଷକୁ ଥର ରୂପ ନିଏ । ଟସର ଚାଷରେ ବିଶେଷ କିଛି ପରିଶ୍ରମ କରିବାକୁ ପଡ଼େନାହିଁ । ଟସର ଚାଷୀ ପ୍ରତି ଅବସ୍ଥାରେ ଟସର ଲାର୍ଭାକୁ ଗଛରୁ ଗଛକୁ ବଦଳ କରାଏ ଓ କାଉ, ଝିଣ୍ଟିକା (Cricket), ବିରୁଡ଼ି (Wasp) ତଥା ଏଣ୍ଟୁଅ (Garden Lizard) ଇତ୍ୟାଦି ବାହ୍ୟ ଶତ୍ରୁ କବଳରୁ ଲାର୍ଭାକୁ ରକ୍ଷା କରିଥାଏ । କାରଣ ଏ ଶତ୍ରୁମାନେ ଲାର୍ଭାକୁ ଆକ୍ରମଣ କଲେ ବା ଖାଇଦେଲେ ଆଉ କୋଷା ସମ୍ଭବ ନୁଏନାହିଁ ।

## ଓଡ଼ିଶାରେ ଟସର ଚାଷ (Cericulture in Orissa)

ଓଡ଼ିଶାରେ ଟସର ଉତ୍ପାଦନ ଅତ୍ୟନ୍ତ ପୁରାତନ । ଅତି ପୁରା କାଳରୁ ଟସର ଚାଷ ଆଦିବାସୀମାନଙ୍କର ଏକ କୌଳିକ ବୃତ୍ତି ରୂପେ ବିବେଚିତ ହୋଇ ଆସୁଅଛି । ଘଞ୍ଚ ଜଙ୍ଗଲ ଓ ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଆଦିବାସୀ (Tribals), ହରିଜନ (Scheduled Caste) ତଥା ଦିନ ମଜୁରିଆମାନେ ଟସର ଚାଷ କରି ଭଲ କିଛି ରୋଜଗାର କରୁଛନ୍ତି । କେବଳ ପୁରୀ ଜିଲ୍ଲାକୁ ବାଦ ଦେଲେ ଓଡ଼ିଶାର ଅନ୍ୟ ୧୨ଟି ଜିଲ୍ଲାରେ ଟସର ଚାଷ ହୋଇଥାଏ । ଏଥି ମଧ୍ୟରୁ ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ଼, ଢେଙ୍କାନାଳ ଓ ସମ୍ବଲପୁର ଜିଲ୍ଲାରେ ଟସର ଚାଷ ବ୍ୟାପକ ଭାବେ ହୋଇଥାଏ । ଓଡ଼ିଶାରେ ୬.୭୫ ଲକ୍ଷ ହେକ୍ଟର ଜଙ୍ଗଲରେ ଟସର ଚାଷ ପାଇଁ ପ୍ରାକୃତିକ ଶାଳ, ଅସନ ଓ ଅର୍ଜ୍ଜୁନ ଗଛମାନ ରହିଛି । ତନ୍ମଧ୍ୟରୁ ମାତ୍ର ୨୬ ହଜାର ହେକ୍ଟର ଜଙ୍ଗଲରେ ଟସର ଚାଷ କରାଯାଉଅଛି । ଏ ଚାଷ ଦ୍ୱାରା ପ୍ରତି ବର୍ଷ ୩୫,୧୯୯ଟି ପରିବାର ସାମୟିକ ଭାବେ କର୍ମନିଯୁକ୍ତି ପାଇ ପାରୁଥିବା ସ୍ଥଳେ ୧୦,୦୦୦ଟି ପରିବାର ଟସର ସୂତାକଟା (Reeling) ଓ ଲୁଗାବୁଣା (Weaving)ରେ ବର୍ଷସାରା ନିଯୁକ୍ତି ପାଇ ପାରୁଛନ୍ତି ।

ଆମ ରାଜ୍ୟରେ ଉତ୍ପାଦିତ ରେଶମ ବିଦେଶକୁ ରପ୍ତାନି କରାଯାଇ ପ୍ରଚୁର ବୈଦେଶିକ ମୁଦ୍ରା ଅର୍ଜନ କରାଯାଉଛି । ଶିଲ୍କର ଦିର୍ଘସ୍ଥାୟୀ ଗୁଣ, ସୂକ୍ଷ୍ମତା ଓ ହାଲୁକା ଗୁଣ ପାଇଁ ଅନେକ ଏହାକୁ ବ୍ୟବହାର କରିବା ପାଇଁ ପସନ୍ଦ କରିଥାଆନ୍ତି । କେବଳ ଆମ ରାଜ୍ୟରେ କାହିଁକି ଅନ୍ୟ ରାଜ୍ୟଗୁଡ଼ିକରେ ଏହାର ଗୁଣ ଓ ମାନକୁ ନେଇ କିଛି ନହେଲେ ମଧ୍ୟ ବିବାହ ଆଦି ପବିତ୍ର ଉତ୍ସବରେ ଖଣ୍ଡେ ଖଣ୍ଡେ ବ୍ୟବହାର କରି ଆଆନ୍ତି – ଯାହାକି ଏବେ ମର୍ଯ୍ୟାଦାପୂର୍ଣ୍ଣ ପରିଧାନ ହିସାବରେ ଗଣ୍ୟ ହୋଇଥାଏ । ସବୁ ପ୍ରକାର ପୋଷାକ ଦିନକୁ ଦିନ ବଦଳିଲେ ବା ନୂଆ ପ୍ରକାର ବାହାରିଲେ ମଧ୍ୟ ଶିଲ୍କ ଶାଢ଼ୀ ବା ପୋଷାକ ତାର ଗୁଣ ଯୋଗୁଁ ସବୁଦିନ ପାଇଁ ମଣିଷ ଜାତିରେ ଆଦୃତ ହେବ ହିଁ ହେବ । ଏହା ସତରେ, "ଗରିବର ଉତ୍ପାଦନ ମାତ୍ର ଧନୀର ସୌଖିନ ପରିଧାନ ।"

ସହକାରୀ ରେଶମ ଶିଳ୍ପ ନିର୍ଦ୍ଦେଶକ,
ବୟନ ଶିଳ୍ପ ନିର୍ଦ୍ଦେଶାଳୟ,
ସତ୍ୟନଗର, ଭୁବନେଶ୍ୱର–୭୫୧୦୦୭

ପ୍ରାଣୀ ବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର–୭୫୧୦୦୪

ମହର୍ଷି ମହାବିଦ୍ୟାଳୟ,
ଶହୀଦନଗର, ଭୁବନେଶ୍ୱର–୭୫୧୦୦୭

■ ଏକ ସ୍ୱାଧୀନ ରାଷ୍ଟ୍ରରେ ପ୍ରତ୍ୟେକେ ନିଜ ନିଜର ଶାସନ କର୍ତ୍ତା । ପ୍ରତ୍ୟେକେ ନିଜ ନିଜକୁ ଏଭଳି ଭାବେ ଶାସନ କରନ୍ତି ଯେପରିକି ପଡ଼ୋଶୀଙ୍କ ପ୍ରତି କୌଣସି ପ୍ରତିବନ୍ଧକ ସୃଷ୍ଟି ହୁଏ ନାହିଁ ।

–ଗାନ୍ଧିଜୀ

# ପ୍ରାକୃତିକ ପରିବେଶରେ ପ୍ରାଣୀ ଓ ମନୁଷ୍ୟ

ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି

ପ୍ରାଣୀ ଓ ଉଦ୍ଭିଦ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ସଦୃଶ । ଏମାନେ ପରସ୍ପର ନିର୍ଭରଶୀଳ । ଉଦ୍ଭିଦ ସମୂହକୁ ନେଇ ଜଙ୍ଗଲ ସୃଷ୍ଟି ଓ ପ୍ରାଣୀମାନେ ଜଙ୍ଗଲ ବୃଦ୍ଧିର ଏକ ମୁଖ୍ୟ କାରଣ । ପ୍ରାଣୀମାନେ ଜଙ୍ଗଲ ସୌନ୍ଦର୍ଯ୍ୟର କାରଣ ଏବଂ ଜଙ୍ଗଲର ବୃଦ୍ଧି ହିଁ ପ୍ରାଣୀ ସଂଖ୍ୟାର ବୃଦ୍ଧିରେ ସହାୟକ ହୋଇଥାଏ । ଏହିପରି ପ୍ରାକୃତିକ ଉପାୟରେ ଆମର ପରିବେଶ ଠିକ୍ ରହିଥାଏ । ଏହାକୁ ପରିବେଶ ସନ୍ତୁଳନ (Ecological balance) ବୋଲି କୁହାଯାଏ । ଜଙ୍ଗଲର ଗୋଟିଏ ଉଦ୍ଭିଦ ବା ଗୋଟିଏ ପ୍ରାଣୀ ଯେପରି ମନୁଷ୍ୟ ଠିକ୍ ସେପରି ପ୍ରକୃତି ବା ପରିବେଶର ଏକ ଅଂଶ । ମନୁଷ୍ୟ ବର୍ତ୍ତମାନ ଭାବୁଛି ସେ ନିଜେ ପରିବେଶ ସୃଷ୍ଟି କରିଛି ଓ ସେ ଅନୁଯାୟୀ ଜଙ୍ଗଲ ଓ ପ୍ରାଣୀମାନଙ୍କୁ ମଧ୍ୟ ନଷ୍ଟ କରୁଛି । ମାତ୍ର ଏହା ସମ୍ପୂର୍ଣ୍ଣ ଭ୍ରମ ଧାରଣା ।


ସମୟ ଥିଲା ଯେତେବେଳେ ପୃଥିବୀ ଉପରିସ୍ଥ ଅଧିକାଂଶ ସ୍ଥାନ ପୂରି ରହିଥିଲା ଜଙ୍ଗଲରେ । ମନୁଷ୍ୟ କାଳାତିପାତ କରୁଥିଲା ଏମିତି ପ୍ରକୃତି କ୍ରୋଡରେ ଅବସ୍ଥାନ କରି ତଥା ଜଙ୍ଗଲର ଫଳମୂଳ ଭକ୍ଷଣ କରି । ଜଙ୍ଗଲର ଅନ୍ୟସବୁ ପ୍ରାଣୀମାନଙ୍କ ପରି ସେ ନିଜକୁ ସାମିଲ କରି ଦେଇଥିଲା ଜଙ୍ଗଲର ଜୀବଜନ୍ତୁମାନଙ୍କ ସହ । ମାତ୍ର ବର୍ତ୍ତମାନ ଏପରି ସମ୍ପର୍କ ସମ୍ପୂର୍ଣ୍ଣ ରୂପେ ଉଠିଯାଇଛି । ପୂର୍ବପରି ପ୍ରାଣୀମାନେ ଘଞ୍ଚ ଜଙ୍ଗଲରେ ଯେପରି ସ୍ୱାଧୀନ ଭାବରେ ଚଳପ୍ରଚଳ ତଥା ଶିକାର କରି ବଞ୍ଚୁଥିଲେ ଆଜି ତାହା ନାହିଁ । ମନୁଷ୍ୟର ଜଙ୍ଗଲ ସଫା ଯୋଗୁଁ ପ୍ରାଣୀମାନେ ଲୋପ ପାଇ ଯିବାକୁ ବସିଲେଣି ଏବଂ ଆଉ କେତେକ ସମ୍ପୂର୍ଣ୍ଣ ରୂପେ ଲୋପ ପାଇଗଲେଣି । ପ୍ରାଣୀମାନେ ତାଙ୍କ ସ୍ୱାଧୀନ ପରିବେଶ ହରାଇଥିବାରୁ ତାଙ୍କ ପାଇଁ ଅନେକ କ୍ଷେତ୍ରରେ ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ କୃତ୍ରିମ ରୂପେ ପରିବେଶ ସୃଷ୍ଟି କରି ସଂରକ୍ଷଣ କରାଯାଉଛି । ମଣିଷ ଯେତେବେଳେ ଜାଣିପାରିଲା ଯେ ହଠାତ୍ ପ୍ରାକୃତିକ ପରିବେଶ ସୃଷ୍ଟିକରି ଜୀବଜନ୍ତୁ ସଂରକ୍ଷଣ କରିବା କଷ୍ଟ, ସେତେବେଳେ ସେ ଏଭଳି ଅଭୟାରଣ୍ୟ ଇତ୍ୟାଦି ମାଧ୍ୟମରେ ଜୀବମାନଙ୍କର ସୁରକ୍ଷା କରିବାକୁ ଚେଷ୍ଟାକଲା ।

ବର୍ତ୍ତମାନ ଦେଖାଯାଇପାରେ ଯେ ପ୍ରାକୃତିକ ପରିବେଶ ନଷ୍ଟ ବା ପ୍ରାଣୀମାନେ ତାଙ୍କର ସ୍ୱାଧୀନତା ହରାଇବା ଯୋଗୁଁ ଆଜିକାଲି ଶବ୍ଦ ପ୍ରଦୂଷଣ (Noise Pollution) କମିବାର ସମ୍ଭାବନା ନାହିଁ । ତେଣୁ ଶବ୍ଦ ଯୋଗୁଁ ପିଲାମାନଙ୍କର ବୁଦ୍ଧିଶକ୍ତି ଓ ଏକାଗ୍ରତା ଭାବ ବହୁତ ପରିମାଣରେ କମିଯିବାର ଦେଖାଯାଉଛି । ଅନେକ ସ୍ଥଳରେ ଶ୍ରବଣଶକ୍ତିର ମଧ୍ୟ ହ୍ରାସ ପାଉଛି । ପ୍ରାକୃତିକ ଉପାୟରେ ଶବ୍ଦ ପ୍ରଦୂଷଣ କମିବାର ଉପାୟ ହେଲା ବୃକ୍ଷଲତା ଗୁଳ୍ମାଦି ପରିବେଶ । ଏଗୁଡ଼ିକ ହ୍ରାସ ପାଉଥିବାରୁ ଶବ୍ଦଜନିତ ଅନେକ ପ୍ରକାର ରକ୍ତଚାପ ଅବାଳବୃଦ୍ଧବନିତା ସମସ୍ତଙ୍କଠାରେ ପରିଲକ୍ଷିତ ହେଉଛି । ଦ୍ୱିତୀୟତଃ ଶିଳ୍ପ କାରଖାନାର ଚିମିନିମାନଙ୍କର ମଇଳା ବାଷ୍ପ ଆସି ବାୟୁମଣ୍ଡଳରେ ମିଶି ବାୟୁକୁ ଦୂଷିତ କରିବା ସଙ୍ଗେସଙ୍ଗେ ଏଗୁଡ଼ିକର ନିର୍ଗତ ମଇଳାପାଣି ସବୁ ବଡ଼ବଡ଼ ନଦୀଗୁଡ଼ିକରେ ମିଶି ଜଳ ମଧ୍ୟ ଦୂଷିତ ହେଉଛି । ତେଣୁ ଏକ ସଙ୍ଗରେ ବାୟୁ ପ୍ରଦୂଷଣ (Air Pollution) ଓ ଜଳ ପ୍ରଦୂଷଣ (Water Pollution) ହେଉଛି । ବାୟୁମଣ୍ଡଳରୁ ପ୍ରତ୍ୟକ୍ଷ ଭାବରେ ମନୁଷ୍ୟ ଶ୍ୱାସକ୍ରିୟାରେ ଅମ୍ଳଜାନ ନେଉଥିବାରୁ ଅନେକ ଦୂଷିତ ଗ୍ୟାସ ପାଇ ବିଭିନ୍ନ ରୋଗ ସୃଷ୍ଟି କରିବା ସ୍ୱାଭାବିକ୍ । ପୁନଶ୍ଚ ଦୂଷିତ ଜଳକୁ ପାନୀୟ ରୂପେ ବ୍ୟବହାର କରିବା ବ୍ୟତୀତ ଜଳ ମଧ୍ୟସ୍ଥ ମାଛ ଏକ ପୁଷ୍ଟିକର ଖାଦ୍ୟ ହେତୁ ମନୁଷ୍ୟ ତାକୁ ଖାଦ୍ୟ ରୂପେ ବ୍ୟବହାର କରେ । ଲକ୍ଷ୍ୟ କରାଯାଉଛି ଯେ ମାଛ ଓ ଅନ୍ୟ ପ୍ରାଣୀମାନେ ମଧ୍ୟ ଏଥିଯୋଗୁଁ ଅନେକ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ତେଣୁ ମନୁଷ୍ୟକୁ ତତ୍‌ଜନିତ ରୋଗ ହେବା ସାଧାରଣ କଥା । ଜାପାନରେ ପ୍ରଥମେ ମାଛମାନଙ୍କୁ "ମୀନମାଘ" ରୋଗ ନାମକ ଏକ ରୋଗ ଜଳର ପାରଦ ପ୍ରଦୂଷଣ (Mercury Pollution) ଯୋଗୁଁ ଘଟିଥିଲା । ଏହିପରି ଭାବରେ ମନୁଷ୍ୟ ପ୍ରତ୍ୟେକ ସମୟରେ ପରିବେଶ ମଧ୍ୟସ୍ଥ ପ୍ରଦୂଷଣର ସମ୍ମୁଖୀନ ହେଉଛି ।

ସୁତରାଂ ପରିବେଶ ପ୍ରଦୂଷଣ ହେବା ସଙ୍ଗେସଙ୍ଗେ ଜଙ୍ଗଲ ଓ ପ୍ରାଣୀମାନଙ୍କୁ ନେଇ ସୃଷ୍ଟି ହୋଇଥିବା ପରିବେଶ ମଧ୍ୟ ନଷ୍ଟ

ହୋଇଯିବାକୁ ଲାଗିଛି । ଏପରି ଏକ ସମୟ ଆସିପାରେ ଯେତେବେଳେ ବୃକ୍ଷଲତା ଅଭାବରେ ଅମ୍ଳଜାନ ପାଇଁ ମନୁଷ୍ୟକୁ ଅନ୍ୟ କିଛି ବାହ୍ୟରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ । ମନୁଷ୍ୟ ସ୍ୱାଧୀନ ହୋଇଥିଲେ ମଧ୍ୟ ତା'ର ସ୍ୱାଧୀନ ଜୀବନଯାପନ ବ୍ୟାହତ ହେବାରେ ଲାଗିଛି— ନାହିଁ ତା ପାଇଁ ମୁକ୍ତ ବିଶୁଦ୍ଧ ବାୟୁ, ବିଶୁଦ୍ଧ ଜଳ ଓ ବିଶୁଦ୍ଧ ଖାଦ୍ୟ । ତା'ର କାରଣ ସେ ନିଜେ । ତେଣୁ ପ୍ରଥମେ ଜଙ୍ଗଲ ସୃଷ୍ଟି କରି ପ୍ରାଣୀମାନଙ୍କର ସ୍ୱାଧୀନତା ଅକ୍ଷୁଣ୍ଣ କରିବା ଏକାନ୍ତ ବାଞ୍ଛନୀୟ । ତଦ୍ୱାରା ମନୁଷ୍ୟ ନିଶ୍ଚୟ ପ୍ରକୃତ ସ୍ୱାଧୀନ ବୋଲି ଗଣ୍ୟ କରାଯାଇ ପାରିବ । ଫଳରେ ପରିବେଶ ସୁରକ୍ଷା ହେବା ସଙ୍ଗେସଙ୍ଗେ ମନୁଷ୍ୟ ପୂର୍ବପରି ପ୍ରକୃତି ସହ ଖାପଖୁଆଇ ଏକ ଆଦର୍ଶ ଜୀବନଯାପନ କରିପାରିବ ।

ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର–୭୫୧ ୦୦୪



ଢେଙ୍କାନାଳଠାରେ ଅନୁଷ୍ଠିତ ଦେଶ ସ୍କୁଲସ୍ତରୀୟ ୩୫ତମ କ୍ରୀଡା ପ୍ରତିଯୋଗିତାକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅମର ପ୍ରଧାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଅଭିବାଦନ ଗ୍ରହଣ କରୁଛନ୍ତି ।

# ଭାରତୀୟ ସଂସ୍କୃତିର ରୂପରେଖ

ଅଧ୍ୟାପକ ଡକ୍ଟର ଶରତ ଚନ୍ଦ୍ର ରଥ

ବିଶ୍ୱର ପ୍ରାଚୀନ ସଂସ୍କୃତିମାନଙ୍କ ଭିତରେ ଭାରତୀୟ ସଂସ୍କୃତି ଅନ୍ୟତମ । ଏହି ସଂସ୍କୃତିର ସ୍ୱତନ୍ତ୍ର ମୂଲ୍ୟବୋଧ ସର୍ବଜନ ସ୍ୱୀକୃତ । ଆମ ସାଂସ୍କୃତିକ ପ୍ରବାହର ଧାରା ଅପେକ୍ଷାକୃତ ମାର୍ଜିତ ତଥା ରୁଚିପୂର୍ଣ୍ଣ । ଜୀବନର ପୂର୍ଣ୍ଣତା ନିମନ୍ତେ ଆବଶ୍ୟକୀୟ ଉପାଦେୟ ଉପାଦାନର ପ୍ରାଚୁର୍ଯ୍ୟ ହେତୁ ଉକ୍ତ ସଂସ୍କୃତି ତାର ନିଜସ୍ୱ ମୌଳିକତାରେ ସମୃଦ୍ଧ ହୋଇପାରିଛି । ପ୍ରାଗ୍‌ଐତିହାସିକ ଯୁଗରେ ଭାରତରେ ଆର୍ଯ୍ୟ ଋଷି କଣ୍ଠରୁ ଯେଉଁ ବିଶ୍ୱ କଲ୍ୟାଣକାମୀ ବାର୍ତ୍ତା ଉଚ୍ଚାରିତ ହୋଇଥିଲା । ତାହାର ଭିତ୍ତି ଯେପରି ସୁଦୃଢ଼ ଥିଲା, ବ୍ୟାପ୍ତି ସେପରି ସୁଦୂରପ୍ରସାରୀ ଥିଲା । ଶୋଭା ଶ୍ୟାମଳ ବନଭୂମିଠାରୁ ଜନପଦ ପର୍ଯ୍ୟନ୍ତ ବିଶ୍ୱପ୍ରେମର ବାଣୀ ହୋଇଥିଲା ପ୍ରସାରିତ ଓ ଅଭିଷିକ୍ତ । ଋଷି ପ୍ରାଣର ପ୍ରଶାନ୍ତ ପବିତ୍ର ଅନୁଭୂତି ସମଗ୍ର ମାନବ ଜାତିର କଲ୍ୟାଣ କଳ୍ପେ ଶବ୍ଦରେ ରୂପାୟିତ ହୋଇ ଆଶାନୁରୂପ ମାଙ୍ଗଳିକ ଭାବତରଙ୍ଗ ସୃଷ୍ଟି କରିଥିଲା । ହୀନମନ୍ୟତା କିମ୍ବା ଆତ୍ମଶ୍ଳାଘା ପରିବର୍ତ୍ତେ ଆତ୍ମଜ୍ଞାନପ୍ରସୂତ ନମ୍ରତାର ତୁଳସୀ ସ୍ତବକ ଦେଇ ଆଶ୍ଚର୍ଯ୍ୟଗଣ କରିଥିଲେ ବିଶ୍ୱ ଜୀବନର ନିରାଜନା । ସେହି ନିଷ୍କପଟ ଉଦାର ପ୍ରଶସ୍ତ ପ୍ରଶାନ୍ତ ଚିତ୍ତ ଋଷିଗଣ, ଆଶ୍ଚର୍ଯ୍ୟଗଣ ଆଜି ସଦେହରେ ନାହାନ୍ତି ସତ, ମାତ୍ର ପ୍ରତ୍ୟେକ ଏକ ଏକ ମହନୀୟ ଅନୁଷ୍ଠାନରେ ପରିଣତ ହୋଇଛନ୍ତି । ଭାରତୀୟ ପାଣିପବନରେ ସେମାନଙ୍କ ହୃଦୟର ପବିତ୍ର ଚିନ୍ତା, କଣ୍ଠର ସୁଧାସିକ୍ତ ବାର୍ତ୍ତାର ପ୍ରଭାବଶାଳୀ ତରଙ୍ଗମାଳା ଏବେ ମଧ୍ୟ ବିଦ୍ୟମାନ । ବହୁ ଘାତ ପ୍ରତିଘାତ ସହି ଭାରତୀୟ ସଂସ୍କୃତି ବଞ୍ଚି ରହିଛି । ସମଗ୍ର ବିଶ୍ୱର ଗୁରୁ ହେବାର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଆଗାମୀ ଦିନର ଭାରତ ଅବତୀର୍ଣ୍ଣ ହେବ, ଏହା ପ୍ରାଚ୍ୟ ଓ ପାଶ୍ଚାତ୍ୟର ବହୁ ଚିନ୍ତାବିତ୍ ଉଦ୍‌ଘୋଷଣା କରିଛନ୍ତି । ଏ କ୍ଷେତ୍ରରେ ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଆନନ୍ଦାଚାର୍ଯ୍ୟ, ଶ୍ରୀଅରବିନ୍ଦ ଏବଂ ଫ୍ରାନ୍‌ସର ଡାଃ ଜୁଲ୍‌ବର୍ଣ୍ଣ, ଇସ୍‌ରାଏଲ୍‌ର ପ୍ରଫେସର ହରାର୍, ଇଂଲଣ୍ଡର ପ୍ରଫେସର କୀରୋ, ସ୍ପେନ୍‌ର ପ୍ରଫେସର ବିଃ ବେଲ୍ଲିଲେଟିନ୍, ହଙ୍ଗେରୀର ଦିବ୍ୟଦର୍ଶିନୀ ମହିଳା ଶ୍ରୀମତୀ ବୋରିସ୍କାଙ୍କ ନାମ ଉଲ୍ଲେଖଯୋଗ୍ୟ । ଜର୍ମାନ୍ ମନୀଷୀ ମାକ୍ସମୁଲାର୍ ଭାରତୀୟ ସଂସ୍କୃତିର ମହତ୍ତ୍ୱ ଓ ମୂଲ୍ୟବୋଧକୁ ଅନୁଭବ କରି କହିଥିଲେ, "ଯଦି ସମଗ୍ର ପୃଥିବୀ ଭିତରେ ଏପରି ଏକ ଦେଶର ସନ୍ଧାନ ଦେବାକୁ ମୋତେ କୁହାଯାଏ, ଯାହା ପ୍ରକୃତିର ଶ୍ରେଷ୍ଠତମ ସମ୍ପଦ, ଶକ୍ତି ଓ ସୌନ୍ଦର୍ଯ୍ୟରେ ବିପୁଳ ରୂପେ ସମୃଦ୍ଧ ଓ ଯାହାର କେତେକ ଅଂଶକୁ ପୃଥିବୀର ନନ୍ଦନକାନନ ଆଖ୍ୟା ଦିଆଯାଇପାରେ, ତେବେ ମୁଁ କହିବି ସେହି ଦେଶ ହେଉଛି ଭାରତବର୍ଷ ।" ସଂସ୍କୃତିର ଅନ୍ତର୍ଗତ କେତେକ ଚେତନା ଭିତରୁ ଧର୍ମ, ଦର୍ଶନ, ସାହିତ୍ୟ, କଳାର ଚେତନା ଅନ୍ୟତମ । ଗୋଟିଏ ବାକ୍ୟରେ କହିଲେ ସଂସ୍କୃତି ହେଉଛି, ଗୋଟିଏ ଜାତିର ମାର୍ଜିତ ଚିନ୍ତା ଓ ଚେତନା । ରୁଚିବୋଧ, ଶାଳୀନତା, ଆତ୍ମସମ୍ମାନବୋଧ, ଉଦାରତା ଏହାର ଭିତ୍ତିଭୂମି ରୂପେ ପ୍ରତିଷ୍ଠିତ । ସଭ୍ୟତା ହେଉଛି ସଂସ୍କୃତିର ବାହ୍ୟତମ ବ୍ୟାବହାରିକ ଫଳସ୍ୱରୂପ । ସଂସ୍କୃତି ବିନା ସଭ୍ୟତାର ସ୍ଥିତି ନାହିଁ ଏବଂ ସଭ୍ୟତା ବିନା ସଂସ୍କୃତିର ଅଭିବ୍ୟକ୍ତି ନାହିଁ । ପରସ୍ପରର ପରିପୂରକ ଏଇ ଦୁଇଟି ଦିଗନ୍ତ ମାନବ ଜୀବନର ମୂଲ୍ୟବୋଧକୁ ବହୁଗୁଣିତ କରିଥାଏ । ଫୁଲରେ ସୁବାସ ପରି, ଶରୀରରେ ଆତ୍ମା ପରି ସଭ୍ୟତାରେ ସଂସ୍କୃତିର ସ୍ଥିତି ।

ଭାରତୀୟ ଜୀବନଧାରାର ପ୍ରାଚୀନତ୍ୱ ସର୍ବବାଦୀସମ୍ମତ । ହଜାର ହଜାର ବର୍ଷ ତଳୁ ଏହାର ଉଦ୍ଭବ ଘଟିଛି । କ୍ରମବିକାଶ ଧାରାରେ ଅଗ୍ରଗତି କରି ଭାରତୀୟ ସଂସ୍କୃତି ଆଜିର ରୂପ ଗ୍ରହଣ କରିଛି । ଏହି ସଂସ୍କୃତିର ସ୍ୱରୂପ ଉଦ୍‌ଘାଟନ କରିବାକୁ ଯାଇ ସ୍ୱାମୀ ବିବେକାନନ୍ଦ ଯାହା କହିଛନ୍ତି, ତାହା ପ୍ରଣିଧାନଯୋଗ୍ୟ । ତାଙ୍କ ମତରେ "ଯେତେବେଳେ ଗ୍ରୀସ୍‌ର ଜନ୍ମ ହୋଇ ନାହିଁ, ରୋମ କଥା କେହି ଭାବି ନାହିଁ । ବର୍ତ୍ତମାନର ୟୁରୋପୀୟ ପୂର୍ବପୁରୁଷଗଣ ବିବିଧ ଅଙ୍ଗ ଭାବରେ ରଞ୍ଜିତ ଅରଣ୍ୟବାସୀ ମାତ୍ର ଥିଲେ, ସେହି ସୁଦୂର ଯୁଗରେ ମଧ୍ୟ ଭାରତ ତାହାର 'ସଂସ୍କୃତିର ସାଧନାରେ କର୍ମମୁଖର ଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ କେତେ ଉଚ୍ଚ ଉଚ୍ଚ ଭାବ, ଶାନ୍ତି ଓ ଶୁଭେଚ୍ଛାର ବାଣୀ ବହନ କରି ଭାରତରୁ ଜଗତ ମଧ୍ୟରେ ବିଞ୍ଚି ହୋଇ ପଡିଛି ।" ଏହି ଯେଉଁ ସଂସ୍କୃତିରେ ଜୀବନ ସ୍ୱର୍ଗର ଖଣ୍ଡିଏ ସୁଶ୍ରୀଯୁକ୍ତ କାରୁଶିଳ୍ପ, ଅପାର୍ଥିବ ଆନନ୍ଦର ଖଣ୍ଡିଏ କାବ୍ୟ ହେବା ପାଇଁ ଅଭିପ୍ରେତ, ସେହି ସଂସ୍କୃତିର ଭିତ୍ତି ରୂପେ ପ୍ରତିଷ୍ଠିତ କେତେକ ଉପାଦାନ ସଂପର୍କରେ ନିମ୍ନରେ ଆଲୋଚନା କରାଯାଇଛି ।

ଅଧ୍ୟାତ୍ମଚେତନା ହେଉଛି ଭାରତୀୟ ସଂସ୍କୃତିର ଏକ ମୌଳିକ ଉପାଦାନ । ଅଧ୍ୟାତ୍ମଚେତନା ଧର୍ମାନ୍ଧତା ନୁହେଁ, କୁସଂସ୍କାର ଜର୍ଜରିତ କ୍ଷୀଣ ମାନସିକ ଚେତନା ନୁହେଁ, ଏହା ସ୍ୱତନ୍ତ୍ର ଶକ୍ତିରେ ଶକ୍ତିମୟ ଓ ଆଲୋକରେ ଆଲୋକମୟ, ଏକ ଜାଗ୍ରତ ଅବସ୍ଥା । ଧର୍ମଗତ ମତବାଦ ସୀମାର ଊର୍ଦ୍ଧ୍ୱରେ ଏହାର ସ୍ଥିତି । ସବୁ ଧର୍ମର ଶେଷ ଲକ୍ଷ୍ୟ ତଥା ଶୀର୍ଷ ବିନ୍ଦୁ ଭାବରେ ଅଧ୍ୟାତ୍ମ ଚେତନାର ସ୍ଥିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଗୌରବଦୀପ୍ତ ।

ଜୀବକୁ ଶିବଜ୍ଞାନ କରିବା ଏହାର ବିଶିଷ୍ଟ ପ୍ରୟୋଗଧାରା । କ୍ଷୁଦ୍ର ଅଣୁଠାରୁ ବିରାଟ ପର୍ଯ୍ୟନ୍ତ ସର୍ବତ୍ର ଏକ ଅଦ୍ୱିତୀୟ ଚେତନାର ଉପସ୍ଥିତିର ଅନୁଭୂତି ଏହି ଚେତନାର ବିଶିଷ୍ଟ ରୂପ ଭାବରେ ପ୍ରଚଳନୀୟ । ଭାରତୀୟ ସଂସ୍କୃତିରେ ଆଧ୍ୟାତ୍ମିକତାର ଏତେ ଅଧିକ ପ୍ରଭାବ ପ୍ରାଚୀନ ଭାରତୀୟ ନୀତି ଶାସ୍ତ୍ର ଭାବରେ ତୁଳା ଯେ ତାର ସଫଳ ପଦାଙ୍କ ଭାରତୀୟ ନୀତି ସମାଜ-ଶାସ୍ତ୍ରରେ ଦେଖିବାକୁ ମିଳେ । ଅହଂ ବିବର୍ଜିତ ଏକ ଉଦାର ପ୍ରଶସ୍ତ ସ୍ୱୀକୃତିର ମାନବିକତାର ଭିତ୍ତିରେ ଆଧ୍ୟାତ୍ମ ଚେତନାର ସ୍ଥିତି । ଜୀବନର ପରିପୂର୍ଣ୍ଣତା ପାଇଁ ଏହି ଶକ୍ତିର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ, ବିଶ୍ୱ ସ୍ରଷ୍ଟାଙ୍କ ସର୍ବବ୍ୟାପକତାର ସ୍ୱୀକୃତି ଧର୍ମ ନିର୍ବିଶେଷରେ ଯେଉଁ ଚେତନାରେ ପ୍ରତିଷ୍ଠିତ ତାହା ହେଉଛି ଅଧ୍ୟାତ୍ମ ଚେତନା । ଅନ୍ୟ ଭିତରେ ନିଜକୁ ଓ ନିଜ ଭିତରେ ଅନ୍ୟକୁ ଅନୁଭବ କରିବାର ପ୍ରୟାସ ଅଧ୍ୟାତ୍ମ ଚେତନାର ମୂଳମନ୍ତ୍ର ଭାବରେ ବିବେଚିତ । ତେଣୁ କୁହାଯାଇଛି : "ଆତ୍ମବତ୍ ସର୍ବଭୂତେଷୁ ଯଃ ପଶ୍ୟତି ସ ପଣ୍ଡିତଃ ।" ଆଧ୍ୟାତ୍ମିକତାର ଅର୍ଥ ନୁହେଁ ବିଷୟବିମୁଖତା କିମ୍ବା ଜୀବନରୁ ପଳାୟନ । ଧନବିମୁଖତା ମଧ୍ୟ ଏହାର ମୂଳ ବା ଲକ୍ଷଣ ନୁହେଁ । ଆଧ୍ୟାତ୍ମିକତାର ମୌଳିକ ତତ୍ତ୍ୱ ହେଉଛି ଜୀବନରେ ବସ୍ତୁର ଆବଶ୍ୟକତାକୁ ଆବଶ୍ୟକତା ଅନୁସାରେ ଅନୁଭବ କରିବା । ଜୀବନକୁ ଶୁଦ୍ଧ, ସୁନ୍ଦର, ପରିପୂର୍ଣ୍ଣ କରିବାର ପ୍ରୟାସ, ଜୀବନକୁ ଦିବ୍ୟ ଜୀବନରେ ପରିଣତ କରିବାର ଆନ୍ତରିକତା ଅଧ୍ୟାତ୍ମ ଚେତନାର ଚିହ୍ନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାରତୀୟ ନୀତି ଶାସ୍ତ୍ରରେ ଉଦ୍‌ଘୋଷିତ ହୋଇଛି :

"ଅଜରା ମରବତ୍ ପ୍ରାଜ୍ଞ ବିଦ୍ୟାମର୍ଥଞ୍ଚ ଚିନ୍ତୟେତ୍,
ଗୃହୀତଇବ କେଶେଷୁ ମୃତ୍ୟୁନା ଧର୍ମମାଚରେତ୍ ।"

ଶ୍ରୀମଦ୍ ଭଗବତ୍ ଗୀତାରେ ଯେଉଁ ଆପ୍ତବାକ୍ୟ ଉପସ୍ଥାପିତ ହୋଇଛି ତାହାର ପରିସର ନାହିଁ । ଏହି ଗ୍ରନ୍ଥର ଶ୍ଳୋକମାଳା ସମଗ୍ର ମାନବ ଜାତିକୁ ଉଦ୍‌ବୁଦ୍ଧ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଏହା ଅସାମ୍ପ୍ରଦାୟିକ ଗ୍ରନ୍ଥ ବୋଲି କୁହାଯାଏ । ଧର୍ମଧାରଣା ନୁହେଁ ଅଧ୍ୟାତ୍ମ ଚେତନାକୁ ଅନୁଭବ କରିବା ପାଇଁ ଗୀତୋକ୍ତ ପଥ ଯେପରି ପ୍ରଶସ୍ତ ସେପରି ପରିଚ୍ଛନ୍ନ । ଆଶାବାଦୀ ଜୀବନ ଚିନ୍ତାର ନିର୍ମଳ ନିର୍ଯ୍ୟାସରେ ଉପଲବ୍ଧ ଗୀତା ଗ୍ରନ୍ଥ ବିଶ୍ୱ ମାନବ ପ୍ରାଣରେ ଆଶ୍ୱାସନାର ଶୀତଳତା ସୃଷ୍ଟି କରିବାର କ୍ଷମତା ଅର୍ଜନ କରିଛି । ଗୀତା ପାଠକରି ମୁଗ୍ଧ ହୋଇଥିବା ପାଶ୍ଚାତ୍ୟ ମନୀଷୀ ସ୍ୟାର୍ ଚାର୍ଲସ୍ ଉଇଲକିନ୍‌ସ ୧୭୮୫ ମସିହାରେ ଗୀତାର ଯେଉଁ ଇଂରାଜୀ ଅନୁବାଦ କରିଥିଲେ ତାହାର ମୁଖବନ୍ଧରେ ୱାରେନ୍ ହେଷ୍ଟିଙ୍ଗସ୍ ମତ ଦେଇଥିଲେ ଯେ ଗୀତା ପାଠ ଦ୍ୱାରା କେବଳ ଇଂରେଜ ଜାତି ନୁହନ୍ତି ସମଗ୍ର ବିଶ୍ୱବାସୀ ଉପକୃତ ହେବେ । ଗୀତା ଧର୍ମର ଅନୁଶୀଳନ ଦ୍ୱାରା ମାନବ ଜୀବନ ଶାନ୍ତିଧାମରେ ପରିଣତ ହେବ । ପୁନଶ୍ଚ ୧୮୨୩ ଖ୍ରୀ: ଅବ୍ଦରେ ଜର୍ମାନ୍ ମନୀଷୀ ଉଇଲିୟମ୍ ଶ୍ଲେଗେଲ୍ ଗୀତା ଗ୍ରନ୍ଥକୁ ଲାଟିନ୍ ଭାଷାରେ ଅନୁବାଦ କରିଥିଲେ । ପରେ ଉକ୍ତ ଗ୍ରନ୍ଥ ପାଠକରି ହମ୍‌ବୋଲ୍‌ଟ ନାମକ ଅନ୍ୟ ଜଣେ ଜର୍ମାନ୍ ମନୀଷୀ ଯେଉଁ ମତ ଦେଇଥିଲେ ତାହା ଅତ୍ୟନ୍ତ ଆକର୍ଷଣୀୟ ଓ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ମତରେ, "ମୁଁ ଏହି ଗ୍ରନ୍ଥଟି ପଢ଼ିଲି । ପଢ଼ିବା ସମୟରେ ଭଗବାନ ଦେବତାଙ୍କ ପ୍ରତି ମୋର ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା, କାରଣ ତାଙ୍କ ପ୍ରସାଦ ଯୋଗୁଁ ମୁଁ ଏହି ଗ୍ରନ୍ଥଟି ପଢ଼ିବାର ସୁଯୋଗ ପାଇଲି । ପୃଥିବୀର ଗଭୀରତମ ଓ ଉଚ୍ଚତମ ଚିନ୍ତାର ଉତ୍ସ ସମ୍ଭବତଃ ଏହାରେ ରହିଛି ।" କେବଳ ଗୀତା ନୁହେଁ ବେଦ ଓ ଉପନିଷଦରେ ଭରି ରହିଛି ଯେଉଁ ଅଧ୍ୟାତ୍ମ ଚେତନାର ବାର୍ତ୍ତା ତାହା ସମଗ୍ର ମାନବ ଜାତି ପାଇଁ ଉଦ୍ଦିଷ୍ଟ । କାରଣ ତାହାର ବ୍ୟାବହାରିକ ଉପଯୋଗିତା ଦେଶ, କାଳ, ପାତ୍ର ବନ୍ଧନରେ ଆବଦ୍ଧ ନୁହେଁ । ଯେଉଁ ଆଧ୍ୟାତ୍ମିକ ଚେତନା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟର ମଙ୍ଗଳପାଇଁ, ଯେଉଁ ଚେତନା ସମୟରେ ଅବତାରଣା କରିଛି ଭାରତୀୟ [illegible] ଚେତନା । ଅଧିକ ଚେତନା ଭାରତୀୟ ଅଧ୍ୟାତ୍ମ ଚେତନାର [illegible] କୌଣସି ଏକ ସମ୍ପ୍ରଦାୟ ବା ଧର୍ମର [illegible] ସୀମିତ ହୋଇ ନାହିଁ ।

## ସନାତନ ତତ୍ତ୍ୱ :

ସନାତନତ୍ୱ ହେଉଛି ଭାରତୀୟ ସଂସ୍କୃତିର ଅନ୍ୟତମ ବିଶିଷ୍ଟ ଦିଗ । ଇତିହାସର ସୃଷ୍ଟି ପୂର୍ବରୁ ଏହାର ସ୍ଥିତି ଥିଲା । ତେବେ ଏହି ମହିତ ସଂସ୍କୃତିର ରୂପାୟନ ଋଗ୍‌ବେଦରେ ଦେଖିବାକୁ ମିଳେ । ଋଗ୍‌ବେଦ ପୃଥିବୀର ସବୁଠାରୁ ପ୍ରାଚୀନତମ ଗ୍ରନ୍ଥ ବୋଲି ସମସ୍ତେ ସ୍ୱୀକାର କରିଥାନ୍ତି । ପ୍ରାଚୀନତ୍ୱ କେବଳ ନୁହେଁ, ଚିରନ୍ତନତ୍ୱ ମଧ୍ୟ ଏହି ସଂସ୍କୃତିର ଅନ୍ୟ ଏକ ଦିଗ ଯାହା ଏହାକୁ ସ୍ୱତନ୍ତ୍ର ମୂଲ୍ୟବୋଧ ଆଣି ଦେଇଛି । ହଜାର ହଜାର ବର୍ଷ ଧରି ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ମଧ୍ୟ ସେ ସଂସ୍କୃତି ମଳିନ ହୋଇ ନାହିଁ । ଗ୍ରୀକ୍ ସଂସ୍କୃତି ଓ ମିଶର ସଂସ୍କୃତି ପ୍ରାଚୀନ ହେଲେ ମଧ୍ୟ ଚିରନ୍ତନତ୍ୱ ଅଭାବରୁ ଏହାର ପୂର୍ବ ସ୍ଥିତି ଆଜି ଆଉ ନାହିଁ । ଭାରତୀୟ ସଂସ୍କୃତି ଯେଉଁ ଶାଶ୍ୱତ ମୂଲ୍ୟବୋଧ ଉପରେ ପର୍ଯ୍ୟବେସିତ, ତାହା ହେଉଛି ଅନ୍ତର୍ମୁଖୀନତା । ଦାନ, ଦୟା ଓ ଇନ୍ଦ୍ରିୟ ନିଗ୍ରହ ଆଦି ମହନୀୟ ଉପାଦାନରେ ଗଠିତ ମାନବିକତାର ମୂଲ୍ୟବୋଧରେ ଏହି ସଂସ୍କୃତି ହେଉଛି ମୂଲ୍ୟବାନ ଏବଂ ଆକର୍ଷଣୀୟ ।

## ଧର୍ମ :

ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଧର୍ମର ମହତ୍ତ୍ୱ ଭାରତୀୟ ସଂସ୍କୃତିରେ ଅନୁଭବ କରିହୁଏ । ଧର୍ମକୁ ଭାରତୀୟ ଜନଜୀବନର ଆଧାର କହିଲେ ଅତ୍ୟୁକ୍ତି ହେବ ନାହିଁ । ମହାଭାରତରେ ଧର୍ମର ସଜ୍ଞା ପ୍ରସଙ୍ଗରେ ଉଲ୍ଲେଖ କରାଯାଇଛି :

"ଧାରଣାଦ୍ଧର୍ମ ମିତ୍ୟାହୁ ଧର୍ମୋ ଧାରୟତେ ପ୍ରଜାଃ,
ଯସ୍ମାଦ୍ଧାରଣ ସଂଯୁକ୍ତଃ ସ ଧର୍ମ ଇତି ନିଶ୍ଚୟଃ ।"

ସମ୍ପଦରେ, ବିପଦରେ, ଦୀର୍ଘ ଶ୍ୱାସରେ, ସ୍ମିତ ହାସରେ ସବୁ ସମୟରେ ଧର୍ମ ହେଉଛି ଭାରତୀୟ ଜୀବନର ସାଥୀ ଓ ସାରଥୀ । ଆର୍ଯ୍ୟ ଜୀବନର ଚାରି ପୁରୁଷାର୍ଥ ମଧ୍ୟରେ ଧର୍ମ ହେଉଛି ମୁଖ୍ୟ । ଅନ୍ୟ ତିନିଗୋଟି ଅର୍ଥାତ୍ ଅର୍ଥ, କାମ ଓ ମୋକ୍ଷର ଭିତ୍ତି ହେଉଛି ଧର୍ମ । ଓଡ଼ିଆ ସାହିତ୍ୟର ସ୍ୱନାମଧନ୍ୟ କବି ରାଧାନାଥ ଧର୍ମକୁ ସଂସାର ସାଗର ତରିବାର ମାଧ୍ୟମ ରୂପେ ଯେପରି କଳ୍ପନା କରି କହିଛନ୍ତି :

"ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି,
ତରିବାକୁ ଏହି ସଂସାର ବାରିଧି ।"

ଧର୍ମ ଏକ ଶକ୍ତି ଯାହା ବ୍ୟକ୍ତିକୁ ଅଜ୍ଞତାରୁ ଜ୍ଞାନ ଆଡ଼କୁ, ସାଧାରଣ ସ୍ତରରୁ ଅସାଧାରଣ ସ୍ତରକୁ, ଅନ୍ଧକାରରୁ ଆଲୋକ ଆଡ଼କୁ ନେଇଯାଇ ପାରେ । ଧର୍ମର ମୁଖ୍ୟ କର୍ମ ହେଉଛି ବ୍ୟକ୍ତିକୁ, ସମାଜକୁ ଅବିଦ୍ୟାରୁ ବିଦ୍ୟା ଆଡ଼କୁ ନେବା, ଦେହ ସତ୍ତାକୁ ତାର ସର୍ବୋତ୍ତମ ଲକ୍ଷ୍ୟରେ ଉପନୀତ କରାଇବା, ପ୍ରାଣକୁ ତାର ସର୍ବୋତ୍ତମ ସ୍ଥିତିରେ ଅଧିଷ୍ଠିତ କରାଇବା, ମନକୁ ତାର ସ୍ୱକୀୟ ସମୁଜ୍ଜ୍ୱଳତା ଆଣି ଦେବା ଓ ସର୍ବୋପରି ଆତ୍ମିକ ଚେତନାକୁ ନେତୃତ୍ୱ ଦେବା ନିମନ୍ତେ ସୁଯୋଗ ଦେବା ହେଉଛି ଧର୍ମର କାର୍ଯ୍ୟ । ଧର୍ମ ଏକ ଜାଗ୍ରତ ଚେତନା ଯାହା ସମୟକ୍ରମେ ଭିନ୍ନ ଭିନ୍ନ କାରଣରୁ ମ୍ଳାନ ପଡ଼ିଯାଏ । ସ୍ୱୟଂ ଭଗବାନ ସେତେବେଳେ ଅବତାର ଗ୍ରହଣ ପୂର୍ବକ ଧର୍ମ ଉପରେ ଥିବା କୃତ୍ରିମ ଗ୍ଳାନିମାନକୁ ଦୂର କରିଥାନ୍ତି ।

## କର୍ମବାଦ :

ଭାରତୀୟ ସଂସ୍କୃତିରେ କର୍ମବାଦ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପିତ ହୋଇଯାଇଛି । କର୍ମଫଳ ନୁହେଁ, କର୍ମ ହିଁ ଏକମାତ୍ର ଆରାଧ୍ୟ ଦେବତା ବୋଲି ଶ୍ରୀମଦ୍ ଭଗବତ ଗୀତାରେ ଉଦ୍‌ଘୋଷିତ ହୋଇଛି । କର୍ମ ଏକ ଯୋଗ । ଏକ ବଳିଷ୍ଠ ମାଧ୍ୟମ, କର୍ମ ହିଁ ସାକ୍ଷାତ ଈଶ୍ୱର ।

କିଛି ପ୍ରାପ୍ତି ଆଶା ନଥାଇ ମଧ୍ୟ ଭଗବାନ ଶ୍ରୀକୃଷ୍ଣ ନିରନ୍ତର କର୍ମରତ ରହିଛନ୍ତି ବୋଲି ଶ୍ରୀମଦ୍ ଭାଗବତରେ ସ୍ୱୟଂ ଶ୍ରୀକୃଷ୍ଣ ଉଦ୍‌ଘୋଷଣା କରିଛନ୍ତି । କର୍ମ ନିଷ୍ପନ୍ନ କରିଥାଏ ଭାଗ୍ୟକୁ, ସୁକର୍ମ ବ୍ୟକ୍ତିର ଜୀବନକୁ

ସୁନ୍ଦର ତଥା ସୁସ୍ଥ କରିଥାଏ । ସଚେତନତାର ଅଭିବୃଦ୍ଧି କରିଥାଏ । କର୍ମବାଦର ମୂଲ୍ୟବୋଧ ପ୍ରକଟିତ ହୁଏ । ପୂର୍ଣ୍ଣ ଭାବରେ ଇନ୍ଦ୍ରିୟ ଏବଂ ଆବେଗ ସକଳର ଅଧୀନ ନହୋଇ ଅନ୍ୟ ପକ୍ଷରେ ସେମାନଙ୍କୁ ଅଧୀନସ୍ଥ କରିପାରେ । ଶ୍ରୀମଦ୍ ଭାଗବତ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ଯେ କାମନାଶୂନ୍ୟ ହୋଇ ଆତ୍ମସଂଯମ ସହିତ କର୍ମ କର । ଶ୍ରୀକୃଷ୍ଣ କହିଛନ୍ତି ଯେ "ନିୟତଂ କୁରୁକର୍ମତ୍ୱମ୍" ବୁଦ୍ଧିଯୋଗ, କର୍ମଯୋଗ ଦ୍ୱାରା ପୂର୍ଣ୍ଣତା ଲାଭ କରିଥାଏ । କର୍ତ୍ତାଭାବ ନରଖି ନିଜ ଭିତରର କୌଣସି ଅଂଶ ଦ୍ୱାରା ପ୍ରଣୋଦିତ ନହୋଇ କର୍ମର ବାହ୍ୟ ବିଧି ମାନି ଚଳିବା ହେଉଛି ପ୍ରକୃତ କର୍ମବାଦର ମୌଳିକତତ୍ତ୍ୱ । ଭାରତୀୟ ସଂସ୍କୃତିର ଯଜ୍ଞ ପାଇଁ କର୍ମ କରିବା ହେଉଛି ପ୍ରକୃତ କର୍ମବାଦର ସାର୍ଥକ ରୂପାୟନ । ଅହଂକୁ ଗୁରୁତ୍ୱ ନଦେଇ ଭଗବତ ଅଭିମୁଖୀ ହୋଇ କର୍ମ କରିବା ହିଁ ପ୍ରକୃତ କର୍ମବାଦର ସ୍ୱରୂପ ବୋଲି ଭାରତୀୟ ସଂସ୍କୃତି ସ୍ୱୀକାର କରିଛି ।

## ସମନ୍ୱୟବାଦ

ସମନ୍ୱୟବାଦ ଭାରତୀୟ ସଂସ୍କୃତିର ଏକ ବିଶିଷ୍ଟ ଦିଗ । ଏହା ଏକ ଚେତନାର ଭିତ୍ତି ଉପରେ ପ୍ରତିଷ୍ଠିତ । ଭାରତ ଏକ ଉପମହାଦେଶ । ଯେଉଁଠାରେ ବହୁ ଭାଷା, ବହୁ ଧର୍ମ, ବହୁ ପ୍ରକାର ଆସ୍ଥାର ଦେଖିବାକୁ ମିଳେ । ବୈଷମ୍ୟ ମଧ୍ୟରେ ସାମ୍ୟର ପ୍ରତିଷ୍ଠା ସମନ୍ୱୟବାଦର ମୌଳିକ ଲକ୍ଷ୍ୟ । ଭିନ୍ନ ଭିନ୍ନ କାରଣରୁ କେତେକ ସଂସ୍କୃତି ଏ ଦେଶକୁ ଆସିଛି । ମାତ୍ର ଏ ଦେଶ ନିଜ ସଂସ୍କୃତିର ମୂଲ୍ୟବୋଧର ସୁରକ୍ଷା କରିପାରିଛି । ବିଦେଶାଗତ ସଂସ୍କୃତି ଦ୍ୱାରା ସଂପୂର୍ଣ୍ଣ ନଷ୍ଟ ହୋଇନାହିଁ, ବରଂ ସମନ୍ୱୟ ଚେତନାକୁ ପ୍ରୟୋଗ କରି ଆଗତ ସଂସ୍କୃତିକୁ ନିଜ ଭିତରେ ସ୍ଥାନ ଦେଇଛି । ଭାରତୀୟ ଜୀବନ ଧାରାରେ ତେତିଶକୋଟି ଦେବତାଙ୍କର ପରିକଳ୍ପନା କରାଯାଇଛି ଓ ସମସ୍ତ ଦେବତାଙ୍କୁ ସମ୍ମାନ ପ୍ରଦର୍ଶନର ବିଧି ବ୍ୟବସ୍ଥା ରହିଛି । ସମନ୍ୱୟ ଭାବନା ଦ୍ୱାରା ଅନୁପ୍ରାଣିତ ହୋଇ ଏପରି କୁହାଯାଇଛି ଯେ, "ସର୍ବଦେବ ନମସ୍କାରଃ କେଶବଂ ପ୍ରତି ଗଛତି ।" ବୈଦିକ ଧର୍ମ ଓ ଦର୍ଶନରେ ଏହି ସମନ୍ୱୟବାଦର ସୁଦୂରପ୍ରସାରୀ ପ୍ରଭାବ ଅନୁଭବ କରିହୁଏ । ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଋଷି କଣ୍ଠରୁ ଝଙ୍କୃତ ହେଉଥିଲା, "ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା" ଏବଂ "ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ" ଇତ୍ୟାଦି ଶ୍ଳୋକମାଳା । ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ଭାରତୀୟ ଭୂଖଣ୍ଡକୁ ଏକ ମହିମାମୟ ଜାଗ୍ରତ ଚେତନା ବାନ୍ଧି ରଖିଛି ଯାହାର ବ୍ୟାବହାରିକ ରୂପଟି ସମନ୍ୱୟବାଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ନିମ୍ନୋକ୍ତ ଶ୍ଳୋକରେ ଏକ ସମୟରେ କିପରି ବ୍ରହ୍ମା, ଶିବ, ବିଷ୍ଣୁ, ବୁଦ୍ଧ, ଜୀନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦତ୍ତ ହୋଇଛି, ତାହା ଲକ୍ଷଣୀୟ :

"ଯ ଯ ଶୈବା ସମୁପାସନେ ଶିବ ଇତି ବ୍ରହ୍ମେତି
ବେଦାନ୍ତି ନୋ
ବୌଦ୍ଧା ବୁଦ୍ଧ ଇତି ପ୍ରମାଣ ପଟବଃ କର୍ତ୍ତେତି ନୈୟାୟିକାଃ
ଅର୍ହନ୍ନିତାଥ ଜୈନ ଶାସନରତାଃ କର୍ମେତି ମୀମାଂସକା
ସୋୟଂ ଯୋ ବିଦ୍ଧାତୁ ବାଞ୍ଛିତ ଫଳ ତ୍ରୈଲୋକ୍ୟନାଥୋ
ହରିଃ ।"

## ଶାନ୍ତିପ୍ରିୟତା :

ଭାରତୀୟ ସଂସ୍କୃତିର ଅନ୍ୟତମ ଉପାଦାନ ଭାବରେ ଶାନ୍ତିପ୍ରିୟତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପରିବେଶରେ ଶାନ୍ତି ଭରିଯାଉ, ଦିବ୍ୟ ସୁଷମା ବିଚ୍ଛୁରିତ ହେଉ, ପବନରେ ଶୀତଳତା ଭରିଯାଉ, ଫୁଲରେ ସୁବାସ ଭରିଯାଉ, ଦିଗ ଦିଗନ୍ତ ସୁବାସିତ ହେଉ, ଏହି ଆଶାରେ ଋଷିଙ୍କର ପ୍ରାଣ ପରିପୂରିତ ହେଉଥିଲା । ସମଗ୍ର ବିଶ୍ୱ ଆଜି ଏକବିଂଶ ଶତାବ୍ଦୀର ଦ୍ୱାର ଦେଶରେ ଅବସ୍ଥାନ କଲାବେଳେ ବିଭିନ୍ନ ସମସ୍ୟାରେ ଜର୍ଜରିତ ହୋଇପଡ଼ିଛି । ଏହି ଅବସ୍ଥାରେ ଭାରତବର୍ଷର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ ଏ କଥା କହିବାକୁ ଯାଇ ଶ୍ରୀଅରବିନ୍ଦ କହିଛନ୍ତି — "ଆଜି ସମଗ୍ର ବିଶ୍ୱ ଯେଉଁ ସମସ୍ୟା ନେଇ ବିବ୍ରତ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଛି, ଯଦି ଭାରତ ସଂକଳ୍ପ କରେ ତେବେ ଏହି ସମସ୍ୟାର ଦେଇପାରେ ଏକ ଯଥାର୍ଥ ସମାଧାନ ।" ସମସ୍ତେ ଶାନ୍ତିରେ ବାସ କରନ୍ତୁ ଏହି ଆଶା ଓ ବିଶ୍ୱାସ ରହିଛି ଭାରତୀୟ ସଂସ୍କୃତିରେ । ମଙ୍ଗଳାଚରଣରେ ସମସ୍ତଙ୍କ କଲ୍ୟାଣ କାମନା ପୂର୍ବକ କୁହାଯାଏ :

"ଓଁ ସର୍ବେଷାଂ ସ୍ୱସ୍ତି ଭବତୁ, ସର୍ବେଷାଂ ଶାନ୍ତିର୍ଭବତୁ,
ସର୍ବେଷାଂ ପୂର୍ଣ୍ଣଂ ଭବତୁ, ସର୍ବେଷାଂ ମଙ୍ଗଳଂ ଭବତୁ ।"
ଇତ୍ୟାଦି ।

ଗଗନ ପବନରେ, ଜଳରେ ସ୍ଥଳରେ ଶାନ୍ତି ବିରାଜମାନ କରୁ ଏ କଥା କହିବାକୁ ଯାଇ ଆର୍ଯ୍ୟ ଋଷି ଗାଇଛନ୍ତି :

"ଓଁ ଦ୍ୟୌ ଶାନ୍ତିଃ, ଅନ୍ତରୀକ୍ଷ ଶାନ୍ତିଃ, ପୃଥ୍ୱୀ ଶାନ୍ତିଃ
ବିଶ୍ୱେ ଦେବା ଶାନ୍ତିଃ, ଓଁ ବ୍ରହ୍ମ ଶାନ୍ତିଃ ସର୍ବଂ ଶାନ୍ତିଃ
ଶାନ୍ତିରେବ ହି ଶାନ୍ତିଃ, ସାମାଂ ଶାନ୍ତିରେଧି
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।"

ଉପରୋକ୍ତ ଆଲୋଚନାରୁ ଏ କଥା ସ୍ପଷ୍ଟ ଯେ ଭାରତୀୟ ସଂସ୍କୃତିରେ ମାନବିକତାର ନିରାଜନା ପାଇଁ ରହିଛି ପ୍ରଶସ୍ତ କ୍ଷେତ୍ର ଓ ପ୍ରଚୁର ସୁଯୋଗ । ଜୀବନର ସର୍ବାଙ୍ଗୀନ ବିକାଶ ନିମନ୍ତେ ଏଥିରେ ଯେଉଁ ସମୁଜ୍ଜ୍ୱଳ ଆଲୋକମାଳା ବିଦ୍ୟମାନ, ତାହାର ପଟାନ୍ତର ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅତଏବ ଏ କଥା ମୁକ୍ତ କଣ୍ଠରେ ସ୍ୱୀକାରଯୋଗ୍ୟ ଯେ ଭାରତୀୟ ସଂସ୍କୃତି ହେଉଛି ଏକାଧାରରେ ସତ୍ୟ, ଶିବ ଓ ସୁନ୍ଦରର ପୂଜାରୀ । ରାଜାଠାରୁ ପ୍ରଜା ପର୍ଯ୍ୟନ୍ତ ସମସ୍ତେ ନ୍ୟାୟ ମାର୍ଗରେ ପରିଚାଳିତ ହୁଅନ୍ତୁ, ସୁଖୀ ହୁଅନ୍ତୁ ବୋଲି ଉଦ୍‌ଘୋଷିତ ହୋଇଛି ଏହି ସଂସ୍କୃତିରେ । ତେଣୁ କୁହାଯାଇଛି :


"ଓଁ ସ୍ୱସ୍ତି ପ୍ରଜାଭ୍ୟଃ ପରିପାଳୟନ୍ତାଂ
ନ୍ୟାୟେଣ ମାର୍ଗେଣ ମହୀଂ ମହୀଶାଃ
ଗୋ ବ୍ରାହ୍ମଣେଭ୍ୟଃ ଶୁଭମସ୍ତୁ ନିତ୍ୟଂ
ଲୋକାଃ ସମସ୍ତାଃ ସୁଖିନୋ ଭବନ୍ତୁ ।"

ଅନ୍ଧକାରରୁ ଆଲୋକକୁ ନେବା ପାଇଁ, ଅସତ୍ୟରୁ ସତ୍ୟ ଆଡ଼କୁ, ମୃତ୍ୟୁରୁ ଅମୃତ ଆଡ଼କୁ ବ୍ୟକ୍ତିକୁ ନେଇଯିବାର ଯୋଗ୍ୟତା ଯେଉଁ ସଂସ୍କୃତିରେ ରହିଛି ତାକୁ ଶତ ପ୍ରଣାମ । ସେହି ଦେଶ ପ୍ରତି ଶ୍ରଦ୍ଧାରେ, ଭକ୍ତିରେ ମଥା ନଇଁଯାଏ । ମନେ ପଡ଼େ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ, "ଯଦି ପୃଥିବୀ ମଧ୍ୟରେ ଏପରି କୌଣସି ଦେଶ ଥାଏ, ଯାହାକୁ ପୁଣ୍ୟ ଭୂମି ନାମରେ ନାମିତ କରାଯାଇ ପାରେ, ଯଦି ଏପରି କୌଣସି ଦେଶ ଥାଏ ଯେଉଁଠାରେ ମନୁଷ୍ୟ ଜାତି ମଧ୍ୟରେ ସର୍ବାପେକ୍ଷା ଅଧିକ କ୍ଷାନ୍ତି, ଧୃତି, ଦୟା ପ୍ରଭୃତି ସଦ୍‌ଗୁଣର ବିକାଶ ହୋଇଛି, ତେବେ ନିଶ୍ଚିତ ଭାବରେ ମୁଁ କହିପାରେ ତାହା ହେଉଛି ଭାରତବର୍ଷ ।"

ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର ।

■ **କୌଣସି ପ୍ରକାର ହିଂସାତ୍ମକ କାର୍ଯ୍ୟକଳାପକୁ ତୁରନ୍ତ ଲକ୍ଷ୍ୟ ହାସଲର ପନ୍ଥା ସ୍ୱରୂପ ଗ୍ରହଣ କରିବାରେ ମୁଁ ଆଦୌ ବିଶ୍ୱାସ କରେ ନାହିଁ । ଉଦ୍ଦେଶ୍ୟ ଯେତେ ମହତ୍ ହେଲେ ସୁଦ୍ଧା ଏବଂ ସେଥିପ୍ରତି ମୋର ସବୁପ୍ରକାର ସହାନୁଭୂତି ରହିଥିଲେ ମଧ୍ୟ ସେହି ମହତ୍ ଉଦ୍ଦେଶ୍ୟ ସାଧନ ନିମନ୍ତେ ହିଂସାତ୍ମକ ପଦ୍ଧତି ଅବଲମ୍ବନ ମୁଁ ବରଦାସ୍ତ କରିପାରିବି ନାହିଁ ।**

**—ଗାନ୍ଧିଜୀ**



# ସାର୍ଥକ ସ୍ୱପ୍ନ

## ପ୍ରଗତି ତାଳରେ ସବୁଜ କ୍ଷେତର ସ୍ମିତ ଚାହାଣୀ

ଦିନର ଖରା, କ୍ଲାନ୍ତି, ଶ୍ରାନ୍ତ ମୁଣ୍ଡଫଟା ଖରା, ହାଡଥରା ଶୀତ, ଘନ ଶ୍ରାବଣର ମୂଷଳ ଧାରାକୁ ନମାନି ମାଟିର ମଣିଷ ମାଟିର କୋଳରେ 'ମା'ଟି ଭଳି ବର୍ଷ ତମାମ ଲାଗିପଡି ସୁନାର ଫସଲ ଫଳାନ୍ତି । ଫସଲର ବଳିଷ୍ଠତା, ଶସ୍ୟକଣିକାରେ ପେଟ ଭରିଯାଏ ଓ ସୁନିଦ୍ରା ଦିନର କ୍ଲାନ୍ତ ଶରୀରକୁ ଆରାମ ଦିଏ । ବିଜ୍ଞାନର ପ୍ରଗତିମୂଳକ ନୂତନ ଗବେଷଣାମୂଳକ ପଦ୍ଧତି କୃଷିକ୍ଷେତ୍ରରେ ପ୍ରୟୋଗ କରିବା ନିମନ୍ତେ ସରକାରୀ କଳର ସହାୟତା ଏ ଦେଶର କୃଷକମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ଅତି ସକ୍ଷମ ହୋଇପାରିଛି ।

ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ୍ ଅନ୍ତର୍ଗତ ମାଣିତରା ଗ୍ରାମର ମେଟ୍ରିକ ଶିକ୍ଷାଲାଭ କରିଥିବା 44 ବର୍ଷ ବୟସ୍କ କୃଷିଜୀବୀ ତଥା ଅଗ୍ରଣୀ ଚାଷୀ ହାଡିବନ୍ଧୁ ପ୍ରଧାନ ନିଜର ୬ ଏକର ଜଳସେଚିତ ଓ 5 ଏକର ବଗିଚା ପଦୁଗିଆ ଜମିରେ ବର୍ଷ ତମାମ ଧାନ, ଲାଉ, ମେଥି, ମାଣ୍ଡିଆ, ସୁଆ, ଭୁଟା ଆଦି ଆଦି ପରସ ସବୁଜ ଧନ, ମାଣ୍ଡିଆ, ଚିନାବାଦାମ, ଆଖୁ ଉତ୍ପାଦନ କରିଥାନ୍ତି । ଏହା ସହିତ ରସାଳ ଫଳ ବଗିଚାରୁ ହଜାର ହଜାର ଟଙ୍କା ଆମଦାନୀ ପାଇଥାନ୍ତି । ଏଥିପାଇଁ ସରକାରଙ୍କ ପ୍ରଧାନମନ୍ତ୍ରୀଙ୍କ କୂପ ଯୋଜନା, ଉଠାଜଳସେଚନ ପଏଣ୍ଟ ତାଲିମ ଏବଂ କୃଷି ଓ ଉଦ୍ୟାନ ବିଭାଗର ବିଭିନ୍ନ କୃଷକ ଲାଭକାରୀ ଯୋଜନା ତାଙ୍କର ପ୍ରଗତିର ପ୍ରଧାନ ପାଥେୟ ବୋଲି ସେ ହର୍ଷୋତ୍‌ଫୁଲ୍ଲ ଭାବେ ପ୍ରକାଶ କରନ୍ତି । ମାତ୍ର ଗୋଟିଏ ପୁଅ ଓ ୬ ଝିଅର ବଡ ପରିବାରର ସବୁକ ଏହି ମାଟିର ଉର୍ବରତା କୃଷି କ୍ଷେତ୍ର ଉପରେ ନିର୍ଭର କରେ । ଏହି ପରିବାରକୁ ସମସ୍ତ ସୁବିଧା–ସୁଯୋଗ ଦେବା ନିମନ୍ତେ ତଥା ଭବିଷ୍ୟତ ରକ୍ଷକ ସାଧନ ନିମନ୍ତେ, ହାଡିବନ୍ଧୁ ଓଡିଶା ସରକାରଙ୍କର ବିଭିନ୍ନ ଯୋଜନା ଉପରେ ଗଭୀର ଅନୁରାଗ ରଖି ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରନ୍ତି ଓ ପ୍ରତ୍ୟେକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଥାନ୍ତି । ଆଜି ଏ ଜିଲ୍ଲାର, ବୁଗୁଡା ବ୍ଲକ୍‌ର ଏକ ଅଗ୍ରଗଣ୍ୟ ଚାଷୀଭାବେ ସେ ସୁପରିଚିତ । ପିତା ସ୍ୱର୍ଗତ ନିତ୍ୟାନନ୍ଦ ପ୍ରଧାନଙ୍କର କୃଷି କାର୍ଯ୍ୟରେ ସୁନାମ ସୁଫଳ ପାଇବାରେ ହାଡିବନ୍ଧୁ ପ୍ରଧାନ ସରକାରଙ୍କର ଜନହିତକାରୀ ଚାଷୋପଯୋଗୀ କାର୍ଯ୍ୟକ୍ରମକୁ ସର୍ବଦା ଗ୍ରହଣ କରିଥାନ୍ତି । 1୯୮୦–୮1 ମସିହାରେ ଭୂଉନ୍ନୟନ ବ୍ୟାଙ୍କ ବୁଗୁଡାରୁ ୬ ହଜାର ଟଙ୍କା ମୋଟର ନିମନ୍ତେ, 2 ହଜାର ଟଙ୍କା ମୋଟର ଘର ତିଆରି ନିମନ୍ତେ ଓ ୫ ହଜାର ଟଙ୍କା କୂପ ଖୋଳିବାକୁ ଦଶବର୍ଷିଆ ଋଣ କରି ନିଜ ବଗିଚା, ପଦର ଜମି ନିମନ୍ତେ ଉଠାଜଳସେଚନ ପଏଣ୍ଟ ବସାଇ ବର୍ଷସାରା ଫସଲ ପାଇବାକୁ ସକ୍ଷମ ହୋଇଛନ୍ତି । ଏହାର ଋଣ ପରିମାଣ ଆଉ ମାତ୍ର ବର୍ଷେ ପରେ ପରିଶୋଧ ହେବ ବୋଲି ହାଡିବନ୍ଧୁ କହନ୍ତି । ଏହି ପାଣିକଳର ଜଳରେ ଉତ୍ପାଦିତ ଫଳ, ଫସଲ ଋଣ ପରିଶୋଧ କରି ଚାଲିଛି । ନିଜର ୩ ଏକର ଜମିରେ କଲମି ଆମ୍ବର ଚାରା 150 ଗଛ ଲଗାଇବାକୁ ଉଦ୍ୟାନବିଭାଗ ମାଗଣାରେ 1୯୮1 ମସିହାରେ ଦେଇଥିଲେ । 1୯୮୫–୮୬ରୁ ଆମ୍ବ ଫଳି ପ୍ରତି ବର୍ଷ ୩ ହଜାରରୁ 10 ହଜାର ପାଇଁ ପାଉଛନ୍ତି । 100 ନଡିଆ ଗଛ ଲଗାଇ ଥିଲେ, ନଡିଆ ଅଦାୟ ପାଉଛନ୍ତି । 1,200ଟି ନଡିଆ ଫଳ ମିଳୁଛି 20ଟି ଗଛରୁ । ୬୦୦ କଦଳୀ ଚାରା ୬୦ ସେଣ୍ଟ ଜମିରେ ଲଗାଇ 4 ହଜାର ଟଙ୍କା ପାଇଛନ୍ତି । 15 ଟି ପଣସ ଗଛରୁ ପ୍ରାୟ ଏକ ହଜାର ଟଙ୍କା ପାଇଛନ୍ତି । ବାଇଗଣ ବିକ୍ରୀ କରି ୩ ହଜାର ଟଙ୍କା, ଟମାଟୋ ବିକ୍ରୀ କରି ୩ ହଜାର ଟଙ୍କା, ଧାନ ବିକ୍ରୀ କରି ୮ ହଜାର ଟଙ୍କା ପାଉଛନ୍ତି । ଏହା ବାଦ ନିଜ ପରିବାରର ବର୍ଷ ତମାମ ଗୁଜୁରାଣ ମେଣ୍ଟାଉଛନ୍ତି । ଉଠାଜଳସେଚନ ପଏଣ୍ଟ ଦ୍ୱାରା ଏକ ଏକର ଜମିରେ ଆଖୁଚାଷ କରି ପ୍ରାୟ ୮ ହଜାର ଟଙ୍କା ପାଉଛନ୍ତି । ଏହି ଲାଭାଂଶରେ ୮୦ ସେଣ୍ଟ ଜମିରେ ପୋଖରୀ ଖୋଳାଇଛନ୍ତି । ମାଛଚାଷ କରି ବର୍ଷକୁ ୩ ହଜାର ଟଙ୍କା ପାଉଛନ୍ତି ।

ଶ୍ରୀ ଭାଗବତ ବିଷ୍ଣୁ ବାସୁଦେବ ମନ୍ଦିରରେ 12 ବର୍ଷ ତଳେ କେବଳ ବାଳଭୋଗ ହେଉଥିଲା । ବର୍ତ୍ତମାନ 3 ଏକର ଜମିରେ ମନ୍ଦିରର ଅନ୍ନଭୋଗ ନିମନ୍ତେ ଦାନ କରିଛନ୍ତି । ଉଠାଜଳସେଚନ ପଏଣ୍ଟ ନଥିବା ସମୟରେ ହାଡିବନ୍ଧୁଙ୍କର ବାର୍ଷିକ ଆଦାୟ 3 ରୁ 5 ହଜାର ହେଉଥିବା ବେଳେ ବର୍ତ୍ତମାନ ବାର୍ଷିକ ଆଦାୟ 30 ହଜାର ଟଙ୍କାକୁ ଆଦାୟ ବୃଦ୍ଧି ହୋଇଛି । ମରୁଡିର ଭୟ ଉଠାଜଳସେଚନ ପଏଣ୍ଟଟି ହାଡିବନ୍ଧୁଙ୍କ ମନରୁ ଦୂରେଇ ଯାଇଛି ।

ନୂତନ ପଦ୍ଧତିରେ ଧାନଚାଷ ଉତ୍ପାଦନ ବୃଦ୍ଧି ନିମନ୍ତେ ହାଡିବନ୍ଧୁଙ୍କୁ ପ୍ରଗତିମୂଳକ ତାଲିମ ସରକାରୀ ସ୍ତରରେ ମିଳୁଛି । ପଲ୍ଲୀଶ୍ରୋତା ମଣ୍ଡଳୀର କାର୍ଯ୍ୟକ୍ରମ କୃଷି ଓ କୃଷକ କାର୍ଯ୍ୟକ୍ରମ ସହ ବିଭିନ୍ନ ସରକାରୀ ସଂସ୍ଥା ହାଡିବନ୍ଧୁଙ୍କୁ ପ୍ରଗତି ପଥରେ ଆଗେଇ ଯିବା ନିମନ୍ତେ ତଥା ସମୃଦ୍ଧଶାଳୀ କରିବା ପାଇଁ ବର୍ଷରେ ଦୁଇ, ଚାରି ଥର ତାଲିମ ଦେଇଛନ୍ତି । ଆଲୋଚନା ଚକ୍ରରେ ଯୋଗଦେଇ ଫସଲ କ୍ଷେତରେ ସବୁ ଦିନିଆ ହସର ଲହରୀ ଖେଳାଇଛନ୍ତି ।

**ଶ୍ରୀ ଦାମୋଦର ପାଢ଼ୀ**
ମଣ୍ଡଳ ସଙ୍ଗଠକ
ପଲ୍ଲୀଶ୍ରୋତା ମଣ୍ଡଳୀ, ଛତ୍ରପୁର

## ଜଗଦାନନ୍ଦଙ୍କ ଆନନ୍ଦ

ଅଠମଲ୍ଲିକ ଲିଙ୍ଗ୍ରି ଗାଁ ସାହିରେ ଜଗଦାନନ୍ଦ ପ୍ରଧାନଙ୍କ ଘର । ତାଙ୍କର ବୟସ 32 ବର୍ଷ । ପରିବାର ମଧ୍ୟରେ ସ୍ୱାମୀ, ସ୍ତ୍ରୀ, 5 ବର୍ଷର ଝିଅ ଓ 1 1/2 ବର୍ଷର ପୁଅ । ଜମିବାଡି କିଛି ନାହିଁ । ବିଦ୍ୟା ଅଧ୍ୟୟନ ପାଇଁ ତାଙ୍କର ଯଥେଷ୍ଟ ଆଗ୍ରହ ଥିଲା । ସେ ଭାବିଥିଲେ ଉଚ୍ଚ ଶିକ୍ଷିତ ହେବେ କିନ୍ତୁ ଆର୍ଥିକ ଅବସ୍ଥା ଖରାପ ଥିବାରୁ ତାହା ସମ୍ଭବ ହୋଇ ପାରିଲା ନାହିଁ । ଗୋଟିଏ ଦୋକାନରେ ବିକ୍ରେତା ଭାବରେ ନିଯୁକ୍ତ ହେଲେ ଅଳ୍ପ ଦୁଇ ପଇସା ଆୟ କଲେ । କିନ୍ତୁ ମନ ମଧ୍ୟରେ ସବୁବେଳେ ଚିନ୍ତା ଥିଲା କିଭଳି ନିଜେ ଗୋଟିଏ ଦୋକାନ କରି ସ୍ୱାବଲମ୍ବୀ ହୋଇ ପାରନ୍ତେ । ଅର୍ଥ କେଉଁଠୁ ପାଇବେ କିଏ ବା ଦେବ । ଦୋକାନରେ ରହିବା ମଧ୍ୟରେ ମାଟ୍ରିକ ପାସ କରି ଆଇ.ଏ.ରେ ନାମ ଲେଖାଇଲେ ।

ସେ ଶୁଣିଲେ ବେକାର ଶିକ୍ଷିତମାନଙ୍କୁ ଆତ୍ମନିଯୁକ୍ତି ଯୋଜନାରେ ସରକାର 25,000 ଟଙ୍କା ଋଣ ଦେଉଛନ୍ତି । 1985 ମସିହାରେ ବେକାର ଶିକ୍ଷିତଙ୍କ ନିମନ୍ତେ ମିଳୁଥିବା 25,000 ଟଙ୍କା ସାହାଯ୍ୟ ପାଇବା ପାଇଁ ଦରଖାସ୍ତ କଲେ । ଜିଲ୍ଲା ଶିଳ୍ପ କେନ୍ଦ୍ର ଢେଙ୍କାନାଳରୁ ଋଣ ପାଇଁ ଦରଖାସ୍ତ ମଞ୍ଜୁର କରାଗଲା । ଅଠମଲ୍ଲିକ ଷ୍ଟେଟ୍ ବ୍ୟାଙ୍କରୁ ତାଙ୍କୁ 25,000 ଟଙ୍କା ଋଣ ମିଳିଲା । ଶ୍ରୀ ପ୍ରଧାନ ନିଜର ବହୁ ଦିନର ଅଭିଳାଷ ପୂରଣ କରିବା ପାଇଁ 18,000 ଟଙ୍କା ବ୍ୟୟରେ ହୋଟେଲଟିଏ ଅଠମଲ୍ଲିକ ବସଷ୍ଟାଣ୍ଡରେ ଖୋଲିଲେ । ସେଥିରେ ସଫଳ ହୋଇ ପାରିଲେ ନାହିଁ । ହୋଟେଲ ବନ୍ଦ କରି ସେ ଅବଶିଷ୍ଟ 7,000 ଟଙ୍କାରେ ଗୋଟିଏ ଡେଜରାତି ଦୋକାନ ଅଠମଲ୍ଲିକ ବ୍ଲକ୍ ଅଫିସ୍ ସମ୍ମୁଖରେ ଆରମ୍ଭ କଲେ । ଲୋକମାନଙ୍କ ଚାହିଦା ମୁତାବକ ଜିନିଷପତ୍ର ଦୋକାନରେ ସଜାଇ ରଖିଲେ । ଫଳରେ ଦୋକାନ ଖୁବ ଭଲ ଭାବରେ ଚାଲିଲା ଦୈନିକ ଯାହା ଲାଭ ପାଆନ୍ତି ନିଜର ଗୁଜରାଣ ମେଣ୍ଟାଇବା ପାଇଁ ଅଳ୍ପ କିଛି ନିଅନ୍ତି । ଅବଶିଷ୍ଟ ଟଙ୍କାରେ ସଉଦା କିଣି ଦୋକାନରେ ରଖନ୍ତି । ଦିନକୁ ଦିନ ଦୋକାନ ବଢିବା ସହିତ ବିକ୍ରୀ ମଧ୍ୟ ଯୋରରେ ଚାଲିଲା । ସେ ଡେଜରାତି ଜିନିଷ ସହିତ ଷ୍ଟେସନାରୀ ଦୋକାନ ଆରମ୍ଭ କରିଦେଲେ । ବର୍ତ୍ତମାନ ଦୈନିକ 500 ଟଙ୍କା ବିକ୍ରୀ ହେଉଛି ।

ସେ ତାଙ୍କର ଗୃହଟିକୁ ସୁନ୍ଦର ଭାବରେ ମରାମତି କରି ପାରିଛନ୍ତି । ଝିଅଟିକୁ ଶିକ୍ଷା ଦେବା ପାଇଁ ଜଣେ ଟିଉସନ୍ ଶିକ୍ଷକ ନିଯୁକ୍ତ କରିଛନ୍ତି । ବ୍ୟାଙ୍କରୁ ଆଣିଥିବା ଋଣରୁ 12,000 ଟଙ୍କା ପରିଶୋଧ କରି ଦେଇଛନ୍ତି । ବର୍ତ୍ତମାନ ତାଙ୍କ ଦୋକାନଟିର ମୂଲ୍ୟ ପ୍ରାୟ 30 ହଜାରରୁ ଊର୍ଦ୍ଧ୍ୱ ହେବ । ପିଲାମାନଙ୍କ ଭବିଷ୍ୟତ ପାଇଁ ସଞ୍ଚୟ ବହି ମାଧ୍ୟମରେ ସଞ୍ଚୟ କରିବା ପାଇଁ ଆରମ୍ଭ କରିଦେଲେଣି ।

**ଶ୍ରୀ ଅର୍ଜ୍ଜୁନ ମଲିକ**
ଅନୁବିଭାଗୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ,
ଅଠମଲ୍ଲିକ, ଢେଙ୍କାନାଳ ।

■ ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କଠାରୁ ହୁଏତ ଆମର ବହୁତ କିଛି ଶିଖିବାର ଅଛି କିନ୍ତୁ ମୋର ବିଶ୍ୱାସ ଆମର ଐତିହ୍ୟରୁ ଅନେକ କିଛି ଶିଖିବାକୁ ହେବ । ଭାରତର ଆତ୍ମା ଜୀବନ୍ତ ଏବଂ ବିବେକ ପ୍ରଖର, ତେଣୁ ଆମକୁ ବସ୍ତୁବାଦୀ ପ୍ରଗତି ଓ ତା'ର ମୂଲ୍ୟବୋଧ ସହିତ ନୀତି ଓ ଆଧ୍ୟାତ୍ମିକ ମୂଲ୍ୟବୋଧର ଏକ ସଂହତି ଖୋଜି ବାହାର କରିବାକୁ ହେବ । ଏହି ସଂହତିର ସୂତ୍ର, ଆମ ଦେଶକୁ ଆଗେଇ ଯିବାରେ ଯେତିକି ସାହାଯ୍ୟ କରିବ, ବିଶ୍ୱ ମାନବ ସମାଜକୁ ଶାନ୍ତି ଓ ପ୍ରଗତି ପଥରେ ସେତିକି ଆଗେଇ ନେବ । ଏକଦେଶଦର୍ଶିତା ଯୋଗୁଁ ଯେଉଁ ବିପଦ ଦେଖା ଦେବାର ସମ୍ଭାବନା ରହିଛି ଏହାଦ୍ୱାରା ତାହା ଦୂର ହୋଇ ପାରିବ ।

**—ଶାସ୍ତ୍ରୀଜୀ**

# ସମ୍ବାଦ ପରିକ୍ରମା

## ଅଖିଳ ଭାରତୀୟ ରାଜଭାଷା ସମ୍ମେଳନ

ଗତ ଡିସେମ୍ବର ୧୩ ତାରିଖରେ କଳିଙ୍ଗ ଅଶୋକାଠାରେ ଅନୁଷ୍ଠିତ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ ଓ ହିନ୍ଦୀ ପ୍ରଶିକ୍ଷଣ କର୍ମଶାଳାକୁ ରାଜ୍ୟପାଳ ପ୍ରଫେସର ସୟଦ୍ ନୁରୁଲ ହାସନ୍ ଉଦ୍‌ଘାଟନ କରିଥିଲେ । ରାଜ୍ୟପାଳ ତାଙ୍କ ଉଦ୍‌ଘାଟନୀ ଭାଷଣରେ ଦେଶରେ ହିନ୍ଦୀଭାଷାର ବହୁଳ ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ ଯେ କୌଣସି ଗୋଟିଏ ଭାଷାକୁ ଆଦର କରିବା, ବ୍ୟବହାର କରିବା ଅଥବା ଶିଖିବା ଅର୍ଥ ଅନ୍ୟଭାଷାକୁ ଅବହେଳା ଅଥବା ଅସମ୍ମାନ କରିବା ନୁହେଁ । ଗୋଟିଏ ପରିବାରର ବିଭିନ୍ନ ସଦସ୍ୟଙ୍କ ଭଳି ଭାରତରେ ପ୍ରଚଳିତ ବିଭିନ୍ନ ଆଞ୍ଚଳିକ ଭାଷାମାନଙ୍କର ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ରହିଛି । ତେବେ ହିନ୍ଦୀଭାଷା ଭାରତରେ ଅଧିକାଂଶ ରାଜ୍ୟରେ, ଏପରିକି ଦକ୍ଷିଣ ଭାରତରେ ମଧ୍ୟ ଲୋକ ଅଧିକେ ସମସ୍ତେ ବୁଝିପାରନ୍ତି । ତେଣୁ ସର୍ବଭାରତୀୟସ୍ତରରେ ଭାବର ଆଦାନପ୍ରଦାନ ପାଇଁ ଏକମାତ୍ର ଭାଷା ସକାଶେ ହିନ୍ଦୀଭାଷା ରାଜଭାଷା ହୋଇ ରହିବା ଅସମୀଚିନ ନୁହେଁ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ଉକ୍ତି ଅନୁଯାୟୀ ହିନ୍ଦୀକୁ ବାଧ୍ୟବାଧକରେ କାହା ଉପରେ ଲଦି ଦିଆ ନଗଲେ ମଧ୍ୟ ନିଜର ମାତୃଭାଷାର ଭଳି ତଥା ଆଦର କରିବା ସହିତ ହିନ୍ଦି ଭାଷା ମଧ୍ୟ ଶିକ୍ଷା କରିବା ଉଚିତ । ଇଂରାଜୀ ଭାଷା ସହିତ ହିନ୍ଦୀର କୌଣସି ବିରୋଧ ନାହିଁ । କୁଟନୈତିକ ସ୍ତରରେ, ବାଣିଜ୍ୟ ବ୍ୟବସାୟରେ, ବୈଜ୍ଞାନିକ ଓ ବୈଷୟିକ ପ୍ରଗତି ସହିତ ନିବିଡ ସମ୍ପର୍କ ପାଇଁ ଓ ଆନ୍ତର୍ଜାତିକ ସ୍ତରରେ ସୁସମ୍ପର୍କ ସ୍ଥାପନ କରିବାରେ ଇଂରେଜୀ ଭାଷା ସହାୟକ ହୋଇ ଆସିଛି । ତେଣୁ ହିନ୍ଦୀଭାଷୀମାନେ ମଧ୍ୟ ଅନ୍ୟାନ୍ୟ ଭାଷା ଶିକ୍ଷା କରିବା ନେଇ ଆଗ୍ରହୀ ହେବା ଉଚିତ । ହିନ୍ଦୀର ପ୍ରସାର ନେଇ ଭାରତୀୟ ଗ୍ରାମାଞ୍ଚଳମାନଙ୍କରେ ଯେଉଁ ପ୍ରକାର କଥିତ ଭାଷା ବ୍ୟବହାର ହୋଇଥାଏ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଉଚିତ ବୋଲି ପ୍ରଫେସର ହାସନ କହିଥିଲେ । ରାଜ୍ୟପାଳ ଏହି ଅବସରରେ ଆୟୋଜିତ ହୋଇଥିବା ରାଜଭାଷା ପ୍ରଦର୍ଶନୀ ମଧ୍ୟ ବୁଲି ଦେଖିଥିଲେ ।

ଏହି ଉତ୍ସବରେ ରାଷ୍ଟ୍ରୀୟ ହିନ୍ଦୀ ଏକାଡେମୀର ସଭାପତି ଡ: ସୁଦେଶ ଭାରତୀ ସ୍ୱାଗତ ଭାଷଣ ଦେଇଥିଲେ । ପାର୍ଲିଆମେଣ୍ଟ ସଦସ୍ୟା ଶ୍ରୀମତୀ ବୀଣା ବର୍ମା, କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ: ଗଙ୍ଗାପ୍ରସାଦ କମଳ, ପୂର୍ବଭାରତରେ କେନ୍ଦ୍ରୀୟ ପ୍ରତିନିଧି ସ୍ୱୟମ୍ଭୁ ଭଟ୍ଟାଚାର୍ଯ୍ୟ ଏହି ସମ୍ମିଳନୀରେ ଅଂଶଗ୍ରହଣ କରି ହିନ୍ଦୀର ପ୍ରସାର ପାଇଁ ସମ୍ବିଧାନରେ ପ୍ରମୁଖ ବ୍ୟବସ୍ଥା ଓ ବିଭିନ୍ନ ପ୍ରଚେଷ୍ଟା ଉପରେ ଆଲୋକପାତ କରିଥିଲେ ।

## ଭବ କୁଣ୍ଡେଳେଶ୍ୱର ମନ୍ଦିର

ପୁରୀ ଜିଲ୍ଲାର ମାଣିକ ପାଟଣାସ୍ଥିତ ଭବ କୁଣ୍ଡେଳେଶ୍ୱର ମନ୍ଦିରକୁ 'ସଂରକ୍ଷିତ କୀର୍ତ୍ତି' ଭାବରେ ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏହା ଫଳରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଓ ସାଂସ୍କୃତିକ ବିଭାଗ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିବେ ।

ପୁରୀ ଜିଲ୍ଲାର ବ୍ରହ୍ମଗିରିଠାରୁ ପ୍ରାୟ 20 କିଲୋମିଟର ଦୂର ମାଣିକପାଟଣାଠାରେ ଅବସ୍ଥିତ ଏହି ଶିବ ମନ୍ଦିରଟି ଅତି ପ୍ରାଚୀନ । ଏହି ମନ୍ଦିରଟି ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ହୋଇଥିବା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ସୂତ୍ରରୁ ପ୍ରକାଶ । ପୁରୁଷୋତ୍ତମ କାଞ୍ଚି-କାବେରୀ ବିଜୟ ଅଭିଯାନରେ ଯିବା ପୂର୍ବରୁ ଏହି ମନ୍ଦିରରେ ପୂଜା ଆରାଧନା କରି ଭବ କୁଣ୍ଡେଳେଶ୍ୱରଙ୍କ ଆଶୀର୍ବାଦ ଲାଭ କରିଥିବା ଏବଂ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଏଠାରେ ମାଣିକ ଗଉଡୁଣୀଠାରୁ ଦହି ଖାଇଥିବାରୁ ସେହି ସ୍ଥାନର ନାମ ମାଣିକପାଟଣା ହୋଇଥିବା ପ୍ରବାଦ ରହିଛି ।

ବର୍ତ୍ତମାନ ମନ୍ଦିରର ନିମ୍ନଭାଗ ବାଲିରେ ପୋତି ହୋଇପଡିଛି ଏବଂ ମନ୍ଦିରଟି ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି । ମନ୍ଦିରରେ 'ଭବ କୁଣ୍ଡେଳେଶ୍ୱର' ଲିଙ୍ଗ ଆକାରରେ ପୂଜା ପାଆନ୍ତି । ଏହା ଏକ ପ୍ରାଚୀନ ଏବଂ ପ୍ରସିଦ୍ଧ ମନ୍ଦିର ହୋଇଥିବା ଦୃଷ୍ଟିରୁ ତୁରନ୍ତ ମନ୍ଦିରର ରକ୍ଷଣାବେକ୍ଷଣର ଆବଶ୍ୟକତା ଅନୁଭବ କରି ରାଜ୍ୟ

ସଂସ୍କୃତି ଏବଂ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ ମନ୍ଦିରକୁ 'ସଂରକ୍ଷିତ କୀର୍ତ୍ତି' ଭାବରେ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

## ସରକାରଙ୍କ ଜନ କଲ୍ୟାଣ କାର୍ଯ୍ୟକ୍ରମ

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅମର ପ୍ରଧାନ ଢେଙ୍କାନାଳ ଜିଲ୍ଲାର ବଳଦିଆବନ୍ଧ ଗ୍ରାମ ପଞ୍ଚାୟତ ଅଫିସ୍ ଗୃହ ଉଦ୍‌ଘାଟନ କରି ବର୍ତ୍ତମାନ ରାଜ୍ୟ ସରକାର ଜନ କଲ୍ୟାଣ ପାଇଁ କୃଷକମାନଙ୍କୁ 12 ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ, ଶିକ୍ଷିତ ବେକାରମାନଙ୍କୁ ବେକାରୀ ଭତ୍ତା ଏବଂ ଅସହାୟ ବୃଦ୍ଧ ବ୍ୟକ୍ତି ଓ ବିଧବାମାନଙ୍କ ପାଇଁ ମାସିକ ଏକଶହ ଟଙ୍କା ଭତ୍ତା ଦେବା ପାଇଁ ନିଷ୍ପତ୍ତି କରିଛନ୍ତି ବୋଲି ପ୍ରକାଶ କରିଥିଲେ । ଖୁବ୍ କମ୍ ସମୟ ହାତରେ ଥିଲେ ମଧ୍ୟ ସାମ୍ବିଧାନିକ ସରକାର ଭାବରେ ଜନସାଧାରଣ ତଥା ରାଜ୍ୟର ଉନ୍ନତି ପାଇଁ କାର୍ଯ୍ୟ କରିବେ । ସରକାର ରାଜ୍ୟର ଗ୍ରାମ ପଞ୍ଚାୟତ ନିର୍ବାଚନ ଶୀଘ୍ର କରିବେ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ ଓ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ ।

ନୂତନ ଜିଲ୍ଲା ଗଠନ ସମ୍ପର୍କରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ହେଉଥିବା ଜନସାଧାରଣଙ୍କ ଦାବୀ ବିଷୟରେ ସରକାର ବିଚାର କରି ପର୍ଯ୍ୟାୟ କ୍ରମେ ନିଷ୍ପତ୍ତି ଘୋଷଣା କରିବେ ବୋଲି ରାଷ୍ଟ୍ରମନ୍ତ୍ରୀ କହିଥିଲେ ।

ମନ୍ତ୍ରୀ ଶ୍ରୀ ପ୍ରଧାନ ଢେଙ୍କାନାଳ ସଦର ହାସପାତାଳ ଅଚାନକ ଭାବେ ପରିଦର୍ଶନ କରିଥିଲେ ଓ ରୋଗୀମାନଙ୍କ ଖଟିଆ ଓ ବିଛଣା ବଦଳାଇବା, ବାରଣ୍ଡାମାନଙ୍କରେ ଆଲୋକ ବ୍ୟବସ୍ଥା କରିବା ଓ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବା ପାଇଁ ସି.ଡି.ଏମ୍.ଓ.ଙ୍କୁ ପରାମର୍ଶ ଦେଇଥିଲେ । ଟାଉନ୍‌ର ସିମୁଳିଆ ଗ୍ରାମର ଏକ ସୁଲଭ ମୂଲ୍ୟ ଦୋକାନ ପରିଦର୍ଶନ କରି ସ୍ଥାନୀୟ ଲୋକମାନଙ୍କ ସହିତ ଅତ୍ୟାବଶ୍ୟକୀୟ ଜିନିଷ ଯୋଗାଣ ସମ୍ପର୍କରେ ଆଲୋଚନା କରିଥିଲେ ।

## ଉନ୍ନୟନ କାର୍ଯ୍ୟକ୍ରମ ଆଲୋଚନା

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ଏବଂ ଉଠା ଜଳସେଚନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅମର ପ୍ରଧାନ ତାଳଚେରସ୍ଥ ଥର୍ମାଲଠାରେ ତାଳଚେର ନିର୍ବାଚନ ମଣ୍ଡଳୀ ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ଜନହିତକର କାର୍ଯ୍ୟଗୁଡିକର ଅଗ୍ରଗତି ବିଷୟରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସଙ୍ଗେ ସଙ୍ଗେ ଟି.ଟି.ପି.ଏସ୍. କର୍ମଚାରୀମାନଙ୍କର ବକେୟା ପ୍ରାପ୍ୟ, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସମେତ ଥର୍ମାଲର ବିଦ୍ୟୁତ ଉତ୍ପାଦନ ସଂକ୍ରାନ୍ତୀୟ ବିଭିନ୍ନ ସମସ୍ୟା ବିଷୟରେ ସେଠାକାର ଜେନେରାଲ ମ୍ୟାନେଜରଙ୍କ ସହ ଏକ ସବିଶେଷ ଆଲୋଚନା କରିଥିଲେ ।

ଅନୁଗୁଳସ୍ଥ ସର୍କିଟ୍ ହାଉସଠାରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସରକାରୀ ଅଧିକାରୀମାନଙ୍କ ସହ ସ୍ଥାନୀୟ ସମସ୍ୟା ତଥା ଉନ୍ନୟନମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ । ସେଠାରେ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ସରକାର ନୀତିଗତ ଭାବେ ଘୋଷଣା କରିଥିବା ନୂତନ ଜିଲ୍ଲା ଗଠନ ସମ୍ପର୍କରେ ଶ୍ରୀ ପ୍ରଧାନ ଆଲୋଚନା କରିଥିଲେ । ଦୀର୍ଘଦିନ ଧରି ଦାବୀ ହୋଇ ଆସୁଥିବା ଅନୁଗୁଳକୁ ତା'ର ପୂର୍ବ ମର୍ଯ୍ୟାଦା, ଯାହାକି ୧୯୯୧ ମସିହାରେ ବୌଦ-କନ୍ଧମାଳକୁ ନେଇ ଏକ ଜିଲା ଥିଲା, ତାହା ଫେରାଇ ଦେବା ସକାଶେ ଏକ ନୂତନ ଜିଲା ଭାବେ ଘୋଷଣା କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିସାରିଛନ୍ତି ବୋଲି ପ୍ରକାଶ କରିଥିଲେ ଏବଂ ଭବିଷ୍ୟତରେ ଦେବଗଡ, ଗଜପତି ସମେତ ନୂତନ ଜିଲ୍ଲା ଗଠନ ନିଷ୍ପତ୍ତି ନେବା ସମୟରେ ଅନୁଗୁଳ ଜିଲ୍ଲା ଗଠନ ପାଇଁ ବିଚାର କରାଯିବ ବୋଲି ରାଷ୍ଟ୍ରମନ୍ତ୍ରୀ ପ୍ରକାଶ କରିଥିଲେ ।

## ବଡଚଣାରେ କମ୍ୟୁନିଟି ହେଲ୍‌ଥ ସେଣ୍ଟର୍ ଉଦ୍‌ଘାଟିତ

କଟକଠାରୁ ୪୦ କିଲୋମିଟର୍ ଦୂରରେ ଅବସ୍ଥିତ ବଡଚଣାଠାରେ ଓଡିଶାର ରାଜ୍ୟପାଳ ପ୍ରଫେସର୍ ନୁରୁଲ୍ ହାସାନ୍ ଏକ 16 ଶଯ୍ୟା ବିଶିଷ୍ଟ କମ୍ୟୁନିଟି ହେଲ୍‌ଥ ସେଣ୍ଟର୍ ଉଦ୍‌ଘାଟନ କରିଛନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟନ ଉତ୍ସବ ଉପଲକ୍ଷେ ଆୟୋଜିତ ଏକ ଜନ ସଭାରେ ଉଦ୍‌ବୋଧନ ଦେଇ ପ୍ରଫେସର୍ ହାସାନ୍ କହିଲେ ଯେ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଏହି ପ୍ରକାର ପ୍ରାଥମିକ ଓ ସାର୍ବଜନିନ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଗଲେ ଆସନ୍ତା 2000 ମସିହା ସୁଦ୍ଧା ସମସ୍ତ ଲୋକଙ୍କୁ (ଗ୍ରାମବାସୀ)ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇ ପାରିବ । ବିଶ୍ୱ ସ୍ୱାସ୍ଥ୍ୟ ସମ୍ମିଳନୀରେ ଭାରତ ଯୋଗ ଦେଇ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ପ୍ରତ୍ୟେକ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନୀତିକୁ ଗ୍ରହଣ କରିଛି । ଆମ ରାଜ୍ୟର ଗ୍ରାମାଞ୍ଚଳରେ ଶତକଡା ୫୦ ଭାଗ ଲୋକ ବାସ କରୁଥିବାରୁ ଜାତୀୟ ସ୍ୱାସ୍ଥ୍ୟ ନୀତିର ସଫଳ ରୂପାୟନ ନିମନ୍ତେ ନିଷ୍ଠାପର ଉଦ୍ୟମ କରାଯିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ ।

ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୀତାକାନ୍ତ ମହାପାତ୍ର ଏହି ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରି ରାଜ୍ୟ ସରକାରଙ୍କ ତରଫରୁ ଜାତୀୟ ରାଜପଥ କଡରେ ପ୍ରାୟ 5 ଗୋଟି ଦୁର୍ଘଟଣା କେନ୍ଦ୍ର ଓ 5 ଗୋଟି ହୃଦ୍‌ରୋଗ ଚିକିତ୍ସା କେନ୍ଦ୍ର କରାଯିବାର ଯୋଜନା ରହିଛି ବୋଲି ପ୍ରକାଶ କରିଥିଲେ । ରାଜ୍ୟର 5 ଶହ ଡାକ୍ତରଖାନା 7ମ ଯୋଜନାର ଶେଷ ସୁଦ୍ଧା ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ରାଜ୍ୟ ସରକାର 520ଟି ଡାକ୍ତରଖାନା ପ୍ରତିଷ୍ଠା କରି ପାରିଛନ୍ତି । ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ଏ ସରକାର କରିବେ ବୋଲି ଶ୍ରୀ ମହାପାତ୍ର କହିଥିଲେ । 174ଟି ଅତିରିକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯିବା ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଛି । ସେହିପରି 36ଟି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନତ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିବର୍ତ୍ତିତ କରିବା ପାଇଁ କାମ ଆରମ୍ଭ ହୋଇଛି । ସ୍ୱଳ୍ପ ସମୟ ମଧ୍ୟରେ ଏହି ସରକାର ଅନେକ ଗୁଡିଏ ଜନକଲ୍ୟାଣ କାର୍ଯ୍ୟ ହାତକୁ ନେଇଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ ।

ଏହି ସଭାରେ ରାଜ୍ୟପାଳଙ୍କ ସଚିବ ଶ୍ରୀ ଅଭୟ ରଥ, ଜିଲ୍ଲାପାଳ ଶ୍ରୀ ପ୍ରିୟବ୍ରତ ପଟ୍ଟନାୟକ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ପଞ୍ଚାୟତ ସମିତି ଚେୟାରମ୍ୟାନ୍‌ଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

## ଶିକ୍ଷାକର୍ମୀ ନିଯୁକ୍ତି ଯୋଜନା

1988 ଶେଷ ସୁଦ୍ଧା ରାଜ୍ୟରେ ପ୍ରାୟ 22 ହଜାର ମାଟ୍ରିକ୍ ସି.ଟି. ଯୋଗ୍ୟତା ସମ୍ପନ୍ନ ବେକାର ଯୁବକ ଯୁବତୀ ଥିଲେ । ଏହି ଯୋଗ୍ୟତା ସମ୍ପନ୍ନ ବେକାର ଯୁବକ ଯୁବତୀଙ୍କୁ କାର୍ଯ୍ୟ ଯୋଗାଇ ଦେବା ପାଇଁ ଏକ ଯୋଜନା ମନ୍ତ୍ରୀମଣ୍ଡଳ ବୈଠକରେ ଅନୁମୋଦିତ ହେଲା । ଏହି ଯୋଜନା ଫଳରେ ସମସ୍ତ ବେକାର ମାଟ୍ରିକ୍ ସି.ଟି.ମାନଙ୍କୁ ଶିକ୍ଷାକର୍ମୀ ରୂପେ ନିଯୁକ୍ତ କରାଯିବ । ସେମାନେ ପ୍ରତ୍ୟେକ ମାସକୁ 400 ଟଙ୍କା ଭତ୍ତା ପାଇବେ ଏବଂ 2 ବର୍ଷ ପରେ ଏହି ଭତ୍ତା 600 ଟଙ୍କାକୁ ବୃଦ୍ଧି ପାଇବ । ସନ୍ତୋଷଜନକ କାର୍ଯ୍ୟ କଲେ 4 ବର୍ଷ ପରେ ଜଣେ ଶିକ୍ଷାକର୍ମୀ ବିଧିବଦ୍ଧ ଭାବେ ପ୍ରାଥମିକ ଶିକ୍ଷକ ରୂପେ ନିଯୁକ୍ତି ପାଇପାରିବେ ।

ରାଜ୍ୟର ସମସ୍ତ ଜନବସତି ଏବଂ ଜନପଦର ଏକ କି.ମି. ଦୂରତ୍ୱ ମଧ୍ୟରେ ପ୍ରାଥମିକ ଶିକ୍ଷା ସୁବିଧା ଯୋଗାଇ ଦେବା ପାଇଁ ଏହି ତାଲିମପ୍ରାପ୍ତ ଶିକ୍ଷାକର୍ମୀମାନଙ୍କୁ ନିଯୁକ୍ତି କରାଯିବ । ଏହା ବ୍ୟତୀତ ଯେଉଁ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଛାତ୍ରସଂଖ୍ୟା ଅନୁସାରେ ଯଥେଷ୍ଟ ସଂଖ୍ୟକ ଶିକ୍ଷକ ନାହାନ୍ତି, ସେଗୁଡ଼ିକରେ ଶିକ୍ଷା ଦେବା ପାଇଁ ଶିକ୍ଷାକର୍ମୀ ନିଯୁକ୍ତ କରାଯିବ । ଇନ୍ଦିରା ଆବାସ କଲୋନୀ ବା ସେହିପରି କ୍ଷୁଦ୍ର ଜନପଦମାନଙ୍କ କ୍ଷେତ୍ରରେ ନିକଟବର୍ତ୍ତୀ ବିଦ୍ୟାଳୟରେ ଶିକ୍ଷାକର୍ମୀମାନଙ୍କୁ ନିଯୁକ୍ତ କରାଯିବ, ଯେଉଁମାନେ ଉକ୍ତ ବସତିକୁ ଯାଇ ସେଠାରେ ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବେ ଏବଂ ପାଠ ପଢାଇବେ ।

କୋରାପୁଟ, ବଲାଙ୍ଗିର, ଫୁଲବାଣୀ, ସୁନ୍ଦରଗଡ ଓ ସମ୍ବଲପୁର ଜିଲ୍ଲାମାନଙ୍କରେ ସମସ୍ତ ତାଲିମପ୍ରାପ୍ତ ପ୍ରାର୍ଥୀ ନିଯୁକ୍ତି ହୋଇପାରିଲେ, ଅଣ-ତାଲିମପ୍ରାପ୍ତ ମହିଳାମାନଙ୍କୁ ଏବଂ ମହିଳା ନମିଳିଲେ, ପୁରୁଷମାନଙ୍କୁ ମଧ୍ୟ ଶିକ୍ଷାକର୍ମୀ ରୂପେ ନିଯୁକ୍ତି ଦିଆଯିବ । ତ୍ୱରାନ୍ୱିତ ଗତିରେ ଏହି ପରିକଳ୍ପନାକୁ କାର୍ଯ୍ୟକାରୀ କରି ବହୁଦିନରୁ ବେକାର ବସିଥିବା ଯୁବକ ଯୁବତୀମାନଙ୍କୁ ଅତିଶୀଘ୍ର ଶିକ୍ଷାକର୍ମୀ ରୂପେ କାର୍ଯ୍ୟ କରିବାର ସୁଯୋଗ ଯୋଗାଇ ଦେବାକୁ ମନ୍ତ୍ରୀମଣ୍ଡଳ ବୈଠକରେ ନିଷ୍ପତ୍ତି ହେଲା । ଏହି କାର୍ଯ୍ୟକ୍ରମରେ ବିଗତ ଦୁଇମାସ ମଧ୍ୟରେ ପ୍ରାୟ 6 ହଜାର ଶିକ୍ଷାକର୍ମୀ ନିଯୁକ୍ତି ପାଇ ସାରିଲେଣି ଏବଂ ଆଉ 6,500 ଶିକ୍ଷାକର୍ମୀଙ୍କୁ ନିଯୁକ୍ତି ଦେବା ପାଇଁ ଉଦ୍ୟମ ଚାଲିଛି । ଏହି ପରିକଳ୍ପନା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେଲେ ରାଜ୍ୟର ପ୍ରାୟ 32 ହଜାର ଯୁବକ ଯୁବତୀ ଶିକ୍ଷାକର୍ମୀ ରୂପେ ନିଯୁକ୍ତି ପାଇପାରିବେ ।

## ନୂତନ ସୂଚନା କେନ୍ଦ୍ର ଓ ପାଠାଗାର

ସୁନ୍ଦରଗଡ ଜିଲ୍ଲା ବଣେଇଗଡ ଉପଖଣ୍ଡ ସଦର ମହକୁମାଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ନିକଟରେ ଏକ ନୂତନ ସୂଚନା କେନ୍ଦ୍ର ଏବଂ ପାଠାଗାର ଖୋଲାଯାଇଛି । ପ୍ରତ୍ୟେକ ସବ୍‌ଡିଭିଜନ୍ ସଦର ମହକୁମାରେ ସୂଚନା କେନ୍ଦ୍ର ଏବଂ ପାଠାଗାର ଖୋଲାଯିବା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ପରିପ୍ରେକ୍ଷୀରେ ଏହି ସୂଚନା କେନ୍ଦ୍ର ଖୋଲାଯାଇଛି । ଆଦିବାସୀ ଅଧ୍ୟୁଷିତ ଏ ଅଞ୍ଚଳ ବଣେଇର ଜନସାଧାରଣ ଏହାଦ୍ୱାରା ବିଶେଷ ଉପକୃତ ହୋଇ ପାରିଛନ୍ତି ।

## ଢେଙ୍କାନାଳ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ

ଅନୁଗୁଳଠାରେ ଅନୁଷ୍ଠିତ ତିନିଦିନିଆ ଢେଙ୍କାନାଳ ଜିଲ୍ଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ଗତକାଲି ଉଦ୍‌ଯାପିତ ହୋଇଛି । ଏହି ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଶ୍ରୀ ଅଜିତ କୁମାର ତ୍ରିପାଠୀ କହିଥିଲେ ଯେ ରାଜ୍ୟର ବିଭିନ୍ନ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ପ୍ରଦର୍ଶନୀଗୁଡିକର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିଥିବା ଉତ୍ପାଦକମାନଙ୍କୁ ଉତ୍ପାଦିତ ଜିନିଷଗୁଡିକର ମାନବୃଦ୍ଧି କରିବାକୁ ଶ୍ରୀ ତ୍ରିପାଠୀ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ଅଧ୍ୟକ୍ଷତା କରି ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ସ୍ୱରସେନ ଜେନା ବିଭିନ୍ନ କ୍ଷେତ୍ରରେ ଏହି ଜିଲ୍ଲାରେ ହୋଇଥିବା ପ୍ରଗତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଅନୁଗୁଳ ଉପ-ଜିଲ୍ଲାପାଳ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ବିଭିନ୍ନ ବିଭାଗ, ସମବାୟ ସଂସ୍ଥା ଏବଂ ଜିଲ୍ଲାର ସମସ୍ତ ଶିଳ୍ପ ସଂସ୍ଥା ଅଂଶ ଗ୍ରହଣ କରିଥିଲେ । ବିଭିନ୍ନ ଉନ୍ନୟନ ପ୍ରକଳ୍ପଗୁଡିକ ଜନସାଧାରଣଙ୍କ ଜୀବନକୁ କିପରି ପ୍ରଭାବିତ କରୁଛି ଏବଂ ଏହା ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି କିପରି ସମ୍ଭବପର ହୋଇପାରିଛି ସେ ସଂକ୍ରାନ୍ତରେ ଏହି ପ୍ରଦର୍ଶନୀରେ ସୁସ୍ପଷ୍ଟ ସୂଚନା ଦିଆଯାଇଥିଲା ।

ଅଂଶ ଗ୍ରହଣ କରିଥିବା ବିଭିନ୍ନ ଷ୍ଟଲ୍ ମଧ୍ୟରୁ ପାଲଲହଡାର ପାବୁଡି ଭୂୟାଁ ଉନ୍ନୟନ ସଂସ୍ଥା ସର୍ବଶ୍ରେଷ୍ଠ ବିବେଚିତ ହୋଇଥିଲା ଏବଂ ତାହାକୁ ରନିଂ ସିଲଡ ପ୍ରଦାନ କରାଯାଇଥିଲା । ପ୍ରକଳ୍ପ ଅଧିକାରୀ ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା ପୁରସ୍କାର ବିତରଣ ପରିଚାଳନା କରିଥିଲେ ।

## ଉଠା ଜଳସେଚନ ନିଗମରେ ଏନ୍.ଏମ୍.ଆର୍.

ଓଡିଶା ଉଠା ଜଳସେଚନ ନିଗମ ଅଧୀନରେ ଦୀର୍ଘ 10 ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏନ୍.ଏମ୍.ଆର୍. ଭାବରେ କାର୍ଯ୍ୟ କରୁଥିବା ବିଭିନ୍ନ ଶ୍ରେଣୀର କର୍ମଚାରୀମାନଙ୍କୁ ଏକମାସ ମଧ୍ୟରେ ନିୟମିତ କରାଯିବ ବୋଲି ସୂଚନା ଓ ଲୋକ ସମ୍ପର୍କ ଏବଂ ଉଠା ଜଳସେଚନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅମର ପ୍ରଧାନ ପ୍ରକାଶ କରିଛନ୍ତି । ସେ ପ୍ରକାର କର୍ମଚାରୀମାନଙ୍କୁ ନିୟମିତ କର୍ମଚାରୀ ଭାବରେ ନିଯୁକ୍ତ କରିବା ପ୍ରକ୍ରିୟାକୁ ମାସକ ମଧ୍ୟରେ ତ୍ୱରାନ୍ୱିତ କରିବା ପାଇଁ ରାଷ୍ଟ୍ରମନ୍ତ୍ରୀ ନିଗମ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଛନ୍ତି । ସେ ଅନୁଯାୟୀ ଉକ୍ତ ଶ୍ରେଣୀର କର୍ମଚାରୀମାନଙ୍କ ନିଯୁକ୍ତିକୁ ନିୟମିତ କରିବା ପାଇଁ ରାଜ୍ୟ ଉଠା ଜଳସେଚନ ନିଗମ ପକ୍ଷରୁ ବିହିତ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଏହା ଫଳରେ ରାଜ୍ୟର ପ୍ରାୟ ଏକ ହଜାର ଉଠା ଜଳସେଚନ ନିଗମ ଅଧୀନସ୍ଥ ଏନ୍.ଏମ୍.ଆର୍. କର୍ମଚାରୀ ଉପକୃତ ହେବେ ।

OGP-MP(V)40 I&PR—10,000—25-1-1990




ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ



ଆଠମଲ୍ଲିକଠାରେ ନୂତନ ସୂଚନା କେନ୍ଦ୍ର ଉଦ୍‌ଘାଟନ


Licence No. C.R.N.P 5—Licenced




ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଉଦ୍‌ଘାଟନ



ଭୁବନେଶ୍ୱରରେ ନୂତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଉଦ୍‌ଘାଟନ


ଉତ୍କଳ ପ୍ରସଙ୍ଗ
କୃଷି ବିଶେଷାଙ୍କ